# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ମାର୍ଚ୍ଚ ୨୧/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, March 21 / 2020 ★★

୧୬ଶ ଭାଗ ୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


# ଆସ୍ଥାଭୋଟ ପୂର୍ବରୁ କମଲନାଥଙ୍କ ଇସ୍ତଫା

ଭୋପାଳ,୨୦।୩(ପି.ଟି.)



ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ କମଲନାଥ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟରେ ୧୫ ମାସର କଂଗ୍ରେସ ସରକାରର ପତନ ଘଟିଛି। ୨୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆସ୍ଥାଭୋଟ ଲୋଡ଼ିବାକୁ ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କମଲନାଥ ରାଜଭବନ ଯାଇ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

କମଲନାଥ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି, ୪୦ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ପବିତ୍ରତାର ରାଜନୀତି କରିଛନ୍ତି ଓ ଗଣତାନ୍ତ୍ରିକ ନୀତି ଆଦର୍ଶକୁ ସମ୍ମାନ ଦେବା ସହ ପ୍ରାଥମିକତା ଦେଇଆସିଛନ୍ତି। ଗତ ଦୁଇସପ୍ତାହରେ ଯାହା ସବୁ ଘଟିଲା ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ଅବମୂଲ୍ୟାୟନର ଏକ ନୂଆ ☞ପୃଷ୍ଠା-୪

## ଜନତାର ବିଜୟ: ସିନ୍ଧିଆ

ଭୋପାଳ,୨୦।୩(ପି.ଟି.)



କମଲନାଥଙ୍କ ଇସ୍ତଫାକୁ ମଧ୍ୟପ୍ରଦେଶରେ ଲୋକଙ୍କ ବିଜୟ ବୋଲି ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ପୂର୍ବତନ ଏମ୍‌ପି ଜ୍ୟୋତିରାଦିତ୍ୟ ଦଳ ଛାଡ଼ିବା ଫଳରେ କମଲନାଥ ସରକାରଙ୍କ ପତନ ଘଟିଛି। ରାଜନୀତି ଲୋକଙ୍କ ସେବା କରିବାର ଏକ ମାଧ୍ୟମ ବୋଲି ସେ ବିଶ୍ୱାସ କରୁଥିଲେ। ତେବେ କମଲନାଥ ସରକାର ଏହି ପଥରୁ ବିଚ୍ୟୁତ ହୋଇଯାଇଥିଲା। ଶେଷରେ ସତ୍ୟର ଜୟ ହେଲା ବୋଲି ସିନ୍ଧିଆ ଟୁଇଟ୍ କରିଛନ୍ତି।

# ନିର୍ଭୟା ଦୋଷୀଙ୍କୁ ଫାଶୀ



## ୭ ବର୍ଷ ୩ ମାସ ପରେ ନ୍ୟାୟ

- ତିହାର ଜେଲରେ ଭୋର ୫ଟା ୩୦ରେ ଦିଆଗଲା ଫାଶୀ
- ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲିଲେ ଦୋଷୀ ମୁକେଶ, ବିନୟ, ଅକ୍ଷୟ ଓ ପବନ
- ମୃତ୍ୟୁଦଣ୍ଡକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ
- ବିରୋଧ କଲା ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ
- ଦେଶର ଝିଅମାନଙ୍କ ପାଇଁ ଜାରି ରହିବ ଲଢ଼େଇ: ଆଶାଦେବୀ

ନୂଆଦିଲ୍ଲୀ,୨୦।୩(ପି.ଟି./ଆଇଏଏନ୍‌ଏସ୍)

ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯାଇଛି। ଶୁକ୍ରବାର ଭୋର ୫ଟା ୩୦ ମିନିଟରେ ଦୋଷୀ ମୁକେଶ ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)ଙ୍କୁ ନୂଆଦିଲ୍ଲୀସ୍ଥିତ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଇ

## ନ୍ୟାୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ

ଦିଆଯାଇଛି। ଫାଶୀଘର କୂଅରେ ଅଧଘଣ୍ଟା ଧରି ଝୁଲିରହିବା ପରେ ଜେଲ୍‌ର ଡାକ୍ତର ଦୋଷୀମାନଙ୍କ ନାମରେ ମେଡିକାଲ ସାର୍ଟିଫିକେଟ ଜାରି କରିବା ସହ ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏହାସହ ୨୦୧୨ ଡିସେମ୍ବର ୧୬ରୁ ଚାଲିଥିବା ଆଇନର ଲମ୍ବା ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି କଠୋର କାର୍ଯ୍ୟାନୁଷ୍ଠାନକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବାବେଳେ ଅନ୍ୟ କେତେକ ମହଲରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଅଡିଓ ବିବାଦ

# ଆସନ୍ତାକାଲିର 'ଛୁଟିଦିନ' ଆକର୍ଷଣ

ଦୀର୍ଘଦିନର ପାଣି ସମସ୍ୟା ଦୂରେଇବା ଲାଗି ଏମାନେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ ପୁଣି କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ...

















Vencobb FRESH CHICKEN — Taste the difference!

20.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers

RSPL

କଣ ଆପଣ ଜାଣିଛନ୍ତି କି ଆପଣଙ୍କ କପଡା ଦ୍ୱାରା ବେମାରି ବ୍ୟାପି ପାରେ?

ଆଜି ମଇଳା କେବଳ ସେଇଟା ନୁହେଁ ଯାହା ଦେଖା ଯାଉଛି। ଅଜାଣତରେ କୌଣସି ଭାଇରସ୍ ଆପଣଙ୍କ କପଡାରେ ଲାଗିକରି କୌଣସି ବଡ଼ ବେମାରିର କାରଣ ବନି ପାରେ।

ନିଜର କପଡାକୁ ପ୍ରତିଦିନ ଧୁଅନ୍ତୁ। ଅର୍ଥାତ ସୁରକ୍ଷିତ ଏବଂ ସୁସ୍ଥ ରୁହନ୍ତୁ।

घड़ी डिटर्जेंट

DSPL-320

ସାମାଜିକ ଦୂରତା ବଜାୟ ରଖିବା
କରୋନା ଭୂତାଣୁଠାରୁ ଦୂରେଇ ରହିବା



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ) ଠାରୁ ଦୂରେଇ ରୁହନ୍ତୁ।
ସର୍ବସାଧାରଣ ସ୍ଥାନରେ ସାତ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବା ମନା।



ଜ୍ୱର, କାଶ, ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରୁହନ୍ତୁ



୧୪ ଦିନ ମଧ୍ୟରେ ବିଦେଶରୁ ଫେରିଥିବା ଯାତ୍ରୀମାନେ ୧୦୪ରେ କଲ୍ କରି କିମ୍ବା https://covid19.odisha.gov.in ରେ ପଞ୍ଜୀକରଣ କରନ୍ତୁ



ହାତ ନମିଳାଇ ନମସ୍କାର କରନ୍ତୁ
ଅତିକମ୍‌ରେ ୧ ମିଟର ଦୂରରେ ରୁହନ୍ତୁ



ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ରେ ଯୋଗାଯୋଗ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0122/1920

# ଏଇ ସକାଳକୁ ଅପେକ୍ଷା ଥିଲା

୨୦୨୦
ମାର୍ଚ୍ଚ ୨୦ ଶୁକ୍ରବାର ସକାଳ। ଏହି ସକାଳରେ ଦେଶରେ ଉଇଁଥିଲା ନୂଆ ସୂର୍ଯ୍ୟ। ହେଲେ ସୂର୍ଯ୍ୟୋଦୟ ଦେଖିବାକୁ ଆଉ ଜୀବିତ ନ ଥିଲେ ନିର୍ଭୟାଙ୍କ ବଳାତ୍କାରୀ ଓ ହତ୍ୟାକାରୀମାନେ। ଦୀର୍ଘ ସାତବର୍ଷ ଧରି ଜେଲରେ ରହିବା ପରେ ଫାଶୀଖୁଣ୍ଟରେ ଝୁଲି ଚିରନିଦ୍ରାରେ ଶୋଇଯାଇଛନ୍ତି ଯୌନରାକ୍ଷସମାନେ। ବଳାତ୍କାରର ପରିଣାମ ଫାଶୀ ଛଡ଼ା ଭିନ୍ନ କିଛି ନୁହେଁ ବୋଲି ଏକ ସୁଦୂରପ୍ରସାରୀ ସନ୍ଦେଶ ଦିଆଗଲା ସମାନ ଚରିତ୍ରର କାମାସକ୍ତ ପୁରୁଷଙ୍କୁ। ବଳାତ୍କାର ପୂର୍ବରୁ ଶହେ ଥର ଚିନ୍ତା କରୁ ଯୌନବିକୃତ ମଣିଷ। ନଚେତ୍ ଭୋଗିବ ସମଦଶା। ଭାରତୀୟ ନ୍ୟାୟପାଳିକାର ଏହି କଠୋର ନିଷ୍ପତ୍ତିକୁ ଅବଜ୍ଞା କରିପାରିବେନି କେହି। ସତେ ଯେପରି ଏହା ସ୍ଥିର ହେଲା ଆଜି ନୂତନ ସୂର୍ଯ୍ୟୋଦୟ ସହ, ଯାହାକୁ ଅପେକ୍ଷା କରି ନ ଥିଲେ କେବଳ ନିର୍ଭୟାଙ୍କ ମା', ବରଂ ଏହି ନିର୍ଣ୍ଣାୟକ ମୁହୂର୍ତ୍ତର ପ୍ରତୀକ୍ଷାରେ ଥିଲା ସାରା ଭାରତ।



## କ'ଣ ଘଟିଥିଲା ସେହି କାଳରାତ୍ରିରେ

**ନୂଆଦିଲ୍ଲୀ,୨୦।୩ :** ୨୦୧୨ ଡିସେମ୍ବର ୧୬ ତାରିଖ ରାତି ୯ଟା ୫୪ ମିନିଟ। ସ୍ଥାନ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ମୁନିର୍କାରେ ଘଟିଥିବା ବର୍ବର ଓ ନୃଶଂସ ଘଟଣା ଦେଶର ଇତିହାସରେ ଯୋଡ଼ିଦେଇଥିଲା ଏକ କଳଙ୍କିତ ଅଧ୍ୟାୟ। ୨୬ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟା ଓ ତାଙ୍କ ପୁରୁଷବନ୍ଧୁ ସେହି ରାତିରେ ସାକେତସ୍ଥିତ ଏକ ହଲ୍‌ରେ 'ଲାଇଫ୍ ଅଫ୍ ପାଇ' ଫିଲ୍ମ ଦେଖି ଘରକୁ ଫେରୁଥିଲେ। ଦ୍ୱାରକାସ୍ଥିତ ଘରକୁ ଫେରିବା ପାଇଁ ସେମାନେ ମୁନିର୍କାରେ ଏକ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ଡ୍ରାଇଭର ରାମ ସିଂ ଓ ଜଣେ ନାବାଳକଙ୍କୁ ମିଶାଇ ମୋଟ ୬ ଜଣ ଥିଲେ। ସେମାନେ ସମସ୍ତେ ଜଣ ଜଣ କରି ନିର୍ଭୟାଙ୍କୁ ଗଣବଳାତ୍କାର କରିଥିଲେ। ଏହାସହ ନିର୍ଭୟା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେଇଥିଲେ। ଏତିକିରେ ସୀମିତ ନ ଥିଲା ସେମାନଙ୍କ ବର୍ବରତା। ଯୌନପିପାସୁମାନେ ନିର୍ଭୟାଙ୍କ ଦେହର ଅତି ସମ୍ବେଦନଶୀଳ ଅଙ୍ଗରେ ଲୁହା ରଡ୍ ପୂରାଇଦେଇଥିଲେ। ଶେଷରେ ସେମାନେ ତାଙ୍କୁ ବସ୍‌ରୁ ତଳକୁ ଫିଙ୍ଗିଦେଇଥିଲେ। ରାତି ୧୧ଟାରେ ତାଙ୍କ ଅନାବୃତ ଦେହ ପଡ଼ିଥିବା ଦେଖି କେତେଜଣ ଲୋକ ଦିଲ୍ଲୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ତାଙ୍କୁ ସଫଦରଜଙ୍ଗ୍ ହସ୍ପିଟାଲକୁ ନେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ନିର୍ଭୟାଙ୍କୁ ଏକ ଏୟାର ଆମ୍ବୁଲାନ୍ସରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ତମାମ ଉଦ୍ୟମ ସତ୍ତ୍ୱେ ଡାକ୍ତରୀ ଦଳ ତାଙ୍କୁ ରକ୍ଷା କରିପାରି ନ ଥିଲେ। ଜୀବନ ଯୁଦ୍ଧରେ ପରାଜିତ ହୋଇ ୨୯ ତାରିଖ ଭୋର ୪ଟା ୪୫ରେ ଆଖି ବୁଜିଦେଇଥିଲେ ନିର୍ଭୟା। ୩୦ ତାରିଖରେ ଦିଲ୍ଲୀରେ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ନିର୍ଭୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ବହୁଚର୍ଚ୍ଚିତ ଘଟଣାକୁ ନେଇ ସେତେବେଳେ ବିରୋଧୀ ଦଳରେ ଥିବା ଭାଜପା ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାରକୁ କାଠଗଡ଼ାରେ ଛିଡ଼ା କରାଇଥିଲା।



ଏହି ବସ୍‌ରେ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ନୂଆଦିଲ୍ଲୀ ସାଗରପୁର ଏରିଆରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

## 'କନ୍ୟାଙ୍କ ପାଇଁ ସୂର୍ଯ୍ୟୋଦୟ ଆଣିଲା ଆଶାର କିରଣ'



୪ ଦୋଷୀଙ୍କୁ ଶୁକ୍ରବାର ସକାଳେ ଫାଶୀ ଦିଆଯିବା ଖବର ଟେଲିଭିଜନ ପରଦାରେ ଦେଖିବା ପରେ ନିର୍ଭୟାଙ୍କ ମାଆ ଆଶାଦେବୀ ଆଶ୍ୱସ୍ତ ହୋଇଥିଲେ। ସେ ଖୁସିରେ ନିଜର ଆତ୍ମୀୟମାନଙ୍କୁ ଆଲିଙ୍ଗନ କରିଥିଲେ। ଶୁକ୍ରବାରର ସୂର୍ଯ୍ୟୋଦୟ ଭାରତର କନ୍ୟାମାନଙ୍କ ପାଇଁ ନୂଆ ଆଶାର କିରଣ ଆଣିଥିବା ଭାବବିହ୍ୱଳ ହୋଇ କହିଥିଲେ ଆଶାଦେବୀ। ୨୦୧୨ ଡିସେମ୍ବର ୧୬ ତାରିଖର ଶୀତୁଆ ରାତିରେ ଚଳନ୍ତା ବସ୍‌ରେ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରିଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଅକ୍ଷୟ, ପବନ, ବିନୟ ଓ ମୁକେଶଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ୭ ବର୍ଷ ୩ ମାସ ହେଲା ନିର୍ଭୟାଙ୍କ ମା'ବାପା ନ୍ୟାୟ ପାଇଁ ଚଳାଇଥିବା ଲଢ଼େଇର ଅନ୍ତ ହୋଇଛି। କେବଳ ନିର୍ଭୟା ନୁହନ୍ତି, ସାରା ଦେଶ ୨୦୧୨ ଡିସେମ୍ବର ୧୬ ଘଟଣାରେ ଦୋହଲି ଯାଇଥିଲା। ଏହି ଦିନକୁ ତାଙ୍କର ଦୀର୍ଘଦିନର ପ୍ରତୀକ୍ଷା ଥିଲା। ଦେଶର ଆଇନ ବ୍ୟବସ୍ଥା ଉପରେ ତାଙ୍କର ଭରସା ଥିଲା ବୋଲି ନିର୍ଭୟାଙ୍କ ମା' ତାଙ୍କ ବାସଭବନ ବାହାରେ ଜମା ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ୪ ଦୋଷୀଙ୍କୁ ଫାଶୀ ଯୌନ ହିଂସା ବିରୋଧରେ ଏକ ବଳିଷ୍ଠ ବାର୍ତ୍ତା। ଝିଅମାନଙ୍କ ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

## ଖୁସି ବ୍ୟକ୍ତକଲେ ଜଲ୍ଲାଦ ପବନ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି ବୋଲି କହିଛନ୍ତି ଘାତକ ପବନ ଜଲ୍ଲାଦ। ଫାଶୀ ଦେଇସାରିବା ପରେ ସେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମିରଟ ଫେରିଯାଇଛନ୍ତି। ପ୍ରଥମ ଥର ପାଇଁ ସେ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି। ଏହିଦିନକୁ ସେ ଅପେକ୍ଷା କରି ରହିଥିଲେ ବୋଲି କହିବା ସହ ଭଗବାନ ଏବଂ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନିର୍ଭୟା ପାଣ୍ଠିକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନିର୍ଭୟା ଦୋଷୀଙ୍କୁ ଫାଶୀ ପରେ ନ୍ୟାୟ ମିଳିଲା ବୋଲି କଂଗ୍ରେସ କହିଛି। ତେବେ ପ୍ରକ୍ରିୟାଗତ ବିଳମ୍ବ ପାଇଁ ଦୁର୍ବଳ ବ୍ୟବସ୍ଥାକୁ ଦାୟୀ କରିଛି କଂଗ୍ରେସ। ଗତ ୫ ବର୍ଷ ମଧ୍ୟରେ ମହିଳାମାନଙ୍କ ପ୍ରତି ଅପରାଧ ବଢ଼ିଛି। ଆଇନରେ ସଂସ୍କାର ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ଆମି ଯାଜ୍ଞିକ କହିଛନ୍ତି। ୨୦୧୨ ନିର୍ଭୟା ମାମଲା ପରେ ଉପା ସରକାର ନିର୍ଭୟା ପାଣ୍ଠି ନାମରେ ୧୦୦ କୋଟି ମଞ୍ଜୁର କରିଥିଲେ। ୭ ବର୍ଷ ପରେ ମହିଳାଙ୍କ ସୁରକ୍ଷା ଏହି ପାଣ୍ଠିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା'ର ହିସାବ ନାହିଁ।

## 'ମା' କହିବାରୁ ଲଢ଼ିଥିଲି ମାମଲା'



**ନୂଆଦିଲ୍ଲୀ, ୨୦।୩:** ନିର୍ଭୟା ଦୋଷୀଙ୍କୁ ବଞ୍ଚାଇବା ଲାଗି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମାମଲା ଲଢ଼ିଥିବା ଓକିଲ ଅଜୟ ପ୍ରକାଶ ସିଂ ଶେଷରେ ମୁହଁ ଖୋଲିଛନ୍ତି। ମା'ଙ୍କ କହିବା ଅନୁଯାୟୀ ସେ ଏହି ମାମଲା ଲଢ଼ିଥିବା ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ଦୋଷୀ ଅକ୍ଷୟଙ୍କୁ ତିହାର ଜେଲରେ ଭେଟିବାକୁ ତାଙ୍କ ସ୍ତ୍ରୀ ବିହାରରୁ ଆସିବା ପରେ ମୋ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ମା'ଙ୍କୁ ମଧ୍ୟ ଘରେ ଭେଟିଥିଲେ। ଘରକୁ ଫେରିବା ପରେ ତାଙ୍କଠାରୁ କୋହଭରା କଥା ଶୁଣିଥିବା ମୋ ମା' ମାମଲା ଲଢ଼ିବା ଲାଗି ମୋତେ ବାଧ କରିଥିଲେ ବୋଲି ସିଂ କହିଛନ୍ତି। ମା' ଅତି ସରଳ, ସାଦାସିଧା ଓ ଠାକୁର ବିଶ୍ୱାସୀ। ଏଭଳି ମାମଲାର ଫଳାଫଳ କ'ଣ ହୁଏ, ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ, ମା'ଙ୍କ ଅନୁରୋଧ ରକ୍ଷାକରି ଏହି ମାମଲା ଲଢ଼ିଥିବା ସିଂ କହିଛନ୍ତି। ବିଭିନ୍ନ ଓକିଲ, ସାମାଜିକ ସଙ୍ଗଠନ ପକ୍ଷରୁ ମୋତେ ଏଥିଲାଗି ସମାଲୋଚନା କରାଯାଇଥିଲା। ହେଲେ ଏତେ ରାତିରେ ବୟଫ୍ରେଣ୍ଡ ସହ ସେ କ'ଣ କରୁଥିଲେ କେହି ପ୍ରଶ୍ନ କରୁନାହାନ୍ତି। ମୋ ଝିଅ କି ଭଉଣୀ ପ୍ରି ମାରିଟାଲ ସେକ୍ସରେ ସମ୍ପୃକ୍ତ ଥିବା ଜାଣିଲେ, ସମସ୍ତଙ୍କ ଆଗରେ ପେଟ୍ରୋଲ ପକାଇ ଜାଳିଦେବି ବୋଲି ସିଂ ପ୍ରତିକ୍ରିୟାରେ କହିଛନ୍ତି। ମାମଲାର ଅନେକ ଫର୍ଦ୍ଦ ବାକିଥିବା ବେଳେ ଏହାର ଶୁଣାଣି ନ କରି ଫାଶୀ ଦିଆଯିବା ମାନବାଧିକାରର ଉଲ୍ଲଂଘନ ବୋଲି ସିଂ ପ୍ରକାଶ କରିଛନ୍ତି।

## ଜିନ୍ଦାବାଦ୍ ଭିଡ଼ରେ ମୁର୍ଦ୍ଦାବାଦ ସ୍ୱର

**ନୂଆଦିଲ୍ଲୀ,୨୦।୩:** ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଭୋର୍ ଠିକ୍ ୫ଟା ୩୦ରେ ଫାଶୀ ଖୁଣ୍ଟରେ ଝୁଲାଯିବା ମାତ୍ରେ ଦିଲ୍ଲୀର ତିହାର ଜେଲ୍ ବାହାରେ ଏକପ୍ରକାର ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ଦେଶର କୋଣ ଅନୁକୋଣରୁ ଆସି ରାତିରୁ ରାସ୍ତା ଉପରେ ଏକାଠି ହୋଇ ଉକ୍ତ ସମୟକୁ ଅପେକ୍ଷା କରିଥିବା ଶତାଧିକ ମହିଳା ପୁରୁଷ, ସାମାଜିକ କର୍ମୀ ଓ ଅନ୍ୟମାନେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। କରୋନା ଭାଇରସ୍ ସଂକ୍ରମଣର ଭୟକୁ ଖାତିର ନ କରି ସେମାନେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। 'ନିର୍ଭୟା ଜିନ୍ଦାବାଦ୍' ଓ 'ଭାରତ ମାତା କି ଜୟ' ଭଳି ଭଳିକି ଭଳି ସ୍ଲୋଗାନ ଦେବା ସହ ପରସ୍ପରକୁ ମିଠା ଖୁଆଇ ମିଳିଥିବା ବହୁ ପ୍ରତୀକ୍ଷିତ ନ୍ୟାୟକୁ ଭରପୂର ଉପଭୋଗ କରିଥିଲେ। ହେଲେ ଏହି ସମୟରେ ଜିନ୍ଦାବାଦ୍‌ର ଭିଡ଼ ଭିତରୁ ମୁର୍ଦ୍ଦାବାଦ୍‌ର ସ୍ୱର ମଧ୍ୟ ଶୁଣିବାକୁ ମିଳିଥିଲା। କିନ୍ତୁ ଉକ୍ତ ସ୍ୱର ଫାଶୀ ବିପକ୍ଷରେ କି ଦୋଷୀଙ୍କ ସପକ୍ଷରେ ନ ଥିଲା। ଏହା ଥିଲା ଆଇନର ଗଳାବାଟ ଦେଇ ଦୋଷୀଙ୍କୁ ଫାଶୀ ଖୁଣ୍ଟରୁ ଖସାଇବା ଓ ପୂରା ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ବାରମ୍ବାର କୋର୍ଟରେ ପିଟିଶନ ଦାଖଲ କରୁଥିବା ଦୋଷୀଙ୍କ ଓକିଲ ଏ.ପି. ସିଂହଙ୍କ ବିରୋଧରେ। ସେହିପରି ଜେଲ୍ ବାହାରେ ଉପସ୍ଥିତ ଶତାଧିକ ଜନତାଙ୍କ ମଧ୍ୟରୁ ଅନେକଙ୍କ ହାତରେ ଥିବା ପ୍ଲାକାର୍ଡ ଓ ପୋଷ୍ଟରରୁ ଏ.ପି.ସିଂହଙ୍କ କାର୍ଯ୍ୟକୁ ନେଇ ସେମାନେ କେତେ କ୍ଷୁବ୍ଧ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା।



ଫାଶୀ ବେଳେ ଜେଲ ବାହାରେ ଉତ୍ସବ ମନାଉଛନ୍ତି ଲୋକେ।



# ୨୦୨୧ ଜନଗଣନା, ଏନ୍‌ପିଆର ସ୍ଥଗିତ ରହୁ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

୨୦୨୧ ଜନଗଣନା ଓ ନ୍ୟାଶନାଲ ପପୁଲେଶନ ରେଜିଷ୍ଟ୍ରାର(ଏନ୍‌ପିଆର) ଅପ୍‌ଡେଟ ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ୨୦୨୧ ଜନଗଣନା ଏବଂ ଏନ୍‌ପିଆର କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅନୁଯାୟୀ ଓଡିଶାରେ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଏବଂ ଗଣନା, ଜନଗଣନା ଏବଂ ବର୍ତ୍ତମାନ ଜନସଂଖ୍ୟା ପଞ୍ଜିକା ପ୍ରସ୍ତୁତ ଲାଗି ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ସରିଛି। ଏହି ପ୍ରକ୍ରିୟାରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଦେଶର ପ୍ରାୟ ୩୦ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏଥିଲାଗି ସେହି କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ଟ୍ରେନିଂ, ସଚେତନତା ପ୍ରଚାର, ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି। ମାତ୍ର କରୋନା ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା ଗଣନା କାର୍ଯ୍ୟ କରା ନ ଯିବା ଆବଶ୍ୟକ। କରୋନା ସହ ଲଢିବାକୁ ରାଜ୍ୟ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜନଗଣନା କାର୍ଯ୍ୟ ଆରମ୍ଭ ହେଲେ ଏଥିରେ ସମ୍ପୃକ୍ତ କର୍ମଚାରୀ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବ। ଲୋକଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନ ଦେଶରେ ଉକ୍ତ କାର୍ଯ୍ୟକ୍ରମ ବନ୍ଦ କରାଯାଉ ବୋଲି ସେ କହିଛନ୍ତି।







## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବଡଗାଁ, ୨୦।୩ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଧୀନ ଏକ ଗାଁରେ ଗୁରୁବାର ଜଣେ ନାବାଳକ (୧୭ ବର୍ଷ ୪ମାସ) ତାଙ୍କ ପିଉସୀ (୧୭)ଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନାବାଳକଙ୍କୁ ହେପାଜତକୁ ନେଇଛି। ଏ ନେଇ ୟୁଏସ ୩୩୪/୩୭୬/୫୦୬ ଆଇପିସି ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ଉଭୟଙ୍କ ଡାକ୍ତରି ମାଇନା କରାଯାଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ନାବାଳକ ମଧ୍ୟାହ୍ନ ୧୨ଟାରେ ତାଙ୍କ ପିଉସୀ ଘରକୁ ମାଂସ ନେଇ ଯାଇଥିଲେ। ପିଉସୀଙ୍କୁ ମାଂସ ରାନ୍ଧିବାକୁ କହିଥିଲେ। ଏଣୁ ସେ ରୋଷେଇ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ। ହେଲେ ଘରେ କେହି ନ ଥିବାର ସୁଯୋଗ ପାଇ ପିଉସୀଙ୍କୁ ସେ ବଳାତ୍କାର କରିଥିଲେ । ଏକଥା କାହାକୁ କହିଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ତେବେ କିଛି ସମୟ ପରେ ନାବଳାଳିକାଙ୍କ ୨ ଭାଇ ପହଞ୍ଚି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଶେଷରେ ଏ ନେଇ ପୋଲିସ ନିକଟରେ ଅଭିଯୋଗ କରାଯାଇଛି।

## ଲୁଟ୍ ବାଇକ ଉଦ୍ଧାର, ୨ ଗିରଫ

ବଡବିଲ, ୨୦।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଅଞ୍ଚଳରୁ ପୋଲିସ ଏକ ଲୁଟ ବାଇକ ଉଦ୍ଧାର କରିବା ସହ ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଠାକୁରାଣୀ ଅଞ୍ଚଳର ସନା କାରୁଆ ଓ ଏମଡି ସାଫି ଓରଫ୍ ଖାନ। ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖ ବୁଧବାର ଠାକୁରାଣୀ ଅଞ୍ଚଳର ଅର୍ଜ୍ଜୁନ ମହାନ୍ତ ବାଇକ ଯୋଗେ ବଜାରକୁ ଆସୁଥିବାବେଳେ ତାଙ୍କୁ ଅଟକାଇ ୩ ଜଣ ଦୁର୍ବୃତ୍ତ ଧମକ ଦେଇ ବାଇକ ଲୁଟି ନେଇଥିଲେ। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହେବାରୁ ପୋଲିସ ଦଫା ୩୯୪ ଆଇପିସିରେ ଏକ ମାମଲା (ନଂ. ୩୯/୨୦) ରୁଜୁ କରିଥିଲା। ପୋଲିସ ଏହାର ତଦନ୍ତ ଚଳାଇ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ ବାଇକକୁ ଉଦ୍ଧାର କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି।




# ଏଟିଏମ୍, ଶାଖାରେ ଟଙ୍କାର ଅଭାବ ରଖନାହିଁ

## ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଅର୍ଥ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

କରୋନା କଟକଣା ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ବ୍ୟାଙ୍କକୁ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ କେତେକ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କଗୁଡିକ ପର୍ଯ୍ୟାପ୍ତ ପରିମାଣର ଟଙ୍କା ବ୍ୟାଙ୍କ ଶାଖା ସମେତ ଏଟିଏମ୍‌ଗୁଡ଼ିକରେ ମହଜୁଦ୍ ରଖିବାକୁ କୁହାଯାଇଛି। ବ୍ୟାଙ୍କ ଶାଖା ଓ ଏଟିଏମ୍‌ଗୁଡ଼ିକରେ ଭବିଷ୍ୟତରେ ଯେପରି ନଗଦ ଟଙ୍କାର ଅଭାବ ପରିଲକ୍ଷିତ ନ ହୁଏ ତାହାକୁ ସୁନିଶ୍ଚିତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୨୨ରେ ବସ୍ ଚାଲିବନି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

କରୋନା(କୋଭିଡ-୧୯)ର ଭୟାବହତାକୁ ଦେଖି ଆସନ୍ତା ୨୨ ତାରିଖରେ ସମଗ୍ର ଦେଶରେ ଜନତା କର୍ଫ୍ୟୁ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ସମର୍ଥନ ଜଣାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଘରୋଇ ବସ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ଲୋକମାନେ ପଦାକୁ ନ ବାହାରିବାକୁ କୁହାଯାଇଥିବାରୁ ବସଗୁଡିକ ମଧ୍ୟ ବନ୍ଦ ରହିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।





**ଆଜିର ମନ୍ତବ୍ୟ**

"ଆଜି ହୋଟେଲ କୂଟନୀତିଠାରୁ ପରାସ୍ତ ହୋଇଛି ଗଣତନ୍ତ୍ର।-**ଅଭିଷେକ ମନୁ ସିଂଘଭୀ, ବରିଷ୍ଠ କଂଗ୍ରେସ ନେତା**

**କିଛି ତଥ୍ୟ**

ଚଳିତ ବର୍ଷ ଜାନୁଆରୀ ମାସରେ ଖଣି କ୍ଷେତ୍ର କାର୍ଯ୍ୟଧାରାରେ ୪.୪% ଅଭିବୃଦ୍ଧି ଘଟିଛି। – **ଖଣି ମନ୍ତ୍ରଣାଳୟ**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................


ଦୀପା
ପରିବାରବର୍ଗ


କୈଳାଶଚନ୍ଦ୍ର
ପରିବାରବର୍ଗ


ସମରଜିତ୍
ପରିବାରବର୍ଗ


ଶିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ପୃଷ୍ଠାରୁ...

## ନିର୍ଭୟା ଦୋଷୀଙ୍କୁ ...

ଏହାକୁ ନିନ୍ଦା ମଧ କରାଯାଇଛି। ଦୋଷୀମାନଙ୍କ ପକ୍ଷରୁ ଫାଶୀ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଥିବାବେଳେ ଭୋର ୩ଟା ୩୦ ଯାଏ ଶୁଣାଣି ଚାଲିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରିଦେବା ପରେ ନିର୍ଭୟାଙ୍କ ମା' ଆଶାଦେବୀ କହିଛନ୍ତି, ୭ ବର୍ଷ ୩ ମାସ ୩ ଦିନ ପରେ ଶେଷରେ ଆମ ଝିଅକୁ ନ୍ୟାୟ ମିଳିଛି। ତେବେ ଭାରତର ଝିଅମାନଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ। ନ୍ୟାୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ୟାବିନେଟର ଅନେକ ନେତା, ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନ ଫାଶୀଦଣ୍ଡକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତର ଇତିହାସରେ ଏକ ଭୟଙ୍କର ଅଧ୍ୟାୟର ପରିସମାପ୍ତି ଘଟିଛି, ଯାହାକୁ ନେଇ ବଳାତ୍କାର ନିରୋଧୀ ଆଇନ ପ୍ରଣୟନ ହୋଇଛି। ନ୍ୟାୟର ବିଜୟ ହୋଇଛି। ଦେଶର ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା ବୋଲି ମୋଦି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହାକୁ ସ୍ୱାଗତ କରିଥିବାବେଳେ ଯେଉଁଭଳି ଭାବେ ସମସ୍ତ ପ୍ରକ୍ରିୟା ବିଳମ୍ବିତ ହେଲା ତାକୁ ନେଇ ସମାଲୋଚନା ମଧ କରିଛି। ବିଗତ ୫ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇଥିଲେ ହେଁ ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନିର୍ଭୟା ପାଣ୍ଠି ବ୍ୟବହାର ନ ହୋଇ ପଡ଼ିରହିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ୍ ହସ୍ପିଟାଲକୁ ନିଆଯାଇଥିଲା। ସେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ଆଖି ବୁଜିଦେଇଥିଲେ। ବଳାତ୍କାରୀଙ୍କ ମଧ୍ୟରେ ବସ୍ ଡ୍ରାଇଭର ରାମ ସିଂ ଏବଂ ଜଣେ ନାବାଳକଙ୍କ ସହ ମୁକେଶ, ପବନ, ବିନୟ ଓ ଅକ୍ଷୟ ଥିଲେ। ରାମ ସିଂ ଗିରଫ ହୋଇ ତିହାର ଜେଲରେ ଥିବାବେଳେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୨୦୧୩ ମାର୍ଚ୍ଚ ୧୧ରେ ରାମ ସିଂ ଜେଲ ଭିତରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଏକ ସୁଧାର ଗୃହରେ ୩ ବର୍ଷ ରହିବା ପରେ ୨୦୧୫ରେ ମୁକୁଳିଥିଲେ। ଏହି ମାମଲାକୁ ନେଇ ନିର୍ଭୟାଙ୍କ ମା'ବାପା ଆରମ୍ଭ କରିଥିବା ଆଇନଗତ ଲଢ଼େଇ ଦୋଷୀମାନଙ୍କୁ ଫାଶୀ ଦିଆଯିବା ପର୍ଯ୍ୟନ୍ତ ଚାଲିଥିଲା। ପଟିଆଲା ହାଉସ୍ କୋର୍ଟରୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଆଇନର ଗଳାବାଟକୁ ବ୍ୟବହାର କରି ଦୋଷୀଙ୍କୁ ସୁରକ୍ଷା ଦେଇଆସିଥିଲେ ସେମାନଙ୍କ ଓକିଲ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୋଷୀମାନଙ୍କ ରାଜକ୍ଷମା ଆବେଦନଗୁଡ଼ିକୁ ଖାରଜ କରିବା ପରେ ମଧ କେତେବେଳେ ରିଭ୍ୟୁ ପିଟିଶନ ତ ଆଉ କେତେବେଳେ କ୍ୟୁରେଟିଭ୍ ପିଟିଶନ ଦାଖଲ କରି ସେମାନଙ୍କ ମୃତ୍ୟୁଦଣ୍ଡକୁ ଗଡ଼ାଇ ଚାଲିଥିଲେ। ଫଳରେ ତିନିଥର ଡେଥ୍ ୱାରେଣ୍ଟ (ପ୍ରଥମ ମୃତ୍ୟୁ ପରୱାନା ଅନୁସାରେ ଫାଶୀ ତାରିଖ ଥିଲା ଜାନୁୟାରୀ ୨୨) ଜାରି ହେବା ସତ୍ତ୍ୱେ ଫାଶୀକୁ ଟାଳିବାରେ ବିଚକ୍ଷଣ ଓକିଲ ସକ୍ଷମ ହୋଇଥିଲେ। ପବନଙ୍କ ଶେଷ ଆବେଦନକୁ ସୁପ୍ରିମକୋର୍ଟ ରାତି ୨ଟା ୩୦ରୁ ଘଣ୍ଟାଏ ଧରି ଶୁଣାଣି କରିବା ପରେ ଖାରଜ କରିଦେଇଥିଲେ। ସେହିପରି ପବନ ଓ ଅକ୍ଷୟଙ୍କ ମୃତ୍ୟୁ ପୂର୍ବରୁ ପରିବାର ଲୋକଙ୍କୁ ଭେଟିବା ପାଇଁ ହୋଇଥିବା ଆବେଦନକୁ ମଧ ରଦ୍ଦ କରିଦେଇଥିଲେ। ଶେଷରେ ଅପରାଧ ଘଟିବାର ୨୬୫୧ ଦିନ ପରେ ଅର୍ଥାତ୍ ଶୁକ୍ରବାର ଭୋର ସମୟରେ ସମସ୍ତ ୪ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ଦୋଷୀମାନଙ୍କ ମୁହଁରେ ଦେଖିବାକୁ ମିଳିଥିଲା ମୃତ୍ୟୁ ଭୟଜନିତ ବ୍ୟଗ୍ରତା। ମୃତ୍ୟୁ ପୂର୍ବରୁ ରାତିରେ ବିନୟ ଓ ମୁକେଶ ରାତ୍ରି ଭୋଜନରେ ରୁଟି, ଡାଲି, ଭାତ ଓ ତରକାରି ଖାଇଥିଲେ। ତେବେ ଅକ୍ଷୟ ଓ ପବନ ଖାଦ୍ୟ ଗ୍ରହଣ କରିବାକୁ ମନା କରିଦେଇଥିଲେ। ମୃତ୍ୟୁ ସୁନିଶ୍ଚିତ ବୋଲି ଜାଣିବା ପରେ ରାତିରେ ୪ ଜଣଙ୍କୁ ନିଦ ହୋଇ ନ ଥିଲା। ତିହାର ଜେଲ୍‌ର ଜେଲ ନମ୍ବର ୩ରେ ବିତିଥିଲା ବିନିଦ୍ର ରଜନୀ। ଫାଶୀଖୁଣ୍ଟରେ ଝୁଲିବା ପୂର୍ବରୁ ଚାରିଜଣ ଯାକ ଗାଧୋଇ ନ ଥିଲେ କି ଜଳଖିଆ ଖାଇ ନ ଥିଲେ। ବକ୍ସାର ଜେଲରେ ଫାଶୀ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ଦଉଡ଼ି ସେମାନଙ୍କୁ ଅପେକ୍ଷା କରିଥାଏ। ସେପଟେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଅଧିକାରୀମାନଙ୍କ ସହ ଜଲ୍ଲାଦ ପବନଙ୍କ ବୈଠକ ଚାଲିଥାଏ। ୫ଟାରେ ହ୍ୟାଣ୍ଡକଫ୍ ପିନ୍ଧାଇ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ସେମାନଙ୍କୁ ଫାଶୀଘରକୁ ନିଆଯାଇଥିଲା। ମୁକେଶ କହିଥିଲେ, ତାଙ୍କ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ସେ ଦାନ କରିବାକୁ ଚାହାନ୍ତି। ବିନୟ କହିଥିଲେ, ଜେଲରେ ରହଣି କାଳରେ ସେ ଆଙ୍କିଥିବା ପେଣ୍ଟିଂଗୁଡ଼ିକୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦିଆଯାଉ। ତାଙ୍କ ପାଖରେ ଥିବା 'ହନୁମାନ ଚାଳିଶା'କୁ ଘର ଲୋକଙ୍କୁ ଦିଆଯାଉ। ଅନ୍ୟ ଦୁଇ ଦୋଷୀ ପବନ ଓ ଅକ୍ଷୟ ନିଜ ଶେଷଇଚ୍ଛା ଜଣାଇ ନ ଥିଲେ। ସେମାନଙ୍କ ହାତଗୋଡ଼କୁ ବାନ୍ଧି ଦିଆଯାଇଥିଲା ଓ ମୁହଁରେ ଘୋଡ଼ାଯାଇଥିଲା କଳାକନା। ସୁପରିଣ୍ଟେଣ୍ଡେଣ୍ଟ ବୃଦ୍ଧାଙ୍ଗୁଳି ଦେଖାଇ ନିର୍ଦ୍ଦେଶ ଦେବା ପରେ ଠିକ୍ ୫ଟା ୩୦ ମିନିଟରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା ସେମାନଙ୍କୁ। ଜେଲ୍ ମାନୁଆଲ ଅନୁସାରେ ଅଧଘଣ୍ଟା ଝୁଲି ରହିବା ଭିତରେ ଦୋଷୀମାନଙ୍କ ଶରୀରରୁ ଉଡ଼ିଯାଇଥିଲା ପ୍ରାଣବାୟୁ। ୧୬,୦୦୦ରୁ ଊର୍ଦ୍ଧ୍ୱ କଏଦୀ ଥିବା ଦକ୍ଷିଣ ଏସିଆର ଏହି ସର୍ବବୃହତ୍ ଜେଲରେ ଏକକାଳୀନ ୪ ଜଣଙ୍କୁ ପୂର୍ବରୁ କେବେ ଫାଶୀ ଦିଆଯାଇ ନ ଥିଲା। ସେମାନଙ୍କ ଫାଶୀ ଖବର ବାହାରକୁ ଆସିବା ପରେ ଜେଲ୍ ଚତୁଃପାର୍ଶ୍ୱରେ ରୁଣ୍ଡ ହୋଇଥିବା ଲୋକେ ଉତ୍ସବ ମନାଇବାରେ ଲାଗିଥିଲେ। ଉତ୍ସାହିତ ଜନତା ଜାତୀୟ ପତାକା ଧରି ପରସ୍ପରକୁ ମିଷ୍ଟାନ୍ନ ଖୁଆଇବାରେ ଲାଗିଥିଲେ। ସେମାନେ ସ୍ଲୋଗାନ ଦେଉଥିଲେ 'ନିର୍ଭୟା ଅମର ରହେ' ଓ 'ଭାରତ ମାତାକୀ ଜୟ'। ସମସ୍ତ ୪ ଦୋଷୀ ବିନୟ, ମୁକେଶ, ଅକ୍ଷୟ ଓ ପବନ ମୃତ ବୋଲି ଡାକ୍ତର ଘୋଷଣା କରିବା ପରେ ସେମାନଙ୍କ ମୃତଦେହଗୁଡ଼ିକୁ ଆମ୍ବୁଲାନ୍ସରେ ଦୀନଦୟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଫାଶୀଦଣ୍ଡକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସ୍ୱାଗତ କରି କହିଛନ୍ତି, ସେ ନିର୍ଭୟାଙ୍କ ମା'ଙ୍କ ଦୀର୍ଘବର୍ଷର ଲଢ଼େଇ ଦେଖିଛନ୍ତି। ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ତୁମେ ଆଇନଠାରୁ କିଛିଦିନ ପାଇଁ ଖସିଯାଇପାରିବ। କିନ୍ତୁ ଆଇନକୁ ଫାଙ୍କି ପାରିବ ନାହିଁ ବୋଲି ଲୋକଙ୍କ ନିକଟକୁ ଏକ ସନ୍ଦେଶ ଯାଇଛି। ସେହିପରି ଏହି ମାମଲାର ତଦନ୍ତ ଭାର ନେଇଥିବା ବର୍ତ୍ତମାନର ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ଡେପୁଟି କମିଶନର କହିଛନ୍ତି, ନିର୍ଭୟାଙ୍କ ଆତ୍ମା ପ୍ରତି ଏହି ଫାଶୀ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ଆଗକୁ ଦେଶରେ ବଳାତ୍କାର ରୋକିବାରେ ଏହା ସହାୟକ ହେବ। ଅନ୍ୟପକ୍ଷରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ମହିଳା ବିରୋଧୀ ହିଂସା ରୋକିବାରେ ଫାଶୀ କେବେହେଲେ ସହାୟକ ହୋଇନାହିଁ। ଦୋଷୀଙ୍କୁ ଫାଶୀ ଭାରତୀୟ ମାନବାଧିକାର ରେକର୍ଡରେ ଏକ 'କଳାଦାଗ' ହୋଇ ରହିବ ବୋଲି ଏହି ଅନ୍ତର୍ଜାତୀୟ ସଂସ୍ଥା କହିଛି। ପ୍ରକାଶ ଯେ, ଗତ ୫ ତାରିଖରେ ଦିଲ୍ଲୀର ଏକ ଅଦାଲତ ୪ ଦୋଷୀଙ୍କୁ ଫାଶୀ ଦିଆଯିବା ନେଇ ଚତୁର୍ଥ ତଥା ଚୂଡ଼ାନ୍ତ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ମାର୍ଚ୍ଚ ୨୦ ଭୋର ୫ଟା ୩୦ରେ ଏହି କଠୋର ପଦକ୍ଷେପ ନିଆଯିବ ବୋଲି ଅଦାଲତ ସ୍ଥିର କରିଥିଲେ। ଇତିମଧ୍ୟରେ ଦୋଷୀଙ୍କ ଓକିଲ ସେମାନଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖି ନେଦରଲାଣ୍ଡସ୍ଥିତ ହେଗ୍‌ର ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ପର୍ଯ୍ୟନ୍ତ ଯାଇଥିଲେ। ହେଲେ ବିଚକ୍ଷଣ ଓକିଲ ଏ.ପି. ସିଂଙ୍କ ଶେଷ ଚାଲ ଫେଲ୍ ମାରିଥିଲା। ବଳାତ୍କାର କଲେ ମୃତ୍ୟୁ ଅନିବାର୍ଯ୍ୟ। ଏହି ବାର୍ତ୍ତା ଦେଇଛି ଭାରତୀୟ ଗଣତନ୍ତ୍ରର କଠୋର ନ୍ୟାୟିକ ବ୍ୟବସ୍ଥା।

## ଆସ୍ଥାଭୋଟ ...

ଅଧ୍ୟାୟ ବୋଲି ସେ କହିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ବିକାଶ ପାଇଁ ସହାୟତା କରିବେ ବୋଲି କହିଛନ୍ତି। ଇସ୍ତଫା ଦେବା ପୂର୍ବରୁ କମଲନାଥ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ତାଙ୍କ ସରକାର ବିରୋଧରେ ଭାଜପା ଷଡ଼ଯନ୍ତ୍ର କରି ଗଣତାନ୍ତ୍ରିକ ମୂଲ୍ୟବୋଧର ହତ୍ୟା କରିଥିବା ସେ ଅଭିଯୋଗ କରିବା ସହ ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି ପାଇଁ ଦାୟୀ କରିଥିଲେ। ସେ ଇସ୍ତଫା ଦେଉଥିଲେ ହେଁ ରାଜ୍ୟବାସୀଙ୍କ କଲ୍ୟାଣ ଲାଗି କାର୍ଯ୍ୟ ଜାରି ରଖିବେ ବୋଲି କମଲନାଥ କହିଥିଲେ।

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ କମଲନାଥ ୨୦୧୮ ଡିସେମ୍ବର ୧୭ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଦଳର ଅନ୍ୟତମ ମୁଖ୍ୟମନ୍ତ୍ରୀ ପଦ ଦାବିଦାର ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଅଣଦେଖା କରାଯାଇଥିଲା। ତାଙ୍କୁ ସରକାରରେ ନିଆଗଲା ନାହିଁ କିମ୍ବା ସମର୍ଥକମାନଙ୍କ ଦାବି ସତ୍ତ୍ୱେ ରାଜ୍ୟ କଂଗ୍ରେସ ସଭାପତି କରାଗଲା ନାହିଁ। ଏପରିକି ତାଙ୍କୁ ରାଜ୍ୟ ସଭାକୁ ଯିବା ଲାଗି ଦଳ ପ୍ରାର୍ଥୀ ମଧ କଲାନାହିଁ। ଫଳରେ ସେ ଦଳ ଛାଡ଼ି ଭାଜପାରେ ଯୋଗଦେଲେ। ଏଥିସହିତ ତାଙ୍କ ସମର୍ଥକ ୨୨ ଜଣ ବିଧାୟକ ଗତ ୧୦ ତାରିଖରେ ଇସ୍ତଫା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ କମଲନାଥଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିଲେ। ବାଚସ୍ପତି ଏନ୍.ପି. ପ୍ରଜାପତି ଉକ୍ତ ୬ ଜଣଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲାବେଳେ ଅନ୍ୟମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ଝୁଲାଇ ରଖିଥିଲେ। ଗତ ୧୬ ତାରିଖରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଥିଲେ ହେଁ କରୋନା ଭୂତାଣୁ ସଂକ୍ରମଣ ଆଳ ଦେଖାଇ ବାଚସ୍ପତି ଗୃହକୁ ୨୬ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଆସ୍ଥାଭୋଟ ଲାଗି ରାଜ୍ୟପାଳ ଦୁଇଥର ନିର୍ଦ୍ଦେଶ ଦେବା ସତ୍ତ୍ୱେ ବାଚସ୍ପତି ଏହାକୁ ଏଡାଇଯାଇଥିଲେ। ଶେଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁଇଦିନର ଶୁଣାଣି ପରେ ସୁପ୍ରିମକୋର୍ଟ ଶୁକ୍ରବାର ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି କମଲନାଥ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ରାତିରେ ବାଚସ୍ପତି ୧୬ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ଗ୍ରହଣ କରିନେବାରୁ ବିଧାନସଭାର ସଦସ୍ୟ ସଂଖ୍ୟା ୨୦୬କୁ ହ୍ରାସ ପାଇଥିଲା। ଫଳରେ କୁହୁକ ଅଙ୍କ ୧୦୪ ଯୋଗାଡ଼ କରିବାରେ ଅସମର୍ଥ କମଲନାଥ ଆସ୍ଥାଭୋଟ ପୂର୍ବରୁ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ୧୦୭ ବିଧାୟକଙ୍କ ସମର୍ଥନରେ ଭାଜପା ଖୁବ୍‌ଶୀଘ୍ର ସରକାର ଗଠନ ଲାଗି ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଏସ୍‌ପିର ୨, ସମାଜବାଦୀ ପାର୍ଟିର ଜଣେ ଏବଂ ୪ ସ୍ୱାଧୀନ ବିଧାୟକ କଂଗ୍ରେସକୁ ସରକାର ଗଢ଼ିବା ଲାଗି ସମର୍ଥନ ଜଣାଇଥିଲେ। ବର୍ତ୍ତମାନ ସ୍ଥିତିରେ ସେମାନେ ନୂଆ ସରକାରଙ୍କୁ ସମର୍ଥନ ଦେବେ କି ନାହିଁ ସ୍ପଷ୍ଟ କରିନାହାନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ମକର ରାଶିରେ ଶନି ନିଜ ଗୃହରେ ରହି କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସୁଧାରି ନେବେ। ଚନ୍ଦ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅର୍ଥ ଲାଭ ସହିତ ଶାରୀରିକ ସୁସ୍ଥତା ରହିବା କାରଣରୁ ମନ ପ୍ରଫୁଲ୍ଲ ରହିବ।

**ବୃଷ**



ସ୍ୱଗୃହକୁ ତୃତୀୟାଧିପ ଦେଖୁଥିବାରୁ ସକାଳୁ ସକାଳୁ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ଅତୀତ କଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ ଉପକୃତ ହେବେ। ଉଦ୍ୟମ ସଫଳ ଦିଗରେ ଜଣେ ଦୂର ସମ୍ପର୍କୀୟ ବ୍ୟକ୍ତି ସାହାଯ୍ୟ କରିବେ। କଠିନ ପରିଶ୍ରମ ଓ ଦୀର୍ଘପଥ ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ମିଥୁନ**



ରାଶ୍ୟାଧିପ ଭାଗ୍ୟସ୍ଥାନସ୍ଥ ଯୋଗୁ ଆପଣଙ୍କ ଆଶା ନିଶ୍ଚିତ ପୂରଣ ହୋଇପାରିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିଥିଲେ ମଧ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ ଉପକୃତ ହେବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**



ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ସାମାନ୍ୟ ଥଣ୍ଡାଜନିତ ପୀଡ଼ାନୁଭବ କରିପାରନ୍ତି। ଆଲୋଚନା ପରିସରରେ ବିଜ୍ଞବ୍ୟକ୍ତିମାନଙ୍କଠାରୁ ପ୍ରେରଣା ପାଇ କାର୍ଯ୍ୟ କରିବେ। କର୍ମକ୍ଷେତ୍ରରେ କିମ୍ବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହକର୍ମୀଙ୍କ ସାମୟିକ ଅସହଯୋଗ କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ସିଂହ**



ଅଷ୍ଟମଭାବସ୍ଥ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଉପରିସ୍ଥ କର୍ମଚାରୀଙ୍କ କିମ୍ବା ବିଶିଷ୍ଟବ୍ୟକ୍ତିଙ୍କ ସହ ମତାନ୍ତରଜନିତ ପରିସ୍ଥିତି ବିଗିଡ଼ିପାରେ। ପାରିବାରିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଘରେ ବନ୍ଧୁମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କନ୍ୟା**



ଧନାଧିପ ଶୁକ୍ର ଧନଭାବକୁ ଦୃଷ୍ଟିଦେଉଥିବାରୁ ଆର୍ଥିକ ସ୍ଥିତି ଉନ୍ନତ ରହିବା ସହ ଆଶା କରୁଥିବା ଜିନିଷ ପାଇ ଖୁସି ହେବେ। ସ୍ୱତନ୍ତ୍ରଭାବରେ ନିମନ୍ତ୍ରିତ ହୋଇ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ସୁସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଗୁପ୍ତ ଶତ୍ରୁତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ଖୁସି ରହିବେ।

**ତୁଳା**



ଆଜିର ଶନି ଓ ଚନ୍ଦ୍ରଙ୍କ ଯୋଗ ଆପଣଙ୍କ କାର୍ଯ୍ୟସିଦ୍ଧି କରାଇବା ସହ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହେବ। ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପୁତ୍ରକନ୍ୟା ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରିଆସିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଙ୍କ ପ୍ରତି ସତର୍କ ରହିବା ଭଲ ହେବ।

**ବିଛା**



ପାପଯୁକ୍ତ ବୃହସ୍ପତି ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟ ଦରଖଣ୍ଡିଆ ରହିଯାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ ସମସ୍ତେ ଶୁଣି ମଧ ନ ଶୁଣୁଥିବାର ଅଭିନୟ କରିବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଖୁସି ହେବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି।

**ଧନୁ**



କର୍ମାଧିପ ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ରହି ନ ପାରେ। ପାରିବାରିକ ସମସ୍ୟାର ଆପୋସ ସମାଧାନ ହୋଇଯିବ। ଅଧିକାଂଶ ସମୟରେ ଆପଣଙ୍କ ନୀରବତା ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ସନ୍ଦେହକୁ ଦୃଢ଼ୀଭୂତ କରିପାରେ। ପଡ଼ୋଶୀଙ୍କ ଈର୍ଷା ଓ ଅସୂୟାର ହେତୁ ସ୍ୱରୂପ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**



ବଳବାନ୍ ରାଶ୍ୟାଧିପତି ଓ କର୍ମାଧିପତିଙ୍କ ପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ବହୁତ ଭଲ ରହିବ। କିନ୍ତୁ ବୃହସ୍ପତିଙ୍କ ଯୋଗୁ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ। ଆର୍ଥିକ ଦୁଃସ୍ଥିତିର ଭରଣା କରିବାକୁ ଯାଇ କରଜ କରିବାକୁ ପଡ଼ିପାରେ। ଅତୀତ ଘଟଣା,ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଗାଡ଼ିଦେଇପାରେ।

**କୁମ୍ଭ**



ପାପଗ୍ରହଯୁକ୍ତ ମଙ୍ଗଳ ଯୋଗୁ କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣକରି ସମସ୍ୟା ସୃଷ୍ଟି କରିପାରନ୍ତି। ଧନଭାବସ୍ଥ ରବିଙ୍କ ପ୍ରଭାବରେ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବା ଆଶଙ୍କା ରହିଛି। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ। ପୁତ୍ରକନ୍ୟାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ**



କର୍ମକ୍ଷେତ୍ରରେ ତିନୋଟି ଗ୍ରହଙ୍କ କୁପ୍ରଭାବରେ ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇବା କାରଣରୁ କାମଟି ସହଜସାଧ୍ୟ ନ ହୋଇପାରେ। ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

ଆଜି ଚୈତ୍ର କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଶନିବାର, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ରାତ୍ର ଘ୭।୩୯ମି. ଗତେ ଶତଭିଷା, ବୃଷ, ସିଂହ ଓ କନ୍ୟା ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୯।୫୩ମି. ଗତେ ଘ୧୦।୦୬ମି. ମଧ୍ୟେ, ରାତ୍ର ଘ୮।୧୮ମି. ଗତେ ଘ୧୦।୪୧ମି. ମଧ୍ୟେ, ରାତ୍ର ଘ୧୨।୧୭ମି. ଗତେ ଘ୧।୫୩ମି. ମଧ୍ୟେ, ରାତ୍ର ଘ୨।୪୧ମି. ଗତେ ଘ୪।୧୬ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୩ମି. ଗତେ ଘ୧୦।୨୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

**2BHK flat 1120sqft adjecent to Mountlitera Zee School Kateni Bhubaneswar for sale @ 18,50,000/-** 9937162220.** D-17206

6000sqft. land at Mahanadi Vihar, Cuttack. Mobile: 9437177313 & 8917242678. D-17151

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Demarcated plots under CMC, 800 mtr from NH Balikuda-8658182243. D-68076

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

ଭୁବନେଶ୍ୱର AIIMS Medical Janla NH-16ରୁ ମାତ୍ର ଅଳ୍ପ ଦୂରରେ 30FT Road ଥାଇ ଘରବାରି ପ୍ଲଟ୍ ପାଚେରି ସହ ମିଳୁଛି। 9437537549, 9437801541. D-17223

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright) 7894433357, 9348232008. D-69111

Commercial and residential Plot NH 203, Kesura State Bank Colony, Bhubaneswar 9437283845. D-67113

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

**Plot for sale near 2nd Infosys Road, Janla, Bhubaneswar. 3900Sqft. gharabari with boundary. Contact owner. 9238699541.** D-17227




Prabhakar Construction construct building. Quality building, timely delivery. 9437025258, 9437484711. D-17173




Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Monalisa massage: All types body massage with hiprofile smart lady air condition rooms available. 9708545108. D-17180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

ଆମ୍ଭେ ଶ୍ରୀ ସୁଶୀଲ କୁମାର ଅଗ୍ରୱାଲ୍ ଦି ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ ଲି. ଏମ୍.ଜେ କମ୍ପ୍ଲେକ୍ସ- ୮୮, ବୁଦ୍ଧେଶ୍ୱରୀ କଲୋନୀ କଟକ ରୋଡ୍, ଭୁବନେଶ୍ୱର। ବିକ୍ରିଟିକସ ଭ୍ୟାଟ୍ ପଞ୍ଜୀକରଣ ନଂ-୨୧୭୫୧୧୧୬୩୪୭ଙ୍କର ଭାରପ୍ରାପ୍ତ ଏଜେଣ୍ଟ, ଏତଦ୍ବାରା ଜଣାଇଅଛୁ କି ଆମ୍ଭ କମ୍ପାନୀକୁ ଭୁବନେଶ୍ୱର ବିକ୍ରୟକର ୧ମ ମଣ୍ଡଳ ଅଧିକାରୀଙ୍କ ଠାରୁ ସରକାରୀ ଫର୍ମ ଏବଂ ଏଫ୍ ନଂ ଓ.ଜି ପିଏୱାଇ ୧୭୬୬୨୩ ଠାରୁ ୧୭୬୬୩୪ ଏବଂ ଓ.ଜି ପିଏୱାଇ ୨୧୯୯୧୫ ଠାରୁ ୨୧୯୯୨୬ ପର୍ଯ୍ୟନ୍ତ ମୋଟ୍‌ରେ ୨୪ ସେଟ୍ ଫର୍ମ୍ ଦୁର୍ଭାଗ୍ୟବଶତଃ ହଜିଯାଇଛି। ଧ-୧୭୨୨୫

This is to inform that I have lost the original sale deed bearing No.-1859, dtd.28.06.1995 pertaining to the Revenue Khata No. 180/136, Plot No. 350/427, Area- Ac 0.150dec, registered before the Sub-registrar, Khandagiri, Bhubaneswar, since then I have made several sincere attempts to trace it out but despite my best efforts I am unable to trace the same. Further, I have not created any mortgage/charge/lien over the said property nor I have taken any loan on the same from any nationalised/private bank, financial institution or private individual. That, if any one has any complain/objection in regards to this or found the said document then please inform The Chief Manager, Home Loan Sales Team, S.B.I. Main Branch, Bhubaneswar, Mph- 9437011233 or Mr. Nityananda Bala, Tomando, P.S-Tomando, Bhubaneswar, Odisha, Mph-9776308807 or M/s Evos Buildcon Pvt. Ltd., Plot No.284/2485, Patrapada, Near Union Bank, Patrapada, P.S.-Khandagiri, Bhubaneswar. Mph- 9040051152 in writing within a period of 15 days from the date of publication of this declaration or else it will be concluded that the said land is free from all encumbrances. D-69261

**LEGAL NOTICE**

ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତ, ମାଲକାନଗିରି
ସି.ଏସ୍. (ମେଟ୍) ୫୦/୨୦୧୯
ପ୍ରଶାନ୍ତ କୁମାର ମଣ୍ଡଳ .......... ବାଦୀ
ବନାମ
ବୀଣା ମଣ୍ଡଳ .......... ପ୍ରତିବାଦୀ

ପ୍ରାପ୍ତେଷୁ,
୧. ବୀଣା ମଣ୍ଡଳ, ବୟସ ପ୍ରାୟ ୨୯ ବର୍ଷ, ସ୍ୱାମୀ ପ୍ରଶାନ୍ତ କୁମାର ମଣ୍ଡଳ, ପିତା- ପ୍ରେମାନନ୍ଦ ବିଶ୍ୱାସ, ଗ୍ରାମ- ଏମ୍.ଭି.୩୪, ପୋଷ୍ଟ ପୋଟ୍ରେଲ, ଥାନା ଓ ଜିଲ୍ଲା- ମାଲକାନଗିରି

ଏତଦ୍ବାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି କି, ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ଏହି ଅଦାଲତରେ ଛାଡ଼ପତ୍ର ମକଦ୍ଦମା ଆଗତ କରିଛନ୍ତି ଓ ଆପଣଙ୍କୁ ପଠା ଯାଇଥିବା ନୋଟିସ ଅଦାଲତକୁ ଜାରି ନହୋଇ ଫେରସ୍ତ ଆସିଛି। ଆପଣଙ୍କ ବର୍ତ୍ତମାନ ଠିକଣା ବାଦୀଙ୍କ ପାଖରେ ନାହିଁ।

ତେଣୁ ଆପଣଙ୍କୁ ଏହି ଖବର କାଗଜ/ନୋଟିସ ଜରିଆରେ ଜଣାଇଦିଆଯାଉଅଛି କି, ଅଦାଲତ ଏହି ମକଦ୍ଦମା ତା. ୩୧।୦୩।୨୦୨୦ରିଖକୁ ବିଚାର ପାଇଁ ଧାର୍ଯ୍ୟ କରିଛନ୍ତି। ଆପଣ ଉକ୍ତ ଦିନ ନିଜେ କିମ୍ବା ନିଜର ଓକିଲଙ୍କ ଜରିଆରେ ହାଜର ହୋଇ ନିମ୍ନ କୋର୍ଟରେ ଜବାବ ଦାଖଲ କରିବେ।

ଯଦି ଆପଣ ଉକ୍ତ ଦିନ ଅନୁପସ୍ଥିତ ରୁହନ୍ତି ତେବେ ଅଦାଲତ ଆପଣଙ୍କ ଅନୁପସ୍ଥିତିରେ ହିଁ ଏହି ମକଦ୍ଦମାର ଶୁଣାଣି ଓ ବିଚାର କରିବେ।

ଆଜି ତା.୧୨।୦୩।୨୦୨୦ ରିଖରେ ଏହି ନିର୍ଦ୍ଦେଶ ଦିଆଗଲା।

ସ୍ୱା/-
ସିଭିଲ୍ ଜଜ୍ (ସିନିୟର୍ ଡିଭିଜନ୍)
ମାଲକାନଗିରି
ଧ-୧୭୨୨୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ବନ୍ଦ ରହିବ ଠିପି ଖୋଲା ମଦ ଦୋକାନ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ସମସ୍ତ ଠିପି ଖୋଲା ମଦ ଦୋକାନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଏନେଇ ସବୁ ଜିଲାର ଜିଲାପାଳଙ୍କୁ ଅବକାରୀ ବିଭାଗ ସଚିବ ଚିଠି ଲେଖି ଜଣାଇଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। କେବଳ ଠିପି ବନ୍ଦ ମଦ ଦୋକାନ ଖୋଲା ରହିବ। ଲୋକମାନେ ସେଠାରୁ ମଦ କିଣି ଘରେ ପିଇ ପାରିବେ। ହେଲେ ମଦ ଆଣିବା ପାଇଁ ଦୋକାନକୁ ଗଲେ ଗ୍ରାହକମାନେ ପରସ୍ପର ମଧ୍ୟରେ ଏକ ମିଟର ଦୂରତା ରଖିବାକୁ ସରକାର ପରାମର୍ଶ ଦେଇଛନ୍ତି।

**କରୋନା ପ୍ରଭାବ**



ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବନ୍ଦ ପରେ ବଡ଼ଦାଣ୍ଡ ଜନଶୂନ୍ୟ।



କଟକର କଦମ-ଇ-ରସୁଲରେ ତାଲା।




ବ୍ରହ୍ମପୁରସ୍ଥିତ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ଫାଟକରେ ତାଲା ପଡ଼ିଛି।

# ମହାପ୍ରଭୁଙ୍କ ଦର୍ଶନ ନ ପାଇ ଫେରିଲେ ଭକ୍ତ

- ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ
- ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି
- ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ

**ପୁରୀ ଅଫିସ, ୨୦।୩:** ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି। ପ୍ରତ୍ୟେକ ଦିନ ଭକ୍ତ, ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବଡ଼ଦାଣ୍ଡ ଶୁକ୍ରବାର ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଥିଲା। କାଁ ଭାଁ ଲୋକେ ଯା' ଆସ କରୁଥିବାବେଳେ ଗାଡ଼ିମୋଟର ସଂଖ୍ୟା ବି ବହୁତ କମ୍ ଥିଲା। ସେହିପରି ଶୂନଶାନ୍ ରହିଥିଲା ପୁରୀ ବେଳାଭୂମି। ନ ଥିଲେ ପର୍ଯ୍ୟଟକ କି ଖୋଲି ନ ଥିଲା ଉଠାଦୋକାନୀଙ୍କ ପସରା। ସେହିପରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ଥିବାବେଳେ ଶୁକ୍ରବାର ରାଜ୍ୟ ବାହାରର କେତେକ ଶ୍ରଦ୍ଧାଳୁ ଆସି ଫେରିଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ କରୋନା ମୁକାବିଲା ପାଇଁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଥିଲେ।

ଦିନକୁ ଦିନ କରୋନା ଅଧିକ ଭୟ ଦେଖାଉଛି। ଗୋଟିଏ ପରେ ଗୋଟିଏ ନୂଆ ଦେଶକୁ ମାଡୁଛି। ତେଣୁ ଏହାର ମୁକାବିଲା ପାଇଁ ପ୍ରତିଦିନ ନୂଆ ଆଡଭାଇଜରି ଜାରି କରାଯାଉଛି। ଓଡ଼ିଶାରେ ବି ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଲାଗୁ ହୋଇଛି। ଶୁକ୍ରବାରଠାରୁ ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ଧର୍ମପୀଠରେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଛି। ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି କଟକଣା ଲାଗିଥିବାବେଳେ ପୁରୀରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥଳୀ ବୁଲିବା ଲାଗି ପ୍ରତ୍ୟହ ପୁରୀକୁ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଭୋର ହେଲେ ଭକ୍ତଙ୍କ ଆତଯାତରେ ପୂରିଉଠେ ବଡ଼ଦାଣ୍ଡ। ଦିନତମାମ୍ ଗହଳି ଲାଗି ରହୁଥିବାବେଳେ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଭକ୍ତ ଓ ସହରବାସୀ ଯିବାଆସିବା କରିଥାନ୍ତି। ହେଲେ ଶୁକ୍ରବାର ବଡ଼ଦାଣ୍ଡରେ ଦେଖିବାକୁ ମିଳି ନ ଥିଲା ଶ୍ରଦ୍ଧାଳୁଙ୍କ ଗହଳି । ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ରାଜ୍ୟ ବାହାରର ଦର୍ଶନାର୍ଥୀଙ୍କୁ ମଧ୍ୟ ନିରାଶରେ ଫେରିଯିବାକୁ ପଡ଼ିଥିଲା।

ଉତ୍ତରପ୍ରଦେଶରୁ ଆସିଥିବା ସାଗର ଶର୍ମା କହିଥିଲେ, ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ବିଷୟରେ ଜାଣି ନ ଥିଲି। ସକାଳେ ଟ୍ରେନରେ ପହଞ୍ଚି ମନ୍ଦିରକୁ ଆସିଥିଲି। ଏଠାରେ ପହଞ୍ଚିବା ପରେ ଦର୍ଶନ ବନ୍ଦ ଥିବା ପୋଲିସ କର୍ମଚାରୀ କହିଥିଲେ। ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରି ମୁଣ୍ଡିଆ ମାରି ଫେରିଯାଉଛି। ତେବେ କରୋନା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଠିକ୍ ଅଛି। ଯଦି କିଛିଦିନ କଷ୍ଟ ସହିଯିବା ତେବେ ଆଗକୁ କରୋନା କବଳରୁ ଆମେ ଓ ଦେଶବାସୀ ରକ୍ଷା ପାଇବେ ବୋଲି ସାଗର କହିଥିଲେ। ସେହିପରି ରାଜ୍ୟ ବାହାରୁ ଅନ୍ୟ କେତେଜଣ ଭକ୍ତ ମଧ୍ୟ ଆସିଥିଲେ। ସେମାନେ ମନ୍ଦିର ଚତୁଃପାର୍ଶ୍ୱ ବୁଲିବା ପରେ ସିଂହଦ୍ୱାରରେ କିଛି ସମୟ ବିତାଇ ଫେରିଯାଇଥିଲେ।

# ଭିତ୍ତିଭୂମି ସୁଦୃଢ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବି

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

**କରୋନା ମୁକାବିଲା**

- ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ନବୀନ
- ପରୀକ୍ଷାକୁ ମାଗଣା କରିବାକୁ ନବୀନଙ୍କ ଅନୁରୋଧ
- କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା
- ମାସ୍କ, ସ୍ୱାସ୍ଥ୍ୟ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍-କିଷାନରେ ସହାୟତା ମାଗିଲା ରାଜ୍ୟ

ଓଡ଼ିଶାରେ ୨ ଜଣଙ୍କ ଶରୀରରେ କରୋନା ପଜିଟିଭ୍ ଥିବା ଜଣାପଡିଲାଣି। ପ୍ରତିଦିନ ନମୁନା ପରୀକ୍ଷା କରାଯାଉଛି। ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ତେଣୁ ଏହାର ମୁକାବିଲା ପାଇଁ ଆବଶ୍ୟକ କେତେକ ମୌଳିକ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କରୋନା ମୁକାବିଲା ନିମନ୍ତେ ଉଦ୍ଦିଷ୍ଟ ଭିଡିଓ କନଫରେନ୍ସିଂ ବେଳେ ମୁଖ୍ୟମନ୍ତ୍ରୀ ଏହି ଦାବି ରଖିଛନ୍ତି। ନବୀନ କହିଛନ୍ତି ଯେ, କରୋନା ସମ୍ପର୍କିତ ପରୀକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ। ଉଭୟ ସରକାରୀ ଏବଂ ଘରୋଇ ହସ୍ପିଟାଲସ୍ତରରେ ଏହି ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏଥିସହିତ ଏହାକୁ ମାଗଣା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ସ୍ୱାସ୍ଥ୍ୟ କର୍ମୀ/ଆବଶ୍ୟକ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ପାଇଁ ମାସ୍କ ଏବଂ ବିପଜ୍ଜନକ ପରିସ୍ଥିତିରେ ଦରକାର ହେଉଥିବା ସ୍ୱାସ୍ଥ୍ୟ ସାମଗ୍ରୀ ଦେବା ପାଇଁ ରାଜ୍ୟ ପକ୍ଷରୁ ଦାବି କରାଯାଇଛି। ସେହିଭଳି ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଶ୍ରମିକମାନଙ୍କୁ ଅନ୍ୟୂନ ୫୦ ଦିନର ମଜୁରି ଯୋଗାଇ ଦିଆଯାଉ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ସହ ପିଏମ୍-କିଷାନ ଯୋଜନା ଅଧୀନରେ ଅତିରିକ୍ତ କିସ୍ତି ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୁହାଯାଇଛି। ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା ଏବଂ ବିଶେଷଭାବେ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ପ୍ରସ୍ତାବ ଦିଆଯାଇଛି। ସେହିପରି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଗୁଆ ଅର୍ଥ ପ୍ରଦାନ ନେଇ ପ୍ରସ୍ତାବ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ସମ୍ପର୍କିତ ଦାବି ରଖିବା ସମୟରେ କରୋନା ମୁକାବିଲା ନେଇ ଭାରତ ସରକାର ନେଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା ମଧ୍ୟ କରିଥିଲେ। ବିଶେଷକରି ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ ଲଗାଯାଇଥିବା କଟକଣା, ବିଦେଶରେ ରହୁଥିବା ଭାରତୀୟଙ୍କୁ ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସେହିଭଳି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)କୁ ସଚଳ କରିଥିବାରୁ ମଧ୍ୟ କେନ୍ଦ୍ରକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।



କରୋନା କଟକଣା ଯୋଗୁ ଶ୍ରୀମନ୍ଦିର ବନ୍ଦ ଥିବାରୁ ଭକ୍ତମାନେ ଗୁମୁଟରେ ପୂଜା ପାଉଥିବା ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

# ରେଷ୍ଟୁରାଣ୍ଟ, ବାର୍, କଫି ଶପ୍ ବନ୍ଦ

**ଭିଡ କମାଇବାକୁ ସରକାରଙ୍କ ଉଦ୍ୟମ**

- ରୋଟେଶନ ଭାବେ ଦିନେ ଛାଡି ଦିନେ ଚାଲିବ ଟ୍ୟାକ୍ସି, ଅଟୋ ରିକ୍ସା
- ଗାଁ ହାଟ, ଶପିଂ କମ୍ପ୍ଲେକ୍ସରେ ବିକ୍ରି ହେବ ଅତ୍ୟାବଶ୍ୟକ ସାମଗ୍ରୀ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା (କୋଭିଡ୍-୧୯)ର କରାଳ ସଂକ୍ରମଣ ସମଗ୍ର ବିଶ୍ୱକୁ ଗ୍ରାସ କରି ଚାଲିଛି। ରାଜ୍ୟରେ ଶପିଂମଲଠାରୁ ଆରମ୍ଭ କରି ସିନେମା ହଲ, ପାର୍କ, ସଭା ସମିତି, ସାମାଜିକ ମିଳାମିଶା ଇତ୍ୟାଦିକୁ ବନ୍ଦ କରି ସାରିବା ପରେ ଏବେ ରେଷ୍ଟୁରାଣ୍ଟ, ବାର, କଫି ଶପ ଏବଂ ଅଧିକ ସଂଖ୍ୟାରେ ଜମା ହେଉଥିବା ଫାଷ୍ଟଫୁଡ ଦୋକାନଗୁଡିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂସ୍ଥାଗୁଡିକୁ ସରକାରଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ଏଥିସହିତ ରାଜ୍ୟରେ ଥିବା ସମସ୍ତ ବଡବଡ ହୋଟେଲ ଓ ଗେଷ୍ଟ ହାଉସଗୁଡିକରେ ଅତିଥିମାନଙ୍କ ମଧ୍ୟରେ ଅତି କମରେ ୨ ମିଟର ସୋସିଆଲ ଡିଷ୍ଟାନ୍ସ ବା ସାମାଜିକ ଦୂରତ୍ୱ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତିଥି ଏବଂ ଗ୍ରାହକମାନେ କିପରି ନିଜକୁ ପରସ୍ପରଠାରୁ ଦୂରେଇ ରଖିବେ ସେ ନେଇ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡିକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି।

ଏଥିସହିତ ସହରଗୁଡିକରେ ଚଳାଚଳ କରୁଥିବା ଟ୍ୟାକ୍ସି, ଅଟୋ ରିକ୍ସା ଉପରେ ମଧ୍ୟ କଟକଣା ରଖାଯାଇଛି। ନୂଆଦିଲ୍ଲୀରେ ଲାଗୁ ହୋଇଥିବା ଅଡ୍ ଆଣ୍ଡ ଇଭିନ୍ ନମ୍ବର ଭଳି ଟ୍ୟାକ୍ସି ଏବଂ ଅଟୋ ରିକ୍ସାଗୁଡିକ ରୋଟେଶନ ବେସିସ୍‌ରେ ଦିନେ ଛାଡି ଦିନେ ଚଳାଚଳ କରିବେ। ସମ୍ପୃକ୍ତ ପୌରାଞ୍ଚଳ କର୍ତ୍ତୃପକ୍ଷମାନେ ଏହାକୁ ରେଗୁଲେଟ କରିବେ। ଏଥିସହିତ ହାଟ, ଗ୍ରାମାଞ୍ଚଳ ହାଟ, ଶପିଂ କମ୍ପ୍ଲେକ୍ସଗୁଡିକରେ କେବଳ ଖାଦ୍ୟ ସାମଗ୍ରୀ ଯଥା ତେଜରାତି, ପନିପରିବା, ମାଛ, ଚିକେନ, ମଟନ୍, ଅଣ୍ଡା ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବିକ୍ରି ହେବ । ଗୋଟିଏ ଜାଗାରେ ୭ ଜଣରୁ ଅଧିକ ଲୋକ ଯେପରି ଏକାଠି ହୋଇ ନ ପାରିବେ ସେ ନେଇ ପଦକ୍ଷେପ ନେବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ କମିଶନର, ପୋଲିସ କମିଶନର, ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ୨୫ରୁ ସମସ୍ତ ଏସ୍‌ଟି, ଏସ୍‌ସି ହଷ୍ଟେଲ ବନ୍ଦ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରତିକାରମୂଳକ ବ୍ୟବସ୍ଥା ସ୍ୱରୂପ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ସମସ୍ତ ହଷ୍ଟେଲକୁ ଆସନ୍ତା ୨୫ ତାରିଖରୁ ଜୁନ୍ ୧୫ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ଆବାସିକ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ହଷ୍ଟେଲ ଖାଲି କରିବେ। ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ଯତ୍ନ ତଥା ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ପ୍ରୋତ୍ସାହନ ରୂପେ ଆଗୁଆ ତିନି ମାସର ପ୍ରାକ୍ ମାଟ୍ରିକ୍ ବୃତ୍ତି ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ୨୪୦୦ଟଙ୍କା ଓ ଛାତ୍ରମାନଙ୍କୁ ୨୨୫୦ଟଙ୍କା ହିସାବରେ ସହାୟତା ରାଶି ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କ ମାତାପିତା କିମ୍ବା ଅଭିଭାବକମାନେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଏହି ରାଶି ଗ୍ରହଣ କରିବେ। ଏହି ପଦକ୍ଷେପ ଦ୍ୱାରା ସମସ୍ତ ହଷ୍ଟେଲ ଯଥା ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ଅନ୍ୱେଷା ଏବଂ ଏଜୁକେଶନ କମ୍ପ୍ଲେକ୍ସର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଲାଭାନ୍ୱିତ ହେବେ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ପ୍ରକାଶ କରିଛନ୍ତି।

# ବନ୍ଦ ହେଲା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ

- ମାର୍ଚ୍ଚ ୨୫ରୁ ଜୁନ ୩୦ ବନ୍ଦହେବ ଛାତ୍ରାବାସ
- ୩ ମାସ ଯାଏ ଆଗୁଆ ଖାଦ୍ୟ ସାମଗ୍ରୀ, ଯାତାୟାତ ଖର୍ଚ୍ଚ
- ଗାଁରେ ମିଳିବ ୪ ମାସର ଅଗ୍ରିମ ପେନସନ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** କରୋନା (କୋଭିଡ-୧୯) ଭୂତାଣୁ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏଥିସହ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟକରୁଥିବା ବିଭିନ୍ନ ଥେରାପି ସେଣ୍ଟରର ଛାତ୍ରାବାସ ଓ ଛାତ୍ରୀ ନିବାସଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଚଳିତ ମାସ ୨୫ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ହଷ୍ଟେଲଗୁଡ଼ିକୁ ବନ୍ଦ କରାଯାଇଛି। ଏହାର ଅନ୍ତେବାସୀମାନଙ୍କୁ ଆସନ୍ତା ୩ ମାସ ପାଇଁ ଅଗ୍ରିମ ଖାଦ୍ୟପେୟ ଏବଂ ଯାତାୟାତ ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ ଥେରାପି ସେଣ୍ଟରଗୁଡିକର ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଖାଦ୍ୟପେୟ ବାବଦରେ ମାସିକ ୧୨୦୦ଟଙ୍କା ପ୍ରଦାନ କରାଯାଇଥାଏ। ଆସନ୍ତା ୩ ମାସ ପର୍ଯ୍ୟନ୍ତ ସେମାନଙ୍କୁ ଆଗୁଆ ଅର୍ଥରାଶି ଦିଆଯିବ। ବିଭାଗ ପକ୍ଷରୁ ସାହାଯ୍ୟପ୍ରାପ୍ତ ୯୮ଟି ସ୍ୱତନ୍ତ୍ର ଆବାସିକ ଶିକ୍ଷାନୁଷ୍ଠାନ ଓ ୩୨ଟି ଥେରାପି ସେଣ୍ଟରର ଅନ୍ତେବାସୀମାନଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୩ ମାସର ଖାଦ୍ୟପେୟ ଖର୍ଚ୍ଚ ଅନ୍ତେବାସୀଙ୍କ ମାତାପିତା କିମ୍ବା ଅଭିଭାବକମାନଙ୍କୁ ମିଳିବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଆଧାର ତଥା ବ୍ୟାଙ୍କ ଖାତା ସମ୍ପର୍କିତ ସମସ୍ତ ତଥ୍ୟ ବିଭାଗରେ ଦାଖଲ କରାଯିବ। ଛାତ୍ରୀଛାତ୍ରଙ୍କୁ ତାଙ୍କ ଘରେ ପହଞ୍ଚାଇବା ପାଇଁ ଜଣେ ସହଯୋଗୀ ସହାୟତା ଦେବେ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଯାତାୟାତ ଖର୍ଚ୍ଚ ବାବଦରେ ୫୦୦ ଟଙ୍କା ପ୍ରଦାନ କରାଯିବ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ବିଭାଗ ପକ୍ଷରୁ ବିଭିନ୍ନ ପେନସନ ପାଉଥିବା ହିତାଧିକାରୀମାନଙ୍କୁ ୪ ମାସର ପେନସନ ଆଗୁଆ ପ୍ରଦାନ କରାଯିବ। ମଧୁବାବୁ ପେନସନ ଯୋଜନା ସହିତ ସାମାଜିକ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ସିଧାସଳଖ ସେମାନଙ୍କ ଗ୍ରାମରେ ଭତ୍ତା ଟଙ୍କା ଦିଆଯିବ। ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ଏ ନେଇ ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ହିତାଧିକାରୀମାନଙ୍କୁ ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ଆଗୁଆ ଭତ୍ତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି।

# ୟୁନିୟନ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ,୨୦।୩**

- ଟେଣ୍ଡର ପ୍ରକ୍ରିୟାରେ ହେଲା ନିଷ୍ପତ୍ତି
- ମିଳିବ ବାର୍ଷିକ ୫.୭୫ ପ୍ରତିଶତ ସୁଧ

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ରେ ରହିବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା। ଶୁକ୍ରବାର ଟେଣ୍ଡର ପ୍ରକ୍ରିୟାରେ ଏହି ବ୍ୟାଙ୍କକୁ ଚୟନ କରାଯାଇଛି। ବାର୍ଷିକ ୫.୭୫ ପ୍ରତିଶତ ସୁଧ ହାରରେ ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ଶ୍ରୀମନ୍ଦିରର କର୍ପସ ଫଣ୍ଡ ଓ ଟେମ୍ପଲ ଫଣ୍ଡ ସ୍ଥାୟୀ ଜମା କରାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଫାଉଣ୍ଡେଶନ ଫଣ୍ଡ୍ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରହିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଉନ୍ନୟନ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ଜମା କରିବା ନେଇ ଗତ ବୁଧବାର ଟେଣ୍ଡର ଡକାଯାଇଥିଲା। ଏଥିରେ ଭାଗନେବା ପାଇଁ ୧୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେଶନ ମଗାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା କୋଟେଶନ ଦାଖଲର ଶେଷ ସମୟ ରହିଥିଲା। ଏହି ସମୟ ମଧ୍ୟରେ ୮ଟି ବ୍ୟାଙ୍କ (ଏସ୍‌ବିଆଇ, କାନାଡ଼ା, ୟୁବିଆଇ, ୟୁକୋ, ପଞ୍ଜାବ ନ୍ୟାଶନାଲ, ଆଲ୍ଲାହାବାଦ, ଇଣ୍ଡିଆନ ଓଭରସିଜ୍ ଏବଂ ଇଣ୍ଡିଆନ ବ୍ୟାଙ୍କ) ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିନ୍ତୁ ୪ଟି ବ୍ୟାଙ୍କ (ୟୁନାଇଟେଡ, ବ୍ୟାଙ୍କ ଅଫ ବରୋଦା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଓ ସିଣ୍ଡିକେଟ୍ ବ୍ୟାଙ୍କ) ବିଳମ୍ବରେ ସେମାନଙ୍କ କୋଟେଶନ ଦାଖଲ କରିଥିଲେ। ଟେଣ୍ଡର ଅବଧି ମଧ୍ୟରେ ୮ଟି ଏବଂ ବିଳମ୍ବରେ ୪ଟି ବ୍ୟାଙ୍କ ଭାଗ ନେଇଥିଲେ। ବିଳମ୍ବରେ ଭାଗ ନେଇଥିବା ୪ଟି ବ୍ୟାଙ୍କର କୋଟେଶନକୁ ବିଚାରକୁ ନିଆଯାଇ ନାହିଁ। ଏପରି କି ସେମାନଙ୍କ ଏନ୍‌ଭେଲପ୍ ଖୋଲାଯାଇ ନାହିଁ।

୮ଟି ବ୍ୟାଙ୍କ ମଧ୍ୟରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବାବେଳେ ଦ୍ୱିତୀୟରେ ଇଣ୍ଡିଆନ ବ୍ୟାଙ୍କ ୫.୪୦ ପ୍ରତିଶତ ଏବଂ କାନାଡା ବ୍ୟାଙ୍କ ୫ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ମାତ୍ର ଶ୍ରୀମନ୍ଦିର ପରିଚାଳନା କମିଟିରେ ହୋଇଥିବା ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ବ୍ୟାଙ୍କକୁ ସେତିକି ସୁଧ ଦେବା ପାଇଁ କୁହାଯିବ। ଯଦି ସେମାନେ ରାଜି ନ ହେବେ ତେବେ ଗୋଟିଏ ବ୍ୟାଙ୍କରେ ହିଁ ସମସ୍ତ ଟଙ୍କା ରହିବ। ଇଣ୍ଡିଆନ ଏବଂ କାନାଡା ବ୍ୟାଙ୍କ ବାର୍ଷିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ନ ହେବାରୁ ସମସ୍ତ ଟଙ୍କା ୟୁନିୟନ ବ୍ୟାଙ୍କରେ ଜମା ରଖାଯିବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ମହାପ୍ରଭୁଙ୍କ କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ରଖାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ଥିର ହୋଇ ନ ଥିବା ଉନ୍ନୟନ ପ୍ରଶାସକ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୟୁନିୟନ ବ୍ୟାଙ୍କ ପୁରୀ ମୁଖ୍ୟ ଶାଖାର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ସେନାପତି କହିଛନ୍ତି, ଟେଣ୍ଡରରେ ଆମେ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ବିଡିଂ ପକାଇଥିଲୁ। ତେଣୁ ୩ ବର୍ଷ ପାଇଁ ଶ୍ରୀମନ୍ଦିରର ୩୫୨ କୋଟି ଟଙ୍କା ଆମ ବ୍ୟାଙ୍କରେ ଜମା ରଖାଯିବ। ମହାପ୍ରଭୁଙ୍କ ଟଙ୍କା ୟୁନିୟନ ବ୍ୟାଙ୍କରେ ରଖାଯିବାକୁ ଆମ ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀମାନେ ଚାହୁଁଥିଲେ। ତେଣୁ କେତେ ସୁଧ ଦିଆଯାଇପାରିବ ତାହା ସ୍ଥିର କରିଥିଲେ। ଏ ନେଇ ଯୋଗାଯୋଗରେ ଥିଲୁ, ଟେଣ୍ଡର ଆମକୁ ହିଁ ମିଳିଲା।

ସୂଚନାଥାଉ କି, ଗତ କିଛିଦିନ ଧରି ମହପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ ହୋ ହଲ୍ଲା ଚାଲିଥିଲା। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ପରେ ଟଙ୍କା ଫେରିବ କି ନାହିଁ ତାକୁ ନେଇ ଆଶଙ୍କା ଉପୁଜିଥିଲା। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଣ ଉପରେ ଆର୍‌ବିଆଇ ଜାରି କରିଥିବା କଟକଣାକୁ ବୁଧବାର ଉଠାଇ ନେବା ପରେ ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭ କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା।

# କରୋନା ସକାଶେ ଆଜି ସବୁ ପୌରାଞ୍ଚଳ ୱାର୍ଡରେ ବୈଠକ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** ସହରାଞ୍ଚଳ ଲୋକଙ୍କୁ କରୋନା ସଂକ୍ରାନ୍ତରେ ସଚେତନ କରିବା ପାଇଁ ଶନିବାର ସବୁ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ବୈଠକ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସମସ୍ତ ମହାନଗର ନିଗମ ଏବଂ ପୌରସଂସ୍ଥାଗୁଡିକୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏ ବାବଦରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ପଠାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ୱାର୍ଡ ଅଫିସରମାନେ ନିଜ ଅଞ୍ଚଳରେ ବୈଠକ ଡାକିବେ। ବୈଠକରେ ପୂର୍ବତନ ଏବଂ ବର୍ତ୍ତମାନର କର୍ପୋରେଟର ଏବଂ କାଉନ୍ସିଲରମାନେ ଯୋଗଦେବା ସହିତ ସାଧାରଣ ଲୋକମାନେ ସାମିଲ ହୋଇ ନିଜ ନିଜର ମତାମତ ରଖିପାରିବେ। ଯଦି ଲୋକ ସଂଖ୍ୟା ଅଧିକ ହୁଏ, ତେବେ ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ଆଲୋଚନା କରିବାକୁ କୁହାଯାଇଛି। ରାଜ୍ୟ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ୱାର୍ଡ ଅଫିସରମାନେ ସମସ୍ତଙ୍କୁ ଜଣାଇବେ। କରୋନା ସଚେତନତା ନେଇ ପୌରସଂସ୍ଥା ସହିତ ସାଧାରଣ ଲୋକମାନଙ୍କୁ ଯେପରି ଜଡିତ କରାଯାଇପାରିବ ସେନେଇ ମଧ୍ୟ ବୈଠକରେ ସୂଚନା ଦିଆଯିବ। ସୁରୁଖୁରୁରେ ବୈଠକ କରିବାକୁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କିତ ଏକ ମାର୍ଗଦର୍ଶିକା ପଠାଯାଇଛି।

# ଅଡିଓ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏସ୍‌ବିଆଇ)ର ଅଧ୍ୟକ୍ଷ ରଜନୀଶ କୁମାର ଏବଂ ଅନ୍ୟ ବ୍ୟାଙ୍କ ଅଧିକାରୀଙ୍କୁ ଗାଳିଦେବାର ବିବାଦୀୟ ଅଡିଓ କ୍ଲିପ୍ ଉପରେ ଏବେ ତଦନ୍ତ କରାଯିବ। ପ୍ରକାଶ୍ୟ ଯେ, ଅଡିଓ କ୍ଲିପ୍ ବାହାରକୁ କେମିତି ପ୍ରକାଶ ପାଇଲା ତା' ଉପରେ ବ୍ୟାଙ୍କ୍ ଏବେ ଏକ ଏଫ୍‌ଆଇଆର୍ ଦାୟର କରିବାକୁ ବିଚାର କରୁଛି। ବ୍ୟାଙ୍କ୍ କର୍ମଚାରୀମାନେ ବିଶ୍ୱାସ କରୁଛନ୍ତି ଯେ, ଅଡିଓ କ୍ଲିପ୍ ଲିକ୍ ଏକ ଦୁଷ୍ଟବୁଦ୍ଧିର କାର୍ଯ୍ୟ ଏବଂ ଏହାକୁ ଅନଧିକୃତ ଭାବେ ରେକର୍ଡିଂ କରାଯାଇଥିଲା, ଯାହାର ତଦନ୍ତ ଠିକ୍‌ଭାବେ ହେବା ଉଚିତ। ବ୍ୟାଙ୍କ କର୍ମଚାରୀ ସଂଘ ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟକୁ ସମାଲୋଚନା କରିଥିବାବେଳେ, ଅର୍ଥ ମନ୍ତ୍ରଣାଳୟ ତାଙ୍କ ସୁରକ୍ଷା ଲାଗି ଅଣ୍ଟାଭିଡିଛି। ଅର୍ଥ ମନ୍ତ୍ରଣାଳୟର କର୍ମଚାରୀମାନେ କହିଛନ୍ତି ଯେ, ଆସାମର ଚା ବଗିଚା ଶ୍ରମିକମାନଙ୍କ ସମସ୍ୟାର ସମାଧାନ କରିପାରି ନ ଥିବାରୁ ରାଜ୍ୟ ଏବଂ ସ୍ଥାନୀୟ ଏସ୍‌ବିଆଇର କାର୍ଯ୍ୟଧାରା ଉପରେ ମନ୍ତ୍ରଣାଳୟ ତା'ର ବିଧିସଙ୍ଗତ ପ୍ରତିକ୍ରିୟା ପ୍ରକାଶ କରିବା ଯୁକ୍ତିଯୁକ୍ତ ଥିଲା। ଗତମାସରେ ଗୁଆହାଟୀ ଫାଇନାନ୍‌ସିଆଲ ଇନ୍‌କ୍ଲୁଜନ କନ୍‌କ୍ଲେଭ୍‌ରେ ଏସ୍‌ବିଆଇ ଅଧିକାରୀମାନଙ୍କ ସହ ସୀତାରାମନ୍ କଥାହେବା ସମୟରେ ଏହି ଭିଡିଓ କ୍ଲିପ୍ ପ୍ରସ୍ତୁତ କରାଯାଇଥିଲା ବୋଲି ଜଣାପଡିଛି। ତେବେ ଏହି କ୍ଲିପ୍ ସୋସିଆଲ୍ ମିଡ଼ିଆରେ ଏକମାସ ପରେ ଦେଖିବାକୁ ମିଳିଥିଲା। ତେଣୁ ବିବାଦ ସୃଷ୍ଟିକରିବା ଏହାର ଲକ୍ଷ୍ୟ ଥିଲା ବୋଲି ଅନେକେ ସନ୍ଦେହ ପ୍ରକଟ କରିଛନ୍ତି। ଏବେ କାହିଁକି ବ୍ୟାଙ୍କ ବାବୁମାନେ ଏହାକୁ ତେଜୁଛନ୍ତି, ତାହା ଅନୁମାନଯୋଗ୍ୟ।

### ବଦଳି ଦ୍ୱନ୍ଦ୍ୱ

କର୍ନାଟକ ଆଇପିଏସ୍ ଅଧିକାରୀ ଈଶା ପନ୍ତଙ୍କ ୪ ଦିନରେ ଦୁଇଥର ବଦଳି ପଛର କାହାଣୀ ଦେଶର ଦୃଷ୍ଟି ଆକର୍ଷଣ କରିଛି। ସମ୍ଭବତଃ ତାହା ଥିଲା ବେଙ୍ଗାଲୁରୁ ସିଟି ପୋଲିସ ମଧ୍ୟରେ ଥିବା କ୍ଷମତା ଯୁଦ୍ଧର କଥା। ଯେତେବେଳେ ସରକାର ସାଉଥ୍-ଇଷ୍ଟ୍ ଜୋନ୍ ଡିସିପି ଈଶା ପନ୍ତଙ୍କ ସମେତ ଆଇପିଏସ୍ ଅଧିକାରୀଙ୍କର ଏକାଧିକ ବଦଳି ନିର୍ଦ୍ଦେଶନାମା ଜାରି କରିଥିଲେ, ସେତେବେଳେ ଏହି ବଦଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରୁ ତାଙ୍କୁ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ (ସିଆଇଡି)ରେ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏସ୍‌ପି) ଭାବେ ଯୋଗଦେବା ଲାଗି କୁହାଯାଇଥିଲା। କିନ୍ତୁ ତିନିଦିନ ପରେ ଏହି ଭାଜପା ଶାସିତ ରାଜ୍ୟ ଦ୍ୱାରା ଆଉ ଗୋଟିଏ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯାହାଦ୍ୱାରା ପ୍ରଥମ ନିର୍ଦ୍ଦେଶନାମା ପ୍ରତ୍ୟାହାର କରାଯାଇଥିଲା ଏବଂ ତାଙ୍କୁ ପୁଣି ମୂଳ ପଦରେ ଅବସ୍ଥାପିତ କରାଯାଇଥିଲା। ତେବେ କେଇ ଘଣ୍ଟା ପରେ ଆଉ ଏକ ନୂଆ ନିର୍ଦ୍ଦେଶନାମାରେ ପନ୍ତଙ୍କୁ ସିଟି ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଥିବା କମାଣ୍ଡ ସେଣ୍ଟର୍‌ରେ ଡିସିପି ଭାବେ ଅବସ୍ଥାପିତ କରାଯାଇଥିଲା। ତାଙ୍କୁ ଜିନେନ୍ଦ୍ର ଖାନାଗାଓ୍ୱିଙ୍କ ଜାଗାରେ ନିଯୁକ୍ତି ଦିଆଯାଇଥିଲା ଯିଏକି ଏବେ ଜଣେ ଏସ୍‌ପି ଭାବେ ଇଣ୍ଟର୍‌ନାଲ ସିକ୍ୟୁରିଟି ଡିଭିଜନରେ ନିଯୁକ୍ତି ପାଇଛନ୍ତି। ୨୦୧୫ ବ୍ୟାଚର ଆଇପିଏସ୍ ଅଧିକାରୀ ଶ୍ରୀନାଥ ମହାଦେବ ଜୋଷୀଙ୍କୁ ତାଙ୍କ ଜାଗାରେ ନିଯୁକ୍ତି ଦିଆଯାଇଥିଲା। ଜୋଷୀ ଏବେ ବେଙ୍ଗାଲୁରୁ ସାଉଥ-ଇଷ୍ଟ ଡିଭିଜନ କଥା ବୁଝିବେ। ସେ ପୂର୍ବରୁ ଚିତ୍ରଦୁର୍ଗର ଏସ୍‌ପି ଥିଲେ। ଜଣେ ଭାଜପା ମନ୍ତ୍ରୀଙ୍କ ଚାପରେ ପନ୍ତଙ୍କ ଦ୍ୱିତୀୟ ବଦଳି କରାଯାଇଥିଲା ବୋଲି ବିଶ୍ୱାସ କରାଯାଉଛି।

### ମୂଲ୍ୟାଙ୍କନ ବ୍ୟବସ୍ଥାକୁ ସମର୍ଥନ

ଏକ ଆବଶ୍ୟକ ପ୍ରଶାସନିକ ସଂସ୍କାର ପାଇଁ ମୋଦି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩୬୦ ଡିଗ୍ରୀ ମୂଲ୍ୟାୟନ ବ୍ୟବସ୍ଥା ଉପରେ ସମୀକ୍ଷା କରିବାକୁ ଜଣେ ବରିଷ୍ଠ ପ୍ରଶାସକ ଦାୟର କରିଥିବା ଏକ ପିଟିଶନକୁ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ଖାରଜ କରିଦେବା ପରେ ଏହାର ମର୍ଯ୍ୟାଦା ବଢ଼ିଯାଇଛି। ଉକ୍ତ ମୂଲ୍ୟାଙ୍କନ ପଦ୍ଧତି ୨୦୧୫ରେ ଆରମ୍ଭ କରାଯାଇଥିଲା ଏବଂ ବରିଷ୍ଠ ପ୍ରଶାସକଙ୍କ ଉପରେ ନିରୀକ୍ଷଣକୁ ଅଧିକରୁ ଅଧିକ କଡ଼ା କରାଯାଇଥିଲା। ତେବେ ବାର୍ଷିକ ଗୁପ୍ତ ରିପୋର୍ଟ (ଏସିଆର୍) ବଦଳରେ ଆରମ୍ଭ କରାଯାଇଥିବା ଏହି ପଦ୍ଧତିକୁ ଅପାରଦର୍ଶୀ ଓ ଅସ୍ୱଚ୍ଛ କହି ଗୋଟିଏ ଶ୍ରେଣୀର ବାବୁମାନେ ସମାଲୋଚନା କରିଥିଲେ। ଉକ୍ତ ମୂଲ୍ୟାଙ୍କନ ପଦ୍ଧତିକୁ ତାଙ୍କ ରିଭ୍ୟୁ ପିଟିଶନରେ ଚ୍ୟାଲେଞ୍ଜ କରିଥିବା ବରିଷ୍ଠ ବାବୁ ଦର୍ଶାଇଥିଲେ ଯେ, ତାଙ୍କୁ ପଦୋନ୍ନତି ପାଇଁ ମନୋନୟନ ତାଲିକାରେ ରଖିବାରେ ତିନିଥର ଅଣଦେଖା କରାଯାଇଥିଲା ଏବଂ ସେ ଏଥିପାଇଁ ତାଙ୍କ ମୂଲ୍ୟାଙ୍କନ ରିପୋର୍ଟର ଗୋଟିଏ ନକଲ ଚାହିଁଥିଲେ। ୩୬୦ ଡିଗ୍ରୀ ମୂଲ୍ୟାଙ୍କନ ପଦ୍ଧତିକୁ ବି ମଲ୍‌ଟି ସୋର୍ସ ଫିଡ୍‌ବ୍ୟାକ ଗାଇଡ୍‌ଲାଇନ୍‌ସ (ଏମ୍‌ଏସ୍‌ଏଫ୍) କୁହାଯାଏ, ଯାହା ଏବେ ଉଚ୍ଚନ୍ୟାୟାଳୟର ସମର୍ଥନ ପାଇଛି। କୋର୍ଟ ସରକାରଙ୍କ ଦୃଷ୍ଟିକୋଣକୁ ଗ୍ରହଣ କରି କହିଛନ୍ତି ଯେ, ଏମ୍‌ଏସ୍‌ଏଫ୍‌ର ନୀତିନିୟମକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ କରାଯାଇନି। ଯୁଗ୍ମ ସଚିବମାନଙ୍କ ନିଯୁକ୍ତି ପାଇଁ ବାବୁମାନଙ୍କ ନାମ ତାଲିକାଭୁକ୍ତ କରିବାକୁ ଚାହୁଁଥିବା କମିଟି ଅଫ୍ ସେକ୍ରେଟାରିଜ୍ କିମ୍ବା ଏମ୍‌ପ୍ୟାନେଲ୍‌ମେଣ୍ଟ କମିଟି ପାଇଁ ଆଭ୍ୟନ୍ତରୀଣ ଗାଇଡ୍‌ଲାଇନରୂପେ କାର୍ଯ୍ୟ କରିବାକୁ ଏହା କରାଯାଇଛି।

Email: dilipcherian@gmail.com

### ୨୫ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୯୫

- ଜାପାନର ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏଚ୍-୨ ରକେଟ ଦ୍ୱାରା ପ୍ରେରିତ ଏକ ଉପଗ୍ରହ ପୃଥିବୀର ଚତୁଃପାର୍ଶ୍ୱରେ ଥିବା ଏକ କକ୍ଷପଥରେ ସଫଳତାର ସହିତ ଅବସ୍ଥାପିତ ହୋଇପାରିଛି।
- ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦତ୍ତ ତିୱାରୀ ଏଆଇସିସି କାର୍ଯ୍ୟକାରୀ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | 9 | | | 2 | | C | | D | | 0 | | | 4 |
| | | | | 3 | D | 8 | E | | | | B | | | |
| D | | B | | 1 | | | | | | | 6 | | | |
| | 2 | | B | | | | | | A | | | | 3 | 8 |
| | | 4 | A | | | 7 | | | | 5 | | | | |
| | | | | | 4 | | 6 | | | | | 5 | E | |
| | E | | | | 9 | 3 | | 0 | | 8 | | 6 | | |
| | 3 | | | 6 | 7 | | | | 4 | 2 | C | 0 | D | A |
| | | | | | C | | | | | | 7 | | | |
| A | 5 | | D | | | 1 | | | | | | | | |
| | | | | C | 3 | | 2 | | | | | | 0 | 1 |
| 0 | | | 5 | | B | D | | | | | 8 | C | 2 | |
| | | 8 | | | A | | | | | | | | | 9 |
| | 9 | | | E | | | 8 | | B | 3 | 1 | 4 | | 7 |
| 4 | | 3 | | | | | | | 7 | E | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | C | B | 7 | E | 1 | 8 | 0 | 6 | 5 | 9 | 2 | 3 | 4 |
| 3 | B | 9 | 1 | D | 2 | 6 | 5 | C | A | 4 | 7 | 0 | 8 | E |
| E | 6 | 1 | 8 | 4 | 0 | B | 9 | 7 | 2 | 3 | C | 5 | A | D |
| 4 | 2 | 8 | 9 | A | 5 | E | 3 | D | B | 1 | 0 | 7 | C | 6 |
| 5 | 7 | 0 | C | 6 | 3 | 4 | 2 | A | 8 | E | D | 9 | B | 1 |
| 7 | A | 3 | E | 0 | B | 8 | C | 9 | D | 6 | 4 | 1 | 5 | 2 |
| 1 | C | 2 | 4 | 9 | 7 | A | B | 5 | 3 | 0 | E | D | 6 | 8 |
| 0 | 8 | E | D | C | A | 3 | 6 | 2 | 5 | 9 | 1 | 4 | 7 | B |
| B | 5 | D | 6 | 3 | 1 | 0 | 7 | 4 | C | 2 | 8 | A | E | 9 |
| 9 | 4 | 6 | 5 | 2 | 8 | D | 1 | E | 7 | B | A | 3 | 0 | C |
| C | 1 | B | 7 | E | 6 | 5 | A | 3 | 4 | D | 2 | 8 | 9 | 0 |
| 2 | 0 | 7 | 3 | B | 4 | 9 | D | 8 | E | C | 5 | 6 | 1 | A |
| D | 9 | 5 | A | 1 | C | 7 | 4 | B | 0 | 8 | 6 | E | 2 | 3 |
| 8 | 3 | 4 | 0 | 5 | 9 | 2 | E | 6 | 1 | A | B | C | D | 7 |
| 6 | E | A | 2 | 8 | D | C | 0 | 1 | 9 | 7 | 3 | B | 4 | 5 |

ଗତକାଲିର ଉତ୍ତର

# ସାମାଜିକ ରେଜିଷ୍ଟ୍ରି ଓ ସମଗ୍ରମ୍



କୁମାରସମ୍ଭବ ଶ୍ରୀବାସ୍ତବ

ତେଲଙ୍ଗାନା ରାଜ୍ୟ ସରକାର ଆଧାର ଉପରେ ନିର୍ଭର ନ କରି ଭାରତର ୧୩୦ କୋଟି ବାସିନ୍ଦାଙ୍କ ୩୬୦-ଡିଗ୍ରୀ ପ୍ରୋଫାଇଲ ନିର୍ମାଣ ପାଇଁ ମୋଦି ସରକାରଙ୍କୁ ଏକ ଇଣ୍ଟ୍ରୁସିଭ୍ ଓ ସର୍ଭେଲ୍ଲ ଡାଟାବେସ୍ ନିର୍ମାଣ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଛନ୍ତି ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷିତ ଦଲିଲଗୁଡ଼ିକରୁ ଜଣାପଡ଼ିଛି। ଅକ୍ଟୋବର ୧୯, ୨୦୧୮ରେ ତେଲଙ୍ଗାନାର ସୂଚନା ପ୍ରଯୁକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ବିଭାଗର ପ୍ରମୁଖ ସଚିବ ଜୟେଶ ରଞ୍ଜନ ତାଙ୍କ ପ୍ରତିପକ୍ଷ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଅଜୟ ପ୍ରକାଶ ସାହନୀଙ୍କୁ କହିଛନ୍ତି ଯେ, ତେଲଙ୍ଗାନା ଏପରି ଏକ ବ୍ୟବସ୍ଥା ଲାଗୁ କରିସାରିଛି। ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟର ୩୦ ନିୟୁତ ବାସିନ୍ଦାଙ୍କୁ ଟ୍ରାକ୍ କରାଯାଇପାରୁଛି ଏବଂ କେନ୍ଦ୍ର ସରକାର ୧୩୦ କୋଟି ଲୋକଙ୍କୁ ଟ୍ରାକ୍ କରିବା ପାଇଁ ଏହାକୁ ଏକ ସିଷ୍ଟମ୍‌ରେ ପରିଣତ କରିବାକୁ ଯାଉଥିବାରୁ ତେଲଙ୍ଗାନା ଏଥିରେ ତାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ।

ସୁପ୍ରିମ୍‌କୋର୍ଟ ଆଧାରର ସାମ୍ବିଧାନିକ ବୈଧତାକୁ ସମର୍ଥନ କରିବା ସହ ନାଗରିକଙ୍କ ଗୋପନୀୟତାକୁ ଉଲ୍ଲଂଘନ ନ କରିବା ପାଇଁ କହିବାର ତିନିସପ୍ତାହ ପରେ ତେଲଙ୍ଗାନା ଏହି ପ୍ରସ୍ତାବ ଦେଇଥିଲା। ରଞ୍ଜନ ତାଙ୍କ ଇମେଲରେ ଲେଖିଛନ୍ତି ଯେ, ଆଧାର ଉପରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସମାଧାନ ଖୋଜିବା ଆବଶ୍ୟକ ପଡ଼ିଲା, ଯାହାଦ୍ୱାରା ଆଧାର ବିନା ଉକ୍ତ ୩୬୦-ଡିଗ୍ରୀ ଟ୍ରାକ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇପାରିବ। ପ୍ରାୟ ଅଢ଼େଇ ବର୍ଷ ପୂର୍ବେ ତେଲଙ୍ଗାନା ସମଗ୍ରମ୍ ବା ସମଗ୍ର ବେଦିକା ନାମକ ଏକ ପ୍ରକଳ୍ପ ଆରମ୍ଭ କରିଥିଲା, ଯାହା ବହୁବିଧ ପ୍ରଶାସନିକ ଉଦ୍ଦେଶ୍ୟ ପୂରଣ କରୁଥିବା ବିଭିନ୍ନ ରେକର୍ଡ ଲିଙ୍କେଜ୍ ବିଶିଷ୍ଟ ଏକ ବୃହତ୍ ଡାଟାବେସ୍। ରଞ୍ଜନ ତାଙ୍କ ଇମେଲରେ ଲେଖିଛନ୍ତି, ଏହି ସମାଧାନ ଉପାୟ ଅନ୍ୟ ରାଜ୍ୟ ତଥା ଭାରତ ସରକାରଙ୍କ ବିଭିନ୍ନ ବିଭାଗକୁ ପ୍ରଦାନ କରିପାରିଲେ ତେଲଙ୍ଗାନା ବହୁତ ଖୁସି ହେବ। ଏ ବିଷୟରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ ପାଇଁ ଦିଲ୍ଲୀ ଆସିବାକୁ ସେ ପ୍ରସ୍ତାବ ଦେଇଥିଲେ।

ସମଗ୍ରମ୍ ନାମକ ତେଲଙ୍ଗାନା ପ୍ରୟୋଗ ମୋଦି ସରକାରଙ୍କ ଉଚ୍ଚାଭିଳାଷୀ ତଥା ବିବାଦୀୟ ସାମାଜିକ ରେଜିଷ୍ଟ୍ରି ପାଇଁ ଏକ କାର୍ଯ୍ୟକାରୀ ଆଦିରୂପ- ଏହା ପ୍ରମାଣ କରେ ଯେ ବିରାଟ ଡାଟାବେସ୍‌କୁ ନେଇ ଦେଶର ନାଗରିକଙ୍କ ଉପରେ ନଜରଦାରି କରିବା କୌଣସି ସୁଖସ୍ୱପ୍ନ ନୁହେଁ, ବରଂ ଏକ ଚିନ୍ତାଜନକ ବାସ୍ତବତା। ସାମାଜିକ ରେଜିଷ୍ଟ୍ରି ଯେପରି ୨୦୧୧ରେ ପ୍ରଥମେ ପରିଚାଳିତ ସାମାଜିକ-ଅର୍ଥନୈତିକ ଜାତି ଗଣନା (ଏସ୍‌ଇସିସି) ଉପରେ ନିର୍ମିତ ହେବାକୁ ଯାଉଛି; ସମଗ୍ରମ୍ ସେହିପରି ସମଗ୍ର କୁଟୁମ୍ବ ସର୍ଭେ ଉପରେ ଭିତ୍ତିକରି ନିର୍ମିତ ହୋଇଛି, ଯାହା ଇଣ୍ଟିଗ୍ରେଟେଡ୍ ହାଉସ୍‌ହୋଲ୍‌ଡ ସର୍ଭେ ଭାବରେ ମଧ୍ୟ ଜଣାଶୁଣା। ତାହା ତେଲଙ୍ଗାନା ସରକାରଙ୍କ ଦ୍ୱାରା ୨୦୧୪ରେ ରାଜ୍ୟର ପ୍ରତ୍ୟେକ ବାସିନ୍ଦାଙ୍କ ଜନସାଂଖ୍ୟିକ ତଥା ସାମାଜିକ-ଅର୍ଥନୈତିକ ତଥ୍ୟ ସଂଗ୍ରହ ପାଇଁ କରାଯାଇଥିଲା।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ତଥା ପ୍ରସ୍ତାବିତ ସୋସିଆଲ ରେଜିଷ୍ଟ୍ରିର ଅନ୍ୟତମ ସ୍ଥପତି ମନୋରଞ୍ଜନ କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସୋସିଆଲ ରେଜିଷ୍ଟ୍ରିର ଅପବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୁମାର କହିଛନ୍ତି, ଏହାର ଚାରିପାଖରେ ଥିବା ଅନ୍ୟାନ୍ୟ ବ୍ୟବସ୍ଥାରେ ସଂସ୍କାର ନ ହେବା ପର୍ଯ୍ୟନ୍ତ ସେ ଏହାକୁ କାର୍ଯ୍ୟକାରୀ କରିବେ ନାହିଁ। ସରକାର ଡାଟା ସୁରକ୍ଷାକୁ ସୁଦୃଢ଼ କରନ୍ତୁ। କୋର୍ଟଗୁଡ଼ିକର କ୍ଷମତା ବୃଦ୍ଧି କରନ୍ତୁ। ତା'ପରେ ଏହି ବ୍ୟବସ୍ଥାର ଉପଯୋଗ କରିବାରେ ଅସୁବିଧା ନାହିଁ। ନଚେତ୍ ଏହା ରାଜ୍ୟ ଦ୍ୱାରା ଅପବ୍ୟବହାର ହୋଇପାରିବ।

ହାଇଦ୍ରାବାଦରେ ଥିବା ଏକ ଦୁଇ ମହଲା କାର୍ଯ୍ୟାଳୟରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏକ ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ତାଙ୍କ ପିତାଙ୍କ ନାମ ଟାଇପ କରିଥିଲେ। କେଇ ସେକେଣ୍ଡ ଭିତରେ ତାଙ୍କ ନାମ ସହିତ ସଂଯୁକ୍ତ ୧୨ଟି ରେକର୍ଡ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଗଲା- ଠିକଣା, ଫୋନ ନମ୍ବର, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ପରୀକ୍ଷା ବିବରଣୀ, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ସୂଚନା ଏବଂ ଯାନ ମାଲିକାନା ବିବରଣୀ ଇତ୍ୟାଦି। ସେ ବହୁତ ଧନୀ। ତାଙ୍କ ପାଖରେ ଚାରିଟି ଗାଡି ଅଛି ବୋଲି ଅଧିକାରୀ ଜଣକ କହିଛନ୍ତି। କେବଳ ଜଣକର ଫୋନ୍ ନମ୍ବର ଦେଇଦେଲେ ସେଥିରୁ ସବୁ ତଥ୍ୟ ଜଣାପଡ଼ିଯିବ। ମାଉସ୍‌ର ଆଉ ଦୁଇଟି କ୍ଲିକ୍, ତା'ପରେ ଅଧିକାରୀ ତାଙ୍କ ସହିତ ସଂଯୁକ୍ତ ସମସ୍ତଙ୍କ ନାମ ସହିତ ସେମାନଙ୍କର ସମସ୍ତ ସମ୍ପର୍କର ଚିତ୍ର ଉପସ୍ଥାପନା କରିପାରିବେ।

ଅଧିକାରୀ ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସମଗ୍ର ସିଷ୍ଟମ୍ ପାଞ୍ଚ ପ୍ରକାରର ସମ୍ପର୍କକୁ ମ୍ୟାପିଂ କରେ: ପିତାମାତା, ପିଲା, ଭାଇଭଉଣୀ, ପତି-ପତ୍ନୀ ଏବଂ ଅନ୍ୟାନ୍ୟ ଅବଶିଷ୍ଟ ସମ୍ପର୍କ ଯେପରିକି ସମାନ ଠିକଣାରେ ରହୁଥିବା ଲୋକ, ସମାନ ଫୋନ୍ ନମ୍ବର କିମ୍ବା ଇମେଲ ଆଇଡି ବ୍ୟବହାର କରୁଥିବା ଲୋକ ଇତ୍ୟାଦି। ଯଦି ଆପଣ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ଉପରେ କ୍ଲିକ କରିବେ, ସେମାନଙ୍କ ବିଷୟରେ ଆହୁରି ଅନେକ ତଥ୍ୟ ଜଣାପଡ଼ିବ। ଶେଷ ପାହାଚରେ ପହଞ୍ଚିବା ପର୍ଯ୍ୟନ୍ତ ଆପଣ ଖୋଳତାଡ଼ ଜାରି ରଖିପାରିବେ ବୋଲି ଅଧିକାରୀ କହିଛନ୍ତି।

ଅଧିକାରୀ କହିଛନ୍ତି ଯେ, ସମଗ୍ରମ୍ ପ୍ରୟୋଗର ସମ୍ପର୍କ-ନେଟ୍‌ୱାର୍କ ବୈଶିଷ୍ଟ୍ୟ କେବଳ ଆଇନ ଏବଂ ଆଦେଶ କାର୍ଯ୍ୟକାରୀ କରୁଥିବା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ପାଇଁ ଉପଲବ୍ଧ। ଅନେକ ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଅନୁରୂପ ଡାଟାବେସ୍ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକାରର ନେଟ୍‌ୱାର୍କ ତିଆରି କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍, ଆୟକର ବିଭାଗ, ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସ ଗ୍ରୀଡ୍ ପ୍ରଭୃତି ସମସ୍ତ ଆଇନ ପ୍ରବର୍ତ୍ତନ ଏଜେନ୍ସି ଚାହୁଁଛନ୍ତି। ସେମାନେ ନିଜ ନିଜ ସ୍ତରରେ ଅଛନ୍ତି। କିନ୍ତୁ ତେଲଙ୍ଗାନା ପରି ଏଭଳି ଉନ୍ନତ ସ୍ତରରେ କେହି ପହଞ୍ଚି ନାହାନ୍ତି ବୋଲି ଅଧିକାରୀ କହିଛନ୍ତି।

ଯେହେତୁ ଆମେ ସମସ୍ତେ ସଚେତନ, ଆମ ସମସ୍ତଙ୍କର ଡିଜିଟାଲ ଫୁଟ୍‌ପ୍ରିଣ୍ଟ ଅଛି। ଯେତେବେଳେ ଆମେ ଏକ କାରବାର କରୁ ଯେଉଁଠାରେ ରେକର୍ଡ ରକ୍ଷଣାବେକ୍ଷଣ ଆବଶ୍ୟକ ହୁଏ, ସେତେବେଳେ ଆମେ ଏକ ଡିଜିଟାଲ ପାଦଚିହ୍ନ ଛାଡିଥାଉ ବୋଲି ଜୁଲାଇ ୨୦୧୯ରେ ତେଲଙ୍ଗାନା ଆଇଟି ବିଭାଗର ପ୍ରିନ୍ସିପାଲ ରଞ୍ଜନ କହିଛନ୍ତି। ଯଦି ଆପଣ ମୋତେ ଜଣଙ୍କର ନାମ କହିବେ ତେବେ ମୁଁ ତାଙ୍କର ସମ୍ପୂର୍ଣ୍ଣ ଡିଜିଟାଲ ପାଦଚିହ୍ନ ପ୍ରାୟ ୯୬% ସଠିକତା ପର୍ଯ୍ୟନ୍ତ ଦେଇ ପାରିବି ବୋଲି ସେ କହିଛନ୍ତି। ରଞ୍ଜନ ତାଙ୍କ ସାର୍ବଜନୀନ ଭାଷଣରେ କହିଛନ୍ତି, ତେଲଙ୍ଗାନା ସରକାର ରାଜ୍ୟରେ ପ୍ରତ୍ୟେକ ବାସିନ୍ଦାଙ୍କ ବିସ୍ତୃତ ଡିଜିଟାଲ ପ୍ରୋଫାଇଲ ନିର୍ମାଣ ପାଇଁ ୩୦ଟି ବିଭିନ୍ନ ସରକାରୀ ଡାଟାବେସ୍‌କୁ ଏକତ୍ର କରି ଏହି ସିଷ୍ଟମ୍ ନିର୍ମାଣ କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଆପଣ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲନ୍ତି, ତେବେ ବ୍ୟାଙ୍କ ଡାଟାବେସ୍ ଆପଣଙ୍କୁ ରେକର୍ଡ କରେ। ଯଦି ଆପଣ ଏକ ମୋବାଇଲ ଫୋନ୍, ଏକ ସିମ୍‌କାର୍ଡ କିଣନ୍ତି, ତେବେ ଅପରେଟରଙ୍କ ଡାଟାବେସ୍ ଆପଣଙ୍କୁ ରେକର୍ଡ କରେ। ଭୋଟର ତାଲିକାରେ ଆପଣଙ୍କ ରେକର୍ଡ ତ ରହିବ। ଯଦି ଆପଣ ସମ୍ପତ୍ତି କର ଦେଉଛନ୍ତି, ତେବେ ଆପଣ ସମ୍ପତ୍ତି କର ତାଲିକାରେ ରେକର୍ଡ ହେବେ। ଯଦି ଆପଣଙ୍କର କୌଣସି ବାଣିଜ୍ୟିକ କାରବାର ଚାଲିଛି ବା ଧରାଯାଉ ଆପଣ ଜିଏସ୍‌ଟି ଦେଉଛନ୍ତି ତେବେ ଆପଣ ସେଠାରେ ଜିଏସ୍‌ଟି ଡାଟାବେସ୍‌ରେ ରହିବେ। ଆମର ପ୍ରତ୍ୟେକଟି ତଥ୍ୟ ଏକାଧିକ ଡାଟାବେସ୍‌ରେ ଅଛି ଯାହା ଆମର ଡିଜିଟାଲ ପ୍ରୋଫାଇଲ ଗଠନ କରେ।

ସମଗ୍ରମ୍ ସିଷ୍ଟମ୍ ଜଣେ ବ୍ୟକ୍ତିର ନାମ ଓ ଠିକଣାକୁ ବ୍ୟବହାର କରି ତାଙ୍କର ବ୍ୟକ୍ତିଗତ ଡିଜିଟାଲ ପ୍ରୋଫାଇଲ ସୃଷ୍ଟି କରିପାରିବ। ଫୋନ୍ ନମ୍ବର ପରି ଅତିରିକ୍ତ ବିବରଣୀ ଯୋଡିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ଏହାକୁ ଅଧିକ ନିର୍ଭୁଲ୍ କରିଥାଏ। ପ୍ରଶାସନକୁ ସୁଦୃଢ଼ କରିବା ଓ ସେଥିରେ ଉନ୍ନତି ଆଣିବା ଆଳରେ ରାଜ୍ୟ ସରକାରୀ କର୍ମଚାରୀମାନେ ଏହି ସ୍ତରର ନଜରଦାରିକୁ ଯଥାର୍ଥ ବୋଲି କହିଛନ୍ତି। ପ୍ରକୃତ ଯୋଗ୍ୟ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ମିଳୁନାହିଁ। ଗରିବଙ୍କ ସୁବିଧା ଧନୀମାନେ ମାରିନେଉଛନ୍ତି। ତେଣୁ ଶାସନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବିଭାଗରେ ଉପଲବ୍ଧ ତଥ୍ୟ ଆଣିବା ପାଇଁ ସମଗ୍ରମ୍ ବା ସମଗ୍ର ବେଦିକା ନାମକ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଗଲା ବୋଲି ଇଲେକ୍‌ଟ୍ରୋନିକ୍ସ ସର୍ଭିସ୍ ଡେଲିଭରି କମିଶନର ଜି.ଟି. ଭେଙ୍କଟେଶ୍ୱର ରାଓ କହିଛନ୍ତି। ଏହି ସିଷ୍ଟମ ଆଧାର ବ୍ୟବହାର କରୁନାହିଁ ବୋଲି ରାଓ କହିଛନ୍ତି। ଅର୍ଥାତ୍ ତାଙ୍କ ମତରେ ସେପ୍ଟେମ୍ବର ୨୦୧୯ରେ ସୁପ୍ରିମ୍‌କୋର୍ଟ ଆଧାର ବ୍ୟବହାର ସମ୍ପର୍କରେ ଦେଇଥିବା ବିଚାରର ଏହା ଉଲ୍ଲଂଘନ କରୁନାହିଁ। ରାଓ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟ ଆଇନସଂଗତ ଉଦ୍ଦେଶ୍ୟରେ ଗୋପନୀୟତାର ବ୍ୟବହାର କରାଯାଇପାରିବ ବୋଲି ଦର୍ଶାଇଛନ୍ତି ଏବଂ ସେହି ଉଦ୍ଦେଶ୍ୟଗୁଡ଼ିକ ହେଉଛି ରାଜ୍ୟର ରାଜସ୍ୱ ସଂରକ୍ଷଣ, ସାମାଜିକ କଲ୍ୟାଣକାରୀ ସୁବିଧା ପ୍ରଦାନ, ଜାତୀୟ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା, ଅପରାଧ ରୋକିବା ଇତ୍ୟାଦି। ଆଲୋଚିତ ସମଗ୍ର ବେଦିକାର ଉଦ୍ଦେଶ୍ୟ ରାଜ୍ୟର ଏହି ଆଇନସଂଗତ ଉଦ୍ଦେଶ୍ୟ ଅଧୀନରେ ରହିଛି। ରାଓ କହିଛନ୍ତି ଯେ ଏଭଳି ପ୍ରୋଫାଇଲ ସୃଷ୍ଟି କରିବା ପାଇଁ ନାଗରିକଙ୍କ ସହମତି ଲୋଡିବାର କୌଣସି ଆବଶ୍ୟକତା ନାହିଁ କାରଣ ସମଗ୍ରମ୍ ନାଗରିକଙ୍କଠାରୁ ନୂତନ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ କରୁନାହିଁ – ବରଂ ଏହି ବ୍ୟବସ୍ଥା ସେହିସବୁ ତଥ୍ୟ ସଂଗ୍ରହ କରିଛି ଯାହା ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ପୂର୍ବରୁ ସଂଗୃହୀତ ହୋଇସାରିଛି। ରାଓ ଦାବି କରିଛନ୍ତି ଯେ, ଏଥିରେ ଅନେକ ସୁରକ୍ଷା ବ୍ୟବସ୍ଥା ରହିଛି ଏବଂ ଡାଟାବେସ୍‌ରେ ପ୍ରବେଶ କେବଳ ସରକାରୀ ବରିଷ୍ଠ ଅଧିକାରୀଙ୍କ ପାଇଁ ସୀମିତ ରହିଛି। ତେବେ ଗୋପନୀୟତା ବିଶେଷଜ୍ଞମାନେ ରାଓଙ୍କ ସହ ସହମତ ନୁହନ୍ତି।। (ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

ସହ-ପ୍ରତିଷ୍ଠାତା, ଲ୍ୟାଣ୍ଡ କଣ୍ଟ୍ରୋଲ ୱାଚ୍, ନୂଆଦିଲ୍ଲୀ,
kumarsambhav.08@gmail.com

# ସଭିଙ୍କ ପାଇଁ ଶୁଦ୍ଧଜଳ



ବିଭୁପ୍ରସାଦ ମହାପାତ୍ର

"Water is life's matter and matrix, mother and medium. There is no life without water." ଜଳ ହେଉଛି ଜୀବନର ଜନନୀ ଓ ଆଧାର, ମାତା ଓ ମାଧ୍ୟମ। ଜଳ ବିନା ଜୀବନ ଅସମ୍ଭବ। ଭିଟାମିନ୍-ସି, ଫ୍ୟୁମାରିକ୍ ଅମ୍ଳ ତଥା ଜୈବିକ ଜାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୯୩୭ ମସିହାର ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ହଙ୍ଗେରୀର ଆଲବର୍ଟ ସେଣ୍ଟ-ଜ୍ୟୋର୍ଜି ଭନ୍ ନାଗିରାପୋଲ୍‌ଟ (୧୮୯୩-୧୯୮୬) ଉପରୋକ୍ତ ଯୁକ୍ତିସଙ୍ଗତ ଉକ୍ତିଟିକୁ କହିଥିଲେ। 'ଜଳ ହିଁ ଜୀବନ', 'ଜଳ ବିନା ଜୀବନ ଅସମ୍ଭବ', 'ଜଳ ଆମର ସବୁଠାରୁ ମୂଲ୍ୟବାନ ସମ୍ପଦ', 'ଜଳ ହାନି ଅର୍ଥ ଜୀବନ ହାନି'- ଆଦି ଖଣ୍ଡବାକ୍ୟର ବହୁଳ ପ୍ରଚାର ଓ ପ୍ରୟୋଗ ସର୍ବତ୍ର ଦୃଷ୍ଟିଗୋଚର ହୁଏ। ଓଡ଼ିଆ ବର୍ଣ୍ଣମାଳା ସହ ପରିଚିତ ହେବା ପରେ ଶିଶୁଟିଏ ଯେତେବେଳେ ଭକ୍ତ କବି ମଧୁସୂଦନ ରାଓଙ୍କର ଓଡ଼ିଆ ବର୍ଣ୍ଣବୋଧ ପାଠ କରୁଥିଲା ସେଥିରେ ସେ ପଢୁଥିଲା- 'ପଇସା ନେବ ଗଣି, ପାଣି ପିଇବ ଛାଣି'।

ତେବେ ଜଳସଙ୍କଟ ପାଇଁ ପ୍ରମୁଖ କାରଣ ଭାବେ ଆମ ନିକଟରେ ଉଭା ହୋଇଛି ବର୍ଦ୍ଧିଷ୍ଣୁ ଜନସଂଖ୍ୟା। ୧୮୦୦ ମସିହାରେ ୧୦୦ କୋଟି ଛୁଇଁଥିବା ସମଗ୍ର ବିଶ୍ୱ ଜନସଂଖ୍ୟା ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ୫୦୦ କୋଟି ଏବଂ ୨୦୧୧ ମସିହା ଅକ୍ଟୋବର ୩୧ ତାରିଖରେ ୭୦୦ କୋଟିରେ ପହଞ୍ଚି ଥିଲା। ମାର୍ଚ୍ଚ ୨୦୧୯ ସୁଦ୍ଧା ସମୁଦାୟ ଜନସଂଖ୍ୟା ୭୭୦ କୋଟି ହେଲାଣି। ଗୁଣୋତ୍ତର ପ୍ରଗତିରେ ବୃଦ୍ଧି ପାଉଥିବା ଜନସମୁଦାୟଙ୍କର ଆବଶ୍ୟକତାକୁ ଜଳ ନିଅଣ୍ଟ ପଡିଲାଣି। ପୃଥିବୀପୃଷ୍ଠର ଶତକଡା ୭୧ ଭାଗ ଜଳଭାଗ ଦ୍ୱାରା ପରିବେଷ୍ଟିତ। ଅଥଚ ସମୁଦାୟ ଜଳଭାଗର ମାତ୍ର ୧ ଶତାଂଶ ମଧୁର ଜଳ ତଥା ବ୍ୟବହାର ଉପଯୋଗୀ। ପୁଣି ମଧୁର ଜଳର ୭୦ ଶତାଂଶ ଚାଷଜମିରେ ଜଳସେଚନ ନିମିତ୍ତ ବ୍ୟୟ ହୋଇଥାଏ। ୧୯୯୫ ମସିହାରେ ୨୫୦ ନିୟୁତ ହେକ୍ଟର ଜମିରେ ଜଳସେଚନ କରାଯାଉଥିଲା। ଜନସମୁଦାୟଙ୍କୁ ଖାଦ୍ୟ ପାନୀୟ, ବସନଭୂଷଣ ଯୋଗାଇବା ନିମନ୍ତେ କଳକାରଖାନାର ବୃଦ୍ଧି ଘଟୁଛି। ସେଗୁଡିକରୁ ନିର୍ଗତ ବିଷାକ୍ତ ରାସାୟନିକ ଦ୍ରବ୍ୟମିଶା ପାଣି ଜଳାଶୟରେ ମିଶିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ନିକଟ ଅତୀତରେ ରାଷ୍ଟ୍ରୀୟ ସବୁଜ ଟ୍ରିବ୍ୟୁନାଲର ନ୍ୟାୟିକ ସଦସ୍ୟଦ୍ୱୟ ରାଘବେନ୍ଦ୍ର ସିଂହ ରାଠୋର୍ ଓ ସତ୍ୟବାନ ସିଂହ ଏକ ପିଟିଶନର ଶୁଣାଣି କରି ଲୁଣି ନଦୀର ପ୍ରଦୂଷଣର କ୍ଷତିପୂରଣ ଭରଣା ନିମନ୍ତେ ୩୦ କୋଟି ଟଙ୍କା ମାସକ ଭିତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦେବା ନିମନ୍ତେ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଲୋତ୍ରା, ବିଥୁଜା ଏବଂ ଜାସୋଲ୍‌ରେ ଥିବା ବୟନ ଶିଳ୍ପଗୁଡିକ ପ୍ରଦୂଷଣ ପାଇଁ ଦାୟୀ ଥିବାରୁ କ୍ଷତିପୂରଣ ପରିମାଣ ସେମାନଙ୍କଠାରୁ ଅସୁଲ କରାଯିବ। କେବଳ ଲୁଣି ନଦୀ ନୁହେଁ, ବଣାସ ଓ ବାନ୍ଦି ପରି ନଦୀ ମଧ୍ୟ ପ୍ରଦୂଷିତ ଜଳରେ ଭରପୂର। ସେପଟେ ଭୂଗର୍ଭରେ ସଞ୍ଚିତ ଜଳର ଯଥେଚ୍ଛ ବ୍ୟବହାର ଫଳରେ ଜଳପତ୍ତନର ହ୍ରାସ ଦିନକୁ ଦିନ ଘଟିଚାଲିଛି। ଜଳର ପରିମାଣରେ ବହୁ ଅନିୟମିତତା ଦେଖାଦେଇଛି। ଆଗାମୀ କେଇ ବର୍ଷରେ ଏଥିରୁ ଅନେକ ଶୁଷ୍କ ହୋଇଯିବାର ଆଶଙ୍କା ଉପୁଜୁଛି। ଏହାଦ୍ୱାରା ଆମ ଦେଶର ପ୍ରାୟ ୫୦ କୋଟି ଲୋକ ପ୍ରଭାବିତ ହେବେ।

### ମାର୍ଚ୍ଚ ୨୨ ବିଶ୍ୱ ଜଳଦିବସ ଉପଲକ୍ଷେ

ଜୀବ ଶରୀରର ୬୦ରୁ ୯୮ ଭାଗ କେବଳ ଜଳ। ସମସ୍ତ ଜୈବିକ କ୍ରିୟା, ପ୍ରକ୍ରିୟା ଓ ପ୍ରତିକ୍ରିୟା ନିମନ୍ତେ ତଥା ଜୀବ ଶରୀରର ସ୍ଥିତିସାମ୍ୟ ବଜାୟ ରଖିବାରେ ଜଳର ଭୂମିକା ଅନସ୍ୱୀକାର୍ଯ୍ୟ। ସେଥିନିମନ୍ତେ ବୋଧହୁଏ ପୃଥିବୀର ପ୍ରଥମ ଜୀବ 'ଫାଇଟୋ ପ୍ଲାଙ୍କଟନ୍' ଜଳରୁ ହିଁ ଉଦ୍ଭବ ବୋଲି ଅନୁମେୟ। ଅବତାରବାଦର ପ୍ରଥମ ଦୁଇଟି ଅବତାର (ମତ୍ସ୍ୟ ଓ କଚ୍ଛପ) ମଧ୍ୟ ଜଳରୁ ସୃଷ୍ଟି। ଜୀବର ଅନେକ ବୈଶିଷ୍ଟ୍ୟ ଭାବରେ ଯଦି ଚୟ ଅପଚୟକୁ (metabolism) ମୁଖ୍ୟ ଓ ମୌଳିକ ବୋଲି ଧରାଯାଏ, ତେବେ ସେହି ପ୍ରକ୍ରିୟାରେ ନିହିତ ପ୍ରାୟ ସମସ୍ତ କାର୍ଯ୍ୟ ନିମନ୍ତେ ଜଳ ହିଁ ଅନିବାର୍ଯ୍ୟ। ଫରାସୀ ବୈଜ୍ଞାନିକ ଜାକ୍ କୁଷ୍ଟୋ (୧୯୧୦-୧୯୯୭) ଏକଦା କହିଥିଲେ- 'ଜଳଚକ୍ର ଓ ଜୀବନଚକ୍ର ସମାନ'। (The water cycle and life cycle are same.)

ଜଳର ଉପକାରିତା ଓ ଉପଯୋଗିତାକୁ ହୃଦୟଙ୍ଗମ କରି ମିଳିତ ଜାତିସଂଘ ତରଫରୁ ୧୯୯୩ ମସିହାରୁ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ରୂପେ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ କିଛି ଥିମ୍ ରହିବା ପରି ଚଳିତବର୍ଷର ବିଷୟବସ୍ତୁ- 'ଜଳ ଏବଂ ଜଳବାୟୁ ପରିବର୍ତ୍ତନ'। ଜଳ ଓ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ଯେଉଁ ଅତୁଟ ସମ୍ବନ୍ଧ ରହିଛି, ସେହି ସମ୍ପର୍କକୁ ବିଷୟବସ୍ତୁଟି ଦର୍ଶାଇଥାଏ।

ଭୋଗଡା, ଖୋର୍ଦ୍ଧା, ମୋ-୭୦୦୮୦୫୩୫୯୭

### ଏଇ ଭାରତରେ

ଜଣେ ମହିଳା ଚାଷୀ ୧୦ ହଜାର ମହିଳାଙ୍କୁ ସଶକ୍ତ କରିବା କିଛି କମ୍ କଥା ନୁହେଁ। ଏମିତି ଜଣେ ମହିଳା ହେଉଛନ୍ତି ବିହାରର ମୁଙ୍ଗେର ଜିଲା ତିତିବମ୍ବର ବ୍ଲକ୍ ଅନ୍ତର୍ଗତ ଧାଉରି ଗାଁର ବୀଣା ଦେବୀ। ସେ ମୁଙ୍ଗେର କୃଷି ବିଜ୍ଞାନ କେନ୍ଦ୍ରରୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଲାଭ କରି ୨୦୧୩ରେ ପ୍ରଥମେ ଏହି ଚାଷ ଆରମ୍ଭ କରିଥିଲେ। ତାଙ୍କ ପରିବାରରେ କେବଳ ପୁରୁଷମାନେ ଚାଷ କରିବାର ପରମ୍ପରା ରହିଥିବାବେଳେ ବୀଣା ତାକୁ ଭାଙ୍ଗି ଛତୁ ଚାଷ କରିଥିଲେ। ପ୍ରଥମେ ଦୈନିକ ୧ କିଲୋ ଛତୁ ଉତ୍ପାଦନ କରୁଥିଲେ। ପରେ ଏହାକୁ ବଢାଇବାରେ ସକ୍ଷମ ହୋଇଥିଲେ। କେବଳ ଚାଷକରୁ ନ ଥିଲେ ବରଂ ଛତୁ ନେଇ ହାଟକୁ ବିକ୍ରି କରିବା ପାଇଁ ଯାଉଥିଲେ। ଏଭଳି କାର୍ଯ୍ୟ ଅଞ୍ଚଳର ସମସ୍ତ ମହିଳାଙ୍କ ପକ୍ଷରେ ସମ୍ଭବ ନ ଥିଲା। କିନ୍ତୁ ତାଙ୍କ ପ୍ରେରଣାରେ ଏବେ ସବୁ ମହିଳାମାନଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କହନ୍ତି ୪୩ ବର୍ଷୀୟା ବୀଣା। ସେ ଏବେ ୫ଟି ବ୍ଲକ୍‌ର ପାଖାପାଖି ୧୦୫ଟି ଗାଁରେ ୧୦,୦୦୦ ମହିଳାଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଛନ୍ତି। ତାଙ୍କୁ ବିହାରର 'ମସ୍‌ରୁମ ଲେଡି' ବୋଲି କୁହାଯାଉଛି। ତାଙ୍କଠାରୁ ପ୍ରଶିକ୍ଷଣ ପାଇ ଏବେ ୧,୫୦୦ ମହିଳା ଛତୁ ସହ ଅନ୍ୟ ଚାଷ କରୁଛନ୍ତି। ଗୋମୂତ୍ର ଓ ଗୋବରରୁ ବୀଣା ଜୈବିକ ଖତ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ୭୦୦ ମହିଳାମାନଙ୍କୁ ମୋବାଇଲ ବ୍ୟବହାର ସମ୍ପର୍କରେ ବି ଶିକ୍ଷା ଦେଇ ଟାଟା ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

### ଚିରନ୍ତନୀ

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା-ଅଙ୍ଗେ ମୋ' ଢାଳିବ ନବୀନ
କ୍ଳାନ୍ତି-ହର ତା' ବାଣୀ।
ମୃତ୍ୟୁ ଅଙ୍କେ ତେଜି ଭୟ ଲଜ୍ଜା
ପାତିବ ସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ସେ ମୋ କକ୍ଷେ ଜାଳିବ ପୀରତି ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ ପ୍ରୌଢ଼େ ହୃଦୟରାଣୀ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବରେ ବାଲୁଙ୍ଗା ବଛା

ମହାଶୟ,

ଗଞ୍ଜାମ ଜିଲାପାଳ ଦକ୍ଷତା ବିହୀନ ୫ ଜଣ ସରକାରୀ କର୍ମଚାରୀଙ୍କୁ ପ୍ରାକ୍ ଅବସର ଦେବା ପାଇଁ ୩ ମାସିଆ ନୋଟିସ ଜାରି କରିବାର ଖବର ପ୍ରକାଶ ପାଇଛି। ଚାକିରିକାଳ ମଧ୍ୟରେ ଏପରି କର୍ମଚାରୀଙ୍କ ଦକ୍ଷତା କାହିଁକି ଯାଞ୍ଚ କରାଗଲା ନାହିଁ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ସରକାର କିପରି ଏପରି ନିକମା କର୍ମଚାରୀଙ୍କୁ ଏତେକାଳ ଚାକିରି କରିବାକୁ ସୁଯୋଗ ଦେଇ ଏବେ କେଉଁ ମାପକାଠିରେ ଦକ୍ଷତା ମାପୁଛନ୍ତି ବୁଝି ହେଉନାହିଁ। ସରକାରଙ୍କ ନିୟମାନୁଯାୟୀ ୫୦ ବର୍ଷ ପରେ ସମସ୍ତ କର୍ମଚାରୀଙ୍କ ଦକ୍ଷତା ଯାଞ୍ଚ ହେବା କଥା, ତାହା କେବେ ହେଉନାହିଁ। ଏବେ ସାରା ଓଡିଶାରେ ୩୦ଟି ଜିଲା ଥିବାବେଳେ କେବଳ ଗଞ୍ଜାମ ଜିଲାରେ କାହିଁକି ୫ ଜଣଙ୍କୁ ନୋଟିସ ଲାଗିଲା ବୁଝି ହେଉନାହିଁ। ଏଥିରୁ କ'ଣ ବୁଝିବାକୁ ହେବ ଯେ ଅନ୍ୟ ସମସ୍ତ ଜିଲାର ସମସ୍ତ କର୍ମଚାରୀ ଦକ୍ଷ ! ଯଦି ନିଯୁକ୍ତି ପ୍ରକ୍ରିୟାର ଗଳାବାଟ ଦେଇ କୌଣସି ଅଯୋଗ୍ୟ ଚାକିରି କ୍ଷେତ୍ରରେ ପ୍ରବେଶ କରେ ତାଙ୍କୁ ପରବର୍ତ୍ତୀ କାଳରେ ବିଦା କରିବା ପାଇଁ ସେପରି ତତ୍ପରତା ପ୍ରକାଶ ପାଏନାହିଁ। ଏତେବର୍ଷ ଚାକିରି କରିଥିବା ଏହି ୫ ଜଣଙ୍କୁ ୩ ମାସିଆ ପ୍ରାକ୍ ଅବସର ନୋଟିସ ଦେବା ଯୁକ୍ତିଯୁକ୍ତ ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ମଧ୍ୟାହ୍ନଭୋଜନ ବନ୍ଦ କରାଯାଉ

ଯେଉଁ ଉଦ୍ଦେଶ୍ୟ ନେଇ ସରକାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲୁ କରିଥିଲେ ତାହା ସଫଳ ହୋଇନାହିଁ। ମଧ୍ୟାହ୍ନଭୋଜନ ଦ୍ୱାରା ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇ ନାହିଁ। ବରଂ ବିଭିନ୍ନ ନିମ୍ନମାନର ଖାଦ୍ୟ ଖାଇ ପିଲାଙ୍କର ଦେହ ଖରାପ ହେଉଛି। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବେଳକୁ ବେଳ କମିବାରେ ଲାଗୁଛି। ଛାତ୍ର ଅଭାବରୁ ଅନେକ ସ୍କୁଲକୁ ସରକାର ବନ୍ଦ କରିବାକୁ ବସିଲେଣି। ମଧ୍ୟାହ୍ନଭୋଜନ କାର୍ଯ୍ୟରେ ଶିକ୍ଷକମାନେ ଧନ୍ଦି ହୋଇ ଶିକ୍ଷାଦାନ ଭଳି କାର୍ଯ୍ୟକୁ ଉପେକ୍ଷା କରୁଛନ୍ତି। ଲାଭ ହେଉଛି ଏତିକି ଯେ ଏ ଖାଦ୍ୟ ଅଧିକାଂଶ ବାଟମାରଣା ହେଉଛି। ଆଉ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ନ କରି ସରକାର ଏ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ବନ୍ଦ କରନ୍ତୁ।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଖଣିଜ ଚୋରା କାରବାରରେ ଜଣେ ଗିରଫ

ଯୋଡ଼ା,୨୦।୩ (ଡି.ଏନ.ଏ.) କେନ୍ଦୁଝର ଜିଲା ଯୋଡା ଥାନା ତଥା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଏକ ଖଣିରୁ ହାଇୱା ଯୋଗେ ଲୁହାପଥର ଚୋରା କାରବାର କରାଯିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଯୋଡା ସହରସ୍ଥିତ ଟେଲିଫୋନ୍ ଏକ୍ସଚେଞ୍ଜ ନିକଟସ୍ଥ ଲୋହାରା ବସ୍ତିର ରଞ୍ଜନ ପାତ୍। ଏ ନେଇ ଯୋଡା ଥାନାରେ ଦଫା ୩୭୯, ୩୪ ଆଇପିସି ଏବଂ ୨୧ ଏମଏମଡିଆର ଆକ୍ଟ ଅନୁଯାୟୀ ଏକ ମାମଲା ( ନଂ. ୫୮/୨୦୨୦) ରୁଜୁ କରାଯାଇ ଅଭିଯୁକ୍ତ ରଞ୍ଜନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଗତ ବୁଧବାର ରାତି ପ୍ରାୟ ଦେଢଟା ସମୟରେ ଏକ ଦୁର୍ଗମ ଅଞ୍ଚଳରେ ଥିବା ବିସିଦେବ ଖଣିରୁ ଏକ ହାଇୱାରେ ଚୋରା ଲୁହାପଥର ବୋଝେଇ କରି ନିଆଯାଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଲୁହାପଥର ବୋଝେଇ ହାଇୱା ସହିତ ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲା।

### ଔଷଧ ଦୋକାନରେ ପଶିଗଲା ଡମ୍ଫର

ଜଳେଶ୍ୱର, ୨୦।୩(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥରେ ଗୁରୁବାର ମଧରାତ୍ରିରେ ଏକ ଡମ୍ଫର ଭାରସାମ୍ୟ ହରାଇ ଜଳେଶ୍ୱର ଜି.କେ. ଭଟ୍ଟର ହସ୍‌ପିଟାଲ ସମ୍ମୁଖ ରାସ୍ତାକଡ଼ ଔଷଧ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ସେଠାରେ ଥିବା ୨ଟି ଦୋକାନର ପରିବାରବର୍ଗ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ପକ୍କାଗୃହ ଭାଙ୍ଗିଯିବା ସହ ବ୍ୟାପକ କ୍ଷତି ଘଟିଛି। ଗୁରୁବାର ରାତି ଗୋଟାଏ ବେଳେ ଚନ୍ଦନେଶ୍ୱର ପଟୁ ଏକ ଡମ୍ଫର (ନଂ. ଓଡ଼ି୦୧ଡବ୍ଲୁ-୧୧୨୧) ଦ୍ରୁତ ବେଗରେ ଆସି ଜି.କେ. ଭଟ୍ଟର ହସ୍‌ପିଟାଲ ସମ୍ମୁଖ ରାସ୍ତାରେ ଥିବା ଜଳେଶ୍ୱର ଥାନାର ଏକ ବାରିକେଡ୍‌କୁ ଧକ୍କା ଦେଇଥିଲା। ଏହାସହ ଭାରସାମ୍ୟ ହରାଇ ରାସ୍ତା ତଳକୁ ଗଡ଼ିଯିବା ସହ ତପନ ବ୍ରହ୍ମଙ୍କ ଆଶୀର୍ବାଦ ମେଡ଼ିସିନ୍ ଷ୍ଟୋର ଓ ମଦନ ବ୍ରହ୍ମଙ୍କ ମା' ପାଥୋଲୋଜି ଦୋକାନକୁ ଧକ୍କା ଦେଇଥିଲା। ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପକ୍କାଘର ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ସେହି ଅଞ୍ଚଳରେ ରାତିତମାମ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ୨ଟି ଦୋକାନର ଔଷଧ ପତ୍ର ଓ ବହୁ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଓ ହେଲପର ଫେରାର ହୋଇଥିବା ଜଣାଯାଇଛି।

### ମଦ, ଗଞ୍ଜେଇ ଜବତ କଲେ ମହିଳା

ସୋର, ୨୦।୩(ଡି.ଏନ.ଏ.)-ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ ନଂ. ୱାର୍ଡ ଖଣ୍ଡାସାହି ଗ୍ରାମରେ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ନିଶା ବିରୋଧୀ ଅଭିଯାନ ବେଳେ ମଦ ସହ ଗଞ୍ଜେଇ ଜବତ କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛନ୍ତି। ମା' ମଙ୍ଗଳା, ରାଧାକ୍ରିଷ୍ଣ, ଶିନିଶ୍ୱର ଓ ମହାବୀର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଶୁକ୍ରବାର ନିଶା ବିରୋଧୀ ଅଭିଯାନରେ ବାହାରି ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ପ୍ରାୟ ୫ଶହ ଗ୍ରାମ ଗଞ୍ଜେଇ ଓ ୧୨ ଲିଟର ଚୋରା ବିଦେଶୀ ମଦ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଚୋରା ବେପାରୀ ଫେରାର ହୋଇଯାଇଛନ୍ତି।

# ବୀର ସୁରେନ୍ଦ୍ର ସାଏଙ୍କ ଅନ୍ତୁଡ଼ିଶାଳ ଅଲୋଡ଼ା

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁର ସହରଠାରୁ ପ୍ରାୟ ୪୦ କିମି ଦୂରରେ ରହିଛି ବୀର ସୁରେନ୍ଦ୍ର ସାଏଙ୍କ ଗ୍ରାମ ଖିଣ୍ଡା। ସେହି ଗାଁରେ ୧୮୦୯ ଜାନୁୟାରୀ ୨୩ରେ ଜନ୍ମ ନେଇଥିଲେ ଏହି ବୀର ପୁରୁଷ। ଶହୀଦ ତୀର୍ଥ କୁହାଯାଉଥିବା ଏହି ଗ୍ରାମରେ ସୁରେନ୍ଦ୍ର ସାଏଙ୍କ ଅନ୍ତୁଡ଼ିଶାଳ ରହିଛି। ହେଲେ ଦୀର୍ଘଦିନ ଧରି ଅତି ଦୟନୀୟ ଅବସ୍ଥାରେ ପଡିଥିବା ଏହି ଘରର ଉନ୍ନତି କଥା କେହି ଚିନ୍ତା କରିନାହାନ୍ତି। ୧୯୯୪ ମସିହାରେ ସୁରେନ୍ଦ୍ର ସାଏଙ୍କ ଜନ୍ମ ତିଥିରେ ଝାରସୁଗୁଡ଼ା ଜିଲା ୟୁଥ ହଷ୍ଟେଲ ଆସୋସିଏଶନ ପକ୍ଷରୁ ସେହି ଜନ୍ମମାଟିରେ ତାଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଥିଲା। ହେଲେ ତାହା ଏବେ ଭଗ୍ନ ଅବସ୍ଥାରେ ରହିଛି। ୨୦୦୯ ଜାନୁୟାରୀ ୨୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ସ୍ଥାନରେ ଏକ ମେମୋରିଆଲ ହଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ହଲ୍‌ର ନିର୍ମାଣ ସରିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ଭୂତକୋଠିରେ ପରିଣତ ହୋଇଛି । ରାଜ୍ୟ ରାଜପଥ କଡରେ ଏକ କମ୍ପାନୀ ପକ୍ଷରୁ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ହେଲେ କଳ,କାରଖାନା ଧୂଆଁ ଓ ଧୂଳିରେ ସେହି ପ୍ରତିମୂର୍ତ୍ତି ପୋତି ହୋଇପଡିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ନ ଥିବା ଅଭିଯୋଗ ହୋଇଛି। ସମ୍ବଲପୁର ବୀର ପୁରୁଷଙ୍କ ମାଟି। ହେଲେ ସେହି ମାଟିରେ ଜନ୍ମିତ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିପୀଠ ଯେପରି ଅଲୋଡା ହୋଇରହିଛି। ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହିଥିବା ଏହି ପ୍ରଥମ ମୁକ୍ତି ସଂଗ୍ରାମୀଙ୍କ ଜନ୍ମମାଟି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ଗ୍ରାମ ଏହାର ଏକ ଉଦାହରଣ। ଗତ ୪ ବର୍ଷ ତଳେ ରାଜ୍ୟ ସରକାର ଏହି ପୀଠକୁ ଜାତୀୟ ପର୍ଯ୍ୟଟନସ୍ଥଳ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏ ନେଇ ଏକ ରିପୋର୍ଟ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏନେଇ ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ, ଗ୍ରାମର ସ୍ଥିତି, ଗମନାଗମନ ସୁବିଧା ଓ ଅନ୍ୟାନ ଦିଗ ଉପରେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଆଖିଦୃଶିଆ କୌଣସି ଉନ୍ନତି ହୋଇପାରିନାହିଁ। କେବଳ ପାର୍କ ଓ ମରାମତି କାମ ସରିଛି। ବିଭିନ୍ନ ସମୟରେ ଏହାର ବିକାଶ, ସୁରକ୍ଷା ପାଇଁ ଦାବି ହୋଇଆସୁଛି। ଏହାକୁ ଆଖି ଆଗରେ ରଖି ଚଳିତ ବର୍ଷ ଜାନୁୟାରୀରେ ଜିଲା ପ୍ରଶାସନ ପୁଣି ଥରେ ପର୍ଯ୍ୟଟନ ବିଭାଗକୁ ଆର୍ଟିଟେକ ଯୋଗାଇ ଦେବାକୁ ଅନୁରୋଧ କରିଛି। ସର୍ଭେ ପରେ ଡିପିଆର ପ୍ରସ୍ତୁତ କଲେ ପର୍ଯ୍ୟଟନସ୍ଥଳଭାବେ ସେହି ସ୍ଥାନର ଉନ୍ନତି କରାଯିବ ବୋଲି ଜିଲାପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନ କହିଛନ୍ତି। ସଂଗ୍ରହାଳୟ, ପାର୍କ ନିର୍ମାଣ ସହିତ ଜନ୍ମସ୍ଥାନରେ ଭାଙ୍ଗି ଯାଇଥିବା ଘରର ଉନ୍ନତୀକରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ହେଲେ ଏଥିପାଇଁ ଆଉ କେତେଦିନ ସମୟ ଲାଗିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶୁଭାଶିଷ ପାଢ଼ୀ






ଖିଣ୍ଡା ଗ୍ରାମରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ଘର(ବାମ), ସ୍ମୃତି ସ୍ତମ୍ଭ।



ବୀରସୁରେନ୍ଦ୍ର ସାଏଙ୍କ ଅନ୍ତୁଡ଼ିଶାଳ।

- ପର୍ଯ୍ୟଟନସ୍ଥଳୀର ମାନ୍ୟତା ଘୋଷଣାରେ ଅଟକିଛି
- ମେମୋରିଆଲ ହଲର ରକ୍ଷଣାବେକ୍ଷଣ ଅଭାବ
- କଳକାରଖାନା ଧୂଆଁ ଓ ଧୂଳିରେ ପୋତି ହୋଇପଡ଼ିଛି ପ୍ରତିମୂର୍ତ୍ତି

### ପ୍ରଥମ ମୁକ୍ତି ସଂଗ୍ରାମ

୧୮୨୭ରେ ଇଂରେଜ ସରକାରଙ୍କ ବିରୋଧରେ ବୀର ସୁରେନ୍ଦ୍ର ସାଏ ପ୍ରଥମେ ସଂଗ୍ରାମ ଆରମ୍ଭ କରିଥିଲେ। ରାଜ୍ୟ ଓ ଆଖପାଖ ରାଜ୍ୟର ଜମିଦାରମାନଙ୍କୁ ସେ ଏଥିରେ ସାମିଲ କରିବାରେ ସମର୍ଥ ହୋଇଥିଲେ। ତାଙ୍କର ଏପରି ବିଦ୍ରୋହକୁ ଇଂରେଜ ସରକାର ବରଦାସ୍ତ କରି ନ ଥିଲେ। ଫଳରେ ୧୮୪୦ରେ ଇଂରେଜମାନଙ୍କ ଦ୍ୱାରା ସେ ବନ୍ଦୀ ହୋଇଥିଲେ। ଆବଶ୍ୟକ ବିଚାର ପ୍ରକ୍ରିୟା ପରେ ୧୮୫୭ ଜୁଲାଇରେ ତାଙ୍କୁ ମୁକ୍ତ କରାଯାଇଥିଲା।ହେଲେ ଏହାପରେ ୧୮୬୪ ପର୍ଯ୍ୟନ୍ତ ସେ ଅବିରତ ଭାବେ ଇଂରେଜଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ଜାନୁୟାରୀ ୧୮୬୪ରେ ସେ ପୁଣିଥରେ ଗିରଫ ହୋଇଥିଲେ । ତାଙ୍କ ଜୀବନକାଳର ୭୫ ବର୍ଷ ମଧ୍ୟରୁ ୩୭ ବର୍ଷ ଜେଲ ଭିତରେ କାଟିଥିଲେ। ୧୮୮୪ ଫେବୃୟାରୀ ୨୮ରେ ସେ ଅସିରଗଡ ଜେଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ନର୍ସିଂହୋମ୍‌ରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁରର ବୁର୍ଲା ଥାନା ଅଧୀନ ମେନ୍ ମାର୍କେଟରେ ଥିବା ଏକ ନର୍ସିଂହୋମରୁ ଦୀପକ ଅଗ୍ରୱାଲ(୪୦) ନାମକ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ଦୀପକଙ୍କ ପରିବାର ଲୋକେ ମୃତଦେହ ନେଇ ଯାଉଥିବା ବେଳେ ଏ ସଂକ୍ରାନ୍ତରେ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଦୀପକଙ୍କ ଶାଳକ ତଥା ବରଗଡ ଜିଲା ଭଟଲି ଗ୍ରାମର ସଞ୍ଜୟ ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯେଉଁ କୋଠରିରୁ ଦୀପକଙ୍କ ମୃତଦେହ ଜବତ କରାଯାଇଥିଲା ସେହି ସ୍ଥାନରୁ ପୋଡି ଯାଇଥିବା ବିଭିନ୍ନ ସାମଗ୍ରୀର ନମୁନା ପୋଲିସ ସଂଗ୍ରହ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶ ପରେ ଦୀପକଙ୍କ ଭାଇ ଆଲୋକ ଅଗ୍ରୱାଲ, ପ୍ରକାଶ ଅଗ୍ରୱାଲ, ଭଉଣୀ ପ୍ରୀତି ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ ଓ ମାଆ ଲଳିତା ଅଗ୍ରୱାଲଙ୍କ ନାମରେ ଏକ ହତ୍ୟା ମାମଲା(ନଂ.୧୮୪/୨୦) ରୁଜୁ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଦୀପକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। ତେଣୁ ସେ ଉନ୍ନତ ଚିକିତ୍ସା ପାଇଁ ପରିବାର ସଦସ୍ୟଙ୍କୁ ଟଙ୍କା ମାଗିଥିଲେ। ଯଦି ଟଙ୍କା ନାହିଁ ମୋ ଭାଗ ଜମି ବିକ୍ରି କରି ଟଙ୍କା ଦିଅ ବୋଲି ସେ ଅନୁରୋଧ କରିଥିଲେ। ହେଲେ ଟଙ୍କା ମାଗିଲେ ଜୀବନରେ ମାରିଦେବୁ ବୋଲି ସେମାନେ ଦୀପକ ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀଙ୍କୁ ଧମକ ଦେଇଥିଲେ। ଏହାକୁ ନେଇ ମାର୍ଚ୍ଚ ୮ରେ ବୁର୍ଲା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏହାର କିଛିଦିନ ପରେ ପରିବାର ଲୋକେ ଦୀପକଙ୍କୁ ହତ୍ୟା କରିବା ଯୋଜନା କରି ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଗୁରୁବାର ରାତି ୧୦ ଟାରେ ମୀନାକ୍ଷୀ ନର୍ସିଂହୋମରେ ଥିଲେ। ସେହି ସମୟରେ ଆଲୋକ ଓ ପ୍ରକାଶ ଆସିଥିଲେ। ତାଙ୍କ ସହ ଆଉ ୨ ଯୁବକ ଥିଲେ । ତୁମେ ଘରକୁ ଯାଅ ଆମେ ରାତିରେ ରହିବୁ ବୋଲି ସେମାନେ ମିନାକ୍ଷୀଙ୍କୁ କହିଥିଲେ। ହେଲେ ସକାଳେ ଦୀପକଙ୍କ ମୃତ୍ୟୁ ଖବର ମିନାକ୍ଷୀଙ୍କ ପାଖରେ ପହଞ୍ଚି ଥିଲା। ମିନାକ୍ଷୀ ନର୍ସିଂହୋମକୁ ପହଞ୍ଚିବା ବେଳକୁ ଦୀପକ ଯେଉଁ ପ୍ରକୋଷ୍ଠରେ ଥିଲେ ତାହା ପୋଡିଯାଇଥିଲା। ଦୀପକଙ୍କୁ କୋଠରିରୁ ବାହାର କରି ଘରକୁ ନେବା ପାଇଁ ଆଲୋକ ଓ ପ୍ରକାଶ ଅପେକ୍ଷା କରିଥିଲେ।

ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ଦୀପକଙ୍କୁ ତାଙ୍କ ଭାଇମାନେ ଜୀବନ୍ତ ଜାଳି ହତ୍ୟା କରିଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ହେଲେ ଶର୍ଟସର୍କିଟରୁ ଏହି ଦୁର୍ଘଟଣା ଘଟିଲା ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷେ ନର୍ସିଂହୋମରେ ଥିବା ଅବଶିଷ୍ଟ ରୋଗୀମାନେ କି ଭଳି ଏହା ଜାଣିପାରିଲେ ନାହିଁ କିମ୍ବା ନିଆଁ ଅନ୍ୟକୋଠରିକୁ କାହିଁକି ବ୍ୟାପିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ କାହିଁକି ସାଇରନ ବାଜିଲା ନାହିଁ । ପୋଲିସ କିମ୍ବା ଆମ ପରିବାରକୁ କାହିଁକି ଖବର ଦିଆଗଲା ନାହିଁ ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି । ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ପୋଲିସ କହିଛି, ସାଇଣ୍ଟିଫିକ ଟିମ୍ ଯାଞ୍ଚ କରୁଛି। ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଯଦି ଅଭିଯୋଗରେ ସତ୍ୟତା ଥିବ ତେବେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



ସମ୍ବଲପୁର ଏସପି ଅଫିସ ସମ୍ମୁଖରେ ସଞ୍ଜୟ ଅଗ୍ରୱାଲ ଓ ପରିଜନ ଅଭିଯୋଗ କରିବାକୁ ଆସିଛନ୍ତି।

- ହତ୍ୟା ଅଭିଯୋଗ ଆଣିଲେ ଶାଳକ
- ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଜାରି, ହତ୍ୟା ମାମଲା ରୁଜୁ



ଦୀପକ ଅଗ୍ରୱାଲ ଓ ମିନାକ୍ଷୀଙ୍କ ଫାଇଲ ଫଟୋ ।

### ବଡ଼ଭାଇଙ୍କୁ ହତ୍ୟା ଉଦ୍ୟମ

ରୂପ୍‌ସା, ୨୦।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ଶିଳଦା ଗ୍ରାମର ବଡ଼ଭାଇ ଦୟାନନ୍ଦ ଦାସଙ୍କୁ ତାଙ୍କ ସାନଭାଇ ସଦାନନ୍ଦ, ତାଙ୍କ ପତ୍ନୀ ଓ ପୁଅ ମିଶି ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବୃଦ୍ଧ ଦୟାନନ୍ଦ ସ୍ଥାନୀୟ ସ୍କୁଲ ପୋଖରୀରେ ମାଛ ଚାଷ ନିମନ୍ତେ ୩ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇଥିଲେ। ପୋଖରୀରେ ଏକ ପକ୍କା ଘାଟ ନିର୍ମାଣ ପାଇଁ ସରକାରୀ ଅର୍ଥ ଅନୁମୋଦନ ହେବାରୁ ସେ ପୋଖରୀରୁ ପାଣି ଶୁଖାଉଥିଲେ। ୧୮ ତାରିଖ ରାତିରେ ତାଙ୍କ ସାନଭାଇ ସଦାନନ୍ଦ ପାଣି ଶୁଖାଇ ମାଛ ଧରିବାକୁ ବିରୋଧ କରି ଗଣ୍ଡଗୋଳ କରିଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

2 ବର୍ଷିୟ ଓ 3 ବର୍ଷିୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ୍ ₹2000 କୋଟି ଟଙ୍କା (ଅଙ୍କିତ ମୂଲ୍ୟ) ର ପ୍ରତିଭୂମି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଂ ସମାଧାନ (ଇ-କୁବେର) ମାଧ୍ୟମରେ 23 ମାର୍ଚ୍ଚ 2020 (ସୋମବାର) ଦିନ ଆୟୋଜନ କରାଯିବ।

ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ 19 ମାର୍ଚ୍ଚ 2020 (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ୍ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ ଏସ୍‌ଏମ୍‌ଏସ୍/ ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡ଼ନ୍ତୁ ନାହିଁ।"

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 93/2019

State Bank of India, SARB, Bhubaneswar ...Applicant
Versus
Bikram Keshari Pradhan ...Defendant(s)

To,
**Bikram Keshari Pradhan**, Plot No.: 58/83 (B), Road No.: 3, Gangotree Nagar, Near Sisupalgarh, Bhubaneswar, Pin- 751002

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 93/2019** in the Court of the Debts of Recovery Tribunal, Cuttack for recovery of **Rs.45,74,219/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23.04.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 17th day of March 2020.

Sd/- (M.K. Patnaik)
REGISTRAR

# ଜଣେ ମୃତ, ୩୦ ଯାତ୍ରୀ ଆହତ

କୁଚିଣ୍ଡା, ୨୦।୩ (ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରା ଥାନା ଅଧୀନ ଗୁଣ୍ଡୁରୁଚୁଆଁ ନିକଟସ୍ଥ ଗୁଲୁଜୀପାଲି ପୋଲ ଉପରେ ଶୁକ୍ରବାର ସକାଳ ୯ଟାରେ ଏକ ଯାତ୍ରୀବାହୀ ବସ୍ ଏବଂ ଗୋଟିଏ ହାଇୱା ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ଜଣକର ମୃତ୍ୟୁ ଘଟିଥିବାବେଳେ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ମୃତକ ହେଲେ ବସରେ ଥିବା ବୈକୁଣ୍ଠ ଭଇଁଷା (୬୫)। ଫାଶିମାଲ ସିଏଚସିରେ ୨୦ଜଣ ଓ କୁଚିଣ୍ଡା ଡାକ୍ତରଖାନାରେ ୧୦ ଜଣ ଯାତ୍ରୀ ଭର୍ତ୍ତି ହୋଇଥିଲେ। ବସ୍‌ର ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସାଧୀନ ବସ୍‌ଯାତ୍ରୀ ହେଲେ ଟିକିଲିପଡା-ପାଳକୁଦର ନିକଟସ୍ଥ କାଇବେଙ୍ଗ ଗ୍ରାମର ବିରଞ୍ଚି ବାଘଙ୍କ ୧୨ ବର୍ଷର ଝିଅ ନନ୍ଦିନୀ ବାଘ, ଟିକିଲିପଡା କୁଞ୍ଜବାହାଲ ଗ୍ରାମର ବାଲେଶ୍ୱର ବାଘ, ସୁମିତ୍ରା ମାଝି (୩୫), ଜସ୍ମିନୀ ମାଝି (୧୨), କୁଚିଣ୍ଡା ଥାନା ଅଧୀନ ସୁବର୍ଣ୍ଣପାଲି ଗ୍ରାମର ଜନ୍ମା ବାଘ (୨୫), ଦିବାକର ବାଘ(୧୪), ଯମୁନା ବାଘ (୪୦), ଆଶା ବାଘ (୪୫), ବିଜୟ ବାଘ (୧୩) ।

**ପୋଲ ଉପରେ ପିଟି ହେଲା ବସ୍-ହାଇୱା**

Union Bank of India

ଛେଣ୍ଡ୍ ଶାଖା, ରାଉରକେଲା, ପ୍ରଥମ ମହଲା, ବିଏସ୍‌ଏନ୍‌ଏଲ୍ ବଜାର ଛକ, ଛେଣ୍ଡ୍, ରାଉରକେଲା, ସୁନ୍ଦରଗଡ଼
ଇ-ମେଲ୍: chhendrourkela@unionbankofindia.com
ଫୋନ୍: ୦୬୬୧-୨୪୮୨୦୩୬

**ଗାଡ଼ି ନିଲାମ ସୂଚନା**

ବ୍ୟାଙ୍କ ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ନିମ୍ନଲିଖିତ ଗାଡ଼ିକୁ **"ପରସ୍ପର ବୁଝାମଣାରେ ସଂପାଦିତ ବନ୍ଧକ ଦସ୍ତାବିଜ୍"** ଭିତ୍ତିରେ ଜବତ କରାଯାଇଛି । ଗାଡ଼ିର ନିଲାମ ତାରିଖ **୨୫.୦୩.୨୦୨୦** ଦିନ **ୟୁନିୟନ ବ୍ୟାଙ୍କ, ଛେଣ୍ଡ୍ ଶାଖା, ରାଉରକେଲା**ଠାରେ ମଧ୍ୟାହ୍ନ **୧୨ଟାରେ "ଯେଉଁଠାରେ ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ ନିଲାମ କରାଯିବ । ନିମ୍ନଲିଖିତ ଗାଡ଼ିର କ୍ରୟ ଏବଂ ସାର୍ବଜନୀନ ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଗାଡ଼ିର ନିରୀକ୍ଷଣ ଯେକୌଣସି କାର୍ଯ୍ୟ ଦିବସରେ ଶାଖା ପ୍ରବନ୍ଧକଙ୍କ ଠାରୁ ପୂର୍ବାନୁମତି ନେଇ କରିପାରିବେ । ନିଲାମ ପ୍ରକ୍ରିୟାରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ/ପକ୍ଷମାନେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ଛେଣ୍ଡ୍ ଶାଖା, ରାଉରକେଲା ସପକ୍ଷରେ ଜାରି ଡିମାଣ୍ଡ ଡ୍ରାଫ୍ଟ ଅଥବା **RTGS/NEFT**/ଫଣ୍ଡ୍ ଟ୍ରାନ୍ସଫର **A/c No.: 754901980050000** ବିବିଧ ଜମା ଖାତା (**IFSC Code: UBIN0575496**) ମାଧ୍ୟମରେ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ଜମା ରାଶି **୨୫.୦୩.୨୦୨୦ ଦିବା ୧୧ ଘଟିକା** ସୁଦ୍ଧା ଜମା କରିବାକୁ ପଡ଼ିବ । ସଫଳ ନିଲାମଧାରୀମାନଙ୍କୁ ଟେଣ୍ଡର ରାଶିର ୨୫% (ଇଏମଡି ବ୍ୟତୀତ) ତୁରନ୍ତ ଏବଂ ବିଡ୍ ଦିନଠାରୁ ୨ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରାଶି ପୈଠ କରିବାକୁ ପଡ଼ିବ । ଏହାକୁ ପୈଠ କରିବାରେ ବିଫଳ ହେଲେ ଜମା କରିଥିବା ସମ୍ପୂର୍ଣ୍ଣ ରାଶି ବାଜ୍ୟାପ୍ତି କରିଦିଆଯିବ । ଗାଡ଼ିର ମାଲିକାନ ପରିବର୍ତ୍ତନ ଖର୍ଚ୍ଚ ସଫଳ ନିଲାମଧାରୀ ବହନ କରିବେ । ସବିଶେଷ ନିୟମ ଓ ସର୍ତ୍ତାବଳୀର ସୂଚନା ଶାଖା ପ୍ରବନ୍ଧକ, ଛେଣ୍ଡ୍ ଶାଖା, ରାଉରକେଲା (ମୋବାଇଲ: **୯୭୬୩୫୪୧୨୩୧**)ଙ୍କ ଠାରୁ ପ୍ରାପ୍ତ କରାଯାଇପାରେ । ବିଡ଼ର ସର୍ବୋଚ୍ଚ ରାଶି: **ଟ.୫୦୦୦/-** ।

| କ୍ର. ନଂ. | ଗାଡ଼ିର ମଡେଲ ଓ ନିର୍ମାଣ ବର୍ଷ | ପଞ୍ଜୀକରଣ ନଂ. | ଋଣଗ୍ରହୀତାଙ୍କ ନାମ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି | ଯାଞ୍ଚ ସ୍ଥଳ ଏବଂ ନିଲାମ ଲାଗି ସମ୍ପର୍କ କରନ୍ତୁ |
|---|---|---|---|---|---|---|
| ୧ | 3 WHEELER APE AUTO ଇଞ୍ଜିନ୍ ନଂ.- A7J1125111 ଚେଚିସ୍ ନଂ.-MBX0003BFVJ512732 | OD-14 M-2003 | ଚନ୍ଦ୍ର ଶେଖର ପାଢ଼ୀ | ଟ. ୮୦,୦୦୦/- | ଟ.୧୦,୦୦୦/- | ଛେଣ୍ଡ୍ ଶାଖା ରାଉରକେଲା |
| ୨ | 3 WHEELER BAJAJ AUTO ଇଞ୍ଜିନ୍ ନଂ.- BBZWGM10507 ଚେଚିସ୍ ନଂ.-MD2A41AZ3GWM10708 | OD-14 H-7769 | ପ୍ରମୋଦ କୁମାର ବାରିକ | ଟ. ୫୦,୦୦୦/- | ଟ.୧୦,୦୦୦/- | |

କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଉକ୍ତ ନିଲାମକୁ ବାତିଲ/ନାକଚ କରିବାର ନିରଙ୍କୁଷ କ୍ଷମତା ଅଛି ଏବଂ ସେଥିପାଇଁ କେହି ବ୍ୟାଙ୍କକୁ ଦାୟୀ କରିପାରିବେନାହିଁ ।

ତାରିଖ: ୧୯.୦୩.୨୦୨୦, ରାଉରକେଲା — ସ୍ୱା/- ଶାଖା ପ୍ରବନ୍ଧକ

OFFICE OF THE GRAM PANCHAYAT, SINAPALI
No.: 23 Dt.20.03.2020

QUOTATION CALL NOTICE

Sealed quotations are invited from the reputed suppliers of Reverse Osmosis (R.O.). The suppliers are required to submit their quotation on or before 27.03.2020 throguh Regd. Post/Speed Post/Hand to this office by 4.00 P.M. The sealed quotation will be opened on 27.03.2020 at 5.00 P.M. in the Office of the undersigned. The output of the plant should be 1000 Liter per hour.

The suppliers are required to be in readiness to supply and install the plant within a short notice.

The undersigned reserves the right to cancel/accept any quotation without assigning any reason thereof.

Sd./- Sarapanch, Sinapali G.P.



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



କେଶବ



ଆଲୋକ



ସୂର୍ଯ୍ୟାନ



ଶିଶିର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବୁଢ଼ୀ ମା'କେ ଦିବ୍ୟାଙ୍ଗ ଝି'ର ଭବିଷ୍ୟତ୍ ଚିନ୍ତା

ବିନିକା, ୨୦।୩ (ଡି.ଏନ୍.ଏ.)

ମୁଇଁ ଆଏଜ୍ ମରେଁ କାଲ୍ ମରେଁ ହେଉଛେଁ। ଅନେକ ଦିନ୍ ହେଲା ଖଟେ ପଡ଼ିଛେଁ। ଆହା କରବାକେ କେହି ନାଇଁ। ଏନ୍ତାଥି ପାଗ୍ଲି ଝି'ର ବୋଝ୍। ମୁଇଁ ମରିଗଲେ ଇତାର ଭବିଷତ୍ କାଣା ହେବା। ଏନ୍ତା ହୁରୁଦ୍ ତରଲି ଗଲା ଲେଖେଁ କଥା ପଦ୍ଦୁ କହି ଠସ୍ଠସ୍ କାଁଦି ପକେଇଥିଲେ। ଇଟା କେହେନ୍‌ସି ସିନେମାର ଡାଇଲଗ୍ ନୁହେ ଝନେ ନିସାହା ବୁରୁଧି ମା'ର ଅଁତର୍‌ର କଥା। ସେ ଖଟେ ପଡ଼ିରହି ବି ନିଜର ଦିବ୍ୟାଙ୍ଗ ଝି'ର ଭବିଷତ୍ ଚିନ୍ତାରେ ଘାରି ହେଉଛନ୍। ଇ ଘଟନାଟା ଦେଖିବାକେ ମିଲିଛେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡ଼ି ପଁଚେତ୍ ସାରଙ୍ଗପାଲି ଗାଁର ମଝିପଡ଼ାରେ।

ସୂଚନା ଅନ୍‌ସାରେ ମଝିପଡ଼ାର ବୁରୁଧି ବିଧବା ନୁରା ଭୁଏ(୬୮)। ଗୁଟେବଲି ଝି'ଅହଲ୍ୟା(୩୦)କୁଁ ନେଇ ତାକର ସଁସାର। ହେଲେ ଝି' ଜନ୍ମୁ ମାନ୍‌ସିକ ଭିନ୍ନକ୍ଷମ। ଇଆଡ଼େ ୧୫ ବଛର ତଲେ ଆପ୍‌ନେ ଜୟଦେବ ଭୁଏ



ଦିବ୍ୟାଙ୍ଗ ଝି'ର ସଂଗେ ରୋଗ୍‌ରେ ପୀଡ଼ିତ ବୁଢ଼ୀ ମା'।

ଆରପାରକେ ଚାଲିଯାଇଛନ୍। ଜମିବାଡ଼ି ବଲି ୨ ଏକର ରହିଛେ। ହେଲେ ସେଟା ବି ଅନେକ ବଛର ହେଲା ପଡ଼ିଆ ପଡ଼ିଛେ। ଅନେକ ବଛର ତଲେ ନୁରା ନିଜର ଗହନାଗାଁଠି ବିକି ଅହଲ୍ୟାକୁଁ ଚିକିଛା ଲାଗି ବୁର୍ଲା, ସମ୍ବଲପୁର, ବରଗଡ଼ ନେଇଥିଲେ। ହେଲେ କିଛି ଲାଭ ନାଇଁ ହେଲା। ସେଦିନ୍‌ଠାନୁ ଅହଲ୍ୟା ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍। ଇଆଡ଼େ ବଏସ୍ ଅଧିକା ହେବାର ଲାଗି ନୁରା ବି ୫ ବଛର

- ୧୫ ବଛର ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍
- ସବୁ ପରକାର ସରକାରୀ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ଝି'
- ୫ ବଛର ହେଲା ରୋଗ୍‌ରେ ଖଟେ ପଡ଼ିଛନ୍ ନୁରା
- ଘରଖଁଡ଼େ, ଚିକିଛା ସାହାଯ୍ ଲାଗି ମା'ଝି'ର ଆକୁଲ ନିବେଦନ

ହେଲା ରୋଗ୍ ବେମାରିରେ ଖଟେ ପଡ଼ିଛନ୍। ହେଲେ ସବୁବେଲେ ସେ ଝି'ର ଭବିଷତ୍ ଚିନ୍ତାରେ ଆଏଁଖିଥୁ ଲହ ଗଡ଼ଉଛନ୍। ସରକାରୀ ସାହାଯ୍ କହେଲେ ନୁରା ପାଉଥିବାର ୫ଶହ ଟଁକା ଭତା ଆର ୩୫ କେ.ଜି. ଚାଉଲ ସାହାଭରସା। ଅହଲ୍ୟା ଝନେ ମାନ୍‌ସିକ ଭିନ୍ନକ୍ଷମ ହେଇଥିଲେ ବି ପରମାନପତର ଅଭାବୁ ଭିନେ ଭିନେ ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଉପେ ଶୁଇନ୍ ନୁରା ଗଣମାଧ୍ୟମ ଜରିଆରେ ଉଭଏଙ୍କର ଲାଗି ଚିକିଛା ସାହାଯ୍, ଝି'ର ଲାଗି ଭତା, ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଜିଲା ଆର ଥାନୀଅ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିଛା ଅଧିକାରୀ ଡା.ରବୀନ୍ଦ୍ର ପଣ୍ଡାକୁଁ ପଚ୍‌ରାଲାରୁ ମା'ଝି ଉଭଏଙ୍କୁ ତାକର ଘରକେ ଯାଇ ପ୍ରାଥମିକ ଚିକିଛା କରାଯିବା। ସରକାରୀ ଯୋଜନା ହିସାବେ ଅହଲ୍ୟାଙ୍କର ଚିକିଛା ଆର ଭିନ୍ନକ୍ଷମ ପରମାନପତର ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ବାଙ୍କିଘିର୍ଡ଼ି ପଁଚେତ୍ ନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଇକକୁଁ ପଚ୍‌ରାଲାରୁ ଏଇସିସି ତାଲିକାରେ ଘରର ମୁଖିଆଙ୍କର ନାଁ ଅଛେ କି ନାଇଁ ଦେଖିବାକେ ପଡ଼ବା। ହେଲେ ମୁଇଁ ବିଡିଓଙ୍କର ସଂଗେ କଥା ହେଇ ସରକାରୀ ସାହାଯ୍ ଯୁଗେଇ ଦେବାର ଦିଗେ ପଦକ୍ଷେପ ନେମି ବଲି ସେ କହିଥିଲେ।

ବିପ୍ଳବରଞ୍ଜନ ଦାଶ

# କରୋନା ଆକ୍ରାନ୍ତଙ୍କ ତଥ୍ୟ ଲୁଚାଇଥିଲେ ଏମ୍ସ ଡାକ୍ତର

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ରାଜ୍ୟରେ ଦ୍ୱିତୀୟ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତେବେ ଆକ୍ରାନ୍ତ ୧୯ବର୍ଷୀୟ ଯୁବକଙ୍କ ବିଷୟରେ ତଥ୍ୟ ଲୁଚାଯାଇଥିବା ଭୁବନେଶ୍ୱର ଏମ୍ସ ରେସିଡେଣ୍ଟ ଡାକ୍ତରୀ ସଂଘ ଅଭିଯୋଗ ଆଣିଛି। ଏନେଇ ସଂଘ ପକ୍ଷରୁ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଏମ୍ସର ଜଣେ ବରିଷ୍ଠ ଡାକ୍ତର ଓ ଆଇସୋଲେଶନ ୟୁନିଟ୍ ଦାୟିତ୍ୱରେ ଥିବା ଅନ୍ୟଜଣର ଡାକ୍ତର ସମ୍ପୃକ୍ତ କରୋନା ଆକ୍ରାନ୍ତଙ୍କୁ ଏମ୍ସ ଆଣିବାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ

- ନିୟମ ମାନି ନ ଥିବା ଅଭିଯୋଗ ଆଣିଲେ ଡାକ୍ତର ସଂଘ
- ଏହା ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଲେ ଏମ୍ସ ନିର୍ଦ୍ଦେଶିକା
- ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି : ସୁବ୍ରତୋ ବାଗ୍‌ଚୀ

ରହିଥିବା ଗାଇଡ୍‌ଲାଇନ ବା ନିୟମକୁ ପାଳନ କରିନାହାନ୍ତି। ସେ ଏମ୍ସର ଜଣେ ଡାକ୍ତରଙ୍କ ପୁଅ ହୋଇଥିବାରୁ ତାଙ୍କ କ୍ଷେତ୍ରରେ ଏଭଳି କରାଯାଇଛି। ୩ ଦିନ ପୂର୍ବରୁ ପୁଅ ବ୍ରିଟେନରୁ ଫେରିଥିଲେ ମଧ୍ୟ ଡାକ୍ତର ବାପା ଏହାକୁ ଲୁଚାଇଥିଲେ। ଫଳରେ ଏମ୍ସରେ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ବିପଦ ଘେରକୁ ଆସିଯାଇଛନ୍ତି ବୋଲି ଡାକ୍ତରୀ ସଂଘ ଆଶଙ୍କା ପ୍ରକାଶ କରିଛି। ଏପରି ଅଭିଯୋଗ ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ସର୍ବୋଚ୍ଚ ସ୍ତରରେ ସମୀକ୍ଷା ଓ ଆଲୋଚନା ଚାଲିଥିବା କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ପରସ୍ପର ସଂସ୍ପର୍ଶରେ ଆସିଥିବା ବା ପ୍ରଭାବିତ ସମସ୍ତ ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିବା ସେ କହିଛନ୍ତି। ସେପଟେ ଏହି ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଏମ୍ସରେ ଏକ ଜରୁରୀ ବୈଠକ ବସିଥିଲା। ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳୀ ବାଟମାନବେନ ଏନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ଏମ୍ସ ଏ ଦିଗରେ ସବୁପ୍ରକାର ନିୟମକୁ ମାନି କାର୍ଯ୍ୟ କରୁଛି ବୋଲି ନିର୍ଦ୍ଦେଶିକା କହିଛନ୍ତି। ସେ କହିଛନ୍ତି, ଉକ୍ତ ଯୁବକ ଜଣକ ବିମାନବନ୍ଦରରୁ ସିଧା ତାଙ୍କ ଘରକୁ ଯାଇଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖ ସକାଳେ ତାଙ୍କର ସେଭଳି କିଛି ଲକ୍ଷଣ ଦେଖାଯିବାରୁ ସେ ହସ୍ପିଟାଲ ଆସିଥିଲେ। ତାଙ୍କୁ ଆମେ ଆଇସୋଲେଶନରେ ରଖି ନମୁନା ପରୀକ୍ଷା ପାଇଁ ପଠାଥିଲୁ। ରାତିରେ ଆସିଥିବା ରିପୋର୍ଟ କରୋନା ପଜିଟିଭ୍ ଜଣାପଡ଼ିଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କର ଅତି ନିକଟତର ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ମଧ୍ୟ ହୋମ୍ ଆଇସୋଲେଶନରେ ରଖାଯାଇଛି। ଶୁଣି ଦୁଃଖ ଲାଗୁଛି ଯେ, ଅନେକ ଡାକ୍ତରଙ୍କୁ ସେମାନଙ୍କ ଘର ଲୋକ ଘରକୁ ଯିବା ପାଇଁ ଅନୁମତି ଦେଉନାହାନ୍ତି। ଏମିତି ଭୟଭୀତ ହେବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଆପାର୍ଟମେଣ୍ଟରେ ଭୟର ବାତାବରଣ

ଆକ୍ରାନ୍ତ ଜଣକ ଯେଉଁ ଆପାର୍ଟମେଣ୍ଟରେ ଆସି ରହିଥିଲେ ସେଠାରେ ଅନ୍ୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ରୁହନ୍ତି। ତେଣ ସେଠାରେ ରହୁଥିବା ସମସ୍ତଙ୍କୁ ୧୪ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ସେମାନଙ୍କ ହସ୍ପିଟାଲ ପକ୍ଷରୁ କୁହାଯାଇଥିବା ସୂଚନା ମିଳିଛି। ଏମ୍ସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ସୂଚନାନୁଯାୟୀ, ଆକ୍ରାନ୍ତ ଜଣକ ତାଙ୍କ ବାପାଙ୍କ ସହିତ ୧୮ ତାରିଖରେ ସେହି ଆପାର୍ଟମେଣ୍ଟରେ ହୋଇଥିବା ଏକ ଭୋଜିରେ ଯୋଗଦେଇଥିଲେ। ତେଣୁ ସେଠାକୁ ଆସିଥିବା ଲୋକଙ୍କୁ ମଧ୍ୟ ଟ୍ରେସ୍ କରାଯାଇ ହୋମ୍ କ୍ୱାରାଣ୍ଟୋଇନ୍‌ରେ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ସୁବ୍ରତ ପୃଷ୍ଟି କହିଛନ୍ତି, ଡାକ୍ତର ଜଣକ ତାଙ୍କ ପୁଅର ସେପରି ଲକ୍ଷଣ ଦେଖିଥିଲେ ମଧ ସେ କାହାକୁ ନ ଜଣାଇ ଘରେ ଚିକିତ୍ସା କରିଥିଲେ। ତେବେ ଆମେ ଶୁକ୍ରବାର ସକାଳେ ବିଭିନ୍ନ ଗଣମାଧ୍ୟମ ଜରିଆରେ ତାଙ୍କର କରୋନା ପଜିଟିଭ୍ ହୋଇଥିବା ଜାଣିବା ପରେ ଛାନିଆ ହୋଇପଡ଼ିଲୁ। ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଆମେ ନିଜେ ପଦକ୍ଷେପ ନେଲୁ। କିନ୍ତୁ ଜଣେ ଡାକ୍ତର ହୋଇ ବି ସରକାରଙ୍କ ନିୟମକୁ କିପରି ବେଖାତିର କଲେ? ତାଙ୍କ ପାଇଁ ବର୍ତ୍ତମାନ ଏଠାରେ ରହୁଥିବା ୨୬୧ ପରିବାର ବିପଦ ଆଶଙ୍କାରେ ରହିଛୁ।

# ବିନିକା ଥାନାରେ ୩ ଜଣଙ୍କ ନାମରେ ମାମଲା

**ସୋନପୁର,୨୦।୩(ନି.ପ୍ର.):** କରୋନା ସତର୍କତା ପରାମର୍ଶ ମାନି ନ ଥିବା ୩ଜଣ ବ୍ୟକ୍ତିଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିନିକା ଥାନାରେ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ମାର୍ଚ୍ଚ ୪ ତାରିଖ ବା ତା ପର ଠାରୁ ବିଦେଶରୁ କିମ୍ବା ଅନ୍ୟ ରାଜ୍ୟରୁ ଜିଲାକୁ ଫେରିଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଭଳି ଶତାଧିକ ଲୋକଙ୍କୁ ଚିହ୍ନଟ କରାଯାଇ ପୃଥକବାସ(ହୋମ ଆଇସୋଲେଶନ)ରେ ରଖାଯାଇଛି। ନିଜ ଘରେ ସେମାନେ ୧୪ ଦିନ ପର୍ଯ୍ୟନ୍ତ ଅଲଗା ରହିବେ। କାହା ସହିତ ମିଳାମିଶା ନ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। କିନ୍ତୁ ବିନିକା ଅଞ୍ଚଳର ୩ ଜଣ ବ୍ୟକ୍ତି ପରାମର୍ଶ ନ ମାନି ବାହାରେ ବୁଲାବୁଲି କରିଥିଲେ ।

**କରୋନା ସତର୍କତା ପରାମର୍ଶ ମାନିଲେନି**

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଉ ଗୁଣକୁ ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷୋଭୋକ୍ତି ପ୍ରକାଶ କରାଯାଇଛି।

**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କରୋନାକୁ ନେଇ ସଚେତନତା ବୈଠକ

ଅମରପାଲି, ୨୦।୩ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଜନପ୍ରତିନିଧିମାନଙ୍କୁ ନେଇ କରୋନା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ କରୋନା ଭାଇରସର ଲକ୍ଷଣ ଓ ଏହାକୁ ପ୍ରତିରୋଧ କରିବାର ଉପାୟଗୁଡିକ ଆଲୋଚନା କରିଥିଲେ। କରୋନା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ କରୋନା କକ୍ଷ ଖୋଲାଯାଇଛି ଏବଂ ଏଥିରେ ସନ୍ଦିଗ୍ଧ କରୋନା ଆକ୍ରାନ୍ତଙ୍କୁ ୧୪ ଦିନ ପର୍ଯ୍ୟନ୍ତ ରଖାଯିବ ବୋଲି କହିଥିଲେ। ଏହାସହିତ ଭତ୍ତା ଓ ପିଡିଏସ ସାମଗ୍ରୀକୁ ଗାଁ ଗାଁରେ ଯାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ମନ୍ଦିର ଓ ଧାର୍ମିକ ଅନୁଷ୍ଠାନରେ ଗହଳି ନ କରିବା ସହିତ ବିବାହ, ବ୍ରତକୁ ନିୟନ୍ତ୍ରଣ କରିବାକୁ ଲୋକଙ୍କୁ ସଚେତନ କରିବାକୁ ବୈଠକରେ କୁହାଯାଇଥିଲା। ଏଥିସହିତ ଗାଁ ଗାଁରେ ଆଶା, ଅଙ୍ଗନୱାଡି କର୍ମୀ, ଜନପ୍ରତିନିଧିମାନେ ଲୋକଙ୍କୁ ଏ ନେଇ ସଚେତନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଉକ୍ତ ବୈଠକରେ ଜିଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଲୁଡୁରପଙ୍କ ସମିତିସଭ୍ୟ ଲବ କୁମାର ସାହୁ, ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଜିପିଓ ଗଗନ ବିହାରୀ ନାଏକ ଅନ୍ୟବାଦ ଅର୍ପଣ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କସିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ।
9911417461
9911417764

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED (Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବୌଦ୍ଧରେ କରୋନା ନେଇ ବଢୁଛି କଟକଣା: ଧର୍ମାନୁଷ୍ଠାନ ନ ଯିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୦।୩(ସ୍ୱ.ପ୍ର.) -ବିଶ୍ୱବାସୀ କରୋନା ଭୂତାଣୁ ନେଇ ଚିନ୍ତିତ ହୋଇ ପଡିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ଦିନକୁ ଦିନ କଟକଣା ବୃଦ୍ଧି ପାଇବାରେ ଲାଗିଛି। ବୌଦ୍ଧ ଜିଲାର ସମସ୍ତ ସାପ୍ତାହିକ ହାଟ ବନ୍ଦ ହୋଇ ସାରିଥିବା ବେଳେ ସଭା ସମିତି,ପାରିବାରିକ ଉତ୍ସବରେ ଜନଗହଳି ନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ବିଭିନ୍ନ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁମାନେ ଭିଡ ନ କରିବାକୁ ସର୍ବସାଧାରଣ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ତେବେ ସେବାୟତମାନେ କେବଳ ପ୍ରବେଶ କରି ଠାକୁରଙ୍କ ସେବା ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି। ସାଧାରଣ ଲୋକେ ଜରୁରୀ କାମ ନ ଥିଲେ ବାହାରେ ନ ବୁଲିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜିଲାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରି ଦିଆଯାଇଛି। କରୋନା ସଂକ୍ରମଣ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ସହିତ ସରକାରୀ କାର୍ଯ୍ୟାଳୟଗୁଡିକରେ ମଧ୍ୟ ଗହଳି ପରିଲକ୍ଷିତ ହେଉନାହିଁ। ଜରୁରୀ କାମରେ ବାହାରିଲେ ଲୋକଙ୍କୁ ମାସ୍କ କିମ୍ବା ରୁମାଲ ବ୍ୟବହାର କରିବା,କୌଣସି ସ୍ଥାନରେ ଭିଡ ନ ଜମାଇବାକୁ ପରାମର୍ଶ ଦିଆଯାଇଛି। ଯାତ୍ରୀବାହୀ ଯାନବାହନରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀଙ୍କୁ ନ ନେବାକୁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ଉପରେ ସନ୍ଦେହ ହେଲେ ତୁରନ୍ତ ହେଲପ ଲାଇନ୍ ନମ୍ବରରେ ସୂଚନା ଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରଶାସନ ପକ୍ଷରୁ କରୋନା ପାଇଁ ଭୟଭୀତ ନ ହେବା ଓ ସର୍ତ୍ତକତା ଅବଲମ୍ବନ କରିବାକୁ କୁହାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ

## ପ୍ରକୃତିରାଣୀର ସମ୍ଭାର ବାରପାହାଡ଼

ସୋନପୁର,୨୦।୩ (ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ମେଣ୍ଡା ନିକଟରେ ରହିଛି ବାରପାହାଡ ପର୍ବତ। ପାହାଡର ଏକ ଗୁମ୍ଫାରେ ପୂଜା ପାଉଛନ୍ତି ଇଷ୍ଟଦେବୀ ବାରପାହାଡ(ଲିଙ୍ଗୋ)। ପୀଠଟି ଲୋକଙ୍କ ଭାବନା ସହିତ ଜଡିତ । ସ୍ଥାନୀୟ ଅଞ୍ଚଳରେ ଗଣ୍ଡ, କନ୍ଧ, କୋହ୍ଲ, ବିଞ୍ଝାଲ ଓ ସହଲା ଆଦି ଜନଜାତିର ଲୋକେ ବାସ କରନ୍ତି । ପ୍ରକୃତି କୋଳରେ ବସବାସ କରିବା ସହ ସୁଖଦୁଃଖର ସହଭାଗୀ ଦେବୀଙ୍କୁ ଏମାନେ ପୂଜା କରିଥାନ୍ତି। ଜିଲା ସଦର ମହକୁମା ଠାରୁ ୩୦ କିଲୋମିଟର ଦୂର ବାରପାହାଡ ଜଙ୍ଗଲ ମଧ୍ୟରେ ରହିଛି ଦେବୀପୀଠ ବାରପାହାଡ । କାହିଁ କେଉଁ ଆବହମାନ କାଳରୁ ପାହାଡର ଏକ ଗୁମ୍ଫା ମଧ୍ୟରେ ଦେବୀ ପୂଜା ପାଇ ଆସୁଛନ୍ତି। କିନ୍ତୁ ଏହି ପୀଠର ଆଦୌ ବିକାଶ ହୋଇ ପାରିନାହିଁ।

ପାହାଡ ଭିତରେ ଥିବା ଗାଁଗୁଡିକରେ ପୂର୍ବରୁ ଆଦାବାସୀ ଓ ଗଣ୍ଡମାନେ ବାସ କରୁଥିଲେ । ଜନସଂଖ୍ୟା ବଢିବା ସହିତ ଚାଷ କାର୍ଯ୍ୟରେ ମନୋନିବେଶ ପରେ ସେମାନେ ବିଭିନ୍ନ ଅଞ୍ଚଳକୁ ଯାଇ ସେଠାରେ ବସବାସ କରୁଥିଲେ । ସେମାନେ ଯେଉଁଠି ରହୁଥିଲେ ସେଠାରେ ଇଷ୍ଟଦେବୀ ଲିଙ୍ଗୋଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରିଥାନ୍ତି । ଘଞ୍ଚ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଚଳୁଥିଲେ। ପରେ ଚାଷ କାର୍ଯ୍ୟ ସହ ବନ୍ୟଜନ୍ତୁ ଶିକାର ଓ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କଲେ । ଦେବୀଙ୍କ ପୂଜା ପ୍ରକୃତି ପୂଜାର ଅଂଶବିଶେଷ । ସ୍ଥାନୀୟ ମଖନାମୁଣ୍ଡା(ବ୍ରାହ୍ମଣୀପାଲି)ର ଗଣ୍ଡ ସମ୍ପ୍ରଦାୟର ଲୋକେ ଏଠାରେ ପୂଜକ(ଝାଙ୍କର) ରହିଛନ୍ତି। ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ସମୟରେ ଛତର ଯାତ୍ରା ସହ ପାହାଡ ଉପରେ ଥିବା ଗୁମ୍ଫାରେ ପୂଜା କରାଯାଏ । ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ଲୋକେ ମାନସିକ କରି ଆଣିଥିବା ଛେଳି, କୁକୁଡା ଓ ପୋଢକୁ ବଳି ଦିଆଯାଏ । ନିକଟସ୍ଥ ରାଜପାଲି ଓ ମଖନାମୁଣ୍ଡା ଗ୍ରାମରେ ମଧ ପୀଠ ରହିଛି । ଚୈତ୍ରପୂର୍ଣ୍ଣିମା ବ୍ୟତୀତ ଅନ୍ୟ ସମୟରେ ଏହି ଦୁଇ ପୀଠରେ ପୂଜା ହୁଏ ।

ବାରପାହାଡ ଜଙ୍ଗଲ ବଲାଙ୍ଗୀର ଜିଲାର ଭାଲୁପାଲି ଠାରୁ ଆରମ୍ଭ ହୋଇ ସୁବର୍ଣ୍ଣପୁର ଜିଲାର ରେଙ୍ଗାଲି ପଞ୍ଚାୟତ ପର୍ଯ୍ୟନ୍ତ ପ୍ରାୟ ୨୫ କିଲୋମିଟର ଲମ୍ବି ରହିଛି । ଏହାର କ୍ଷେତ୍ରଫଳ ପ୍ରାୟ ୧୦୨ ବର୍ଗ କିଲୋମିଟର । ଦେବୀ ପୀଠଟି ମେଣ୍ଡା ଆରଆଇ ସର୍କଲର ରାଜପାଲି ମୌଜାର ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ। ଅର୍ଜୁନପୁର-ବୁର୍ଡା ପୂର୍ତ୍ତ ବିଭାଗ ରାସ୍ତାର ରାଜପାଲି ଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧ କିଲୋମିଟର ଗଲେ ପଡେ ଏହି ଐତିହାସିକ ଗୁମ୍ଫା । ପାହାଡ ତଳୁ ଗୁମ୍ଫା ପାଖକୁ ଯିବାକୁ ହେଲେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ । ଅଙ୍କା ବଙ୍କା ପଥୁରିଆ ରାସ୍ତାରେ ଯିବାକୁ ପଡେ । ଏଠାରେ ଏକ ସୁନ୍ଦର ଝରଣା ମଧ ରହିଛି । ପୂର୍ବରୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ ବାଉଁଶ, ପାଇକ ଓ ଅନ୍ୟ ଗଛ ଲତା ପରିପୂର୍ଣ୍ଣ ଥିଲା । ଯାହାକି ଝରଣାକୁ ବଞ୍ଚାଇ ରଖିଥିଲା। ଏବେ ଖରାଦିନ ବ୍ୟତୀତ ଅନ୍ୟ ସମୟରେ ଏହି ଝରଣା ପ୍ରବାହିତ ହେଉଛି । ଅଞ୍ଚଳଟି ସୁବର୍ଣ୍ଣପୁର ବନଖଣ୍ଡ ଅଧୀନରେ ରହିଛି । ଆବଶ୍ୟକ ସୁରକ୍ଷା ଅଭାବରୁ ଜଙ୍ଗଲ କ୍ଷୟ ହୋଇଗଲାଣି । ଏହି ପୀଠର ଉନ୍ନତି କରାଗଲେ ଅଞ୍ଚଳର ବିକାଶ ହେବା ସହ ଲୋକଙ୍କର ଜଙ୍ଗଲ ସୁରକ୍ଷା ପ୍ରତି ଆଗ୍ରହ ମଧ ବଢିବ। ରାଜ୍ୟ ସରକାର ଆଦିବାସୀଙ୍କ ପୂଜାସ୍ଥଳୀର ଉନ୍ନତି ପାଇଁ ପୂର୍ବରୁ ଘୋଷଣା କରିଛନ୍ତି । ତଦନୁଯାୟୀ ପୀଠର ବିକାଶ ହେଲେ ଏହା ଏକ ପର୍ଯ୍ୟଟନ ସ୍ଥଳୀ ହୋଇପାରିବ । ଜଙ୍ଗଲ ନଷ୍ଟ ନ କରି ପାହାଡର ଗୁମ୍ଫା ନିକଟକୁ ପାହାଚ ନିର୍ମାଣ ଓ ଝରଣା ଜଳର ସଂରକ୍ଷଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ଗୁମ୍ଫା ଦର୍ଶନ କରିବା ସହ ପ୍ରକୃତିର ମନୋରମ ଦୃଶ୍ୟକୁ ଉପଭୋଗ କରୁଛନ୍ତି। ନିକଟରେ ପ୍ରବାହିତ ଝରଣା ପାର୍ଶ୍ୱରେ ଭୋଜିଭାତର ଆସର ବି ଜମୁଛି । ଜିଲାର ଉପାନ୍ତ ଅଞ୍ଚଳରେ ପୀଠଟି ଥିବାରୁ ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ କୁହନ୍ତି ଏହା ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ନିର୍ମାଣ କାମ ହୋଇ ପାରିବ ନାହିଁ । ତେବେ ଅଧିକ ସଂଖ୍ୟକ ଗଛ ଲଗାଇ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯିବ। ଏହା ଏକ ଇକୋ ପର୍ଯ୍ୟଟନସ୍ଥଳୀ ହୋଇପାରିବ ବୋଲି ସାମନ୍ତରାୟ କହିଛନ୍ତି ।



ବାରପାହାଡ ଗୁମ୍ଫାରେ ପୂଜା ପାଉଥିବା ଦେବୀ।



ବାରପାହାଡ ଝରଣା।

ରିପୋର୍ଟ: **ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର**

### ବୀରମହାରାଜପୁର ବ୍ଲକରେ ଖୋଲିଲା ୧୫ କରୋନା ଆଇସୋଲେଶନ୍ କ୍ୟାମ୍ପ

ଅମରପାଲି, ୨୦।୩ (ଡି.ଏନ.ଏ)

ସଂପ୍ରତି ବିଶ୍ୱବ୍ୟାପୀ କରୋନା ଭାଇରସର ଭୟାବହତାକୁ ଦେଖି ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ଅଞ୍ଚଳରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କଡାକଡି କରାଯାଇଛି। କରୋନା ଭାଇରସର ମୁକାବିଲା କରିବା ସହିତ ଏହାର ପ୍ରତିରୋଧ ପାଇଁ ଏବେ ବୀରମହାରାଜପୁର ବ୍ଲକର ପ୍ରତି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ଟି କରୋନା ଆଇସୋଲେଶନ କ୍ୟାମ୍ପ ଖୋଲାଯାଇଛି । ଏଠାରେ ସନ୍ଦିଗ୍ଧ କରୋନା ଆକ୍ରାନ୍ତଙ୍କ ପାଇଁ ବିଛଣା, ବିଦ୍ୟୁତ, ପାନୀୟଜଳ ଓ ସଫା ଶୌଚାଳୟର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ବାଗବର ପଞ୍ଚାୟତର ସ୍ଥାନୀୟ ହାଇସ୍କୁଲ, ବହଳପଦର ପଞ୍ଚାୟତର ବହଳପଦର ୟୁପି ସ୍କୁଲ, ଚମ୍ପାମାଳ ପଞ୍ଚାୟତ ପାଇଁ ବୀରମହାରାଜପୁର କଲ୍ୟାଣ ମଣ୍ଡପରେ କ୍ୟାମ୍ପ କରାଯାଇଛି । ଏହା ସହିତ ହିଲୁଙ୍ଗ ପଞ୍ଚାୟତ ପାଇଁ ବୀରମହାରାଜପୁର ବାଳକ ହାଇସ୍କୁଲ, ଦୁର୍ଜନତୋଲା ପଞ୍ଚାୟତର ସାଗଯୋରୀ ୟୁପି ସ୍କୁଲ, ଜଟେସିଙ୍ଗା ପଞ୍ଚାୟତର ସ୍ଥାନୀୟ ହାଇସ୍କୁଲ, କମିରା ପଞ୍ଚାୟତର ଲକ୍ଷ୍ମୀ ୟୁପି ସ୍କୁଲ, କେଞ୍ଜିରିଆପାଲି ପଞ୍ଚାୟତର ଅଚଣ୍ଡା ହାଇସ୍କୁଲ, ଖଣ୍ଡହତା ପଞ୍ଚାୟତର ସ୍ଥାନୀୟ ଇନ୍ଦିରାଗାନ୍ଧୀ ହାଇସ୍କୁଲ, ଲୁଡୁରପଙ୍କ ପଞ୍ଚାୟତର ସ୍ଥାନୀୟ ହାଇସ୍କୁଲ, ମୁର୍ଛୁଣୀ ପଞ୍ଚାୟତର ଯୁଧିଷ୍ଠିରପୁର ୟୁପି ସ୍କୁଲ, ପିତାମହୁଲ ପଞ୍ଚାୟତର ସ୍ଥାନୀୟ ହାଇସ୍କୁଲ, ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର ୟୁପି ସ୍କୁଲ, ସୁବଳୟା ପଞ୍ଚାୟତର ସୁବଳୟା ହାଇସ୍କୁଲ ଓ ଉଫୁଲା ପଞ୍ଚାୟତ ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ଆଇସୋଲେଶନ କ୍ୟାମ୍ପ କରାଯାଇଛି ।

## କରୋନା ନେଇ ଜିଲା ପୋଲିସ ପକ୍ଷରୁ ସଚେତନତା ରଥ



ସଚେତନତା ରଥ ବାହାରୁଛି।

ବୌଦ୍ଧ,୨୦।୩ (ସ୍ୱ.ପ୍ର.)

ଚାରିଆଡେ କରୋନା ସଂକ୍ରମଣ ଆଶଙ୍କା ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଏକ କରୋନା ସଚେତନତା ରଥକୁ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ଶୁକ୍ରବାର ଉଦଘାଟନ କରିଛନ୍ତି । ଏହି ଅବସରରେ ବୌଦ୍ଧ ମଡେଲ ଥାନା ପରିସରରେ ଆମ ପୋଲିସ ସଦସ୍ୟମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ କରୋନା ସଂକ୍ରମଣ ନେଇ ଲୋକଙ୍କୁ ସଚେତନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ପରେ କରୋନା ସଚେତନତା ରଥକୁ ଆରକ୍ଷୀ ଅଧୀକ୍ଷକ ରାଓ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସଚେତନତା ସୃଷ୍ଟି କରିବ । ଏହି ଅବସରରେ ଏସଡିପିଓ ସାଲେଷ୍ଟିନ ଟିଗା,ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଓ ଆମ ପୋଲିସ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ସରକାରୀ ନିୟମକୁ ଅବମାନନା, ବସୁଛି ଦୈନିକ ବଜାର

ଜହ୍ନାପଙ୍କ,୨୦।୩ (ଡି.ଏନ.ଏ.)

ବର୍ତ୍ତମାନ କରୋନା ସଂକ୍ରମଣ ନ ହେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ କଡା ନିର୍ଦ୍ଦେଶ ରହିଛି ଯେ, ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୌଣସି ସାପ୍ତାହିକ ବଜାର, ଦୈନିକ ବଜାର, ସଭାସମିତି, ନାମଯଜ୍ଞ ଆଦି ଅନୁଷ୍ଠିତ ହେବନାହିଁ। କିନ୍ତୁ ଏହି ନିୟମକୁ ଗ୍ରାମାଞ୍ଚଳରେ ମାନୁ ନ ଥିବା ଦେଖାଯାଇଛି । ଅଞ୍ଚଳର ରାମପୁର, ପୋଡାବନ୍ଧସ, ବୁଢ଼ିପଦର ବରସାହିରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସଂପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସଂପୂର୍ଣ୍ଣ ଦାୟିତ୍ୱ ଦେଇଥିବା ବେଳେ ସଚେତନତା ଅଭାବରୁ ଏହାକୁ ମାନୁ ନ ଥିବା ଲୋକ ପ୍ରତିନିଧିମାନେ କହୁଛନ୍ତି। ନାରାୟଣନଗରର ଦୈନିକ ବଜାର ଉପରେ କରୋନାର କୌଣସି ପ୍ରଭାବ ପଡ଼ି ନ ଥିବା ଦେଖିବାକୁ ମିଳିଛି।

## ଉଲୁଣ୍ଡା ବ୍ଲକରେ ଖୋଲିଲା ୧୮ ସ୍ୱତନ୍ତ୍ର କରୋନା ପ୍ରକୋଷ୍ଠ

ଉଲୁଣ୍ଡା,୨୦।୩ (ଡି.ଏନ.ଏ.)

କରୋନା ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ସମଗ୍ର ଦେଶରେ କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ସନ୍ଦିଗ୍ଧ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଛି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ପଞ୍ଚାୟତର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ କରୋନା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲା ଯାଇଥିବା ବେଳେ ନୋଡାଲ ଅଫିସର ଭାବରେ ବିପିଏମ ରଞ୍ଜନ କୁମାର ସ୍ୱାଇଁ, ଏସପଡ୍ରାପାଲି ପଞ୍ଚାୟତର କେଉଟିପାଲି ହାଇସ୍କୁଲରେ ନୋଡାଲ ଅଫିସର ଭାବେ ମହମ୍ମଦ ଏ .ସରିଫ, ଚଢେଇପଙ୍କର ଝାରବାହାଲି ଆଦର୍ଶ ବିଦ୍ୟାଳୟରେ ଜେଇ ଗିରିଜା ଶଙ୍କର ସାହୁ, ସିଣ୍ଡୋଳ ପଞ୍ଚାୟତର ଆଞ୍ଚଳିକ ମହାବିଦ୍ୟାଳୟର ସିଡିପିଓ ତିଲୋତ୍ତମା ନାଏକ, ଜଉଁରାଭଉଁରା ପଞ୍ଚାୟତ ହାଇସ୍କୁଲର ମହମ୍ମଦ ଏ .ସରିଫ, କ୍ଷେମାଲୋଏ ପଞ୍ଚାୟତର ସଦର ହାଇସ୍କୁଲର ଆରଡବ୍ଲୁଏସଏସ ଜେଇ ନିରଞ୍ଜନ ସାହୁ, କୋଟସମଲାଇ ପଞ୍ଚାୟତର ରେଡମ ୟୁପିସ୍କୁଲ ଓ ପାତାଳି ଶ୍ରୀକ୍ଷେତ୍ର ଅତିଥି ଭବନରେ ମୁକ୍ତେଶ୍ୱର ମାଝୀ ନୋଡାଲ ଅଫିସର ଭାବେ ରହିଛନ୍ତି । ସେହିପରି କଳାପଥର ପଞ୍ଚାୟତର ସତ୍ୟବାଦୀ ମହାବିଦ୍ୟାଳୟରେ ଖୋଲାଯାଇଥିବା ପ୍ରକୋଷ୍ଠରେ ଜିପିଇଓ ଦୀନବନ୍ଧୁ ମଲ୍ଲିକ, କାଦୋବର ପଞ୍ଚାୟତର ୟୁପି ସ୍କୁଲରେ ଡବ୍ଲୁଇଓ ରଞ୍ଜନ କୁମାର ମହାନନ୍ଦ, ଜାଲୋଏ ପଞ୍ଚାୟତର ସ୍ଥାନୀୟ ମହିଳା କଲେଜରେ ଜେଇ ମୁକ୍ତେଶ୍ୱର ମାଝୀ, ମହଦା ପଞ୍ଚାୟତର ମହଦା ୟୁପି ସ୍କୁଲରେ ରାଜକିଶୋର ନାଏକ, ମୁଣ୍ଡୋଘାଟ ପଞ୍ଚାୟତର ଧର୍ମଶାଳା ହାଇସ୍କୁଲରେ ବିଏସଏସଓ ମଞ୍ଜୁଲତା ମିଶ୍ର, ରକ୍ସା ପଞ୍ଚାୟତର ହିଙ୍ଗମା ହାଇସ୍କୁଲରେ ଜେଇ ଆରଡବ୍ଲୁଏସଏସ ଜେଇ ବଳରାମ ମାଝି ନୋଡାଲ ଅଫିସର ଅଛନ୍ତି । ଏହାଛଡା ବିଶିପଡା ପଞ୍ଚାୟତର ପରମେଶ୍ୱରୀ ହାଇସ୍କୁଲରେ ଯୋଗାଣ ଅଧିକାରୀ ଶ୍ୟାମଲାଲ ବଞ୍ଜାରା, ନିମନା ପଞ୍ଚାୟତର ଦଶରାଜପୁର ୟୁପି ସ୍କୁଲରେ ଜେଇ ସୁଜାତା ବେହେରା , ପଞ୍ଚମହଲା ପଞ୍ଚାୟତର ଗଣେଶ୍ୱର ହାଇସ୍କୁଲରେ ଜେଇ ସଂଯୁକ୍ତା ବେହେରା, ଲଉଲା ପଞ୍ଚାୟତର ଉଦେପଦର ୟୁପିସ୍କୁଲରେ ଜିପିଟିଏ ସୁପ୍ରିୟା ଗୁରୁ ନୋଡାଲ ଅଫିସର ଭାବରେ ରହିଥିବା ବ୍ଲକ କାର୍ଯ୍ୟାଳୟରୁ ଜଣାପଡିଛି।

**କରୋନା ଆତଙ୍କ**

### କେରଳ ଫେରନ୍ତା ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗ କଟକଣା ନ ମାନିବାରୁ ଥାନାରେ ଅଭିଯୋଗ

ବୌଦ୍ଧ,୨୦।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବାମଣ୍ଡା ପଞ୍ଚାୟତର ଜଣେ ବ୍ୟକ୍ତି ନିକଟରେ କେରଳରୁ ଫେରିବା ପରେ କରୋନା ସଂକ୍ରମଣ ଭୟରେ ନିଜର ସ୍ୱାସ୍ଥ୍ୟାବସ୍ଥା ବୌଦ୍ଧ ମେଡିକାଲରେ ଯାଞ୍ଚ କରାଇଥିଲେ। ତେବେ ମେଡିକାଲ ପକ୍ଷରୁ ତାଙ୍କ ପାଖରେ କୌଣସି ଲକ୍ଷଣ ନ ଥିବା ଦର୍ଶାଯାଇଥିଲା । ଏହାସତ୍ତ୍ୱେ କେରଳରୁ ଫେରିଥିବାରୁ ୧୪ ଦିନ ପାଇଁ ବାହାର ଲୋକଙ୍କ ସହିତ ମିଳାମିଶା ନ କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସଂପୃକ୍ତ ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗର ପରାମର୍ଶକୁ ନ ମାନି ସାଧାରଣରେ ବୁଲୁଥିବା ଓ ଲୋକଙ୍କ ସହିତ ମିଳାମିଶା କରୁଥିବା ନେଇ ଅଭିଯୋଗ ହୋଇଥିଲା । ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁ ପ୍ରକାଶ କରିଛନ୍ତି। ଏନେଇ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରେ ସଂପୃକ୍ତ ବ୍ୟକ୍ତି କେରଳରୁ ଫେରିଥିବାରୁ ତାଙ୍କୁ ଘରେ ରହିବା ପାଇଁ କୁହାଯାଇଥିବା ପ୍ରକାଶ କରିଛନ୍ତି।

## ସିଂଘିଯୁବା ସମଲେଇ ମନ୍ଦିର ରତ୍ନମୁଦ ସ୍ଥାପନ ପ୍ରତିଷ୍ଠା ଉତ୍ସବ

ବିନିକା,୨୦।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ନିରାଡମ୍ବର ଭାବରେ ନବନିର୍ମିତ ସମଲେଇ ମନ୍ଦିରର ରତ୍ନମୁଦ ସ୍ଥାପନ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। କରୋନା ସତର୍କ ସୂଚନାକୁ ଦୃଷ୍ଟିରେ ରଖି ଭିଡ ନ ଜମାଇ ଅଳ୍ପ ଭକ୍ତଙ୍କ ଗହଣରେ ଶାନ୍ତିପୂର୍ଣ୍ଣ ଭାବରେ ମା' ସମଲେଇ ମନ୍ଦିରର ରତ୍ନମୁଦ ସ୍ଥାପିତ ହୋଇଯାଇଛି। ଚୈତ୍ର କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ରତ୍ନମୁଦ ସ୍ଥାପନ ନେଇ ପ୍ରଥମେ ପୂଜାର୍ଚ୍ଚନା ହୋଇଥିଲା । କର୍ତ୍ତା ଭାବେ ବିନିକା ବ୍ଲକ ଅଧକ୍ଷଙ୍କ ବାପା ତଥା ଗାଁର ମୁରବୀ ଆନନ୍ଦ ମୋହନ ନନ୍ଦ ଦାୟିତ୍ୱ ନିର୍ବାହ କରିଥିଲେ । ଆଚାର୍ଯ୍ୟ ଭାବେ ବାସୁଦେବ ହୋତା ହୋମଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ପରେ ସିଂଘିଯୁବା ଗାଁର ପ୍ରତ୍ୟେକ ଘରୁ ମା' ସମଲେଇ ମନ୍ଦିରର ରତ୍ନମୁଦ ସ୍ଥାପନ ପାଇଁ ଧାନଚାଉଳ ସହିତ ପଞ୍ଚ ରତ୍ନ ଆଦି ସଂଗ୍ରହ ହୋଇଥିଲା । କର୍ତ୍ତା ଓ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା, ହୋମଯଜ୍ଞାଦି ହୋଇ ରତ୍ନମୁଦ ପ୍ରତିଷ୍ଠା ହୋଇଥିଲା । ଏହି ଉତ୍ସବରେ କମିଟିର ସଭାପତି ପବିତ୍ର କୁମାର ଶର୍ମା , ସମ୍ପାଦକ ନିରାକାର କର୍ଣ୍ଣ, ସୁରେଶ କୁମାର ଦାଶ ଓ ଗାଁର ଓ୍ୱାର୍ଡମେମ୍ବରଙ୍କ ସମେତ ୧୦-୧୨ଜଣ ବ୍ୟକ୍ତି ଉପସ୍ଥିତ ରହିଥିଲେ ।



ମା' ସମଲେଇଙ୍କ ମନ୍ଦିର ।

# ଫାର୍ମାସିଷ୍ଟ ଭରସାରେ ଘଣ୍ଟାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

## କରୋନା ମୁକାବିଲା ପାଇଁ ବ୍ୟବସ୍ଥା ନାହିଁ

ଘଣ୍ଟାପଡା,୨୦।୩ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାମକୁ ମାତ୍ର ଚାଲିଛି। ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ନାହାନ୍ତି । ଫାର୍ମାସିଷ୍ଟ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୫ଟି ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି । ଏହି ସମସ୍ୟାକୁ ନେଇ ଯେତେବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି ହେଲା, ସେତେବେଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକରୁ ସ୍ୱାସ୍ଥ୍ୟ ଓ ଆରୋଗୀ କେନ୍ଦ୍ର ଭାବରେ ନାମିତ କରାଗଲା । ଉଦ୍ଦେଶ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ବିଶେଷଜ୍ଞ ଡାକ୍ତର ଓ ଜଣେ ଡାକ୍ତର ରହି ୨୦ଟି ଶଯ୍ୟା ବିଶିଷ୍ଟ ହେବ । କିନ୍ତୁ ପରିତାପର ବିଷୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବର୍ତ୍ତମାନ ସୁଦ୍ଧା ବିଶେଷଜ୍ଞ ଡାକ୍ତର କଥା ଛାଡନ୍ତୁ ଜଣେ ସାଧାରଣ ଡାକ୍ତର ନାହାନ୍ତି । ଫଳରେ ବହୁ ସମୟରେ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି । ବର୍ତ୍ତମାନ ସ୍ଥିତିରେ ମହାମାରୀ କରୋନାକୁ ମୁକାବିଲା କରିବା ପାଇଁ କୌଣସି ପ୍ରକାର ସୁବିଧା ନାହିଁ । ଡାକ୍ତରଖାନର ସମସ୍ତ କୋଠରୀ ଅଛି, ପାଚେରୀ ନାହିଁ, ପାଚେରୀ ଭାଙ୍ଗି ପଡିଲାଣି । ପରିବେଶ ଅସ୍ୱାସ୍ଥ୍ୟକର । ନଳକୂପ ଅଛି ପାଣି ନାହିଁ । ବର୍ଜ୍ୟବସ୍ତୁ ଘର ତିଆରି ସରିବା ପରେ ପରେ ହିଁ ଝଡବାତ୍ୟା ଆଜବେଷ୍ଟସ ଉଡେଇ ନେଇଛି।

ଏ ସମ୍ପର୍କରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ମହେନ୍ଦ୍ର ସୋଏଙ୍କୁ ପଚାରିବାରୁ ଏବେ ଡାକ୍ତର ଦେବା ପାଇଁ କାଉନସେଲିଂ ଚାଲିଛି । ଆଉ ୧ ମାସ ପରେ ଡାକ୍ତର ଦିଆଯିବ । ବର୍ତ୍ତମାନ ପାଇଁ ୨ଜଣ ଚିକିତ୍ସକ ସପ୍ତାହକୁ ଦିନେ ଲେଖାଏଁ ହିସାବରେ ୨ ଦିନ ଚିକିତ୍ସା କରିବେ । ଏସବୁକୁ ନେଇ ଏଠାରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଦି ୧ ମାସ ଭିତରେ ଡାକ୍ତର ନିଯୁକ୍ତି କରା ନ ଯାଏ ତେବେ ଜନ ଆନ୍ଦୋଳନ କରାଯିବ ବୋଲି ଆଦିବାସୀ ନେତା ସାମନ୍ତ ମାଝି ଚେତାବନୀ ଦେଇଛନ୍ତି।



ସ୍ୱାସ୍ଥ୍ୟକେନ୍ଦ୍ର



ବର୍ଜ୍ୟବସ୍ତୁ ଗୃହ ଛପର ଉଡ଼ିଯାଇଛି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### କିରାନା ଦୋକାନରୁ ଚୋରି ଅଭିଯୋଗରେ ୨ ଗିରଫ

**ରେଢାଖୋଲ,୨୦।୩(ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ ଛକରେ ଥିବା ଏକ କିରାନା ଦୋକାନରରୁ ଚୋରି ହୋଇଛି। ଆଜବେଷ୍ଟସ ଭାଙ୍ଗି ବିଭିନ୍ନ ଜିନିଷ ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସହରର ଶୁଣ୍ଡିମୁଣ୍ଡା ଗ୍ରାମର ନିମାଇଁ ଚରଣ ନାଏକ (୨୧) ଓ ମଦନ ସୁନା (୧୯)। ଦୋକାନ ମାଲିକ ବିନୋଦ ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୫୭, ୩୮୦ରେ ଏକ ମାମଲା (ନଂ ୫୫) ରୁଜୁ କରିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ୧୨୯୦ ଟଙ୍କା, ସିସିଟିଭି ହାର୍ଡଡିସ୍କ, ୧୦ ପକେଟ ପାନ ମସଲା, ୧୨ଟି ସାବୁନ ଓ ଏକ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ଜବତ କରିଛି।

### ଗାଧୋଇବାବେଳେ ବନ୍ଧରେ ବୁଡି ଯୁବକଙ୍କ ମୃତ୍ୟୁ

**ରେଢାଖୋଲ,୨୦।୩ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ହେମାମୁରାରେ ବନ୍ଧରେ ଗାଧୋଉଥିବା ବେଳେ ଜଣେ ଯୁବକ ବୁଡିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ଅନ୍ତର୍ଗତ ସଞ୍ଜାମୁରା ଗ୍ରାମର ଜଟିଳ ଦେହୁରୀ(୩୫) । ସେ ହେମାମୁରା ଗ୍ରାମରେ ଥିବା ତାଙ୍କ ବନ୍ଧୁ ଘରକୁ ବୁଲିବାକୁ ଆସିଥିଲେ। ରେଢାଖୋଲ ପୋଲିସ ମୃତଦେହ ଉଦ୍ଧାର କରି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କୋଇଲା ଉତ୍ପାଦନ ବୃଦ୍ଧି ଲାଗି ଏମ୍‌ସିଏଲ୍‌ର ତତ୍ପରତା

**ସମ୍ବଲପୁର,୨୦।୩ (ବ୍ୟୁରୋ)**-ଚଳିତ ୨୦୨୦ ଆର୍ଥିକ ବର୍ଷ ପାଇଁ ଆବଶ୍ୟକ ତତ୍ପରତା ପ୍ରଦର୍ଶନ ପୂର୍ବକ ଦୈନିକ ଓ ମାସିକ କୋଇଲା ଉତ୍ପାଦନ ବୃଦ୍ଧି କରି ଧାର୍ଯ୍ୟ ଲକ୍ଷ୍ୟ ହାସଲରେ ସହାୟକ ହେବାକୁ ମହାନଦୀ କୋଲ ଫିଲ୍ଡ ଲିମିଟେଡ (ଏମସିଏଲ) ପକ୍ଷରୁ ଏହାର ଖଣିକ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ କୋଇଲା ଉତ୍ପାଦନରେ ଏମସିଏଲର ୩.୫ ପ୍ରତିଶତ ନକାରାତ୍ମକ ଅଭିବୃଦ୍ଧି ହୋଇଥିବା ବେଳେ ଶେଷ ଦୁଇ ସପ୍ତାହରେ କୋଇଲା ଉତ୍ପାଦନ ବୃଦ୍ଧି କରି ଅନ୍ୟ କୋଇଲା ଉତ୍ପାଦନକାରୀ କମ୍ପାନୀକୁ ପଛରେ ପକାଇବାକୁ ଏମସିଏଲ ଲକ୍ଷ୍ୟ ରଖିଛି । ଉତ୍ପାଦନ ସହ ନିରାପତ୍ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଏଥି ପାଇଁ ଖଣି ଅଞ୍ଚଳରେ ସୁରକ୍ଷା ଦିବସ ପାଳନ କରାଯାଉଛି ବୋଲି ଏମସିଏଲର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା କହିଛନ୍ତି ।

### ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ ଶୁକ୍ରବାର ସମ୍ବଲପୁର କୁଞ୍ଜେଲପଡା ନିକଟସ୍ଥ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ବିଶ୍ୱରେ କରୋନା ଭୂତାଣୁ ଭୟ ଦେଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ହନୁମାନ ଜୟନ୍ତୀ ପାଳନ ପ୍ରସ୍ତୁତିକୁ ସ୍ଥଗିତ କରାଯାଇଛି । ଆସନ୍ତା ଏପ୍ରିଲ ୩ ତାରିଖ ପରେ ସ୍ଥିତିକୁ ନିରୀକ୍ଷଣ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଯଦି ସ୍ଥିତି ଠିକ ନ ଥିବା ତାହେଲେ ଜିଲା ପ୍ରଶାସନଠାରୁ ଅନୁମତି ନେଇ ସହରର ବିଭିନ୍ନ ଅଞ୍ଚଳରେ ଝଣ୍ଡା ଲଗାଯିବ। ଏଥିସହ ଡାକବାଜି ଯନ୍ତ୍ର ଦ୍ୱାରା ହନୁମାନ ଚାଳିଶା ପ୍ରସାରିତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଅମରନାଥ ମିଶ୍ର, ଗିରିଶ ପଟେଲ, ଶିବ କୁମାର ଅଗ୍ରୱାଲ, ଜୟବ୍ରତ ଦେ, ସୁଧିର ରଞ୍ଜନ ବହିଦାର, ପ୍ରଦୀପ ବେହେରା, ଶିଶିର ବହିଦାର, ରାଜା ବରାଡ, ସମୀର ହୋତା ଓ ଦେବାଶିଷ ପୁରୋହିତ ଆଲୋଚନାରେ ଭାଗ ନେଇଥିଲେ ।

# ହାତୀ ଶାବକର ମୃତଦେହ ଉଦ୍ଧାର

**ରେଢାଖୋଲ/ନାକଟିଦେଉଳ, ୨୦।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡରେ ହାତୀ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି । ଗତ ଅକ୍ଟୋବର ମାସରୁ ଚଳିତ ମାର୍ଚ୍ଚ ମାସ ମଧ୍ୟରେ ୨ ହାତୀ ଶାବକ ସହ ୩ ଦନ୍ତା ହାତୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ଣରେ ଏହି ବନଖଣ୍ଡର ନାକ୍ଟିଦେଉଳ ରେଞ୍ଜ ଅଧୀନ ବାଟଗାଁ ଫରେଷ୍ଟ ସେକ୍ସନର ଚଡ୍‌ଚଡି ସଂରକ୍ଷିତ ଜଙ୍ଗଲର ଏକ ଝରଣାରୁ ଗୋଟିଏ ହାତୀ ଶାବକର ମୃତଦେହକୁ ଠାବ କରି ଉଦ୍ଧାର କରାଯାଇଛି। ନାକଟିଦେଉଳ ବନାଞ୍ଚଳାଧିକାରୀ ଅଶ୍ୱିନୀ କୁମାର ବେହେରା, ବାଟଗାଁ ଫରେଷ୍ଟର ଛବିଳ ପ୍ରଧାନ ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ହାତୀ ଛୁଆର ଗଳିତ ମୃତଦେହ ଜବତ କରିଥିଲେ। ବିନ୍ଧପୁର ଗାଁରୁ ପ୍ରାୟ ୨ କି.ମି. ଦୂର ଧୂଳିଆମୁଣ୍ଡା



ମୃତ ହାତୀ ଶାବକ।

ନାଳରେ ଏକ ହାତୀ ଛୁଆ ମରିପଡିଥିବା ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଖବର ମିଳିଥିଲା ବୋଲି ଏମାନେ କହିଛନ୍ତି। ତେବେ ଏହି ହାତୀ ଶାବକଟି ମାତ୍ର ଏକ ମାସର। ହାତୀ ପଲରେ ଯାଉଥିବା ବେଳେ କୌଣସି ଦନ୍ତା ହାତୀର ଦାନ୍ତ ବାଜି ଶାବକର ଅନ୍ତଃବୁଜୁଳା ବାହାରିଯାଇ ମୃତ୍ୟୁ ଘଟିଥିବା ଡିଏଫ ଓ ସଂଗ୍ରାମ କେଶରୀ ବେହେରା କହିଛନ୍ତି। ଶନିବାର ହାତୀ ଶାବକର ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ମାସ ୨୦ ତାରିଖରେ ଏହି ବନଖଣ୍ଡର ନାକ୍ଟିଦେଉଳ ରେଞ୍ଜର ରାଇଲ ସେକ୍ସନ ଅଧୀନ ପଣସକାନି ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ୨୩ ତାରିଖ ବଡମାଳ ରେଞ୍ଜର ବଡପାଟି ଗ୍ରାମ୍ୟ ଜଙ୍ଗଲରେ ଆଉ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ୩୧ ତାରିଖରେ ଚାରମାଳ ରେଞ୍ଜ ଅଧୀନ କୁସୁମବାହାଳ ଜଙ୍ଗଲରେ ଏକ ହାତୀ ଶାବକର ମୃତ୍ୟୁ ହୋଇଥିଲା। ଜାନୁୟାରୀ ୧୯ ତାରିଖ ବଡମାଳ ରେଞ୍ଜ ଅଧୀନ ଡୁଡାବାହାଳ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ତେବେ ଏହି ହାତୀ ଆନ୍ତ୍ରାକ୍ସରେ ମୃତ୍ୟୁ ଘଟିଥିବା ବନବିଭାଗ କହିଥିଲା। ନିୟମିତ ବ୍ୟବଧାନରେ ଏହି ବନଖଣ୍ଡରେ ହାତୀମୃତ୍ୟୁ ହେଉଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପରିବେଶପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।



କୁଚିଣ୍ଡାରେ କରୋନା ସଚେତନତା ସଭାରେ ସରକାରୀ ଅଧିକାରୀ ଓ ଜନପ୍ରତିନିଧି।

## କରୋନା ପାଇଁ ସଚେତନତା ସଭା

**କୁଚିଣ୍ଡା,୨୦।୩ (ଡି.ଏନ.ଏ.)**

ସାରା ଦେଶରେ ଏବେ କରୋନା ଭୟ। ଏଥିରୁ ରକ୍ଷା ପାଇବା ପାଇଁ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଅଧକ୍ଷା ତିଳୋତ୍ତମା ନାଏକଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କରୋନାରୁ ରକ୍ଷା ପାଇବା ପାଇଁ ସ୍ୱଚ୍ଛତା ଅବଲମ୍ବନ କରିବା ସହ ବାରମ୍ବାର ହାତ ଧୋଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ଜନ ସଚେତନା ସୃଷ୍ଟି କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ କୁଚିଣ୍ଡା ବିଡିଓ ନିଶିପୁନମ ମିଞ୍ଜ, ଏମ୍‌ପିଙ୍କ ପ୍ରତିନିଧି ବିରଞ୍ଚି ଦର୍କା, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ମିଶ୍ର, ଉପାଧକ୍ଷ ପୂର୍ଣ୍ଣ ଚନ୍ଦ୍ର କିଷାନ, ଜିପିଇଓ ଜିତେନ୍ଦ୍ର ମୁଣ୍ଡାଙ୍କ ସମେତ ବହୁ ଜନ ପ୍ରତିନିଧି ଓ ପଦାଧିକାରୀ ଉପସ୍ଥିତ ଥିଲେ ।

## ସେଲୁନ ବନ୍ଦ, ହୋଟେଲ କ୍ୱାରାଣ୍ଟାଇନ୍ ଖୋଲିଲା

**ସମ୍ବଲପୁର,୨୦।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ମହାନଗର ନିଗମ ସମସ୍ତ ସେଲୁନ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଦୁଇଟି ଘରୋଇ ହୋଟେଲ କ୍ୱାରାଣ୍ଟାଇନ୍ ଖୋଲାଯାଇଛି। ଏଥିପାଇଁ ୨୪ ଘଣ୍ଟାକୁ ୨ ହଜାର ଟଙ୍କା ଦେବାକୁ ପଡିବ। ସେଠାରେ ଖାଇବା ଓ ପାଣି ବୋତଲ ମାଗଣାରେ ଦିଆଯିବ। ମାଗଣାରେ ଡାକ୍ତର ସେବା ଯୋଗାଇ ଦିଆଯିବ। ଦିନକୁ ୩ଥର ଡାକ୍ତର ଯାଇ ହୋଟେଲରେ ଚିକିତ୍ସା କରିବେ। ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ହୋଟେଲ ପକ୍ଷରୁ ପର୍ଯ୍ୟଟକ ଓ ଅତିଥିଙ୍କ ତାଲିକା ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏହାସହ ଅଧିକ ଭିଡ ହେଉଥିବା ରେଷ୍ଟୁରାଣ୍ଟ, କଫିଶପ୍, ବାରକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପବ୍ଲିକ ଟ୍ରାନ୍ସପୋର୍ଟ, ଟ୍ରାଭେଲ୍ସମାନଙ୍କୁ ମଧ ପର୍ଯ୍ୟଟକଙ୍କ ତାଲିକା ଦେବାକୁ କଡା ନିର୍ଦ୍ଦେଶ ରହିଛି। ସପିଂ କମ୍ପ୍ଲେକ୍ସ, ହାଟ ଗୁଡିକରେ ଭିଡ ନ କରିବା ସହ ସମୟସୀମା ଧାର୍ଯ୍ୟ କରାଯାଇଛି। କୌଣସି ସ୍ଥାନରେ ୭ଜଣରୁ ଅଧିକ ଲୋକ ଭିଡ ନ କରିବାକୁ ଅନୁରୋଧ କରାଯାଇଛି ।

## ନକଲି ସାନିଟାଇଜର୍ ଜବତ

**ସମ୍ବଲପୁର,୨୦।୩ (ବ୍ୟୁରୋ)**

କରୋନାକୁ ନେଇ ଯେତିକି ସଚେତନ କରାଯାଉଛି ଫାଇଦା ନେବାପାଇଁ ମୁନାଫାଖୋର ଅସାଧୁ ବ୍ୟବସାୟୀମାନେ ନିଜ ବେପାର ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ମହାନଗର ନିଗମର ଡ୍ରଗ୍ସ ଇନ୍ସପେକ୍ଟର ଟିମ କ୍ଷେତରାଜପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ୧୮୦ ବୋତଲ ନକଲି ସାନିଟାଇଜର୍ ଜବତ କରିଛନ୍ତି। ସମସ୍ତ ସାନିଟାଇଜର ହାଇଦ୍ରାବାଦରେ ବ୍ରାଣ୍ଡ ହୋଇଥିବା କମ୍ପାନୀର ବୋଲି ଜଣାପଡିଛି। ଜବତ ସାନିଟାଇଜର୍‌କୁ ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯାଇଛି।

## ସମବାୟ ସମିତି ପକ୍ଷରୁ କରୋନା ସଚେତନତା



ଜିଲା ମାନେଶ୍ୱର ସମବାୟ ସମିତିକୁ ପ୍ରବେଶ ପୂର୍ବରୁ କର୍ମଚାରୀମାନେ ହାତ ଧୋଉଛନ୍ତି ।

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

ରାଜ୍ୟ ସରକାର ସମସ୍ତ ବିଭାଗକୁ କରୋନା ସଚେତନତା କରିବା ସହ ସତର୍କତା ଅବଲମ୍ବନ କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲା ସମବାୟ ବିଭାଗ ପକ୍ଷରୁ ଜିଲାର ସମବାୟ ସମିତିଗୁଡିକୁ ସତର୍କତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଶୁକ୍ରବାର ବିଭିନ୍ନ ସମବାୟ ସମିତି ଗୁଡିକରେ ପ୍ରଥମେ କର୍ମଚାରୀମାନେ ସାବୁନରେ ହାତ ଧୋଇ କାର୍ଯ୍ୟରେ ଯୋଗଦେଇଥିଲେ। ଏହାସହ ସମବାୟ ସମିତିକୁ ଋଣ ପରିଶୋଧ ଓ ନେବା ପାଇଁ ଆସୁଥିବା ଚାଷୀମାନଙ୍କୁ ମଧ ସାବୁନରେ ହାତ ଧୋଇ ଭିତରକୁ ପ୍ରବେଶ କରିବାକୁ ଅନୁରୋଧ କରୁଥିଲେ। ଚାଷୀମାନେ ମଧ ସଚେତନ ହୋଇ ହାତ ଧୋଇ ଭିତରକୁ ପ୍ରବେଶ କରୁଥିଲେ। ଏହାସହ ଏକ ମିଟର ବ୍ୟବଧାନରେ ବସି କର୍ମଚାରୀମାନେ କାମ କରିଥିଲେ।

## ଫଟୋରେ ଖବର



କରୋନା ସତର୍କତା ଲାଗି ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ତାଲା ଝୁଲୁଛି।

## ସତର୍କ, ସଚେତନତା କରୋନାକୁ ରୋକିବ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରତିଦିନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲା ପ୍ରଶାସନ ମଧ ପାଳନ କରୁଛି। ଶୁକ୍ରବାର ପ୍ରଶାସନ ପକ୍ଷରୁ ଏକ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ୧୦୭୭ କିମ୍ବା ୦୬୬୩୨୪୧୨୦୮୫ ଜିଲା ମୁଖ୍ୟ ଚିକିତ୍ସାଳୟରେ ୦୬୬୩୨୫୩୪୦୫, ୦୬୬୩୨୫୩୪୦୫ ନମ୍ବର ରହିଛି। କରୋନା ସଂକ୍ରମଣକୁ ନେଇ ଏହି ନମ୍ବରରେ ଫୋନ କରି ସତର୍କତା ଓ ସୁରକ୍ଷା ଉପରେ ସୂଚନା ପାଇପାରିବେ ।

## ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଥାନା ହିଣ୍ଡାଲକୋ କଲୋନୀ ରାମ ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଝାଙ୍କରପଡାର ଭୁଲୁ ମେହେରଙ୍କୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ଟଙ୍କା ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରିଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ବର୍ଷା ଉଜାଡ଼ିଥିଲା,ବଜାର ଯୋଗୁ ଚିନ୍ତା ବଢ଼ିଲା

**ସମ୍ବଲପୁର,୨୦।୩(ବ୍ୟୁରୋ)**

ଚଳିତ ବର୍ଷ ପାଣିପାଗ ଚାଷୀ ଓ ଚାଷ ପାଇଁ ଉପକୂଳ ହୋଇ ନାହିଁ। ବାରମ୍ବାର ଅଦିନିଆ ବର୍ଷା ଝଡତୋଫାନ ହୋଇ ସବୁ ପ୍ରକାର ଫସଲ ଉପରେ ପ୍ରଭାବ ପକାଇଛି। ଧାନ, ମକା, ତରଭୁଜ, ପନିପରିବା ଓ ଡାଲି ଜାତୀୟଫସଲ ନଷ୍ଟ କରିଦେଇଛି। ବର୍ଷା ଅଧିକାଂଶ ଫସଲ ଉଜାଡି ଦେଇଥିଲା। ଏବେ ବଜାର ଆହୁରୀ ଚିନ୍ତା ବଢାଇ ଦେଇଛି ବୋଲି ଯୁଯୁମୁରା ବଜାରକୁ ଆସିଥିବା ତରଭୁଜ ଚାଷୀ ବାସୁଦେବ ସାହୁ କହିଛନ୍ତି। ରେଢାଖୋଲ ବ୍ଲକ ଛେଲଖାଇ ଗ୍ରାମର ବସୁଦେବ କହିଛନ୍ତି ଯେ, ବହୁ କଷ୍ଟରେ ତରଭୁଜ ଚାଷ କରିଥିଲୁ । ଆମର ୩ ଏକର ଜମିରୁ ଦେଢ ଏକର ଜମିରେ ପର୍ଯ୍ୟାୟ କ୍ରମେ ଚାଷ କରିଥିଲୁ। ନଭେମ୍ବର ମାସରେ ପାଣିପାଗ ଠିକ ରହିଥିଲା। ତରଭୁଜ ଗଛଗୁଡିକ ଭଲ ଭାବେ ହୋଇଥିଲା । ହେଲେ ଡିସେମ୍ବର ମାସ ଶେଷ ସପ୍ତାହ ଓ ଜାନୁୟାରୀ ମାସରେ ଫୁଲ ହୋଇଥିଲା। ହେଲେ ଜାନୁୟାରୀ ଓ ଫେବ୍ରୁୟାରୀ ମାସରେ କିଛି ଦିନ ବ୍ୟବଧାନରେ ଅଦିନିଆ ବର୍ଷା ହେଲା। ଫଳରେ ଫୁଲ ଫଳ ପ୍ରାୟ ଝଡିଯାଇଥିଲା। ପାଣିପାଗ ଯୋଗୁ ତରଭୁଜରେ ରୋଗ ପୋକ ଲାଗିଗଲା । ଯାହା ବଞ୍ଚିଥିଲା ଏବେ ବିକ୍ରି କରିବାକୁ ଆସିଛୁ। ହେଲେ ଏବେ ବଜାରରେ ମାନ୍ଦା ଅବସ୍ଥା ରହିଛି। ତରଭୁଜ ବିକ୍ରି ହୋଇ ପାରୁନାହିଁ। ଏହା ଆମକୁ ଚିନ୍ତା ବଢାଇ ଦେଇଛି। ଏହି ଚାଷ ପାଇଁ ପ୍ରାୟ ୨୫ ହଜାରରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରିଥିଲୁ। ବାପା ମାଆ ଓ ସ୍ତ୍ରୀ ସମସ୍ତେ ଚାଷରେ ସହଯୋଗ କରିଥିଲେ। ପୂର୍ବ ବର୍ଷରେ ତରଭୂଜ ଗୋଟାକୁ ୨୦ରୁ ୨୫ ଟଙ୍କା ବିକ୍ରି କରିଥିଲି । ପ୍ରତିଥର ୮ରୁ ୧୦ ହଜାର ଟଙ୍କା ବିକ୍ରି କରି ଘରକୁ ନେଇଥାଏ । ହେଲେ ସେଇ କିଲୋପିଛା ୧୦ ରୁ ୧୫ ଟଙ୍କା ନେବାରେ ଗ୍ରାହକମାନେ ମଣୁନାହାନ୍ତି । ମୁହଁ ଫେରି ଚାଲିଯାଉଛନ୍ତି । ପ୍ରାୟ ୧ ଲକ୍ଷ ଟଙ୍କାର ଲାଭ ହେବ ବୋଲି ଆଶା କରିଥିଲି । ହେଲେ ଏବେ ଖର୍ଚ୍ଚ ଟଙ୍କା ଉଠିବ କି ନାହିଁ ଭାବି ପାରୁନାହିଁ। ଅନ୍ୟପଟେ ଏବେ ଜିଲାରେ କରୋନାକୁ ନେଇ ଭୟ ବାତାବରଣ ଖେଳି ଯାଇଛି। ତେଣୁ ବଜାରକୁ ଗ୍ରାହକ ଆସିବା କମିଯାଇଛି ବୋଲି ବାସୁଦେବ କହିଛନ୍ତି ।



ସମ୍ବଲପୁର ଜିଲା ଯୁଯୁମୁରା ମାର୍କେଟକୁ ତରଭୁଜ ବିକ୍ରି ପାଇଁ ଆସିଥିବା ଚାଷୀ ବାସୁଦେବ ସାହୁ ।

## ଏଡିଏମଓଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**- ସମ୍ବଲପୁର ଜିଲା ସଦର ଡାକ୍ତରଖାନା ଏଡିଏମଓ ପିଏଚ ତଥା ଜିଲା କରୋନା ମୁକାବିଲା ଦାୟିତ୍ୱରେ ଥିବା ଡା. ଅଶୋକ ଦାଶଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଟୁଇଟ୍ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ମାଆଙ୍କ ମୃତ୍ୟୁ ଘଟିବାର ଦିନକ ପରେ ସଂପୃକ୍ତ ଡାକ୍ତର କାର୍ଯ୍ୟରେ ଯୋଗ ଦେଇଥିଲେ । ଏହା ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ପାଇଁ ଗୌରବର କଥା। ସମଗ୍ର ବିଶ୍ୱ କରୋନା ମହାମାରୀ ଉପରେ ଲଢ଼େଇ କରୁଛି । ଏ ଭଳି ସମୟରେ ସେବା କରିବା ବଡ଼ କଥା। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧୭ ତାରିଖ ଡା. ଦାଶଙ୍କ ମାଆ ପଦ୍ମିନୀଙ୍କ ପରଲୋକ ଘଟିଥିଲା। ଏହାର ଦିନକ ପରେ ଡା. ଦାଶ କାର୍ଯ୍ୟରେ ଯୋଗଦେଇଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା ।

## ଫଟୋରେ ଖବର







ଶୁକ୍ରବାର ସମ୍ବଲପୁର ସମଲେଇ ଦର୍ଶନ ବନ୍ଦ ଯୋଗୁ ରିଂ-ରୋଡ ସମଲେଶ୍ୱରୀ ଛକ ଶୂନଶାନ ରହିଛି(ବାମ) । ବିପଦ: ସମ୍ବଲପୁର ପୁରୁଣା ବସଷ୍ଟାଣ୍ଡରେ ବନ୍ଦ ହୋଇପଡିଥିବା ନିର୍ମାଣାଧୀନ ଟାଉନ ହଲରେ ଜମା ହୋଇ ରହିଥିବା ପାଣିରେ ବିପଦପୂର୍ଣ୍ଣ ଭାବେ ପିଲାମାନେ ଜଳକ୍ରୀଡା କରୁଛନ୍ତି (ମଝି) । ସହରରେ ମାକ୍ସ ଅଭାବ ରହିଥିବାରୁ ସମ୍ବଲପୁର ମୁଦିପଡା ଛକରେ ଟ୍ରାଫିକ ପୋଲିସ ରୁମାଲ ବାନ୍ଧି ଛିଡା ହୋଇଛନ୍ତି ।

# କରୋନା ସଚେତନତା କାର୍ଯ୍ୟକ୍ରମ




ଜନସାଧାରଣଙ୍କୁ ହାତ ଧୋଇବାର କୌଶଳ ଉପରେ ସଚେତନ କରାଯାଉଛି।

**ଦେବଗଡ଼,୨୦।୩ (ଡି.ଏନ୍.ଏ.)**

ଦେବଗଡ଼ରେ କରୋନା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ବିକାଶ ମଞ୍ଚ, ଷ୍ଟେଟ ବ୍ୟାଙ୍କ ଛକ ଯୁବକ ସଂଘର ମିଳିତ ଅନୁକୂଲ୍ୟରେ ଷ୍ଟେଟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ହାତ ଧୋଇବାର କୌଶଳ ଉପରେ ବୁଝାଇବା ସହ ଲିଫ୍‌ଲେଟ୍ ପ୍ରଦାନ କରି କରୋନା ଭୂତାଣୁ ସଂକ୍ରମଣ ଏବଂ ପ୍ରତିଷେଧକ ବ୍ୟବସ୍ଥା ଉପରେ ସଚେତନତା କରାଯାଇଥିଲା। ରବିବାର ଜନତା କର୍ଫ୍ୟୁ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଦେବଗଡ଼ ଜିଲା ବିକାଶ ମଞ୍ଚର ଆବାହକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରାଣୀ ଅରୁନ୍ଧତୀ ଦେବୀ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ମିତ୍ରଭାନୁ ମହାପାତ୍ର, ମନମୋହନ ସାହୁ, ଉଦିପ୍ତ ନାୟକ, ସୁମନ୍ତ ସାହୁ, ଦୟା ଶଙ୍କର ଦ୍ୱିବେଦୀ, ତରଣୀ କାନ୍ତ ଦାଶ, ମୁନା ଅଗ୍ରୱାଲା, ଜନ୍ମେଜୟ ନାୟକ, ସୌମ୍ୟକାନ୍ତ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇ ସହଯୋଗ କରିଥିଲେ। କରୋନା ସଚେତନତା କାଯ୍ୟକ୍ରମ ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

## କୁଦମହଦାରେ କରୋନା ସଚେତନତା

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ କୁଦମହଦା ଗ୍ରାମରେ କରୋନା ଭୂତାଣୁ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ଟ୍ରାଫିକ ସଂଯୋଜନ ପଦ୍ମଲୋଚନ ଭୋସାଗରଙ୍କ ତତ୍ତ୍ୱାବଧାନରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ସମସ୍ତେ କିପରି ହାତ ଧୋଇବା ସହ ଘରେ ସଫାସୁତୁରା ରହିବେ ସେ ନେଇ ବୁଝାଯାଇଥିଲା ।



ସମ୍ବଲପୁର କୁଦମହଦା ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ।

# ଆରତି ମାଉସୀଙ୍କ ଭୋଜନାଳୟ



**ପ୍ରଦୀପ ଦାସ**
**ଭୋଗରାଇ, ୨୦।୩**

ବାଲେଶ୍ୱର ଜିଲା ଭୋଗରାଇ ଥାନା ସମ୍ମୁଖ ଭାଗରେ ରହିଛି ଏକ ଭୋଜନାଳୟ। ବାହାରେ ନାହିଁ ଅନ୍ୟ ଭୋଜନାଳୟ ଭଳି କିଛି ଚାକଚକ୍ୟ। ନଡ଼ା ଛପର ମିଶା ଆଜବେଷ୍ଟସ ଘର। ଏହା ଭିତରେ ଚାଲିଥିବା ଭୋଜନାଳୟ ଗ୍ରାହକଙ୍କ ଲାଗି ଆକର୍ଷଣ ସାଜିଛି। ୭୦ବର୍ଷର ବୃଦ୍ଧା ଆରତିଙ୍କ ହାତରନ୍ଧା ଖାଇବା ଲାଗି ଏଠି ଗ୍ରାହକମାନେ ଭିଡ଼ ଜମାଇଥାନ୍ତି । ଅନେକ ତାଙ୍କୁ ଶ୍ରଦ୍ଧାରେ ଆରତି ମାଉସୀ ଡାକିଥାନ୍ତି।

ଆରତି ବୃଦ୍ଧା ହୋଇଥିଲେ ବି ନିତିଦିନ ପରିଶ୍ରମ କରି ରୋଷେଇ କାର୍ଯ୍ୟ କରିଥାନ୍ତି। ଅସୁସ୍ଥତା ପାଖରେ କେବେ ବି ହାର ମାନି ନାହାନ୍ତି। ତାଙ୍କ ଶ୍ରମଦାନ ଓ ପରିବାର ପ୍ରତି ତ୍ୟାଗ ଯୋଗୁ ଉକ୍ତ ଭୋଜନାଳୟ ଉପରେ ୫ ପ୍ରାଣୀ ନିର୍ଭର କରି ଚଳୁଛନ୍ତି। ମହିଳାମାନେ ବୋଝ ନ ହୋଇ ପରିବାରକୁ ବି ରୋଜଗାରର ବାଟ ଦେଖାଇ ପାରନ୍ତି ତାହା ସେ ପ୍ରମାଣ କରି ଦେଖାଇଛନ୍ତି ।

ସେ କୁହନ୍ତି, ବିବାହ ପରେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ସ୍ୱାମୀଙ୍କ ସହିତ ମିଶି ରୋଜଗାର ପାଇଁ ସେ ଘରୁ ଗୋଡ଼ କାଢ଼ିଥିଲେ। ସେ ସମୟରେ ବ୍ରାହ୍ମଣ କୁଳର କୌଣସି ମହିଳା ବାହାରକୁ ଗୋଡ଼ କାଢ଼ିବା ସହଜ ନ ଥିଲା। ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ଆରତି ସ୍ୱାମୀଙ୍କ ସହିତ ରୋଜଗାର କରି ଛୁଆପିଲାଙ୍କ ଲାଗି ଦାନାକନା ଯୋଗାଡ଼ କରିବା ଲକ୍ଷ୍ୟରେ ୫୦ବର୍ଷ ପୂର୍ବେ ଜଳେଶ୍ୱରରେ ଏକ ଭୋଜନାଳୟ ଆରମ୍ଭ କରିଥିଲେ। ସେତେବେଳେ ପ୍ରତି ମିଲ୍‌ର ଦାମ୍ ଥିଲା ୫୦ ପଇସା। ଦୁଃଖକଷ୍ଟେ ପରିବାର ପୋଷଣ କରୁଥିବା ଏହି ଦମ୍ପତି ସେଠାରୁ ଭୋଗରାଇ ଆସି ଥାନା ଛକରେ ଏକ ଭୋଜନାଳୟ ଖୋଲିଥିଲେ। ପରେ ଏକ ଟଙ୍କା, ଦୁଇ ଟଙ୍କା, ପାଞ୍ଚ ଟଙ୍କା ଓ ପରେ ଦରଦାମ୍ ବଢିବା ଯୋଗୁ ଏବେ ୫୦ ଟଙ୍କାରେ ପ୍ରତି ମିଲ ବିକ୍ରି କରୁଛନ୍ତି। ଭୋଗରାଇରେ ଦୀର୍ଘ ୪୦ରୁ ଊର୍ଦ୍ଧ୍ୱ ବର୍ଷ ରହଣି କାଳ ମଧ୍ୟରେ ସେ ଭୋଜନାଳୟରୁ ରୋଜଗାର କରି ଦେହୁର୍ଦ୍ଧାଠାରେ ୧୨ ଡିସିମିଲର ଏକ ଜାଗା କିଣି ପକ୍କାଘର କରିବା ସହିତ ଦୁଇଝିଅଙ୍କୁ ବିବାହ ଦେବା ପରେ ପୁଅ ବାହାଘର କରି ନାତୁଣୀଙ୍କୁ ନେଇ ସଂସାର ଚଳାଉଛନ୍ତି। ସ୍ୱାମୀ ଖୁଦିରାମ ଦାଶ ଆରପାରିକୁ ଚାଲିଯିବା ପରେ ଆରତି ଏବେ ପରିବାରର ସବୁ କଥା ବୁଝିବା ସହ ଭୋଜନାଳୟର କାର୍ଯ୍ୟକୁ ମୁଖ୍ୟ ଭାବେ ପରିଚାଳନା ଓ ତଦାରଖ କରୁଛନ୍ତି। ତାଙ୍କ ପୁଅ, ବୋହୂ ଓ ଦୁଇନାତି ସହାୟତା କରୁଛନ୍ତି।

- ୭୦ ବର୍ଷରେ ବି ଥକି ପଡ଼ିନାହାନ୍ତି
- ତାଙ୍କ ହାତରନ୍ଧା ଖାଦ୍ୟର ସ୍ୱାଦ ନିଆରା
- ୪୦ବର୍ଷ ଧରି ନଡ଼ା, ଆଜବେଷ୍ଟସ ଛପର ତଳେ ଚାଲିଛି ଦୋକାନ

ଆରତିଙ୍କ କହିବା ହେଲା ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ରଖିଲେ ଯେ କୌଣସି କାର୍ଯ୍ୟରେ ସଫଳତା ମିଳିବ। ଜୀବନ ଜିଇବାର ସଂଘର୍ଷ ଭିତରେ ବଞ୍ଚିବାରେ ଭିନ୍ନ ଆନନ୍ଦ ଥାଏ । ତାଙ୍କ ଭୋଜନାଳୟ ପରିବାରର ୫ଜଣଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇଛି। ସୂର୍ଯ୍ୟୋଦୟ ପୂର୍ବରୁ ସେ ବିଛଣା ତ୍ୟାଗ କରି ପୁଅ, ବୋହୂ, ନାତିଙ୍କୁ ନେଇ ଦୋକାନରେ ପହଞ୍ଚିଯାଆନ୍ତି। ଏହି ଭୋଜନାଳୟକୁ ସେ 'ଲକ୍ଷ୍ମୀ' ଭାବି କାର୍ଯ୍ୟ କରିଥାନ୍ତି। ୫୦ଟଙ୍କାରେ ଭାତ ସହିତ ମାଛ ଝୋଳ, ଖଟା ଓ ଅନ୍ୟାନ୍ୟ ୫ ପ୍ରକାର ତରକାରି ଖାଉଟିଙ୍କୁ ଦେଇଥାନ୍ତି। ଏଥିସହିତ ମାଛଭଜା ସାଙ୍ଗକୁ ମାଛମଞ୍ଜିକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥାନ୍ତି, ଯାହାର ସ୍ୱାଦ ନିଆରା। ଦୈନିକ ହାରାହାରି ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉକ୍ତ ଭୋଜନାଳୟରୁ ରୋଜଗାର ହୋଇପାରୁଛି। ବିବାହ ଉତ୍ସବ ଏବଂ ଆନୁଷ୍ଠାନିକ କାର୍ଯ୍ୟ ଲାଗି ରୋଷେଇ ବରାଦ ମିଳିଲେ ଅଧିକ ରୋଜଗାର ହୋଇଥାଏ। ସେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରୁଥିବାରୁ ଏବଂ ତାଙ୍କ ତରକାରି ଭିନ୍ନ ସ୍ୱାଦର ହୋଇଥିବାରୁ ଦୂରଦୂରାନ୍ତରୁ ଆସୁଥିବା ବ୍ୟକ୍ତିମାନେ ତାଙ୍କ ଭୋଜନାଳୟ ଆସି ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। କୌଣସି ଦୀନଦୁଃଖୀ ବା ଭୋକିଲା ଲୋକଙ୍କୁ ଦେଖିଲେ ସେ ବିନାମୂଲ୍ୟରେ ଖାଇବାକୁ ଦେଇଥାନ୍ତି। କର୍ମଦକ୍ଷତା ଓ ମହତପଣିଆ ଲାଗି ଆରତି ଏଠି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି।

# ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼,୨୦।୩(ଡି.ଏନ୍.ଏ.)**

ରେଙ୍ଗାଲି ଡ୍ୟାମ ଜଳଭଣ୍ଡାରରେ ଗୁରୁବାର ଡଙ୍ଗାବୁଡି ମତ୍ସ୍ୟଜୀବୀ ପଟୁ ଧୀବର ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ସକାଳେ ବାରକୋଟ ଦମକଳ ବାହିନୀ ଜଳଭଣ୍ଡାରରୁ ମତ୍ସ୍ୟଜୀବୀ ପଟୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାରକୋଟ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବାରକୋଟ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଗୁରୁବାର ପଟୁଙ୍କ ସହ କେତେଜଣ ମତ୍ସ୍ୟଜୀବୀ ବାରକୋଟ ବ୍ଲକ ଅଧୀନ ବାଲିରୋଇ ଗ୍ରାମ ରେଙ୍ଗାଲି ଡ୍ୟାମ ଜଳଭଣ୍ଡାରକୁ ମାଛ ମାରିବାକୁ ଯାଇଥିଲେ। ହେଲେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ଅଞ୍ଚଳରେ ଝଡତୋଫାନ ସହ ବର୍ଷା ହୋଇଥିଲା। ଫଳରେ ଜଳଭଣ୍ଡାରରେ ଡଙ୍ଗା ବୁଡିଯାଇଥିଲା। କେତେଜଣ ମତ୍ସ୍ୟଜୀବୀ କୂଳକୁ ଆସିବାକୁ ଉଦ୍ୟମ କରିଥିଲେ। ହେଲେ ବିପରିତ ଦିଗରୁ ଜୋରରେ ପବନ ବହିବା ଯୋଗୁ ସେମାନେ ପାରି ନ ଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ଏକ ତାଳଗଛରେ ଦୀର୍ଘ ସମୟ ଧରି ଲଟକି ରହିବା ପରେ ପବନ କମିବାରୁ କୂଳକୁ ଆସିଥିଲେ। ହେଲେ ବାଲିରୋଇ ଗ୍ରାମର ପଟୁ ଧୀବର, ଦୁଃଖୁ ସାମଲ, ପଡ଼ିଆନାଳୀ ଗ୍ରାମର ବାବୁଲୀ ପାତ୍ର, ସମ୍ଭାରୁ ପାତ୍ର ଦୀର୍ଘ ସମୟ ଧରି ନ ଫେରିବାରୁ ଗ୍ରାମବାସୀ ବାରକୋଟ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଃଖୁ, ବାବୁଲୀ ଏବଂ ସମ୍ଭାରୁଙ୍କୁ ଉଦ୍ଧାର କରିଥିଲେ। ହେଲେ ପଟୁଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସକାଳେ ଦମକଳ ବାହିନୀ ଡ୍ୟାମରେ ଖୋଜାଖୋଜି କରିଥିଲେ। ପରେ ପଟୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଦଣ୍ଡାସିଂହା ସରପଞ୍ଚ ଅମିତ କୁମାର ଦେହୁରୀ, ସମିତି ସଭ୍ୟା ପୁଷ୍ପାଞ୍ଜଳି ସାହୁ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଏହି ଅବସରରେ ଜିଲା ବିଜେଡି ସଭାପତି ବିଶ୍ୱାଳ ପଟୁଙ୍କ ପରିବାର ଲୋକଙ୍କୁ କିଛି ସହାୟତା ପ୍ରଦାନ କରିଥିଲେ । ଅପରାହ୍ନରେ ରାଣୀ ଅରୁନ୍ଧତୀ ଦେବୀ ପଟୁଙ୍କ ଘରକୁଯାଇ ପରିବାର ଲୋକଙ୍କୁ ଭେଟି ସମବେଦନା ଜ୍ଞାପନ କରିଥିଲେ।




ମୃତଦେହ ଉଦ୍ଧାର ପରେ ଶୋକାକୁଳ ପରିବେଶ।

**ରେଙ୍ଗାଲି ଡ୍ୟାମରେ ଡଙ୍ଗାବୁଡି ଘଟଣା**

## ରେଙ୍ଗାଲି ଡାକ୍ତରଖାନାରେ କରୋନା ସଚେତନତା

**ରେଙ୍ଗାଲି, ୨୦।୩ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ସରକାରୀ ଡାକ୍ତରଖାନାରେ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ଏବଂ ରୋଗୀ କଲ୍ୟାଣ ସମିତି ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ବରିଷ୍ଠ ନାଗରିକ ପରିଷଦର ସଭାପତି ବସନ୍ତ କୁମାର ନାୟକ ଏବଂ ସମ୍ପାଦକ ଅର୍ନ୍ତଯାମୀ ପାଣିଙ୍କ ସଞ୍ଚାଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ କରୋନା ଭୂତାଣୁ ବିଷୟରେ ସଚେତନ କରାଯାଇଥିଲା । ସାବୁନରେ ହାତ ଧୋଇବା ପାଇଁ ପାଣି ଏବଂ ସାବୁନ, ସାନିଟାଇଜରର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକଙ୍କୁ ହାତ ଧୋଇ ଡାକ୍ତରଖାନାକୁ ପ୍ରବେଶ କରିବା ପାଇଁ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ଡାକ୍ତରଖାନାର ମେଡିକାଲ ଅଫିସର ଇପସିତା ଦାସ, ଆୟୁଷ ଡା. କୈଳାଶ ମାଝୀ, ଫାର୍ମାସିଷ୍ଟ ସୁରେନ୍ଦ୍ର କୁମାର ବେହେରା, ଡା. ଅର୍ଣ୍ଣଲତା ମେହେର, ରାଜେନ୍ଦ୍ର ଷଣ୍ଢ, ବରିଷ୍ଠ ନାଗରିକ ପରିଷଦର ବିନୋଦ ନନ୍ଦ, ରୋଗୀ କଲ୍ୟାଣ ସମିତିର ଶଶିଭୂଷଣ ସାହୁ, ଶ୍ରୀପତି ଷଣ୍ଢ, ତାପସ୍ୱିନୀ ଠାକୁର, ରାଜରାମ ମାହାଣା ପ୍ରମୁଖ ଉପସ୍ଥିତ ଥିଲେ ।

# ମଦ ଜବତ କରି ନଷ୍ଟ କଲେ ମହିଳା



ମଦ ବିରୋଧୀ ଆନ୍ଦୋଳନରେ ମାମିଲ ହୋଇଥିବା ମହିଳାମାନେ।

**ଦେବଗଡ଼,୨୦।୩(ଡି.ଏନ୍.ଏ.)**

**ଶୁଣିଲାନି ଜିଲା ପ୍ରଶାସନ**

ବାରମ୍ବାର ଅଭିଯୋଗ ପରେ ଶୁଣିଲାନି ପ୍ରଶାସନ। ଏଭଳିସ୍ଥିତିରେ ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ପଞ୍ଚାୟତ ଅଧୀନ ସମରଖାଇ ଓ ବାଘମୁଣ୍ଡା ଗ୍ରାମର ମହିଳାମାନେ ଶୁକ୍ରବାର ଆଇନକୁ ହାତକୁ ନେଇ ମଦ ଦୋକାନ ଭାଙ୍ଗି ଥିଲେ। ଏପରି କି ମହିଳାମାନେ ବେଆଇନ ଭାବେ ମଦ ବିକ୍ରି କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପଶି ଦେଶୀ ମଦ, ହାଣ୍ଡିଆ ଜବତ କରି ନଷ୍ଟ କରି ଦେଇଛନ୍ତି। ସୂଚନାଯୋଗ୍ୟ, କଣ୍ଢେଇ ପଞ୍ଚାୟତ ସଦର ମହକୁମାର ନିକଟସ୍ଥ ସମରଖାଇ ଛକ ନିକଟରେ ବେଆଇନ ଭାବେ ଦେଶୀ ମଦ ଏବଂ ହାଣ୍ଡିଆ ବିକ୍ରି ହେଉଥିଲା। ଏନେଇ ଅଞ୍ଚଳରେ ମଦୁଆଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଅସାମାଜିକ କାର୍ଯ୍ୟକଳାପ ହେଉଥିଲା। ଏନେଇ ଅଞ୍ଚଳରୁ ମଦ ବିକ୍ରି ବନ୍ଦ କରିବାକୁ ଦାବି କରି ବିଭିନ୍ନ ସମୟରେ ମହିଳାମାନେ ଦେବଗଡ଼ ଥାନା, ଅବକାରୀ ବିଭାଗ ଏବଂ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ ବାଧହୋଇ ବାଘମୁଣ୍ଡା, ସମରଖାଇ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଗାଁ ଛକରେ ଥିବା ଏକାଧିକ ମଦ ଦୋକାନ ଭାଙ୍ଗି ବେଆଇନ ଭାବେ ମଦ ବିକ୍ରି କରୁଥିବା ୫ ଜଣଙ୍କ ଘରେ ଚଢ଼ାଉ କରିଥିଲେ। ମହିଳାମାନେ ଘରୁ ବିପୁଳ ପରିମାଣର ଦେଶୀ ମଦ, କୁସୁନା, ହାଣ୍ଡିଆ ଜବତ କରି ନଷ୍ଟ କରିଦେଇଥିଲେ।

# ଭୀମସାରରେ କରୋନା ପରୀକ୍ଷା କେନ୍ଦ୍ର ହେଉ

**ସମ୍ବଲପୁର,୨୦।୩(ବ୍ୟୁରୋ)**

ବୁର୍ଲାସ୍ଥିତ ଭୀମସାର ଜୁନିୟର ଡାକ୍ତର ସଂଘ ପକ୍ଷରୁ ସ୍ୱାସ୍ଥ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ,ରାଜ୍ୟରେ କରୋନାକୁ ନେଇ ସରକାର ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରୁଛନ୍ତି । ଲୋକମାନଙ୍କ ସଚେତନ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ବ୍ୟକ୍ତି ମାକ୍ସ,ସାନିଟାଇଜର ବଣ୍ଟନ କରୁଛନ୍ତି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ମେଡିକାଲରେ ପର୍ଯ୍ୟାପ୍ତ ପରିମାଣ ମାକ୍ସ ଯୋଗାଇ ଦିଆଯାଉ ପାରୁନାହିଁ । ଡିଲର ଓ ଷ୍ଟକିସମାନଙ୍କଠାରୁ ଲୋକମାନେ ଚଢା ଦରରେ ମାକ୍ସ କିଣି ନେଉଛନ୍ତି । ତେଣୁ ଡିଲରମାନେ ସରକାରୀ ଦରରେ ଯୋଗାଣ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ପ୍ରତିଦିନ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ପାଇଁ ସମସ୍ୟା ହୋଇ ପଡୁଛି । ତେଣୁ କଳାବଜାର ରୋକା ଯିବା ସହ ପର୍ଯ୍ୟାପ୍ତ ପରିମାଣ ମାକ୍ସ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଭୀମସାର ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜଗୁଡିକୁ ମାକ୍ସ ଯୋଗାଇ ଦିଆଯାଉ । ଏହା ସହ ଭୀମସାରରେ କରେନା ସଂକ୍ରମଣ ପରୀକ୍ଷା କରିବା ପାଇଁ କେନ୍ଦ୍ର ଖୋଲାଯାଉ । ଫଳରେ ପଶ୍ଚିମ ଓଡିଶାର ସନ୍ଦିଗ୍ଧମାନଙ୍କ ରକ୍ତ ନମୁନା ପରୀକ୍ଷା ହୋଇ ପାରିବ । ଫଳରେ ରିପୋର୍ଟ ଶୀଘ୍ର ଜଣା ପଡିବ ଓ ରୋଗୀଙ୍କ ଚିକତ୍ସା ଆରମ୍ଭ ହୋଇ ପାରିବ ବୋଲି କୁହାଯାଇଛି । ଜେଡିଏ ସଭାପତି ସଞ୍ଜୀବ କୁମାର ମିଶ୍ର, ଡାକ୍ତର ବିଭୁ ପଦ ହୋତା, ଡାକ୍ତର ବିନୋଦ ପୃଷ୍ଟି, ଡାକ୍ତର ଦୀପକ ଖମାରୀ, ଡାକ୍ତର ଜ୍ୟୋତି ଅକାଶ ମହାନ୍ତି , ଡାକ୍ତର ଦିଲୀପ ଶତପଥୀ, ଡାକ୍ତର ଚିଦାନନ୍ଦ ମିଶ୍ର ପ୍ରମୁଖ ଏହି ଦାବିପତ୍ରରେ ସ୍ୱାକ୍ଷର କରିଛନ୍ତି।

## ଜିଲା ବିଜେଡି କର୍ମୀମାନେ ସଚେତନତା ଲିଫ୍‌ଲେଟ୍ ବାଣ୍ଟିଲେ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

କରୋନା ଭୂତାଣୁ ସଚେତନତା ଲିଫଲେଟ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା । କର୍ମୀମାନେ ଲକ୍ଷ୍ମୀଟକିଜ ଛକ ନିକଟରେ ପଥଚାରୀ, ମୋଟର ସାଇକେଲ ଓ ସାଇକଲ ଆରୋହୀ ଏବଂ ଚାରିଚକିଆ ଯାନ ଡ୍ରାଇଭରମାନଙ୍କୁ ଲିଫ୍‌ଲେଟ ବଣ୍ଟନ କରିଥିଲେ । ପ୍ରିୟଦର୍ଶନୀ, ଅମିତାଭ ଷଡଙ୍ଗୀ, ଖରାଂଶୁ ଦେବ, ସଂଗୀତା ସ୍ୱାଇଁ, ଆଶିଷ ମିଶ୍ର, ବିଜୟ ସ୍ୱାଇଁ, ସୁଶିଲ ମିଶ୍ର, ଦିଲୀପ ଦାଶ, ସୈରେନ୍ଦ୍ରୀ ନାୟକ, ଦେବୀ ବାରିକ, ନିଳିମା ମଲ୍ଲିକ, ପାର୍ବତୀ ନାୟକ, ରେଣୀ ଠାକୁର ସାମିଲ ଥିଲେ ।

# ଫଟୋରେ ଖବର








ଶୁକ୍ରବାର ସମ୍ବଲପୁର ବାଲିବନ୍ଧା ସ୍ଥିତ ଶିଶୁ ଉଦ୍ୟାନ ଶୂନଶାନ ହୋଇପଡିଛି (ବାମ)। ସମଲେଶ୍ୱରୀ ଦର୍ଶନ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ଥିବାରୁ ପୂଜା ସାମଗ୍ରୀ ଦୋକାନ ବନ୍ଦ ରହିଛି (ମଝି)। ସମଲେଇ ମନ୍ଦିର ପରିସରସ୍ଥ ଉଦ୍ୟାନ ଶୂନଶାନ ହୋଇ ପଡିଛି ।



କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ସେଫ୍ ହ୍ୟାଣ୍ଡସ୍' ଚ୍ୟାଲେଞ୍ଜ' ଆରମ୍ଭ କରିଛି। ନିକଟରେ ଏକତା କପୁର ମଧ ଏହି ଚ୍ୟାଲେଞ୍ଜ ନେଇଥିଲେ। ଏଥିପାଇଁ ସେ ହୋଇଛନ୍ତି ଟ୍ରୋଲ୍ । ସ୍ମୃତି ଇରାନୀ ଏକତାଙ୍କୁ ସେଫ୍ ହ୍ୟାଣ୍ଡସ୍ ଚ୍ୟାଲେଞ୍ଜ ପାଇଁ ମନୋନୀତ କରିଥିଲେ। ଏହାର ଏକ ଭିଡିଓ ଏକତା ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ରିଙ୍ଗ ଏବଂ ବ୍ରେସ୍‌ଲେଟ୍‌ରେ ଭର୍ତ୍ତି ଏହି ହାତକୁ ଧୋଇବା ପାଇଁ ମୋଟେ ୧ ମିନିଟରୁ ଅଧିକ ସମୟ ଲାଗିଛି। ୨୦ ସେକେଣ୍ଡର ଏହି ଚ୍ୟାଲେଞ୍ଜକୁ କରିବା ପାଇଁ ଏକତାଙ୍କୁ ୧ ମିନିଟରୁ ଅଧିକ ସମୟ ଲାଗିଥିବାରୁ ହାତରୁ ଗହଣା ବାହାର କରି ଧୋଇବାକୁ ଲୋକେ ତାଙ୍କୁ ଉପଦେଶ ଦେଇଛନ୍ତି।

# ସତ ହେଲା ବାଇବେଲର କାହାଣୀ



**ତେଲଆଭିଭ୍:** ବାଇବେଲରେ ଥିବା ଏକ କାହାଣୀ ଅନୁସାରେ ଏବେ ପ୍ରତ୍ନତତ୍ତ୍ୱବିଦମାନେ ଏଭଳି ଏକ ସ୍ଥାନ ସମ୍ପର୍କରେ ସୂଚନା ପାଇଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପୁସ୍ତକରେ ଥିବା ଏକ ଗପ ଅନୁସାରେ ଏଭଳି ଏକ ସ୍ଥାନ ଥିଲା ଯାହା ସ୍ୱତନ୍ତ୍ରଭାବେ ପଥରରେ ବେଦି ଭଳି ତିଆରି ହୋଇଥିଲା। ଏଇ ବେଦି ଉପରେ ଇସଲାମ ଧର୍ମର ଲୋକେ ଶାନ୍ତିର ପ୍ରସାଦ ତିଆରି କରୁଥିଲେ ବୋଲି ଗପରେ ବର୍ଣ୍ଣନା ରହିଛି। ପ୍ରତ୍ନତତ୍ତ୍ୱବିଦ୍ ଏଡମ୍ ଜର୍ଣ୍ଣାଲଙ୍କ କହିବା ଅନୁସାରେ ମାଉଣ୍ଟ ଏବଲ ସହିତ ଇସ୍ରାଏଲର ମାନସେହ ଠାରେ ଭୂମି ସର୍ବେକ୍ଷଣ ସମୟରେ ଜଣାପଡ଼ିଛି କି ୧୫୦ ମିଟର ତଳେ ଏଭଳି ଏକ ସ୍ଥାନ ରହିଛି ଯାହା ଗପରେ ବର୍ଣ୍ଣିତ ସ୍ଥାନ ଭଳି ଜଣାପଡ଼ିଛି। ଇତିହାସରୁ ଜଣାପଡ଼ିଛି କି ଅତୀତରେ ଏହି ସ୍ଥାନ ଏକ ପବିତ୍ର ତଥା ଧାର୍ମିକ ସ୍ଥାନଭାବେ ପରିଚିତ ଥିଲା। ଇସ୍ରାଏଲର ଅଧିକାଂଶ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ଅନୁସାରେ ଲୌହ ଯୁଗରେ ମାନସେହର ଏହି କ୍ଷେତ୍ରରେ ଧାର୍ମିକ କାର୍ଯ୍ୟ ହେଉଥିଲା। ଏହି ସ୍ଥାନ ସମ୍ପର୍କରେ ଜଣାପଡ଼ିବା ପରେ ଏବେ ବାଇବେଲର କାହାଣୀରେ ବର୍ଣ୍ଣିତ ହୋଇଥିବା ସେହି ପବିତ୍ର ବେଦି ନେଇ ଚର୍ଚ୍ଚା ହେଉଛି।

# କମ୍ପ୍ୟୁଟର ଗର୍ଲ

**ହିସାର:** କମ୍ପ୍ୟୁଟର ଠାରୁ ବି ଶୀଘ୍ର ଉତ୍ତର ଦେଇପାରୁଛନ୍ତି ଦୁଇ ବର୍ଷର ବାଳିକା । ସେଥିପାଇଁ ଏବେ ଏହି ବାଳିକାଙ୍କୁ କମ୍ପ୍ୟୁଟର ଗର୍ଲ କୁହାଯାଉଛି। ଏଭଳି ବିଚକ୍ଷଣ ସ୍ମରଣ ଶକ୍ତି ଥିବା ବାଳିକା ଜଣକ ହେଉଛନ୍ତି ସନାୟା ହୁଡା। ତାଙ୍କ ଘର ହରିୟାଣାର ରୋହତକ ଜିଲ୍ଲାରେ। ସନାୟାଙ୍କର ଏଭଳି ଅଦ୍ଭୁତ ପ୍ରତିଭା ସମ୍ପର୍କରେ ଜାଣିବା ପରେ ଏବେ ସବୁ ଅଞ୍ଚଳରେ ତାଙ୍କୁ ନେଇ ଲୋକଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । କୁହାଯାଏ ପ୍ରତିଭା ଲୋକଲୋଚନକୁ ଆସିବାକୁ ବେଶୀ ସମୟ ଲାଗେନି । ଏହାର ଏକ ବଡ଼ ପ୍ରମାଣ ହେଉଛନ୍ତି ସନାୟା । ମାତ୍ର ଦୁଇ ବର୍ଷ ବୟସରେ ସେ ଦେଶ ବିଦେଶର ନାଁ ସହ ସବୁ ଦେଶର ରାଜଧାନୀ ତଥା ଇତିହାସର ବିଭିନ୍ନ ତଥ୍ୟ ଏବଂ ରାଜନେତାଙ୍କ ସମ୍ପର୍କରେ ବହୁ ତଥ୍ୟ ଦେଇପାରୁଛନ୍ତି। ଖାଲି ସେତିକି ନୁହେଁ ବିଭିନ୍ନ ଦେଶର ରାଷ୍ଟ୍ରଧ୍ୱଜକୁ ମଧ୍ୟ ସେ ଦେଖିବା ମାତ୍ରେ କହିପାରନ୍ତି। ଏହା ସହିତ ଭାରତର ସବୁ ରାଜ୍ୟର ରାଜଧାନୀର ନାଁ ବି କେଇ କ୍ଷଣରେ କହିପାରନ୍ତି। ସନାୟାଙ୍କର ଏଇ ପ୍ରତିଭା ଜଣା ପଡ଼ିଥିଲା ମାତ୍ର ୬ ମାସରୁ ଯେତେବେଳେ ସେ କଥା କହିବା ଆରମ୍ଭ କରିଥିଲେ। ଏହା ପରଠାରୁ ସେ ଯାହା ଶୁଣିଥିଲେ ଖୁବଶୀଘ୍ର ସବୁ ମନେ ରଖି ଦେଉଥିଲେ। ଏବେ ସେ ଭାରତ ସମେତ ବିଭିନ୍ନ ଦେଶର ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ନାଁ ସହିତ କେଉଁ ଜିନିଷକୁ କିଏ ଆବିଷ୍କାର କରିଛନ୍ତି, ବିଭିନ୍ନ ରାଜ୍ୟର ବିଧାନସଭା ସିଟ୍ ଆଦି ସମ୍ପର୍କରେ ଖୁବ୍ ସହଜରେ କହିପାରୁଛନ୍ତି। ସେଥିପାଇଁ ତାଙ୍କୁ ଲୋକେ କମ୍ପ୍ୟୁଟର ଗାର୍ଲ ବୋଲି କହୁଛନ୍ତି ।



# ହୃଦ୍‌ରୋଗୀଙ୍କୁ ସୁସ୍ଥ ରଖେ ସଙ୍ଗୀତ



**ଲଣ୍ଡନ:** ଦିନକୁ ୧ ଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ପାଇଁ ବହୁତ ଭଲ। ସର୍ବିୟାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ଏହା କହିଛନ୍ତ। ସଙ୍ଗୀତ ଚିନ୍ତା ଏବଂ ଦୁଃଖ ଦୂର କରିବା ସହ ଯନ୍ତ୍ରଣା ମଧ ଦୂର କରିଥାଏ। ବିଶେଷଜ୍ଞମାନେ କୁହନ୍ତି, ହାର୍ଟ ଆଟାକ୍ ବା ହୃଦ୍‌ରୋଗ ହେଲେ ଛାତିରେ ଦରଜ ଅନୁଭବ ହୁଏ। ହୃଦ୍‌ରୋଗୀମାନେ ସଙ୍ଗୀତ ଶୁଣିଲେ ଏହି ଦରଜ କମିଥାଏ। ବେଲ୍‌ଗ୍ରେଡ୍ ୟୁନିଭର୍‌ସିଟିର ପ୍ରଫେସର ପ୍ରିଡ୍ରାଗ୍ ମାଇଟ୍ରୋଭିକ୍ କୁହନ୍ତି, ୩୫୦ ହୃଦ୍‌ରୋଗୀଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏହାକୁ ଆଧାର କରି ମ୍ୟୁଜିକ୍ ଥେରାପୀ ହୃଦ୍‌ରୋଗୀଙ୍କ ପାଇଁ ବହୁତ ଭଲ ବୋଲି କୁହାଯାଉଛି। ଏହି ଅଧ୍ୟୟନ ୭ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ଜଣାପଡ଼ିଥିଲା ମ୍ୟୁଜିକ୍ ଥେରାପୀରୁ ଅଧିକ ହୃଦରୋଗୀ ଭଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୮ ପ୍ରତିଶତ ରୋଗୀଙ୍କର ହାର୍ଟ ଫେଲ୍ ଥିଲା। ଦ୍ୱିତୀୟ ଆଟାକ୍‌ଙ୍କ ସଂଖ୍ୟା ୨୩ ପ୍ରତିଶତ କମ୍ ଥିଲା। କଲେଜ ଅଫ୍ କାର୍ଡିଓଲୋଜିର ଆନୁଆଲ ସାଇଣ୍ଟିଫିକ୍ ଏବଂ ୱାର୍ଲ୍ଡ କଗ୍ରାଡ୍ ଅଫ୍ କାର୍ଡିଓଲୋଜିର ମିଳିତ ଭାବେ ଏହି ଗବେଷଣା କରିଥିଲେ। ଅଧଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ସୁସ୍ଥ ରହେ। କାରଣ ସଙ୍ଗୀତ ହୃଦ୍‌ରୋଗୀଙ୍କୁ ଆକର୍ଷିତ କରିବା ସହ ରୋଗୀ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

## ପ୍ରଥମ କେସ୍ ଜିତିଲେ ସୀମା କୁଶୱାହା

# ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ 'ନିର୍ଭୟା ନାୟିକା'

**ନୂଆଦିଲ୍ଲୀ:** ନିର୍ଭୟା ବଳାତ୍କାର ଘଟଣାରେ ୪ ଦୋଷୀଙ୍କୁ ଫାଶୀ ମିଳିବା ପରେ ଏବେ ଚର୍ଚ୍ଚାରେ ନିର୍ଭୟାଙ୍କ ଓକିଲ ସୀମା କୁଶୱାହ। ୨୦୧୨ର ଏହି ଘଟଣା ପରଠାରୁ ସେ ମାମଲାରେ ନିଜକୁ ଯୋଡିଥିଲେ। ରାଷ୍ଟ୍ରପତି ଭବନ, ଇଣ୍ଡିଆ ଗେଟ୍ ଆଦି ବିଭିନ୍ନ ସ୍ଥାନରେ ନିର୍ଭୟାଙ୍କୁ ନ୍ୟାୟ ଦାବିରେ ହେଉଥିବା ବିକ୍ଷୋଭରେ ସେ ନିଜକୁ ସାମିଲ କରିଥିଲେ। କିନ୍ତୁ ପରେ ସେ ନିଜେ ଏହି କେସ୍ ଲଢିବାକୁ ଚାହିଁଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ କେସ୍ ବୋଲି କୁହାଯାଉଛି। ସାଢେ ୭ ବର୍ଷ ମଧ୍ୟରେ ସେ ବିନା ପାରିଶ୍ରମିକରେ କେସ୍ ଲଢିବା ସହ ନିର୍ଭୟା ଘଟଣାର ନାୟିକା ହୋଇ ସମସ୍ତଙ୍କ ହୃଦୟ ମଧ ଜିତିଛନ୍ତି।



ନିର୍ଭୟାଙ୍କ ଓକିଲ ସୀମା କୁଶୱାହଙ୍କ ସହ ମା' ଆଶାଦେବୀ

ଦିଲ୍ଲୀ ୟୁନିଭର୍ସିଟିରେ ସୀମା ଆଇନ ପଢିଥିଲେ। ପ୍ରଥମରୁ ସେ ଆଇଏଏସ୍ ହେବାକୁ ଚାହୁଁଥିବା ନେଇ ଏକ ସାକ୍ଷାତକାରରେ କହିଥିଲେ। ପରବର୍ତ୍ତୀ ସମୟରେ ଓକିଲାତି ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ୨୦୧୨ରେ ସେ ଟ୍ରେନିଂ ନେଉଥିବା ସମୟରେ ନିର୍ଭୟା ଘଟଣା ତାଙ୍କୁ ବ୍ୟଥିତ କରିଥିଲା। ପୀଡିତାଙ୍କୁ ନ୍ୟାୟ ଦେବାକୁ ସେ ବିକ୍ଷୋଭ, ଆନ୍ଦୋଳନରେ ସାମିଲ ହୋଇଥିଲେ। ହେଲେ ଏଥିରେ ତାଙ୍କ ମନ ମାନି ନ ଥିଲା। ଶେଷରେ ନିଜେ ଏହି ମାମଲା ଲଢିବାକୁ ଆଗେଇ ଆସିଥିଲେ। କେସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ସେ କହିଛନ୍ତି। କେବଳ କୋର୍ଟ କଚେରୀରେ ନୁହେଁ ବାହାରେ ମଧ ନିର୍ଭୟାଙ୍କ ପରିବାର ସହ ଛିଡା ହୋଇ ସେମାନଙ୍କୁ ମନୋବଳ ଯୋଗାଇଥିଲେ। ଦୋଷୀଙ୍କୁ ଫାଶୀ ହେବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି। ୭ ବର୍ଷ ପରେ ହେଉ ପଛେ ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି ବୋଲି ସେ କହିଛନ୍ତି। ଫାଶୀ ପରେ ନିର୍ଭୟାଙ୍କ ମା' ପ୍ରଥମେ କୁଶୱାହାଙ୍କୁ କୃତଜ୍ଞତା ଜଣାଇଥିଲେ।

# ନିର୍ଭୟା ଦୋଷୀଙ୍କ ଆୟ ୧.୩୭ ଲକ୍ଷ

**ନୂଆଦିଲ୍ଲୀ:** ନିର୍ଭୟାଙ୍କୁ ମିଳିଛି ନ୍ୟାୟ। ତିହାର ଜେଲ୍‌ରେ ଫାଶୀରେ ଝୁଲିଛନ୍ତି ନିର୍ଭୟା ଗଣବଳାତ୍କାର ଏବଂ ହତ୍ୟା ମାମଲାର ୪ ଦୋଷୀ। ଆଉ ତା' ସହିତ ଶେଷ ହୋଇଛି ଦୀର୍ଘ ୭ବର୍ଷର ଆଇନଗତ ପ୍ରକ୍ରିୟା ଏବଂ ସବୁ ଦ୍ୱନ୍ଦ୍ୱରେ ପଡ଼ିଛି ଯବନିକା। ହେଲେ ତିହାର ଜେଲ୍‌ରେ ବନ୍ଦୀଜୀବନ କାଟୁଥିବାବେଳେ ଅପରାଧୀମାନେ ସଞ୍ଚିଛନ୍ତି ୧ ଲକ୍ଷ ୩୭ ହଜାର ଟଙ୍କା, ଯାହା ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯିବ।



ଜେଲରେ କାରାବାସ ସମୟରେ ଅଭିଯୁକ୍ତ ଚାହିଁଲେ କାମ କରିପାରିବେ। ଏଥିଲାଗି ସେମାନଙ୍କୁ ପାରିଶ୍ରମିକ ଦିଆଯିବା ବ୍ୟବସ୍ଥା ରହିଛି। ଏହିକ୍ରମରେ ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ଅକ୍ଷୟ ୬୯ ହଜାର ଟଙ୍କା ଆୟ କରିଛନ୍ତି। ସେହିପରି ବିନୟ ଶର୍ମା ୩୯ ହଜାର, ପବନ ଗୁପ୍ତାଙ୍କୁ ୨୯ ହଜାର ଟଙ୍କା ପାରିଶ୍ରମିକ ବାବଦରେ ସଞ୍ଚୟ କରିଛନ୍ତି। ତେବେ ମୁକେଶ ସିଂ କାମ ପାଇଁ ଆବେଦନ କରି ନ ଥିବା ଜଣାପଡ଼ିଛି। ସେହିପରି ଜେଲରେ ଦଣ୍ଡ ଭୋଗୁଥିବା ସମୟରେ ୨୦୧୬ରେ ମୁକେଶ, ପବନ ଏବଂ ଅକ୍ଷୟ ୧୦ମ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ସେମାନେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ସେହିପରି ୨୦୧୫ରେ ବିନୟ ବର୍ଷିକିଆ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ଆଇନଗତ ପ୍ରକ୍ରିୟା, ମାମଲାର ଶୁଣାଣି କାରଣରୁ ସେ ଏହାକୁ ସମ୍ପୂର୍ଣ୍ଣ କରିପାରି ନ ଥିଲେ।

ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫାଶୀ ପାଇଥିବା ସମ୍ପୃକ୍ତ ୪ ଦୋଷୀ ଜେଲ୍‌ରେ ଥିବା ସମୟରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି। ଜେଲ୍ ନିୟମ ଭଙ୍ଗ କରି ଅକ୍ଷୟ ଥରେ ଦଣ୍ଡିତ ହୋଇଛନ୍ତି। ସେହିପରି ମୁକେଶଙ୍କୁ ୩ ଥର, ପବନଙ୍କୁ ୮ଥର ଏବଂ ବିନୟଙ୍କୁ ସର୍ବାଧିକ ୧୧ ଥର ଦଣ୍ଡ ଦିଆଯାଇଛି। ଅନ୍ୟ କଏଦୀଙ୍କୁ ଗାଳିଗୁଲଜ କରିବା, ଜେଲର ଆସିବା ସମୟରେ ଠିଆ ନ ହେବା, ତମାଖୁ ଖାଇବା, ମାର୍‌ପିଟ୍ କରିବା ଆଦି ଅଭିଯୋଗରେ ଏହି ଦଣ୍ଡ ବିଧାନ କରାଯାଇଥିଲା। ଦଣ୍ଡ ସ୍ୱରୂପ ସେମାନଙ୍କୁ ଜେଲରେ ଯୋଗାଇ ଦିଆଯାଉଥିବା ସୁବିଧାକୁ ହଟାଇ ନିଆଯାଇଥିଲା। ସୂଚନାଯୋଗ୍ୟ, ବନ୍ଦୀଙ୍କ ଆଚରଣକୁ ଜେଲରେ ଅନୁଧ୍ୟାନ କରାଯାଇଥାଏ। ଏ ନେଇ ଜେଲ୍ କର୍ତ୍ତୃପକ୍ଷ ସେସବୁ କୋର୍ଟକୁ ଅବଗତ କରାଇଥାନ୍ତି। ଏହାର ସମୀକ୍ଷା କରାଯାଇ ଦଣ୍ଡକୁ ସାମାନ୍ୟ କୋହଳ କରାଯାଇପାରିବ।



କନିକା କପୁର

# ଶୂନ୍ୟରେ ଲେଖିଲେ 'ଷ୍ଟେ-ହୋମ୍'

**ଭିଏନା:** କରୋନା ଭାଇରସ୍‌କୁ ନେଇ ଏବେ ବିଶ୍ୱବ୍ୟାପୀ ଦେଖାଦେଇଛି ଭୟ ଆତଙ୍କର ବାତାବରଣ। ଏହାର ପ୍ରଭାବରେ ହୋଟେଲ, ପର୍ଯ୍ୟଟନ ଶିଳ୍ପଠାରୁ ଆରମ୍ଭ କରି ଆର୍ଥିକ ବ୍ୟବସ୍ଥା ଯାଏ ସବୁକିଛି ପ୍ରଭାବିତ ହୋଇଛି। କହିବାକୁ ଗଲେ ଭୂତାଣୁ ସ୍ୱାଭାବିକ ଜୀବନଯାତ୍ରାକୁ ଅଟକାଇ ଦେଇଛି। ଏସବୁ ଭିତରେ ସଂଯମ, ସ୍ୱଚ୍ଛତା ଏବଂ ପ୍ରତିରୋଧ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ବିଭିନ୍ନ ଦେଶର ସରକାର ଆହ୍ୱାନ ଦେଇଛନ୍ତି। ଏସବୁ ଭିତରେ ଅଷ୍ଟ୍ରିଆର ଜଣେ ପାଇଲଟ ନିଆରା ଉପାୟରେ ସୃଷ୍ଟି କରିଛନ୍ତି ଜନସଚେତନତା। ଏଥିଲାଗି ସେ ଆକାଶରେ ଏୟାରକ୍ରାଫ୍ଟ ଉଡ଼ାଇଥିଲେ। ଡିଜିଟାଲ ସ୍କାଏ ରାଇଡିଂ ଜରିଆରେ ଶୂନ୍ୟରେ ସୃଷ୍ଟି କରିଥିଲେ 'ଷ୍ଟେ-ହୋମ୍', ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର-୨୪ ଅନୁଯାୟୀ, ଷ୍ଟେ-ହୋମ ଲେଖିବା ଲାଗି ପାଇଲଟ ଜଣକ ଫ୍ଲାଇଟ୍ ରାଡାରର ସହାୟତା ନେଇଥିଲେ। ଭିଏନାଠାରୁ ୫୦ ମାଇଲ ଦୂର ୱିନର ନେଷ୍ଟାଇଡ୍ ଏୟାରପୋର୍ଟରୁ ସେ ଉଡ଼ାଣ ଆରମ୍ଭ କରିଥିଲେ। ଷ୍ଟେ ହୋମ୍ ଲେଖିବା ଲାଗି ତାଙ୍କୁ ୨୪ ମିନିଟ୍ ସମୟ ଲାଗିଥିଲା। ଜଣକ ନିଜର ନାମ ଗୋପନ ରଖି କହିଛନ୍ତି, ଦେଶବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସେ ଏଭଳି ପଦକ୍ଷେପ ନେଇଥିଲେ। ଏହାର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ନିଶ୍ଚିତ ଭାବେ ପଡ଼ିବ। ଅଧିକରୁ ଅଧିକ ସମୟ ଘରେ ବିତାଇଲେ ମହାମାରୀ ପାଲଟିଥିବା ଏହି ଭୂତାଣୁକୁ ମଣିଷ ଜିତିପାରିବ। ସୂଚନାଯୋଗ୍ୟ, ଅଷ୍ଟ୍ରିଆରେ ଅଦ୍ୟାବଧି ୧୮ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିକଟରେ କରୋନା ଭାଇରସ୍ ଭୂତାଣୁ ଠାବ କରାଯାଇଛି। ପାଇଲଟ

## ପାଇଲଟଙ୍କ ଅଭିନବ କରୋନା ସଚେତନତା




# ହସ୍ପିଟାଲକୁ ୫୦ ହଜାର ମାସ୍କ ଦାନ

**ଷ୍ଟକ୍‌ହୋମ:** ସ୍ୱିଡେନ୍‌ର ସରକାରୀ ହସ୍ପିଟାଲ (ଗୋଥେନ୍‌ବର୍ଗସ୍ଥିତ ସାହଲଗ୍ରେନ୍‌ସ୍କା ବିଶ୍ୱବିଦ୍ୟାଳୟ)କୁ ଏକ ଆସବାବପତ୍ର କମ୍ପାନି ୫୦,୦୦୦ ମାସ୍କ ଦାନ କରିଛି। ବର୍ତ୍ତମାନ ସମୟରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବା ବେଳେ ମାସ୍କ ଦାନ କରିବା ବେଶ୍ ପ୍ରଶଂସାଯୋଗ୍ୟ। ଏହା ଲୋକଙ୍କ ଦରକାରରେ କାମରେ ଲାଗିବ। ଯେତେବେଳେ ବାର୍ଡ ଫ୍ଲୁ ହୋଇଥିଲା କମ୍ପାନି ପକ୍ଷରୁ ସେତେବେଳେ ମାସ୍କ କିଣାଯାଇଥିଲା। ଏହାକୁ ଗୋଦାମରେ ରଖି ପରବର୍ତ୍ତୀ ସମୟରେ କମ୍ପାନି କର୍ତ୍ତୃପକ୍ଷ ଭୁଲି ଯାଇଥିଲେ।

ସ୍ୱିଡେନ୍‌ରେ ବର୍ତ୍ତମାନ ସୁଦ୍ଧା ୧,୧୬୭ ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି। ସ୍ୱିଡେନର ୱେଷ୍ଟ କୋଷ୍ଟର ବୃହତ୍ତମ ଷ୍ଟୋର୍ ବୋଲି ଆଇକେଏର ଲଜିଷ୍ଟିକ ମ୍ୟାନେଜର ଜୋହାନ ଆଣ୍ଡରସନ କହିଛନ୍ତି, ବାର୍ଡ ଫ୍ଲୁ ସମୟରେ ହଜାର ହଜାର ମାସ୍କ କ୍ରୟ କରାଯାଇଥିଲା। ଆଜି ଗୋଦାମରେ ହଠାତ୍ କିଛି ଖୋଜୁଥିବା ବେଳେ ତାଙ୍କ ଟିମ୍ ଏହାକୁ ପାଇଛନ୍ତି। ହସ୍ପିଟାଲରେ ମାସ୍କ କମ୍ ରହିଥିବା ସେ ନ୍ୟୁଜ୍‌ରୁ ଜାଣିବାକୁ ପାଇଥିଲେ। ତେଣୁ ସେ ସଙ୍ଗେ ଗୋଥେନ୍‌ବର୍ଗର ସାହଲଗ୍ରେନ୍‌ସ୍କା ହସ୍ପିଟାଲ ମ୍ୟାନେଜମେଣ୍ଟକୁ ଫୋନ୍ କରି ମାସ୍କ ଚାହୁଁଛ କି ନାହିଁ ପଚାରିଥିଲେ। ସେ ହଁ କହିବାରୁ ୫୦,୦୦୦ ମାସ୍କ ଦାନ କରିଛି କମ୍ପାନି।

# କନିକାଙ୍କୁ କରୋନା

**ମୁମ୍ବାଇ:** ବଲିଉଡ୍ ଗାୟିକା କନିକା କପୁର କରୋନା ଭାଇରସରେ ପୀଡ଼ିତ ଥିବା ଜଣାପଡିଛି। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ସେ କରୋନା ଭାଇରସରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। କିଛିଦିନ ପୂର୍ବରୁ ସେ ଲଣ୍ଡନରୁ ଫେରିଥିବା ବେଳେ ଏବେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ତାଙ୍କ ପରିବାର ଏବେ କ୍ୱାରାଣ୍ଟାଇନରେ ରହିଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସେ ୧୦ ଦିନ ତଳେ ଲଣ୍ଡନରୁ ଫେରିଥିବା ବେଳେ ବିମାନବନ୍ଦରରେ ଯାଞ୍ଚ ସମୟରେ ତାଙ୍କ ପାଖରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିବାରୁ ସେ ସାଧାରଣ ଲୋକଙ୍କ ଭଳି ଚଳପ୍ରଚଳ ହୋଇଥିଲେ। ୪ ଦିନ ପୂର୍ବରୁ ତାଙ୍କ ପାଖରେ କରୋନା ଲକ୍ଷଣ ଦେଖାଯିବାରୁ ସେ ନମୁନା ପରୀକ୍ଷା ପାଇଁ ପଠାଇଥିବା କହିଛନ୍ତି। ବେବି ଡଲ ସିଙ୍ଗର କନିକା କରୋନାରେ ପୀଡ଼ିତ ହେବା ପରେ ଏବେ ତାଙ୍କ ଆଖପାଖର ଲୋକେ ଭୟଭୀତ ହୋଇଯାଇଥିବା କୁହାଯାଉଛି।

# ଭୟ ଭିତରେ ଖୁସି ଆଣିଲା ଫାଶୀ

ଭୁବନେଶ୍ୱର,୨୦।୩(ବ୍ୟୁରୋ)– ନ୍ୟାୟ ମିଳିଲା, ହେଲେ ବହୁ ବିଳମ୍ବ ହୋଇଗଲା। ୨୦୧୨ ଡିସେମ୍ବର ୧୬ରୁ ୨୦୨୦ ମାର୍ଚ୍ଚ ୨୦। ଭାରତର ବୃହତ୍ ନ୍ୟାୟିକ ବ୍ୟବସ୍ଥା ସତ୍ତ୍ୱେ ଦୀର୍ଘ ୭ବର୍ଷ ଧରି ଆଇନ ସହ ଖେଳିଥିଲେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ସିଂ। ଶେଷରେ ଫାଶୀରୁ ବର୍ତ୍ତିବା ପାଇଁ ମଧ୍ୟ ସମସ୍ତ ଉଦ୍ୟମ ବିଫଳ ହେଲା। ଶୁକ୍ରବାର ସମଗ୍ର ଦେଶପାଇଁ ଏକ ନୂଆ ସକାଳ ନେଇ ଆସିଥିଲା। କରୋନା ଭାଇରସ୍ ପାଇଁ ଦେଶବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ଖୁସି ଭରିଦେଇଥିଲା ଫାଶୀ ସୂଚନା। ନ୍ୟାୟ ପାଇଁ ନିର୍ଭୟା ପରିବାରର ଲଢ଼େଇ ଓ ଫାଶୀକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ମତାମତ ଭିତ୍ତିକ ଉପସ୍ଥାପନା।

### ଠିକ୍ ହୋଇଛି, ହେଲେ ବିଳମ୍ବ ହେଲା



ଯାହା ହେବା କଥା ଠିକ୍ ହୋଇଛି। କିନ୍ତୁ ଏଥିପାଇଁ ଯେଉଁ ବିଳମ୍ବ ହେଲା ତାହା ଠିକ୍ ହେଲାନାହିଁ। ଆମ ଆଇନ ବ୍ୟବସ୍ଥାରେ ଯେଉଁ ପ୍ରାବଧାନ ରହିଛି ୪ଜଣ ଅଭିଯୁକ୍ତଙ୍କ ପାଇଁ ଏହି ବିଳମ୍ବ ହେବା ସ୍ୱାଭାବିକ। ଏଭଳି ମାମଲା ଗୁଡିକ ତୁରନ୍ତ ବିଚାର କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡ ବିଧାନ କରାଗଲେ ଭଲ ହୁଅନ୍ତା। ଅସାମାଜିକ ଲୋକଙ୍କ ମଧ୍ୟରେ କୌଣସି ଭୟ ରହୁନାହିଁ। ସମାଜରେ ଏଭଳି ଆଚରଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଫାଶୀ ଦଣ୍ଡାଦେଶ ଭଳି କଠୋର ଦଣ୍ଡବିଧାନ ନିଶ୍ଚିତ ଭାବେ ନାରୀସମାଜ ମଧ୍ୟରେ ନ୍ୟାୟିକ ବ୍ୟବସ୍ଥା ଉପରେ ଏକ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିଛି।

–ଶୁଭଶ୍ରୀ ରାୟ, ସାମାଜିକ କର୍ମୀ, ସୁନ୍ଦରଗଡ।

### ସମାଜ ପାଇଁ ଶୁଭ ସୂଚନା



ନିର୍ଭୟା ମାମଲାରେ ଅଭିଯୁକ୍ତମାନେ ଦଣ୍ଡ ପାଇଲେ ତାହା ସମାଜ ପାଇଁ ଶୁଭ ସୂଚନା। ଏହି ଦଣ୍ଡବିଧାନ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଭାରତର ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବିତ ପ୍ରକ୍ରିୟା ଏକ ସାଧାରଣ କଥା। ହେଲେ ଏହି ଘଟଣାକୁ ନେଇ ଯେଉଁଭଳି ଭାବେ ମିଡିଆ ଟ୍ରାଏଲ ହେଲା ସେଥିମଧ୍ୟରେ ଅଭିଯୁକ୍ତମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ମାନବିକତା ଦୃଷ୍ଟିକୋଣରୁ ସମଗ୍ର ପୃଥିବୀରେ ବର୍ତ୍ତମାନ କ୍ୟାପିଟାଲ ପନିଶମେଣ୍ଟ ବିରୋଧରେ ବିତର୍କ ସୃଷ୍ଟି ହୋଇଛି।

–ନିମାଇଁଚରଣ ନାଏକ, ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ।

### ବିଳମ୍ବରେ ହେଲେ ବି ୪ ଦୋଷୀଙ୍କୁ ମିଳିଲା ଫାଶି



ମଣିଷ ଭିତରୁ ମଣିଷପଣ ଲୋପ ପାଇଲେ ଯାହା ହେବା କଥା ତାହା ହିଁ ହୋଇଛି। ମୁଁ ଅତ୍ୟନ୍ତ ଖୁସି ଯେ, ବିଳମ୍ବରେ ହେଲେ ବି ଚାରି ଦୋଷୀଙ୍କୁ ଏକକାଳିନ ଫାଶି ଦିଆଗଲା। ଅବଶ୍ୟ ଯେତେ ବିଳମ୍ବ ହେଉଥିଲା ସେମାନଙ୍କ ପ୍ରବୃତ୍ତିକୁ ସେତିକି ଶକ୍ତ ଚାପୁଡାବି ବାଜୁଥିଲା। ଇଚ୍ଛା ହେଉଛି ଏଭଳି କେସ୍‌ରେ ସମ୍ପୃକ୍ତ ସମସ୍ତଙ୍କୁ ଏକକାଳିନ ଫାଶି ମିଳିଯାଆନ୍ତା କି। ଆତ୍ମଶୃଙ୍ଖଳା ନ ଥିଲେ ହିଁ ମଣିଷ ଅନ୍ୟକୁ ସମ୍ମାନ ଦେବା ଭୁଲିଯାଏ ଏବଂ ଅତ୍ୟାଚାର ପାଇଁ ଆଗଭର ହୁଏ। ଯାହା ପ୍ରତିଦିନ ଘଟୁଛି। ଅଶା ନିର୍ଭୟା ଦୋଷୀମାନଙ୍କୁ ଫାଶି ପରେ ମଣିଷର ପଶୁ ପ୍ରବୃତ୍ତି ଟିକିଏବି କମିବ। ନିର୍ଭୟାଙ୍କ ମା' ଓ ବାପାଙ୍କୁ ଏହି ଅବସରରେ ପ୍ରଣାମ ନ ଜଣାଇ ରହି ହେଉନାହିଁ।

– ସନ୍ଧ୍ୟାରାଣୀ ମୁଣ୍ଡ, ହିଲଟାଉନ, ଭବାନୀପାଟଣା

### ଦେଶର ସମସ୍ତ ମା'ବାପାଙ୍କ ବିଜୟ



ନ୍ୟାୟର ଲଢେଇରେ ଆଜି ନିର୍ଭୟା ମା'ବାପାଙ୍କ କେବଳ ବିଜୟ ହୋଇନାହିଁ। ଦେଶର ପ୍ରାୟ ସମସ୍ତ ମା'ବାପାଙ୍କ ବିଜୟ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଘଟଣା ପରେ ଲୋକଙ୍କ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ଉପରେ ଅଧିକ ଆସ୍ଥା ଓ ବିଶ୍ୱାସ ଆସିଛି। ଉକ୍ତ ଘଟଣା ପରେ ସେଭଳି କାଣ୍ଡ ଭିଆଉଥିବା ଲୋକ ଥରେ ନିଶ୍ଚେ ଚିନ୍ତା କରିବାକୁ ବାଧ ହେବ ବୋଲି ମୁଁ ଆଶା କରୁଛି। ନିର୍ଭୟା ମା'ବାପା ଯେଉଁ ସାହାସ ଓ ଧର୍ଯ୍ୟର ସହିତ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲଢି ଆସୁଥିଲେ ସେଥିପାଇଁ ସେମାନଙ୍କୁ ମୋର ସତ୍‌ସତ୍ ନମନ ଜଣାଉଛି।

– ନାଦରାଜ ନାଏକ, ସାମାଜିକ କର୍ମକର୍ତ୍ତା, ଭବାନୀପାଟଣା

### ମାନସିକତାରେ ପରିବର୍ତ୍ତନ ଦରକାର



ନିର୍ଭୟା କାଣ୍ଡରେ ଦୋଷୀଙ୍କୁ ଯେଉଁ ଦଣ୍ଡ ମିଳିଲା, ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯେଉଁଭଳି ଆଜି ମଧ୍ୟ ଅନେକ ନିର୍ଭୟା ଶୋଷଣର ଶିକାର ହେଉଛନ୍ତି, ସେମାନଙ୍କ ସୁରକ୍ଷା ନିମନ୍ତେ ସରକାର ଦୋଷୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରିବା ଦରକାର। ଏହାସହିତ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

–ଦୀପା ବାରିକ, ଟେମରୀ, ବରଗଡ଼

### ବିଳମ୍ବ ହେଲେ ବି ନ୍ୟାୟ ମିଳିଛି



ବିଳମ୍ବ ହେଲେ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିଛି। ହେଲେ ଏଭଳି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ତାହାହେଲେ ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେବ। ଏହା ସାଙ୍ଗକୁ ସେଭଳି ଅପରାଧ ଭିଆଇବାକୁ ଅପରାଧୀଙ୍କ ମଧ୍ୟରେ ମଧ୍ୟ ଆଉ ସେତେ ସାହାସ ଜୁଟି ପାରିବ ନାହିଁ।

–କୃଷ୍ଣଚନ୍ଦ୍ର ବାଗ, ବାଦିପାଲି, ବରଗଡ଼

### ବିଳମ୍ବ ହେଲେ ମଧ ନ୍ୟାୟ ମିଳିଛି



ଦୀର୍ଘ ୭ ବର୍ଷର ନ୍ୟାୟିକ ପ୍ରକ୍ରିୟା ପରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯିବା ଘଟଣାକୁ ସମର୍ଥନ କରୁଛି। ବିଳମ୍ବ ହେଲେ ମଧ ନ୍ୟାୟ ମିଳିଛି। ଏଣୁ ଅନ୍ୟ ବୀଭତ୍ସ ଓ ଅମାନବୀୟ ଅପରାଧରେ ଜଡିତ ଅପରାଧିଙ୍କୁ ଏଭଳି କଠୋର ଦଣ୍ଡ ଦିଆଗଲେ ସମାଜରୁ ନିଶ୍ଚିତ ଭାବେ ଅପରାଧ କମିବ ଓ ଲୋକେ ନ୍ୟାୟାଳୟ ପ୍ରତି ଆସ୍ଥା ପ୍ରକଟ କରିବେ।

–ନୀଳାଦ୍ରୀ ବିହାରୀ ସିଂ, ଆଡଭୋକେଟ୍, ବଲାଙ୍ଗୀର।

### ନିର୍ଭୟାଙ୍କୁ ନ୍ୟାୟ ମିଳିଛି



ନିର୍ଭୟା ଗଣବଳତ୍କାର ଓ ହତ୍ୟା ଘଟଣାର ସମସ୍ତ ଦୋଷୀଙ୍କୁ ଫାଶୀ ଦିଆଯିବା ସ୍ୱାଗତ ଯୋଗ୍ୟ। ବିଳମ୍ବରେ ହେଲେ ମଧ ଦୋଷୀ ଫାଶୀ ଦଣ୍ଡ ପାଇଥିବାରୁ ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏଭଳି କଠୋର ଆଇନ ଅନ୍ୟ ବଳାତ୍କାରୀଙ୍କ ପାଇଁ ମଧ ଲାଗୁ କରାଗଲେ ସମାଜରେ ଜଘନ୍ୟ ହିଂସା ଓ ଅପରାଧ ଘଟାଇବାକୁ ଅପରାଧିମାନେ ଭୟ କରିବେ। ହେଲେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଉଚିତ।

–ଅର୍ଚ୍ଚନା ପାଢ଼ୀ, ଛାତ୍ରୀ, ଆୟୁର୍ବେଦିକ କଲେଜ, ବଲାଙ୍ଗୀର।

### ଦେଶର ମହିଳାମାନଙ୍କୁ ନ୍ୟାୟ ମିଳିଛି



ନିର୍ଭୟାଙ୍କ ପରିବାର ସହ ସାରା ଦେଶବାସୀଙ୍କୁ ଏହା ଆଶ୍ୱସ୍ତି ଦେଇଛି। ଏହା ନିଶ୍ଚିତ ଭାବେ ଐତିହାସିକ। ଏହା ଠିକ ସମୟରେ ହେବାର ଥିଲା। ଟିକିଏ ବିଳମ୍ବ ହେଲା। ଦେଶବ୍ୟାପି ସମସ୍ତେ ଏହା ଉପରେ ନଜର ରଖିଛନ୍ତି। ଦେଶର ମହିଳାମାନଙ୍କୁ ନ୍ୟାୟ ମିଳିଛି। ଏଥିରୁ ଦେଶର ସମସ୍ତ ଦୁର୍ବୃତ୍ତମାନେ ସଜାଗ ହେବେ। ଆଇନର ହାତ ଯେ ବହୁତ ଲମ୍ବା ଏହା ତାରି ଉଦାହରଣ ହୋଇଛି।

– ଧ୍ରୁବଚରଣ ଦାସ, ବରିଷ୍ଠ ଶିକ୍ଷାବିତ, ନୂଆପଡା

### ଇତିହାସରେ ସ୍ମରଣୀୟ ଦିନ



ଆଜିର ଦିନଟି ଭାରତ ଇତିହାସରେ ସ୍ମରଣୀୟ ହୋଇ ରହିବ। ୨୦ ମାର୍ଚ୍ଚ ୨୦୨୦ର ପ୍ରଥମ ସୂର୍ଯ୍ୟାଲୋକ ପୃଥିବୀରେ ପଡିବା ବେଳକୁ ନିର୍ଭୟା ଗଣବଳାତ୍କାରୀ ମାନଙ୍କୁ ଫାଶୀ ଦିଆଯାଇଛି। ଫାଶୀର ଦିନ ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ଭାରତର ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ତୁଟି ଯିବାକୁ ବସିଥିଲା। ଠିକ୍ ଏମିତି ଏକ ମୁହୂର୍ତ୍ତରେ ଏହା ପ୍ରମାଣ କରି ଦେଉଛି ଯେ ଭାରତରେ ମହିଳାମାନେ ସମ୍ମାନନୀୟା। ଏବେ ମହିଳାମାନଙ୍କ ଉପରେ ଏମିତି ଜଘନ୍ୟ ଅତ୍ୟାଚାର କରିବାକୁ କେହି ସାହାସ କରିବେନି। ନିର୍ଭୟାର ଅମର ଆତ୍ମାକୁ ଶାନ୍ତି ମିଳିଛି। ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିର୍ଭୟାଙ୍କ ମା'ବାପା ଯେଉଁ ମାନସିକ ସ୍ଥିତିରେ ରହିଥିଲେ ତାର ଅବସାନ ହେଲା। ବିଳମ୍ବ ହେଲେ ମଧ୍ୟ ସବୁବେଳେ ସତ୍ୟର ହିଁ ଜୟ ହୁଏ।

–କିରଣ ବାଳା ଦାସ, ଅଧକ୍ଷା, ବିଜୁ ପଟ୍ଟନାୟକ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୋନପୁର

### ନାରୀଙ୍କ ପ୍ରତି ଅତ୍ୟାଚାର ବନ୍ଦ ହେବ



ନିଜ ଘୃଣ୍ୟ କର୍ମ ପାଇଁ ନିର୍ଭୟା ମାମଲାର ୪ ଅଭିଯୁକ୍ତ ଫାଶୀ ପାଇଲେ। ଏହାଦ୍ୱାରା ବିଚାର ବିଭାଗ ଓ ଆଇନର ଶାସନ ବ୍ୟବସ୍ଥା ପ୍ରତି ଲୋକଙ୍କର ଆସ୍ଥା ବଢିବ। ବର୍ତ୍ତମାନ ଏବଂ ଭବିଷ୍ୟତରେ ନିର୍ଭୟାଙ୍କ ଭଳି ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ନିଶ୍ଚିତ ରୂପେ ବନ୍ଦ ହେବ। ଏହା ଏକ ଐତିହାସିକ ପଦକ୍ଷେପ। ସବୁଦିନ ପାଇଁ ଦୃଷ୍ଟାନ୍ତ ହୋଇ ରହିବ। ଏହା ଅଧର୍ମ ଉପରେ ଧର୍ମର ବିଜୟ ସଦୃଶ। ୨୦୧୨ ଡିସେମ୍ବର ୧୬ ତାରିଖରେ ଦକ୍ଷିଣ ଦିଲ୍ଲୀରେ ଘଟିଥିବା ଏହି ବିଭତ୍ସ ଗଣ ବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ସେହିବର୍ଷ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡିତାଙ୍କ ମୃତ୍ୟୁ ଘଟିଥିଲା।

–ମଧୁସୂଦନ ପ୍ରଧାନ, ବରିଷ୍ଠ ଆଇନଜୀବୀ, ସୋନପୁର

### ନ୍ୟାୟାଳୟ ପ୍ରତି ଲୋକଙ୍କ ଆସ୍ଥା ରହିଛି



ଦୀର୍ଘ ୭ ବର୍ଷର ନ୍ୟାୟିକ ପ୍ରକ୍ରିୟା ପରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯିବା ଘଟଣା ସ୍ୱାଗତ ଯୋଗ୍ୟ। ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏଭଳି କଠୋର ଦଣ୍ଡ ଦିଆଗଲେ ସମାଜରୁ ଅପରାଧ କମିବ ଓ ଲୋକେ ନ୍ୟାୟାଳୟ ପ୍ରତି ଆସ୍ଥା ପ୍ରକଟ କରିବେ।

–ରାମଚନ୍ଦ୍ର ମହାପତ୍ର, ଶିକ୍ଷାବିତ ଦେବଗଡ଼

### ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଉଚିତ



ବିଳମ୍ବରେ ହେଲେ ମଧ ନିର୍ଭୟା ଗଣବଳତ୍କାର ଓ ହତ୍ୟା ଘଟଣାର ସମସ୍ତ ଦୋଷୀଙ୍କୁ ଫାଶୀ ଦିଆଯିବା ଘଟଣା ଶେଷରେ ନିର୍ଭୟା ଏବଂ ପରିବାର ଲୋକଙ୍କୁ ନ୍ୟାୟ ମିଳିଛି। ଏଭଳି କଠୋର ଆଇନ ଅନ୍ୟ ବଳାତ୍କାରୀଙ୍କ ପାଇଁ ମଧ ଲାଗୁ କରାଗଲେ ଅପରାଧିମାନେ ଭୟ କରିବେ। ହେଲେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଉଚିତ।

–ମୋତିଲାଲ ଶର୍ମା, ବ୍ୟବସାୟୀ ଦେବଗଡ଼

### ବିଳମ୍ବ ଯୋଗୁ ପ୍ରଭାବ ପଡ଼ିଲାନି



ନ୍ୟାୟ ମିଳିବାରେ ବିଳମ୍ବ ହେବାର ଉଚିତ୍ ନ ଥିଲା। ଏଥିଯୋଗୁ ନ୍ୟାୟ ବ୍ୟବସ୍ଥା ଉପରେ ସନ୍ଦେହ ସୃଷ୍ଟିହେଲା। ସଙ୍ଗେ ସଙ୍ଗେ ଫାଶୀ ହୋଇଥିଲେ ଯେଭଳି ପ୍ରଭାବ ପଡ଼ିଥାନ୍ତା, ଏବେ ସେମିତି ପ୍ରଭାବ ପଡ଼ିବନି। ପ୍ରତିଦିନ ଆମେ ଏମିତି ବହୁ ନିର୍ଭୟାଙ୍କୁ ହରାଉଛେ। କିନ୍ତୁ ବିଳମ୍ବ ନ୍ୟାୟ ଦ୍ୱାରା ଆମେ କେବେ ଆଉ ନିର୍ଭୟାକୁ ଫେରି ପାଇବାନି। ହେଲେ ଏମିତି ଦଣ୍ଡ ଦିଆଯିବାର ଥିଲା ଯେମିତି ଲୋକେ ବଳାତ୍କାର ଭଳି ଘୃଣ୍ୟ କାମ କରିବା ପୂର୍ବରୁ ଶହେଥର ଭାବିଥାନ୍ତେ। ସବୁଠାରୁ ଦୁଃଖର କଥା ହେଲା ୪ଜଣ ଦୋଷୀଙ୍କ ପାଇଁ କେତେଜଣ କ୍ଷମା ନିବେଦନ କରୁଥିଲେ। ଭାବିବା କଥା ଯେ ଯେତେବେଳେ ସେ ମହିଳା ଜଣକ ଜୀବନ ପାଇଁ ନେହୁରା ହେଉଥିଲେ, ସେତେବେଳେ ସେମାନେ କେଉଁଠି ଥିଲେ। ତୁମମାନଙ୍କ ଜୀବନ ଭଳି ଅନ୍ୟର ଜୀବନ ବି ମୂଲ୍ୟବାନ୍, ଏହା ବଳାତ୍କାର କରିବା ପୂର୍ବରୁ ଓ ବଳାକାରୀଙ୍କୁ କ୍ଷମା ଦେବାକୁ ନିବେଦନ କରୁଥିବା ଲୋକେ ଥରେ ଭାବିବା ଉଚିତ୍ ଥିଲା।

– ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ

### ମାର୍ଚ୍ଚ ୨୦ ନିର୍ଭୟା ନ୍ୟାୟ ଦିବସ



ମାର୍ଚ୍ଚ ୨୦ ସମଗ୍ର ଭାରତ ଓ ଓଡ଼ିଶାବାସୀଙ୍କ ପାଇଁ ଏକ ଖୁସିର ଦିନ। ଓଡ଼ିଆଙ୍କ ପାଇଁ ଏହା ନିର୍ଭୟା ନ୍ୟାୟ ଦିବସ। ଗଣମାଧ୍ୟମର ଚାପ ଓ ଜନସାଧାରଣଙ୍କ ପ୍ରବଳ ଦାବି ସତ୍ତ୍ୱେ ନିର୍ଭୟାଙ୍କୁ ନ୍ୟାୟ ମିଳିବାକୁ କାହିଁକି ୭ବର୍ଷ ଲାଗିଗଲା ତାହା ମୁଁ ଏବେ ବି ଭାବୁଛି। ପ୍ରତିଥର ଫାଶୀ ତାରିଖ ଘୁଞ୍ଚାଯାଇ କ'ଣ ପାଇଁ ବଳାତ୍କାରୀମାନଙ୍କୁ ବିଜୟ ମନାଇବାର ସୁଯୋଗ ଦିଆଗଲା। ନ୍ୟାୟ ମିଳିବାରେ ବହୁଳ ବିଳମ୍ବ ହୋଇଗଲା। ଏହି ସମୟ ମଧ୍ୟରେ ଦୃଢତାର ସହ ଛିଡ଼ାହୋଇଥିବା ନିର୍ଭୟାଙ୍କ ମା' ଓ ସମର୍ଥକଙ୍କ ପ୍ରତି ମୋର ଶତପ୍ରଣାମ।

– ଡ. ଅନୀତା ସାବତ, ସାମାଜିକ କର୍ମୀ, ଭୁବନେଶ୍ୱର

### ନ୍ୟାୟ ପାଇଲେ, ହେଲେ ବିଳମ୍ବ ହେଲା



ନିର୍ଭୟା ବଳତ୍କାର ଓ ହତ୍ୟା ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଦଣ୍ଡ ମିଳିଛି। ହେଲେ ୭ ବର୍ଷ ସମୟ ଲାଗିଗଲା ପୀଡିତା ପରିବାରକୁ ନ୍ୟାୟ ପାଇବାରେ। ତେଣୁ ଏଭଳି ଘଟଣା ଉପରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ହେବ। ତା'ହେଲେ ଅପରାଧିକ ମନରେ ଭୟ ସୃଷ୍ଟି ହେବ। ନିର୍ଭୟା ମାମଲାକୁ ଦେଶରେ ଏକ ଉଦାହରଣ ଭାବେ ଗ୍ରହଣ କରି ବିଳମ୍ବ ହେଉଥିବା ଅନ୍ୟ ମାମଲାଗୁଡିକ ମଧ୍ୟ ବିଚାରକୁ ତ୍ୱରାନିତ କରିବାକୁ ହେବ।

–ସମୀର ରଞ୍ଜନ ମହାପାତ୍ର।

### ନାରୀ ସମ୍ମାନର ସୂଚକ ଅଟେ



କୋର୍ଟ ରାୟ ସମଗ୍ର ନାରୀ ସମାଜକୁ ସମ୍ମାନ ମିଳିଛି। ଏଭଳି ଅନେକ ଘଟଣାରେ ଅଭିଯୁକ୍ତମାନେ ପୁଣି ପୀଡିତା ଓ ପରିବାରକୁ ନିର୍ଯାତନା ଦେଇଥାନ୍ତି। ଏହି ରାୟ ପରେ ଭୟ ସୃଷ୍ଟି ହୋଇଛି। ଅପରାଧି ଓ ତାଙ୍କ ପରିବାର ପାଇଁ ଉଚିତ ଶିକ୍ଷା ମିଳିଛି। ନ୍ୟାୟିକ ପ୍ରକ୍ରିୟାରେ ତ୍ୱରାନିତ କରି ଦଣ୍ଡାଦେଶ ଦେଲେ ଅପରାଧ ନିଶ୍ଚୟ କମିଯିବ ବୋଲି ଆଶା। ମହିଳା ସୁରକ୍ଷା ଆଇନ ଆହୁରି କଡା କଡି କରାଯାଉ।

–ଆଶାଲତା ନାଏକ।

# ରାଜ୍ୟ ସଭାରେ ଏକାଧିକ ଦାବି ଉଠାଇଲେ ସସ୍ମିତ

■ ବ୍ରହ୍ମପୁରରେ ବିମାନବନ୍ଦର, ଅତ୍ରିରେ ଷ୍ଟେଶନ ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ବ୍ରହ୍ମପୁର ରାଜ୍ୟର ଏକ ପ୍ରମୁଖ ସହର। ହେଲେ ଏଠାରେ ଆକାଶମାର୍ଗରେ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଉତ୍ତର ପ୍ରଦେଶର ଆଲ୍ଲାହାବାଦ(ପ୍ରୟାଗରାଜ) ପରି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଏକ ବିମାନବନ୍ଦର ନିର୍ମାଣ କରାଯାଉ। କେନ୍ଦ୍ର ପକ୍ଷରୁ ଉଡାନ କାର୍ଯ୍ୟକ୍ରମ ଅଧୀନରେ ଏହା କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଶୁକ୍ରବାର ଦାବି କରିଛନ୍ତି। ଏହା କେବଳ ବ୍ରହ୍ମପୁର ନୁହେଁ ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର ଯୋଗାଯୋଗକୁ ଦୃଢ଼ କରିବ ବୋଲି ସସ୍ମିତ କହିଛନ୍ତି। ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ବାଘମାରୀ ନିକଟରେ ଥିବା ଅତ୍ରି ଉଷ୍ଣପ୍ରସ୍ରବଣ। ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ। ତେଣୁ ଏଠାକୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗକୁ ପୂର୍ବାପେକ୍ଷା ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ରେଳଷ୍ଟେଶନ କରିବା ପାଇଁ ସସ୍ମିତ ଦାବି କରିଛନ୍ତି। ସେହିପରି ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଛି। ଏହାକୁ ଏୟାର କାର୍ଗୋ ହବ୍‌ରେ ପରିଣତ କରିବା ପାଇଁ ପୂର୍ବରୁ ବିଜ୍ଞାପିତ କରାଯାଇଥିଲା। ହେଲେ ଏ ନେଇ କାମ ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଝାରସୁଗୁଡ଼ାକୁ କୃଷି ଉଡାନ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ବିଜେଡି ସଦସ୍ୟ ଉଚ୍ଚସଦନରେ ଦାବି କରିଛନ୍ତି। ପୂର୍ବଭଳି ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନକେନ୍ଦ୍ରିକ ରାଜ୍ୟର ମାନ୍ୟତା ଦିଆଯିବା ସହ ଅର୍ଥ ପ୍ରଦାନ, ରେଳ ଏବଂ ଜାତୀୟ ରାଜପଥ ବୃଦ୍ଧି, ଟେଲି ଏବଂ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସୁଦୃଢ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

RDM-LAB-BOUDH-0042-2017/27141 ତା 10 Sept. 2019

No.: XXXI-43: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଖଜୁରିପଡ଼ା, ଥାନା- ବୌଦ୍ଧ, ନଂ.-୩୪୬, ତହସିଲ୍- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୫୮୯୬ ତା୩୦।୧୦।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଖଜୁରିପଡ଼ା, ଥାନା- ବୌଦ୍ଧ, ଜିଲ୍ଲା- ବୌଦ୍ଧ ନିମନ୍ତେ, ବିସ୍ଥାପିତ ପରିବାର ଥିବାରୁ, କମିଶନର- ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖଜୁରିପଡ଼ା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ.୨୧.୧୩୦ | ଏ.୧୧.୮୫୦ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ଅଟେ | | | | | | | |

• ଧାରା ୧୯ର ଉପଧାରା (୭) ଅଧୀନରେ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ: ୦୮।୧୦।୨୦୧୯।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଅତିରିକ୍ତ ଶାସନ ସଚିବ**

**ଜମିର ତାଲିକା**
**ଖୋର୍ଦ୍ଧା ରୋଡ଼ – ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ**
**ଗ୍ରାମ– ଖଜୁରିପଡ଼ା, ତହସିଲ୍– ହରଭଙ୍ଗା, ଥାନା– ବୌଦ୍ଧ, ନଂ.–୩୪୬, ଜିଲ୍ଲା– ବୌଦ୍ଧ**
ଏ ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୫ | ୨୮୦ | ୦.୨୭୦ | ୦.୦୫୦ | ଶାରଦ ଜଳ-୨ | ଆର୍ତ୍ତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୨ | | ୧୪୫ | ୧.୧୨୦ | ୦.୦୭୦ | N/A | |
| ୩ | ୧୧ | ୩୧୮ | ୦.୧୪୦ | ୦.୦୨୦ | N/A | କୁର୍ତ୍ତି ପ୍ରଧାନ, ପି.- ମମାରୁ ପ୍ରଧାନ, ବା: ଖଜୁରିପଡ଼ା |
| ୪ | | ୩୧୭ | ୦.୨୯୦ | ୦.୧୫୦ | N/A | |
| ୫ | | ୩୧୬ | ୦.୨୧୦ | ୦.୨୧୦ | ଘରବାରି | |
| ୬ | | ୩୧୫ | ୦.୧୦୦ | ୦.୧୦୦ | ଘରବାରି | |
| ୭ | | ୨୮୮ | ୦.୬୧୦ | ୦.୬୧୦ | ଶାରଦ ଜଳ-୨ | |
| ୮ | | ୩୧୯ | ୦.୭୪୦ | ୦.୭୪୦ | ଆଟ | |
| ୯ | ୧୩ | ୧୫୮ | ୦.୮୯୦ | ୦.୬୩୦ | ଶାରଦ ଜଳ-୧ | କୃଷ୍ଣଚନ୍ଦ୍ର ମିଶ୍ର, ପି.- ଲଳିତ ମୋହନ ମିଶ୍ର, ବା: ଖଜୁରିପଡ଼ା |
| ୧୦ | ୧୫ | ୧୫୪ | ୦.୪୯୦ | ୦.୨୦୦ | N/A | ଖତକୁରୀ ମାଝୀ, ପି.- ସୁଦର୍ଶନ ଦନାୟକ, ବା: ଖଜୁରିପଡ଼ା |
| ୧୧ | ୨୬ | ୧୪୩ | ୦.୬୮୦ | ୦.୨୫୦ | N/A | ତରଣୀ ପ୍ରଧାନ, ପି.- ଭରତ ପ୍ରଧାନ, ମୁରୁବାଲି ପ୍ରଧାନ, ସ୍ୱା– ଭରତ ପ୍ରଧାନ, ବା: ଖଜୁରିପଡ଼ା |
| ୧୨ | ୪୦ | ୧୪୨ | ୦.୮୯୦ | ୦.୬୩୦ | ଶାରଦ ଜଳ-୧ | ନାରାୟଣ ମିଶ୍ର, ପି.- ଲଳିତ ମୋହନ ମିଶ୍ର, ବା: ଖଜୁରିପଡ଼ା |
| ୧୩ | ୪୧ | ୨୬୯ | ୦.୧୨୦ | ୦.୧୨୦ | ଶାରଦ ଜଳ-୨ | ନିତ୍ୟାନନ୍ଦ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୧୪ | ୪୨ | ୨୮୬ | ୦.୧୬୦ | ୦.୦୯୦ | ଆଟ | ନିତ୍ୟାନନ୍ଦ ପ୍ରଧାନ, ଭାଗବତ ପ୍ରଧାନ, ଆର୍ତ୍ତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ତରଣୀ ପ୍ରଧାନ, ପି.- ଭରତ ପ୍ରଧାନ, ବା: ଖଜୁରିପଡ଼ା |
| ୧୫ | ୪୭ | ୬ | ୩.୬୩୦ | ୨.୩୩୦ | N/A | ପ୍ରଭାସ ଚନ୍ଦ୍ର ମିଶ୍ର, ପି.- ହିମାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୧୬ | ୪୮ | ୫ | ୨.୮୨୦ | ୨.୪୦୦ | N/A | ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରମଥ କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ପ୍ରତିଭା ନନ୍ଦ, ପ୍ରଣିତା ମିଶ୍ର, ପି.- ହିମାଂଶୁ ଶେଖର ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର, ସ୍ୱା.- ହିମାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୧୭ | | ୧୫୨ | ୧.୪୩୦ | ୦.୭୨୦ | N/A | |
| ୧୮ | ୬୦ | ୧୫୩ | ୦.୧୦୦ | ୦.୦୯୦ | N/A | ବିଶ୍ୱକେଶନ ଦନାୟକ, ପି.- ବୀର ଦନାୟକ, ବା: ଖଜୁରିପଡ଼ା |
| ୧୯ | ୬୧ | ୩୩୬ | ୧.୨୭୦ | ୦.୦୪୦ | N/A | ବିଶିକେଶନ ନାଏକ, ପି.- ଅଇଁଠା ନାଏକ, ବା: ଖଜୁରିପଡ଼ା |
| ୨୦ | | ୩୨୩ | ୦.୪୫୦ | ୦.୩୫୦ | N/A | |
| ୨୧ | | ୩୨୪ | ୧.୦୫୦ | ୦.୦୮୦ | N/A | |
| ୨୨ | ୬୬ | ୨୮୬ | ୦.୦୮୦ | ୦.୦୧୦ | ଶାରଦ ଜଳ-୨ | ଭାଗବତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୨୩ | ୬୭ | ୧୫୫ | ୦.୪୨୦ | ୦.୪୨୦ | N/A | ଭାଙ୍ଗାଧର ଦନାୟକ, ପି.- ବିଶ୍ୱକେଶନ ଦନାୟକ, ବା: ଖଜୁରିପଡ଼ା |
| ୨୪ | ୮୯ | ୧୫୬ | ୦.୨୦୦ | ୦.୨୦୦ | N/A | ସୁମେଧା ମିଶ୍ର, ସ୍ୱା.- ସୁଧାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୨୫ | ୯୧ | ୧୦ | ୦.୬୧୦ | ୦.୦୦୩୦ | N/A | ସୁରେଶ କୁମାର ମିଶ୍ର, ସ୍ୱା.- ସୁଧାଂଶ ଶେଖର ମିଶ୍ର, ବା: ଖଜୁରିପଡ଼ା |
■ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ୨୨ ମାର୍ଚ୍ଚକୁ ସାରା ଦେଶରେ ଜନତା କର୍ଫ୍ୟୁ ଭାବେ ବିବେଚନା କରାଯିବ ବୋଲି ବ୍ୟାପକ ପ୍ରଚାର ଓ ପ୍ରସାର ହେଉଛି। ମୋ ମତରେ ଖାଲି ଗୋଟିଏ ଦିନ ଘରୁ ବାହାରକୁ ନ ବାହାରିଲେ କରୋନା ଭଳି ମହାମାରୀ ଦେଶ ଛାଡ଼ି ଚାଲିଯିବନି। ବରଂ ଏହାର ମୁକାବିଲା ପାଇଁ ସରକାର ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ପାଇଁ ଅଧିକ କିଛି ଚିନ୍ତା କରିବା ଉଚିତ। ଏହାଦ୍ୱାରା ଗାଁଠାରୁ ସହର ଯାଏ ଲୋକେ ଖୁବ୍‌ଶୀଘ୍ର ସଚେତନ ହୋଇପାରିବେ। ଓଡ଼ିଶା ଭଳି ରାଜ୍ୟରେ ଏବେ ବି ଅନେକ ଲୋକ ଦିନକୁ ଦୁଇ ଓଳି ଖାଇବାକୁ ପାଉନାହାନ୍ତି। ଗୋଟିଏ ଦିନ ଘରୁ ବାହାରକୁ ନ ବାହାରିଲେ ଏହି ପରିବାର ସବୁ ହୁଏତ ଉପବାସ ରହିବାକୁ ପଡ଼ିବ। ସେ ଦିଗ ପ୍ରତି ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଜରୁରୀ। ଅନ୍ୟପଟେ ଏହାଦ୍ୱାରା ଭାରତର ଅର୍ଥନୀତି ଉପରେ କି ପ୍ରଭାବ ପଡ଼ିବ ସେ ସଂକ୍ରାନ୍ତରେ ଦୃଷ୍ଟିଦେବା ଦରକାର।

**–ଅଧିକାରୀ ବିଭୁରଞ୍ଜନ ଦାଶ, ଆଇନଜୀବୀ, ଜଗତ୍‌ସିଂହପୁର କୋର୍ଟ**

### ଅର୍ଥନୀତି ଉପରେ ପ୍ରଭାବ ପକାଇବ



■ ୨୨ ତାରିଖରେ ଲୋକେ ଘରୁ ନ ବାହାରିଲେ କି ଦୋକାନ, ବଜାର ବନ୍ଦ ହୋଇଗଲେ କରୋନା ଭଳି ମହାମାରୀକୁ ପ୍ରତିହତ କରିବା ସମ୍ଭବ ନୁହେଁ। ଏହା ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଏ ପରିସ୍ଥିତିରେ ସରକାର ଅନ୍ୟ କିଛି ପନ୍ଥା ବାହାର କରିବା ଦରକାର। ବିଶେଷକରି ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ଅନ୍ୟ କିଛି ବିକଳ୍ପ ଚିନ୍ତା କରିବା ଜରୁରୀ। ମୋ ମତରେ ଗୋଟିଏ ଦିନ ସବୁ ବନ୍ଦବାନ୍ଦ କରିଦେବା ଅପେକ୍ଷା ପ୍ରତ୍ୟହ କିଛି ଦିନ ପାଇଁ ନିର୍ଦ୍ଦିଷ୍ଟ ସମୟରେ ଜନତା କର୍ଫ୍ୟୁ କରାଗଲେ ଭଲ ହୁଅନ୍ତା

**–ବିଶ୍ୱଜିତ୍ ପଟ୍ଟନାୟକ, ବ୍ୟବସାୟୀ, ଜଗତ୍‌ସିଂହପୁର**

### ବିଜ୍ଞାନ ସମ୍ମତ ପଦକ୍ଷେପ



■ କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିବେଦନ ଜନତା କର୍ଫ୍ୟୁ ବିଜ୍ଞାନସମ୍ମତ। ରବିବାର ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବା ରୋଗକୁ ନିୟନ୍ତ୍ରଣ କରିବାରେ ସଫଳ ହେବ। ସଙ୍କଟକୁ ଏଡାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସମସ୍ତେ ଗ୍ରହଣ କରୁଛନ୍ତି ।

**–ମନୋଜ ମିଶ୍ର, ବରିଷ୍ଠ ପାଲା ଗାୟକ, ଗୋଡିପଡ଼ା, ନୟାଗଡ଼**

### ରୋଗକୁ ପ୍ରତିରୋଧ କରିବ



■ କରୋନା ଭୂତାଣୁ ବିଶ୍ୱର ଅନେକ ଦେଶକୁ ବ୍ୟାପି ଚାଲିଛି। ଏଥିରୁ ମୁକ୍ତି ପାଇଁ ଔଷଧ ନାହିଁ କି ଉପାୟ ମିଳୁନି। ସଂକ୍ରମଣଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଅତି ଜରୁରୀ। ଆରୋଗ୍ୟ ହେବା ଅପେକ୍ଷା ରୋଗକୁ ପ୍ରତିରୋଧ କରିବା ବୁଦ୍ଧିମାନର କାର୍ଯ୍ୟ, ଯାହାକି ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ବାର୍ତ୍ତା ରଖିଛି। ଏଣୁ ଦେଶର ୧୩୦ କୋଟି ଲୋକ ଗୋଟିଏ ଦିନର ୧୪ ଘଣ୍ଟା ପାଇଁ ବିଶ୍ରାମ ନେଲେ କିଛି ଅସୁବିଧା ନାହିଁ।

**–ସବିତା ପାଇକରାୟ, ମୁକ୍ତାପୁର, ନୟାଗଡ଼**

### ଥାଳି ବଜାଇବା ପାଣିଚିଆ ପରି ଲାଗୁଛି



■ କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଏକ ସମୟୋପଯୋଗୀ ଆହ୍ୱାନ। ଏହାଦ୍ୱାରା ବାହ୍ୟ ପରିବେଶ ବିଶୋଧନ ହୋଇ ରୋଗକୁ ଆଗକୁ ବଢ଼ାଇବାକୁ ଦେବନି। ପ୍ରତ୍ୟେକ ଜୀବନ ଦେଶ ପାଇଁ ମୂଲ୍ୟବାନ ହେତୁ କର୍ଫ୍ୟୁକୁ ସମସ୍ତେ ମାନିବାର ଆବଶ୍ୟକତା ରହିଛି। ଏହି ଆହ୍ୱାନକୁ ଦେଖିଲେ ଘଣ୍ଟି ବଜାଇବା, ତାଳି ମାରିବା ଓ ଥାଳି ବଜାଇବା ପାଣିଚିଆ ପରି ମନେହୁଏ।

**– ବିରଞ୍ଚି ନାରାୟଣ ତ୍ରିପାଠୀ, ସାହିତ୍ୟିକ ରଣପୁର, ନୟାଗଡ଼**

### ସ୍ୱାଗତଯୋଗ୍ୟ ପଦକ୍ଷେପ



■ କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜନତା କର୍ଫ୍ୟୁ ଆହ୍ୱାନ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମସ୍ତେ ନିଜର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସଚେତନ ହେବା ଜରୁରୀ। କିନ୍ତୁ ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ରହିବା ଉଚିତ ନୁହେଁ। କାରଣ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ।

**–ଚନ୍ଦ୍ରକାନ୍ତ ମିଶ୍ର, ଅମଲାପଡ଼ା ବସଷ୍ଟାଣ୍ଡ, ଢେଙ୍କାନାଳ**



## ଜିଲା ଚିଠି
## ଭଦ୍ରକ

# ଭାଗ୍ୟରେ ଥିଲେ ଭଦ୍ରକ

କାର୍ଯ୍ୟରେ ସ୍ୱଚ୍ଛତା ଆଣି ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ଉଦ୍ୟମ ହେଉଥିବାବେଳେ ଭଦ୍ରକ ଜିଲାରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏପରି କି କେତେଜଣ ଅଧିକାରୀ ଠିକ୍ ଭାବେ ଦାୟିତ୍ୱ ନ ତୁଲାଇ ନିଜ ପରିବାରର ସଦସ୍ୟଙ୍କୁ ସରକାରୀ ଯୋଜନାରେ ସାମିଲ କରି ସୁବିଧା ସୁଯୋଗ ଦେବାରେ ଲାଗିଛନ୍ତି। ପୂର୍ବରୁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତା ଏଯାଏ ଅପରିବର୍ତ୍ତିତ ରହିଛି। କେହି କେହି କହନ୍ତି, ଭାଗ୍ୟରେ ଥିଲେ ଭଦ୍ରକ ଭଳି ଜାଗାରେ ଚାକିରି କରିବାକୁ ସୁଯୋଗ ମିଳିଥାଏ। ଏଭଳି ଏକ ଧାରଣା ବହୁଦିନରୁ ଜନମାନସରେ ସ୍ଥାନ ପାଇଆସିଛି। କେତେଜଣ ଅଧିକାରୀ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ବିଭାଗର ଗାଦି ମାଡ଼ି ବସିଥିବା ଏଥିରୁ ପ୍ରମାଣିତ କରୁଛି। ସରକାରୀ ନିୟମ ଅନୁସାରେ କୌଣସି ସ୍ଥାନରେ କେହି ଅଧିକ ଦିନ ଥିଲେ ସେମାନଙ୍କୁ ବଦଳି କରାଯିବା ବ୍ୟବସ୍ଥା ରହିଛି। ଏଠାରେ ବଦଳି ଆଦେଶ ଆସୁଥିଲେ ମଧ୍ୟ ତାହା ପରେ କେଉଁଠି ଲୁଚିଯାଉଛି। ଏପରି କି କେତେକ ଅଧିକାରୀ ଭଦ୍ରକ ଛାଡ଼ିବାକୁ ଯେମିତି ନାରାଜ ପ୍ରତୀତ ହେଉଛି। ବର୍ତ୍ତମାନ ସରକାର ଗ୍ରାମାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବିଭିନ୍ନ ଉନ୍ନୟନ ଯୋଜନାରେ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଆସୁଛି। ଏସବୁ ଯୋଜନା କାର୍ଯ୍ୟ ନାଁରେ ଅନିୟମିତତା କରାଯାଇ ସରକାରୀ ଅର୍ଥ ହଡ଼ପ କରାଯିବା ଅଭିଯୋଗ ଏହି ଜିଲା ପାଇଁ କିଛି ନୂଆ କଥା ନୁହେଁ। ସରକାରୀ କାଗଜପତ୍ରରେ ଏଠି ସବୁକିଛି ସମ୍ଭବ ହେଉଥିବା ସାଧାରଣ ଲୋକେ ମତବ୍ୟକ୍ତ କରୁଛନ୍ତି। ଏପରି କି ସଧବାମାନେ ବିଧବା ଭତ୍ତା ପାଇବା ନଜିର ରହିଛି। ସେହିପରି ପୁରୁଣା ପାଇଖାନାରେ ରଙ୍ଗଦେଇ ନୂଆ ପାଇଖାନା ନାମରେ ଅନୁଦାନ ହାତେଇବା, ଅନୁସୂଚିତ ଜାତି ଛାତ୍ରୀଛାତ୍ର ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ, ଅଯୋଗ୍ୟଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଭଳି ଅନିୟମିତତା ପଛରେ କେତେକ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହୁଥିବା ଚର୍ଚ୍ଚା ହେଉଛି। ଏଭଳି ଅନିୟମିତତା ନେଇ କେତେଜଣ ଅଧିକାରୀଙ୍କୁ ଭିଜିଲାନ୍ସ ଓ ପ୍ରଶାସନିକ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିଛି। ଜିଲାରେ ଜଣେ ଜିଆର୍‌ଏସ୍‌ଙ୍କ ପରିବାରର ୩ ଜଣଙ୍କ ନାଁରେ ଇନ୍ଦିରା ଆବାସ ମିଳିଥିବା ଭଳି ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ରାସ୍ତା କାମ ଚାଲିଥିଲେ ବି ସରୁନି। ପିଚୁ କରାଯିବାର ୧୦ ଦିନ ପରେ ରାସ୍ତା ଅବସ୍ଥା ବେହାଲ ହୋଇପଡୁଛି। ସ୍ୱଚ୍ଛ ଭାରତ ଯୋଜନାରେ ଜଣେ ମୋଟିଭେଟରଙ୍କ ପରିବାରର ୩ ସଦସ୍ୟ ଗାଁ ସାରା ପାଇଖାନା ଟଙ୍କା ଲୁଟି ନେବା ଭଳି ଅନେକ ଦୁର୍ନୀତି ଏହି ଜିଲାରେ ଲୋକଲୋଚନକୁ ଆସିଛି। ଏ ନେଇ କେଉଁଠି ଜିଆର୍‌ଏସ୍‌ଙ୍କ ନାଁରେ ମାମଲା ରୁଜୁ ହୋଇଛି ତ ଅନ୍ୟ କେଉଁଠି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଚାଲିଛି ଫୌଜଦାରି ମାମଲା। ଜିଲାରେ ଜେଲର ଚେକ୍‌ରେ ଲାଞ୍ଚ ନେଇ ଜେଲ ଯିବା ଏବଂ ଜଣେ ଜେଲର ବଳାତ୍କାର ମାମଲାରେ ଛନ୍ଦିହୋଇ ଫେରାର ହେବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି। ସମିତିସଭ୍ୟ ପଦବୀରେ ଥାଇ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଓ ଜଣେ କିରାଣି ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଘଟଣା ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ଥରେ ଏଠି କାର୍ଯ୍ୟରେ ଯୋଗଦେଲେ ଜିଲା ଛାଡ଼ି ଯିବାକୁ କାହିଁକି ନାରାଜ ତାହାର କାରଣ ଜଳ ଜଳ ହୋଇ ଦିଶୁଛି।

**–ବିଭୁପ୍ରସାଦ ବେହେରା**

# ୬ କରୋନା ସନ୍ଦିଗ୍ଧଙ୍କୁ ଏସ୍‌ସିବି ପଠାଗଲା

**ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.)**

କରୋନା ସନ୍ଦେହରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୬ ସନ୍ଦିଗ୍ଧଙ୍କୁ ଶୁକ୍ରବାର ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା(ଏସ୍‌ସିବି ମେଡିକାଲ) ପଠାଯାଇଛି। ଏହାପୂର୍ବରୁ ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇଥଲା । ସେମାନଙ୍କ ମଧ୍ୟରୁ ବାହାରବଗ୍ପୁ ଗ୍ରାମରୁ ୨, ଦୁଦୁରା, ଘଣ୍ଟାଳ,ବନ୍ଧୁପୁର ଓ କୁଦ ଗ୍ରାମରୁ ଜଣେ ଲେଖାଏ ସନ୍ଦିଗ୍ଧ ଥିବା ଜଣାପଡିଛି। ସମସ୍ତ ସନ୍ଦିଗ୍ଧ ବିଦେଶରୁ କିଛି ଦିନ ପୂର୍ବେ ଗ୍ରାମକୁ ଫେରିଥିଲେ। ସ୍ୱାସ୍ଥ୍ୟକର୍ମୀ ଏହାଜାଣିବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମାନିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା ଭୂତାଣୁ ବିଶ୍ୱ ମହାମାରୀର ରୂପ ନେଇଥିବା ବେଳେ ଆମ ସମସ୍ତଙ୍କୁ ମିଳିମିଶି ଏଭଳି ପ୍ରାକୃତିକ ସଙ୍କଟକୁ ସାମ୍ନା କରିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ତଥା ଦେଶବାସୀ କୌଣସି ପ୍ରକାର ଭୟଭୀତ ନ ହୋଇ ଧୈର୍ଯ୍ୟ ଓ ସାହସର ସହ କରୋନା ଭାଇରସ୍ ବିରୋଧରେ ମୁକାବିଲା କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଭୟଭୀତ ହେବା ବଦଳରେ ପ୍ରତିଷେଧକ ଓ ସୁରକ୍ଷାଗତ ପଦକ୍ଷେପ ନେବା ଏହି ସମୟରେ ନିତାନ୍ତ ଜରୁରୀ। ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତିରେ ପହଞ୍ଚିଛି। କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ସଙ୍କଟରେ ପକାଇଛି। ଏହା ବିଶ୍ୱଯୁଦ୍ଧ ଠାରୁ ବି ଭୟଙ୍କର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଲୋକମାନେ ଧାର୍ମିକ, ବିବାହ ଉତ୍ସବ ସମେତ ଭିଡ ଅଞ୍ଚଳରେ ସାମାଜିକ ଦୂରତା ଅବଲମ୍ବନ କରିବା ଜରୁରୀ । ଏଥିସମେତ ଗରିବ ଲୋକଙ୍କ ବିଶେଷ ଯତ୍ନ ନେବା ସମସ୍ତଙ୍କର ଦାୟିତ୍ୱ । ମୋଦିଙ୍କ ଆହ୍ୱାନକ୍ରମେ ରବିବାର ଦେଶବାସୀ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରେ ରହି ‘ଜନତା କର୍ଫ୍ୟୁ’କୁ ସଫଳ କରିବାକୁ ଧର୍ମେନ୍ଦ୍ର କହିଛନ୍ତି ।

# ପୀଡ଼ିତାଙ୍କ ଲାଗି ଭାଜପା ଓକିଲ ସାଜିବ: ପ୍ରଭାତୀ

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ):** ଆଜି ଦିନଟି ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଦିନ। ବିଳମ୍ବ ହେଲେ ମଧ୍ୟ ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ରଖିଥିବା ଆମ ସମସ୍ତଙ୍କୁ ନ୍ୟାୟ ମିଳିଛି ଏବଂ ନିର୍ଭୟା ଦୋଷୀମାନଙ୍କୁ ଫାଶୀ ମିଳିଛି। ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ କହିଛନ୍ତି ଯେ, ଯେଉଁପରି ନିର୍ଭୟା ମାମଲାରେ ଅଭିଯୁକ୍ତମାନଙ୍କୁ ଫାଶୀ ମିଳିଛି, ଠିକ୍ ସେହିପରି ନାବାଳିକା ବଳାତ୍କାରୀଙ୍କୁ ପୋକ୍ସୋ ଆକ୍ଟ ଆଧାରରେ ଫାଶୀ ଦିଆଯାଉ। ଆଇନର ଗଳାବାଟ ବନ୍ଦ ହେଲେ ନିର୍ଭୟା ପରି ରାଜ୍ୟର ଅନ୍ୟ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ। ରାଜ୍ୟରେ ଯେଉଁ ପୀଡ଼ିତାମାନେ ନିଜ ମାମଲା ଲଢିବା ପାଇଁ ସମର୍ଥ ହେବେ ନାହିଁ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଭାଜପା ମହିଳା ମୋର୍ଚ୍ଚା ବିନା ପାରିଶ୍ରମିକରେ ଓକିଲ ସାଜିବ। ନିର୍ଭୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ନିର୍ଭୟାଙ୍କ ମାତା, ପିତା ଏବଂ ପରିବାର ଲୋକଙ୍କୁ ଆଜି ନ୍ୟାୟ ମିଳିଛି । ନିର୍ଭୟା ପରିବାର ୭ବର୍ଷ ଧରି ନ୍ୟାୟ ପାଇବା ପାଇଁ ଯେପରି ଲଢେଇ କରିଥିଲେ ତାହା ସମସ୍ତଙ୍କୁ ଏକ ପ୍ରେରଣା ଯୋଗାଇବ । ସତ୍ୟର ବିଜୟ ହୋଇଛି, ଏହି ଦଣ୍ଡବିଧାନ ଯୋଗୁ ଅନ୍ୟ ବଳାତ୍କାରୀମାନେ ସତର୍କ ହେବେ ଏବଂ ଏପରି ହୀନ କାର୍ଯ୍ୟ କରିବାରୁ ଦୂରେଇ ରହିବେ । ପୋଲିସ ଏବଂ ଆଇନ ବ୍ୟବସ୍ଥାରେ କିଛି ତ୍ରୁଟି ଅବା ଗଳାବାଟ ଥିବାରୁ ଅପରାଧୀମାନଙ୍କୁ ଫାଶୀରେ ଝୁଲାଇବା ପାଇଁ ୭ବର୍ଷ ସମୟ ଲାଗିଗଲା । ଅପରାଧୀମାନଙ୍କୁ ତୁରନ୍ତ ସଜା ଶୁଣାଇବା ପାଇଁ ନୂଆ ନିୟମ ଆଣିବା ଦରକାର ବୋଲି ପ୍ରଭାତୀ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY REQUIRED
1. Import & Export Manager - 1 No. (Experienced)
2. Data Entry Operator - 2 Nos. (Tally & MS office)
Mobile = 9338554697
Email : kukumina_bbsr@rediffmail.com

ଟାଟା ଏସି ପାଇଁ ଲାଇସେନ୍ସ ଥିବା ଡ୍ରାଇଭର -୨ଜଣ, ଅଭିଜ୍ଞତା ଇଲେକ୍ଟ୍ରି ଆର୍କ ଓଲ୍ଡର - ୧, । ଦରମା-୧୦୦୦୦/୧୨୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ
ଓଡ଼ିଶା ଆଗ୍ରୋ ମେସିନାରି, ସାକ୍ଷିଗୋପାଳ, ପୁରୀ
9437048854
9238579309

Experienced and well behaved Driver with valid license and experience certificate needed for private cars.
Contact : 9437180218

URGENT REQUIRED
(1) Diploma Civil - 10 Nos.
(2) Graduate - 20 Nos.
Salary (5000 to 50,000)
Contact : 7873563668
9556880775

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୪୦୦୦ - ୧୭୦୦୦ + ରୁମ୍। ଘର ରୋଷେୟା / ଘରୋଇ ଚାକର/ ହେଲ୍‌ପର/ ଅଫିସ୍ ଆସିଷ୍ଟାଣ୍ଟ।
ଏଫ୍‌ଏଫ୍‌ଏଫ୍ ଲିଃ
9884761210

URGENTLY REQUIRED
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

Urgent requirement of a DTP Operator cum Graphics Designer (Photoshop, Pagemaker, Coreldraw).
Salary: 12000+ pm.
Contact No:-
9437529732, 9861040318
Kalinga Vihar, BBSR

WANTED
DRIVER FOR ASHOK LEYLAND DOST PLUS
SALARY : Negotiable
CONTACT
Mobile : 9438820370
Mobile : 9437027670
Mobile : 9437047010

COLOR CLASSIFIED DISPLAY
on Every
Tuesday and Friday

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - 7000/- ରୁ 40000/-
9777639313

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY
RECRUITMENT OF GRADUATE ENGINEERS THROUGH GATE-2020
National Aluminium Company Limited(NALCO), a Navratna Company is looking for recruitment of committed, promising and competent young Graduate Engineers with brilliant academic career in the disciplines of Mechanical, Electrical, Metallurgy, Instrumentation, Cvil, Chemical & Mining from Graduate Aptitude Test in Engineering - 2020 scores(GATE-2020).
• Candidates willing to apply in NALCO may visit career section of NALCO website www.nalcoindia.com or Employment News dated 21st March,2020 for further details.
Important Dates :

| | | |
|---|---|---|
| 1 | Opening of online submission of application | 20/03/2020 (11:30 AM) |
| 2 | Last date of submission of online application | 09/04/2020 (05:30 PM) |

Advt. No.10200207
NALCO Recruitment-2020

URGENTLY REQUIRED
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
Salary negotiable.
M- 9437041228
9040268680

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ
Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
BIMSR-1480, IRC Village
9040009727
8456845313

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।



“ରିୟଲ ଇଷ୍ଟେଟ, ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ ଏବଂ ଆଗ୍ରିଗେଟର ଭଳି ଅନ୍ୟ କ୍ଷେତ୍ର ଏବେ କ୍ଷତିରେ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ନେଇ ଚିଠି ଲେଖାଯିବା ସହ ୨ ଲକ୍ଷ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି।

–ଚନ୍ଦ୍ରଜୀତ ବାନାର୍ଜୀ, ସିଆଇଆଇ ମହାନିର୍ଦ୍ଦେଶକ



“କରୋନାର ପ୍ରଭାବ ଉପରେ ନଜର ରଖାଯାଇଛି। ଗ୍ରୁପ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି।

–ଏନ୍.ଚନ୍ଦ୍ରଶେକରନ, ଟାଟାସନ୍ସ ଅଧ୍ୟକ୍ଷ

**ଜନତା କର୍ଫ୍ୟୁକୁ ନେଇ ବ୍ୟବସାୟୀ ସଂଘ ପ୍ରସ୍ତୁତ**

# ବନ୍ଦ ରହିବ ବ୍ୟବସାୟ ପ୍ରତିଷ୍ଠାନ

ନୂଆଦିଲ୍ଲୀ, ଭୁବନେଶ୍ୱର,୨୦-୩

କରୋନା ପ୍ରଭାବକୁ କମ୍ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସାରା ଦେଶରେ ଜନତା କର୍ଫ୍ୟୁ ଲାଗି ଗୁରୁବାର ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହାର ସମର୍ଥନରେ ସର୍ବଭାରତୀୟ ବ୍ୟବସାୟୀ

**ସାମିଲ ହେବେ ଦେଶର ୭ କୋଟି ବ୍ୟବସାୟୀ**



ମହାସଂଘ(ସିଏଆଇଟି) ପକ୍ଷରୁ ରବିବାର ଦୋକାନ ବଜାର ବନ୍ଦ ରଖାଯିବାକୁ ନେଇ ନିଷ୍ପତ୍ତି ହୋଇଛି। ଜନତା କର୍ଫ୍ୟୁରେ ଯୋଗଦାନ ସ୍ୱରୂପ ଦେଶର ୭ କୋଟି ବ୍ୟବସାୟୀ ଏହି ଦିନ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବେ। ଏଥିରେ କାର୍ଯ୍ୟ କରୁଥିବା ପ୍ରାୟ ୪୦ କୋଟି କର୍ମଚାରୀ ଏହିଦିନ ଘରେ ରହିବେ ବୋଲି ସିଏଆଇଟି ମହାସଚିବ ପଓ୍ୱନ ଖଣ୍ଡେଲଓ୍ୱାଲ ସୂଚନା ଦେଇଛନ୍ତି। ଦିଲ୍ଲୀରେ ପ୍ରାୟ ୧୫ ଲକ୍ଷ ବ୍ୟବସାୟୀ ଏବଂ ୩୫ ଲକ୍ଷ କର୍ମଚାରୀ ଏହି କର୍ଫ୍ୟୁରେ ଯୋଗ ଦେବେ ବୋଲି ସେ କହିଛନ୍ତି।

ଏଭଳି ମହାମାରୀର ପ୍ରକୋପକୁ କମ୍ କରିବା ଲାଗି ନିଜ ଘରେ ଗୋଟିଏ ଦିନ ରହିବା ଲାଗି ମୋଦି ଆହ୍ୱାନ ଜଣାଇଛନ୍ତି। ମାର୍ଚ୍ଚ ୨୨ ସକାଳ ୭ରୁ ରାତି ୯ ଯାଏ ଅତି ଆବଶ୍ୟକ ନ ହେଲେ ଘରେ ରହିବାକୁ କୁହାଯାଇଛି। ବିଶ୍ୱଯୁଦ୍ଧ ୧ ଏବଂ ୨ ସମୟରେ ଭାଇରସ କରୋନା ଭଳି ଏତେ ସଂଖ୍ୟକ ଦେଶକୁ କବଳିତ କରି ନ ଥିଲା। ଘରେ ରହିବା ଦ୍ୱାରା ଏହି ରୋଗ ବ୍ୟାପିବାକୁ କମ୍ କରିବ ବୋଲି ମୋଦି ଦେଶବାସୀଙ୍କୁ ନିବେଦନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ବ୍ୟବସାୟୀ ମହାସଂଘ ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାଦରରେ ଗ୍ରହଣ କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ବ୍ୟବସାୟୀଙ୍କୁ ଏ ନେଇ ଚିଠି ଲେଖାଯାଇଛି। ସାରା ରାଜ୍ୟରେ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ବନ୍ଦ ରଖିବା ଲାଗି ନିବେଦନ କରାଯାଇଛି। କରୋନା ବିରୋଧରେ ମିଳିତ ହୋଇ ଲଢିବାର ଏହା ସମୟ। ଏଣୁ ସମସ୍ତେ ଏକାଠି ହୋଇ ଏହାକୁ ଲଢିଲେ ସୁସ୍ଥ ସମାଜ ଗଠନରେ ଯୋଗଦାନ ରଖାଯାଇ ପାରିବ।

# ସ୍ଥିତି ସମୀକ୍ଷା କଲେ ସୀତାରାମନ

ନୂଆଦିଲ୍ଲୀ,୨୦-୩

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କରୋନାକୁ ନେଇ ଦେଶରେ ଉପୁଜିଥିବା ସ୍ଥିତିକୁ ସମୀକ୍ଷା କରିଛନ୍ତି। ସେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଏହାବାଦ ବେସାମରିକ ବିମାନ ଚଳାଚଳ ସଚିବ, ପଶୁ ସମ୍ପଦ, ପର୍ଯ୍ୟଟନ ଏବଂ ଏମ୍ଏସ୍ଏମ୍ଇ ସଚିବଙ୍କୁ ସେ ଭେଟି କରୋନା ଯୋଗୁ ଅର୍ଥବ୍ୟବସ୍ଥା, ଉକ୍ତ କ୍ଷେତ୍ରରେ ରହିଥିବା ପ୍ରଭାବକୁ ସମୀକ୍ଷା କରିଛନ୍ତି। ଏହି କ୍ଷେତ୍ରଗୁଡିକ ପକ୍ଷରୁ ରହିଥିବା ଦାବିକୁ ମଧ୍ୟ ସୀତାରାମନ ବିଚାର କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏକ ଅନ୍ତରୀଣ ବୈଠକ ଡକାଯିବ। ବର୍ତ୍ତମାନ ଉପୁଜିଥିବା ସମସ୍ୟାର ସମାଧାନ କିଭଳି କରାଯିବ ସେ ନେଇ ଏଠାରେ ଆକ୍ସନପ୍ଲାନ ପ୍ରସ୍ତୁତ କରାଯିବ ବୋଲି ନିର୍ମଳା କହିଛନ୍ତି।



କରୋନା ଦ୍ୱାରା କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସରକାର ସହାୟତା ପ୍ୟାକେଜ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏଥିଲାଗି ଏକ ଟାସ୍କଫୋର୍ସ ଗଠନ ନେଇ ମୋଦି ଗୁରୁବାର ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସହାୟତା କରିବା ଲାଗି ଇକୋନୋମିକ ରେସପନ୍ସ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କଫୋର୍ସ ତ୍ୱରିତ ଭିତ୍ତିରେ ଅଂଶୀଦାରଙ୍କ ସହ ନିରନ୍ତର ସମ୍ପର୍କରେ ଆସିବା ସହ ମତାମତ ସଂଗ୍ରହ କରିବ। ସ୍ଥିତିକୁ ସମୀକ୍ଷା କରିବା ପରେ ଜରୁରୀ ପଦକ୍ଷେପ ଗ୍ରହଣ କରାଯିବ। ଅର୍ଥ ବ୍ୟବସ୍ଥାର ପ୍ରଭାବିତ ସ୍ଥିତିକୁ ସୁଧାରିବା ଲାଗି ବିଭିନ୍ନ ପଦକ୍ଷେପ ଯେଭଳି ଠିକ୍ ଭାବେ କାର୍ଯ୍ୟ କରୁଛି ତାହା ଟାସ୍କଫୋର୍ସ ଦେଖିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକ ଅନୁଧ୍ୟାନ କରିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ ଭଳି ଅନ୍ୟ କ୍ଷେତ୍ରଗୁଡିକୁ ସରକାର ପୁନରୁଦ୍ଧାର ପ୍ୟାକେଜ ପ୍ରଦାନ କରିବେ ବୋଲି ଜଣାପଡିଛି। ସରକାର ଅର୍ଥ ବ୍ୟବସ୍ଥା ଉପରେ ନିରନ୍ତର ଭିତ୍ତିରେ ନଜର ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟ ସହ ମାରାଥନ ବୈଠକ କରିଛି।

## ୧୬୦୦ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୨୦-୩:** ଲଗାତର ୪ ଦିନ ଦେଶର ପୁଞ୍ଜି ବଜାର ହ୍ରାସ ଘଟିବା ପରେ ଶୁକ୍ରବାର ଏଥିରେ ଉନ୍ନତି ଘଟିଛି। ଏହି ସମୟରେ ନିବେଶକଙ୍କୁ ୬.୩୨ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ଶୁକ୍ରବାର ୧୬୨୭.୭୨ ବା ୫.୭୫% ପଏଣ୍ଟ ବଢିଛି। ସରକାରଙ୍କ ପ୍ରୋତ୍ସାହନ ପ୍ୟାକେଜ ଏବଂ ବିଶ୍ୱ ସ୍ତରର ଶେୟାର ବଜାର କାରବାରରେ ଉନ୍ନତି ଆସିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଏହି ସମୟରେ ଶେୟାର ବଜାରର ବିଭିନ୍ନ କ୍ଷେତ୍ରର ସୂଚୀଗୁଡିକ ଉନ୍ନତ କାରବାର ହାସଲ କରିଛନ୍ତି।



ଗତ ୪ ଦିନ ଲଗାତରଭାବେ ସୂଚକାଙ୍କ ଖସିବା ଯୋଗୁ ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ୪ ଦିନରେ ସୂଚକାଙ୍କ ୫,୮୧୫.୨୫ ପଏଣ୍ଟ ଖସିଯାଇଥିଲା। ବିଶ୍ୱ ବଜାରରୁ ଉନ୍ନତ ରଖିବା ଲାଗି ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଅଧିକ ପଦକ୍ଷେପ ନେବେ ବୋଲି ନିବେଶକମାନେ ଆଶା କରୁଥିବା ଜଣାପଡିଛି।

## ଭାରତର ବିକାଶ ଅନୁମାନ କମାଇଲା ଫିଚ୍




**ନୂଆଦିଲ୍ଲୀ,୨୦-୩:** ଫିଚ୍ ରେଟିଂ ଶୁକ୍ରବାର ଭାରତର ବିକାଶ ଅନୁମାନକୁ କମାଇଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ବିକାଶ ହାର ୫.୧% ରହିବ ବୋଲି ଏହି ଏଜେନ୍ସି ଏହାର ରିପୋର୍ଟରେ ପ୍ରକାଶ କରିଛି। କରୋନା ଭାରତର ବାଣିଜ୍ୟ, ନିବେଶ ଏବଂ ରପ୍ତାନି ଉପରେ ଗଭୀର ଭାବେ ପ୍ରଭାବ ପକାଇବ ବୋଲି ଫିଚ୍ କହିଛି। ୨୦୨୦-୨୧ରେ ଭାରତର ଅଭିବୃଦ୍ଧି ହାର ୫.୬% ରହିବ ବୋଲି ଏହା ଡିସେମ୍ବର ପୂର୍ବାନୁମାନରେ କହିଥିଲା। ଚଳିତ ଆର୍ଥିକ ବର୍ଷ ବିକାଶ ହାର ୬.୫% ନେଇ ଏହି ଏଜେନ୍ସି ମତ ରଖିଥିଲା। ଫିଚ୍ ଏହାର ଗ୍ଲୋବାଲ ଇକୋନୋମିକ ଆଉଟଲୁକ ୨୦୨୦ରେ କହିଛି ଯେ, ଆଗାମୀ ଦିନ ଗୁଡିକରେ ଏହି ରୋଗ ଅନେକଙ୍କୁ ଆକ୍ରାନ୍ତ କରିବାର ଆଶଙ୍କା ବଢିଛି। ଏହାର ପ୍ରଭାବ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ପଡିବ। ଯୋଗାଣ ଚେନ୍ କ୍ଷତିଗ୍ରସ୍ତ ହେବା ସହ ନିବେଶ ଏବଂ ରପ୍ତାନି ମଧ୍ୟ ପ୍ରଭାବିତ ହେବ। ୨୦୨୧-୨୨ରେ ଭାରତର ବିକାଶ ହାର ୬.୪% ରହିବା ନେଇ ରିପୋର୍ଟରେ କୁହାଯାଇଛି।

# କର୍ଫ୍ୟୁ ପାଇଁ ଗଡିବନି ପାସେଞ୍ଜର ଟ୍ରେନ

ନୂଆଦିଲ୍ଲୀ,୨୦-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନତା କର୍ଫ୍ୟୁ ଆହ୍ୱାନରେ ରବିବାର ପାସେଞ୍ଜର ଟ୍ରେନ ସେବା ବନ୍ଦ ରହିବ। ଶନିବାର ମଧ୍ୟରାତ୍ରଠାରୁ ରବିବାର ରାତି ୧୦ଟା ଯାଏ ପାସେଞ୍ଜର ଟ୍ରେନଗୁଡିକ ସେମାନଙ୍କ ଯାତ୍ରା ଆରମ୍ଭ କରୁଥିବା ଷ୍ଟେଶନରୁ ଗଡିବ ନାହିଁ। ରବିବାର ସକାଳ ୪ଟା ପରଠାରୁ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକ ମଧ୍ୟ ଗଡିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସହରତଳି ଅଞ୍ଚଳଗୁଡିକ



ଲାଗି ଚଳାଚଳ କରୁଥିବା ଟ୍ରେନଗୁଡିକର କମ୍ କରାଯିବ।

**ଆଉ ୯୦ ଟ୍ରେନ୍ ବାତିଲ୍**

ଶୁକ୍ରବାର ରେଲଓ୍ୱେ ଆଉ ୯୦ ଟ୍ରେନ ବାତିଲ କରିଛି। ଏଗୁଡିକ ମାର୍ଚ୍ଚ ୨୦ରୁ ୩୧ ଯାଏ ଚଳାଚଳ କରିବ ନାହିଁ। କରୋନା ପ୍ରଭାବରୁ ଯାତ୍ରୀ କମିବା ଯୋଗୁ ରେଳପଥ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି। ଶୁକ୍ରବାରର ବାତିଲ ହୋଇଥିବା ଟ୍ରେନକୁ ସାମିଲ କଲେ ଏବେ ଯାଏ ୨୪୫ ଟ୍ରେନ ବାତିଲ କରାଯାଇଛି। ଗୁରୁବାର ୮୪ ଟ୍ରେନ ବାତିଲ କରାଯାଇଥିଲା। କୋଭିଡ-୧୯ ଯୋଗୁ ପୂର୍ବରୁ ୧୫୫ ଟ୍ରେନ ବାତିଲ ହୋଇଛି। ଯେଉଁ ଲୋକମାନେ ଏଥିରେ ଟିକେଟ କରିଛନ୍ତି ସେମାନଙ୍କୁ ବ୍ୟକ୍ତିଗତ ଭାବେ ବାତିଲ ସମ୍ପର୍କିତ ସୂଚନା ଦିଆଯାଇଛି। ଏହି ଟ୍ରେନଗୁଡିକ ଲାଗି କୌଣସି କ୍ୟାନସେଲେଶନ ଫି ନିଆଯାଉନାହିଁ। ଗ୍ରାହକଙ୍କୁ ଶତପ୍ରତିଶତ ରିଫଣ୍ଡ ଦିଆଯାଉଥିବା ରେଲଓ୍ୱେର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କରୋନା ନେଇ ସତର୍କତା ଅବଲମ୍ବନ କରିବାକୁ ରେଲଓ୍ୱେ ପକ୍ଷରୁ ଏହାର ଜୋନ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରାଯାଇଛି। ରେଲଓ୍ୱେର ଖାଦ୍ୟ ପରିଚାଳନ ବିଭାଗରେ ମଧ୍ୟ ଏ ସଂକ୍ରାନ୍ତ ସତର୍କତାକୁ ସୁନିଶ୍ଚିତ କରିବା ଲାଗି କୁହାଯାଇଛି।

## ସଂକ୍ଷେପରେ

- ଭାରତୀୟ ରିଜର୍ଭ ବ୍ୟାଙ୍କ ବଜାରରେ ୩୦ ହଜାର କୋଟି ନଗଦ ସୁବିଧା କରିବ।
- ଓ୍ୱାର୍କ ଫ୍ରମ ହୋମ୍‌କୁ ସହାୟତା କରିବା ଲାଗି ବିଏସ୍ଏନ୍ଏଲ୍ ମାସେ ମାଗଣା ବ୍ରଡବ୍ୟାଣ୍ଡ ସୁବିଧା ଦେବ।
- ଅଣ କାର୍ଯ୍ୟନିର୍ବାହୀ ବର୍ଗରେ ୫୦% କର୍ମଚାରୀ ଘରୁ କାମ କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ ସରକାରଙ୍କ ନିର୍ଦ୍ଦେଶ
- ପଶୁ ସମ୍ପଦ କ୍ଷେତ୍ରକୁ ପ୍ୟାକେଜ ପ୍ରଦାନ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସହ ଆଲୋଚନା କଲେ ଗିରିରାଜ ସିଂ
- କରୋନା ଯୋଗୁ ଜୁଏଲେରୀ ଚାହିଦା ପ୍ରଭାବିତ ହୋଇଥିବା ଓ୍ୱାର୍ଲଡ ଗୋଲ୍ଡ କାଉନସିଲ ପକ୍ଷରୁ ସୂଚନା ରହିଛି।
- କୋଭିଡ-୧୯କୁ ନେଇ ଆଶଙ୍କାର ବାତାବରଣ ଖେଳି ଯାଇଥିବା ବେଳେ ନିରନ୍ତର ବିଦ୍ୟୁତ ଯୋଗାଣ ନେଇ ଏନ୍‌ଟିପିସି ପ୍ରତିଶ୍ରୁତି ଦେଇଛି।
- କାର୍ଯ୍ୟାଳୟ ନ ଆସି ଅନଲାଇନରେ କ୍ଲେମ, ବାଲାନ୍ସ ଭିୟୁ, ପେମେଣ୍ଟ ଭଳି ସେବା ନେବାକୁ ହିତାଧିକାରୀଙ୍କୁ ଇପିଏଫ୍ଓର ନିବେଦନ।
- ସିମେଣ୍ଟ ଶିଳ୍ପ ଉପରେ କରୋନାର ପ୍ରଭାବ ସୀମିତ ସମୟ ଯାଏ ରହିବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି।
- ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଏହାର ବାର୍ଷିକ ବୈଠକ ୨ଟି ଭାଗରେ କରିବା ଲାଗି ନିଷ୍ପତ୍ତି ନେଇଛି।
- ୧୪୪ ଧାରା ଲାଗୁ ହୋଇଥିଲେ ମଧ୍ୟ ସୁବିଧା ଯୋଗାଣ କରୁଥିବା ଇଟେଲର୍ସ, ହୋଲସେଲର ଏବଂ ଡେଲିଭରି ପାର୍ଟନରଙ୍କୁ କଟକଣା ନ ଲଗାଇବାକୁ ରାଜ୍ୟଗୁଡିକୁ କେନ୍ଦ୍ରର ପରାମର୍ଶ।

# ଲୋକଙ୍କଠାରୁ ପରାମର୍ଶ ଲୋଡ଼ିଲେ ସରକାର

**ନୂଆଦିଲ୍ଲୀ,୨୦-୩:** ଏବେ ସାରା ବିଶ୍ୱରେ କରୋନା ଯୋଗୁ ୧୦,୦୦୦ ଲୋକଙ୍କର ମୃତ୍ୟୁ ଘଟିଛି। ଏହାର ପ୍ରଭାବ ଦିନକୁ ଦିନ ବଢିଚାଲିଛି। କରୋନାର ପ୍ରଭାବକୁ କମ୍ କରିବା ଲାଗି ସରକାର ଲୋକଙ୍କଠାରୁ ପରାମର୍ଶ ଲୋଡିଥିବା ଜଣାପଡିଛି। ଏହି ଭାଇରସକୁ କିଭଳି ପ୍ରତିରୋଧ କରାଯାଇ ପାରିବ ତାକୁ ନେଇ ମାଇଁ ଗଭର୍ନମେଣ୍ଟ ପୋର୍ଟାଲରେ ଆଲୋଚନା ଆରମ୍ଭ ହୋଇଛି। କରୋନା ବିରୋଧୀ ଲଢେଇରେ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଇବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନେ ଏହି ପୋର୍ଟାଲରେ ସେମାନଙ୍କ ମତ ଏବଂ ବିଚାରକୁ ରଖି ପାରିବେ। ଠିକ୍ ସୂଚନା ଦ୍ୱାରା ଲୋକଙ୍କୁ ସଶକ୍ତ କରାଇବା ଫଳରେ ସେମାନେ ଆତ୍ମ ସଚେତନ ହେଲେ ରୋଗଠାରୁ ନିଜକୁ ଦୂରେଇ ରଖିପାରିବେ ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ପରିମଳ, ହାତଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ଗୁଜବଠାରୁ ଦୂରେଇ ରହିବାକୁ ପରାମର୍ଶ ରହିଛି। ଆଲୋଚନା ଉପରେ ମନ୍ତବ୍ୟ ଦେବାର ଶେଷ ସମୟ ଏପ୍ରିଲ ୩୦ ତାରିଖ ରହିଛି।

**ODISHA SUB-ORDINATE STAFF SELECTION COMMISSION**

**ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**

ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009

ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in

**ବିଜ୍ଞାପନ** No. T-222

ସଂଖ୍ୟା : IIE-23/2019- 43 (C)/OSSSC ତାରିଖ- 18 .03. 2020

**ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ସାଧାରଣ ଚୟନ ଏବଂ ତଫସିଲଭୁକ୍ତ ଜାତି ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ପୂରଣ ହେବାକୁଥିବା କନିଷ୍ଠ କିରାଣୀ / କନିଷ୍ଠ ସହାୟକ ପଦବୀ ପୂରଣ ପାଇଁ ଚୟନ ନିମନ୍ତେ ଓଡିଆ ରଚନା ଓ ପତ୍ରଲିଖନ ଏବଂ କମ୍ପୁଟର ପ୍ରାକ୍ଟିକାଲ ପରୀକ୍ଷା**

କନିଷ୍ଠ କିରାଣୀ / କନିଷ୍ଠ ସହାୟକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା–IIE-11/2018-1100 (C)/OSSSC ତା:28.12.2018 ରିଖ ଅନୁଯାୟୀ ଓଡିଆ ରଚନା ଓ ପତ୍ରଲିଖନ(Essay & Letter Writing in Odia) ଏବଂ କମ୍ପୁଟର ପ୍ରାକ୍ଟିକାଲ(Basic Computer Skills) ପରୀକ୍ଷା ଆସନ୍ତା ତା: 10.05.2020 ରବିବାର ଦିନ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ ।

୨୨.୧୨.୨୦୧୯ ରେ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ କିଛିଦିନ ମଧ୍ୟରେ ପ୍ରକାଶ ପାଇବ । ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ password ବ୍ୟବହାର କରି ପ୍ରବେଶପତ୍ର 25.04.2020 ତାରିଖ ଠାରୁ ଡାଉନଲୋଡ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇ ପାରିବେ । ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ । ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟରୁ ପରବର୍ତ୍ତୀ ସୂଚନା ପାଇ ପାରିବେ।

ଆୟୋଗଙ୍କ ଆଦେଶମତେ
ସ୍ୱା./-ସଚିବ
OIPR-09007/11/0011/1920

GOVERNMENT OF ODISHA,
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
BARIPADA IRRIGATION CIRCLE, BARIPADA.
'e' mail – sebicbpd@gmail.com Telephone No. 06792 - 240055
No. A-767

**'e' Procurement Notice No. SEBIC- 02 /2019-20**

| Procurement officer | Name of work | Bid identification No. | Cost of work (Rs.in lakhs) | Bid security (Rs.) EMD | Cost of Bid Documents (Rs.) | Class of contractor | Period of completion | Bid documents availability On-line for bidding From | To | Date of opening of Technical bid (Cover-I) |
|---|---|---|---|---|---|---|---|---|---|---|
| Superintending Engineer, Baripada Irrigation Circle, Baripada | Restoration & protection to right bank of river Budhabalanga near village Haripur from RD 00m to 630.00m | SEBIC/ BLS/01 OF 2019-20 | 136.54 | 1,36,600/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection to right bank of river Budhabalanga near village Alada (Jay Krushna Behera house to Khatuasahi) | SEBIC/ BLS/02 OF 2019-20 | 142.81 | 1,42,900/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection to left bank of river Budhabalanga near village Gandarda. | SEBIC/ BLS/03 OF 2019-20 | 148.38 | 1,48,400/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Bank protection work on right bank of river Subarnarekha near village Madhupura, Beli, Gosainpatna and const. of 3 nos. of spur at Madhupura and 1 no. at Beli mouza. | SEBIC/ BLS/04 OF 2019-20 | 256.44 | 2,56,500/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |
| Superintending Engineer, Baripada Irrigation Circle, Baripada | Restoration & protection work on left bank of river Budhabalanga near village Kasaba, Balighat, Belbaria, Kudia, Dumuria and Pandatangri. | SEBIC/ BLS/05 OF 2019-20 | 297.37 | 2,97,400/- | 10,000/- | 'B' Class & 'A' Class | 09 (nine) Calendar months | 25.03.20 From 10.00 AM | 09.04.20 Upto 05.00 PM | 15.04.2020 at 11.00 AM |

Further details conditions can be seen from the Govt. web site www.tendersorissa.gov.in

Superintending Engineer,
Baripada Irrigation Circle,Baripada
OIPR-32162/11/0003/1920

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

**No. RDM-LAB-BOUDH-0029-2018/- 2430** **R&DM, Dated 14 JAN 2020**

**No.XXXI-36:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ଭରଥାପୁର,** ଥାନା- ବୌଦ୍ଧ ନଂ ୩୬୦, ତହସିଲ-ହରଭଙ୍ଗା, ଜିଲ୍ଲା-ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୭୬୨୯ ତା. ୨୬।୦୭।୨୦୧୮** ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ **୪୨୦୧୮** ତା **୩୧।୧୨।୨୦୧୯** ରିଖ ଅନୁସାରେ ଅଧିସୂଚନାର ବୈଧତା ତା **୩୧।୦୩।୨୦୨୦** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭରଥାପୁର,** ଥାନା-ବୌଦ୍ଧଙ୍କ ୩୬୦, ଜିଲ୍ଲା-ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ https://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳପଥ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରବ।

ତଫସିଲ- 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭରଥାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୦୮୦ | ଏକର ୮.୩୫୦ | ଏଥି ସହିତ ସଂଲଗ୍ନ |

ତଫସିଲ- 'ଖ'
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:- ୨୮।୧୦।୨୦୧୮

ରାଜ୍ୟପାଳପଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ
ଗ୍ରାମ: ଭରଥାପୁର, ତହସିଲ: ହରଭଙ୍ଗା, ଥାନା: ବୌଦ୍ଧ (ନଂ-୩୬୦), ଜିଲ୍ଲା: ବୌଦ୍ଧ
ଏ.ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ ଖତିୟାନ ନଂ | ୨ ପ୍ଲଟ୍ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୮ | ୪୦୧ | ୦.୨୬୦ | ୦.୧୮୦ | N/A | ଶୁକଦେବ ଦେହୁରି, ପି: ହରିହର ଦେହୁରି, ଗଜେନ୍ଦ୍ର ମହାକୁଡ଼, ପି: ଯୁଧିଷ୍ଠିର ମହାକୁଡ଼, ବା: ଭରଥାପୁର |
| ୨ | | ୪୦୩ | ୧.୪୨୦ | ୦.୮୫୦ | N/A | |
| ୩ | ୩୧ | ୪୧୭ | ୧.୯୩୦ | ୦.୨୦୦ | N/A | ନଗେନ ଗାଇଗୌରିଆ, ପି: କାଳିଆ ଗାଇଗୌରିଆ, ବା: ଭରଥାପୁର |
| ୪ | ୩୯ | ୪୦୯ | ୦.୦୫୦ | ୦.୦୨୦ | ଜଳାଶୟ | ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ସୁଦର୍ଶନ ଗାଇଗୌରିଆ, ପି: ମନମୋହନ ଗାଇଗୌରିଆ, ସୁକାନ୍ତ ଗାଇଗୌରିଆ, ସୁମନ୍ତ ଗାଇଗୌରିଆ, ରମାକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବଂଶୀଧର ମହାକୁଡ଼, ଶଙ୍କର୍ଷଣ ମହାକୁଡ଼, ପି: ପରମାନନ୍ଦ ମହାକୁଡ଼, ସାରସ୍ୱତ ମହାକୁଡ଼, ପି: ମକୁନ୍ଦ ମହାକୁଡ଼, ବା: ଭରଥାପୁର |
| ୫ | | ୪୧୮ | ୬.୦୭୦ | ୩.୧୨୦ | ଜଳାଶୟ | |
| ୬ | | ୪୨୦ | ୦.୯୫୦ | ୦.୪୪୦ | ଜଳାଶୟ | |
| ୭ | ୫୭ | ୪୧୦ | ୧.୨୦୦ | ୧.୦୨୦ | ଆଟ | ରମାକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବା: ଭରଥାପୁର |
| ୮ | ୬୯ | ୪୦୪ | ୧.୩୧୦ | ୦.୧୬୦ | N/A | ସାରସ୍ୱତ ମହାକୁଡ଼, ପି: ମକୁନ୍ଦ ମହାକୁଡ଼, ବା: ଭରଥାପୁର |
| ୯ | ୭୪ | ୪୧୧ | ୧.୨୯୦ | ୦.୮୫୦ | ଆଟ | ସୁକାନ୍ତ ଗାଇଗୌରିଆ, ପି: ଧର୍ମାନନ୍ଦ ଗାଇଗୌରିଆ, ବା: ଭରଥାପୁର |
| ୧୦ | ୮୭ | ୪୧୨ | ୨.୧୪୦ | ୦.୩୧୦ | N/A | ହୃଦାନନ୍ଦ ଗାଇଗୌରିଆ, ପି: ଗଙ୍ଗାଧର ଗାଇଗୌରିଆ, ବା: ଭରଥାପୁର |
| ୧୧ | ୯୪/୨ | ୪୨୮ | ୦.୩୦୦ | ୦.୩୦୦ | ଆଟ | ସୁଦର୍ଶନ ପାତ୍ର, ପି: ଅନାଦି ପାତ୍ର, ବା: ଭରଥାପୁର |
| ୧୨ | | ୪୨୯ | ୦.୧୩୦ | ୦.୦୧୦ | ଶାରଦ ଜଳ-୧ | |
| ୧୩ | | ୪୩୩ | ୦.୪୫୦ | ୦.୩୪୦ | ଶାରଦ ଜଳ-୧ | |
| ୧୪ | | ୪୩୪ | ୦.୨୨୦ | ୦.୨୨୦ | ଶାରଦ ଜଳ-୧ | |
| ୧୫ | ୯୪/୫ | ୪୩୨ | ୦.୩୬୦ | ୦.୦୧୦ | N/A | ଆଦ୍ୟ ମହାକୁଡ଼, ପି: ଶ୍ୟାମ ମହାକୁଡ଼, ବା: ଭରଥାପୁର |
| ୧୬ | | ୪୩୨ / ୫୩୪ | ୦.୧୨୦ | ୦.୦୧୦ | N/A | |
| ୧୭ | | ୪୩୫ / ୫୩୩ | ୦.୧୫୦ | ୦.୦୧୦ | N/A | |
| ୧୮ | | ୪୩୫ / ୫୪୦ | ୦.୧୦୦ | ୦.୦୨୦ | N/A | |
| ୧୯ | ୯୪/୧୪ | ୪୩୫ | ୦.୬୩୦ | ୦.୨୮୦ | N/A | ଆଇଦ ମହାକୁଡ଼, ପି: ଶ୍ୟାମ ମହାକୁଡ଼, ବା: ଭରଥାପୁର |
| ମୋଟ | | | ୧୯.୦୮୦ | ୮.୩୫୦ | | |

OIPR-24001/14/0327/1920

“ଜୋର୍ଡାନରୁ ଫେରିବାପରେ ମୁଁ ଆଇସୋଲେଶନରେ ରହିଛି । ଏହାଦ୍ୱାରା କିଛିଟା ଭିନ୍ନ ଅନୁଭବ କରିପାରୁଛି ।

–ଏମ୍.ସି. ମେରୀକମ୍, ଭେଟେରାନ ମହିଳା ବକ୍ସର



“ପି.କେ. ବାନାର୍ଜୀଙ୍କ ଭଳି ଫୁଟ୍‌ବଲ କିମ୍ବଦନ୍ତୀ ଅଧୀନରେ ଖେଳିପାରିଥିଲେ ମୁଁ ନିଜକୁ ଭାଗ୍ୟବାନ ମନେ କରିଥାନ୍ତି।

–ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତ ଅଧିନାୟକ



# ଫୁଟ୍‌ବଲ କିମ୍ବଦନ୍ତୀ

## ବାନାର୍ଜୀଙ୍କ ପରଲୋକ

### ପ୍ରତିକ୍ରିୟା

ପି.କେ. ବାନାର୍ଜୀ ତାଙ୍କ ସମୟରେ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ-**ଏସିଆନ୍ ଫୁଟ୍‌ବଲ କନଫେଡେରେଶନ**



ଭାରତୀୟ ଫୁଟ୍‌ବଲର ସୁବର୍ଣ୍ଣ ଯୁଗ କଥା ଉଠିଲେ ସର୍ବଦା ବାନାର୍ଜୀଙ୍କ କଥା ମନେ ପଡ଼ିବ **ପ୍ରଫୁଲ୍ଲ ପଟେଲ, ଏଆଇଏଫ୍ଏଫ୍ ସଭାପତି**

ପି.କେ. ବାନାର୍ଜୀଙ୍କୁ ମୁଁ କେତେଥର ଭେଟିଛି। ତାଙ୍କ ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିଛି।-**ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ୍**

ମୁଁ ଯେତେବେଳେ ୧୮ ବର୍ଷର ବାଳକ ହୋଇଥିଲି ସେତେବେଳେ ବାନାର୍ଜୀ ମୋ କ୍ରିକେଟ କ୍ୟାରିୟରକୁ ବିଶେଷ ଭାବେ ପ୍ରଭାବିତ କରିଥିଲେ।-**ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି**

ନଭେମ୍ବରରେ କୋଲକାତାଠାରେ ଫୁଟ୍‌ବଲ କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସହିତ ମୋର ଦେଖାହେବାର ସୁଯୋଗ ମିଳିଥିଲା। ତାଙ୍କ ଦେହାନ୍ତ ଖବରରେ ମୁଁ ମର୍ମାହତ।-**ଅଜୟ ଦେବଗନ, ବଲିଉଡ୍ ଅଭିନେତା**



ପି.କେ. ବାନାର୍ଜୀ ଭବିଷ୍ୟତ ପିଢ଼ିର ଫୁଟ୍‌ବଲ ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ-**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

**କୋଲକାତା, ୨୦।୩(ପି.ଟି.)**

ଭାରତୀୟ ଫୁଟ୍‌ବଲର ଏକ ଯୁଗର ଅନ୍ତ ହୋଇଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ୮୩ ବର୍ଷୀୟ ପି.କେ. ବାନାର୍ଜୀଙ୍କ ଶୁକ୍ରବାର ପରଲୋକ ଘଟିଛି। ନିମୋନିଆ କାରଣରୁ ତାଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇପଡ଼ିଥିଲା। ଚଳିତ ମାସ ୨ତାରିଖଠାରୁ ସେ ମେଡିକାଲରେ ଲାଇଫ୍ ସପୋର୍ଟରେ ଥିଲେ। ପାର୍କିନସନ ଓ ଡିମେନ୍ସିଆରେ ପୀଡ଼ିତ ହେବା ସହ ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ଥିଲା। ସେ ଶୁକ୍ରବାର ମଧ୍ୟାହ୍ନ ୧୨.୪୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୬ ଜୁନ୍ ୨୩ ତାରିଖରେ ପି.କେ. ୱେଷ୍ଟ ବେଙ୍ଗଲର ଜଲପାଇଗୁଡ଼ିରେ ଜନ୍ମ ନେଇଥିଲେ। ଦେଶ ବିଭାଜନ ପୂର୍ବରୁ ତାଙ୍କ ପରିବାର ଜାମସେଦପୁର ଚାଲିଯାଇଥିଲା। ୧୯୫୨ରେ ବିହାର ପକ୍ଷରୁ ସନ୍ତୋଷ କପ୍‌ରେ ପଦାର୍ପଣ କରିଥିଲେ। ଏହାର ୧୦ ବର୍ଷ ମଧ୍ୟରେ ସେ ଜାତୀୟ ଦଳର ପ୍ରତିଷ୍ଠିତ ଖେଳାଳି ହୋଇସାରିଥିଲେ। ୧୯୬୨ ଏସିଆନ ଗେମ୍ସ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା ଭାରତୀୟ ଫୁଟ୍‌ବଲର ଜାଜ୍ୱଲ୍ୟମୟ ସମୟ ଥିଲା। ଦେଶ ପକ୍ଷରୁ ୮୪ ମ୍ୟାଚ୍ ଖେଳି ୬୫ ଗୋଲ ସ୍କୋର କରିଥିଲେ। ଭାରତୀୟ ଫୁଟବଲ ପ୍ରତି ତାଙ୍କ ଯୋଗଦାନକୁ ଫିଫା ମଧ୍ୟ ପ୍ରଶଂସା କରିଥିଲା। ଏଥିସହ ବାନାର୍ଜୀଙ୍କୁ ୨୦ ଦଶକର ଶ୍ରେଷ୍ଠ ଭାରତୀୟ ଖେଳାଳି ବିବେଚିତ କରିଥିଲା। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଥିଲେ। ଏହି ମ୍ୟାଚରେ ବାନାର୍ଜୀ ଭାରତୀୟ ଦଳ ପାଇଁ ଖାତା ଖୋଲିଥିଲେ। ସେ ଅଧିନାୟକ ଭାବେ ୧୯୬୦ ରୋମ ଅଲିମ୍ପିକ୍ସରେ ଖେଳିଥିଲେ। ତାଙ୍କ କ୍ୟାରିୟରର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ୧୯୫୬ ମେଲବୋର୍ନ ଅଲିମ୍ପିକ୍ସ। ଅଲିମ୍ପିକ୍ସର ସେହି ସଂସ୍କରଣରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା। ସେଥର ଭାରତ ୪-୧ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ୧୯୬୭ରେ ପେସାଦାର ଫୁଟ୍‌ବଲରୁ ଅବସର ନେବା ପରେ କୋଚ୍ ଭାବେ ୫୪ ଟ୍ରଫି ହାସଲ କରିଥିଲେ। ୧୯୭୭ ସେ କୋଚ୍ ଥିବାବେଳେ ନ୍ୟୁୟର୍କ କସ୍‌ମସ୍ ବିପକ୍ଷ ଏକ ପ୍ରଦର୍ଶନୀ ମ୍ୟାଚ୍‌କୁ ମୋହନ ବାଗାନ ୨-୨ ଗୋଲରେ ବରାବର ରଖିଥିଲା। ଏହି ମ୍ୟାଚ୍‌ରେ କିମ୍ବଦନ୍ତୀ ଫୁଟବଲ ଖେଳାଳି ପେଲେ ଖେଳିଥିଲେ। ୧୯୭୦ରେ ସେ ଜାତୀୟ ଦଳର କୋଚ୍ ଦାୟିତ୍ୱରେ ଥିଲେ। ସେହିବର୍ଷ ଏସିଆଡ୍‌ରେ ଭାରତ ବ୍ରୋଞ୍ଜ ଜିତିଥିଲା।





ପୂର୍ବତନ ଭାରତୀୟ ଷ୍ଟ୍ରାଇକର ଚୁନି ଗୋସ୍ୱାମୀ(ବାମ) ଓ ତୁଳସୀଦାସ ବଳରାମ(ଡାହାଣ)ଙ୍କ ସହ ପି.କେ. ବାନାର୍ଜୀ।



ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକରଙ୍କ ସହ।



ବାନାର୍ଜୀଙ୍କ ସହ ଦୁଇ ଝିଅ ପୂର୍ଣ୍ଣା ଓ ପୌଲା।

### ସଂକ୍ଷେପରେ...

- ନାମ: ପ୍ରଦୀପ କୁମାର ବାନାର୍ଜୀ
- ଜନ୍ମ: ୧୯୩୬ ଜୁନ ୨୩
- ଜନ୍ମସ୍ଥାନ: ଜଲପାଇଗୁଡ଼ି, ବେଙ୍ଗଲ ରେସିଡେନ୍ସି, ବ୍ରିଟିଶ୍ ଇଣ୍ଡିଆ
- ପରଲୋକ: ୨୦୨୦ ମାର୍ଚ୍ଚ ୨୦
- ଉଚ୍ଚତା: ୫ ଫୁଟ ୮.୫ ଇଞ୍ଚ
- ପ୍ଲେଇଂ ପୋଜିଶନ: ଷ୍ଟ୍ରାଇକର
- ୟୁଥ୍ କ୍ୟାରିୟର: ବିହାର
- ସିନିୟର କ୍ୟାରିୟର: ୧୯୫୪- ଆର୍ଯ୍ୟନ ଏଫସି, ୧୯୫୫- ୧୯୬୭ ଇଷ୍ଟର୍ନ ରେଲୱେ ଏଫସି
- ଜାତୀୟ ଦଳ: ଭାରତ, ୮୪ ମ୍ୟାଚ, ୬୫ ଗୋଲ
- ଫିଫା ‘ଏ’ ଗ୍ରେଡ୍: ୪୫ ମ୍ୟାଚ, ୧୪ ଗୋଲ
- ଟିମ୍ ମ୍ୟାନେଜର: ୧୯୭୧- ୧୯୮୧ ଭାରତ, ୧୯୮୫- ଭାରତ

#### ପୁରସ୍କାର

- ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ: ୧୯୬୨ ଏସିଆନ ଗେମ୍ସ
- ମେର୍ଡେକା ଟୁର୍ନାମେଣ୍ଟ ରୌପ୍ୟ ପଦକ: ୧୯୫୯, ୧୯୬୪
- ଭାରତ ନିର୍ମାଣ ପୁରସ୍କାର: ଲାଇଫ୍ ଟାଇମ୍ ଆଚିଭମେଣ୍ଟ ୨୦୧୧
- ଅର୍ଜୁନ: ୧୯୬୧
- ପଦ୍ମଶ୍ରୀ: ୧୯୯୦
- ଆଇଏଫଏଫଏଚଏସ ପକ୍ଷରୁ ଇଣ୍ଡିଆନ ଫୁଟବଲର ଅଫ୍ ଟ୍ୱେଣ୍ଟିଥ୍ ସେଞ୍ଚୁରି
- ଫିଫା ଅର୍ଡର ଅଫ୍ ମେରିଟ(ସେଣ୍ଟେନିଆଲ), ଫିଫାର ସର୍ବୋଚ୍ଚ ପୁରସ୍କାର ୨୦୦୪
- ଏସିଆର ଏକମାତ୍ର ଫୁଟବଲର ଭାବେ ଫେୟାର ପ୍ଲେ ପୁରସ୍କାର ବିଜେତା

### ଫିଫା ‘ଏ’ ମ୍ୟାଚରେ ବାନାର୍ଜୀ

| ବର୍ଷ | ମ୍ୟାଚ | ଗୋଲ |
|---|---|---|
| ୧୯୫୫ | ୩ | ୪ |
| ୧୯୫୬ | ୪ | ୨ |
| ୧୯୫୮ | ୫ | ୦ |
| ୧୯୫୯ | ୫ | ୧ |
| ୧୯୬୦ | ୩ | ୧ |
| ୧୯୬୧ | ୩ | ୧ |
| ୧୯୬୨ | ୫ | ୪ |
| ୧୯୬୪ | ୮ | ୧ |
| ୧୯୬୫ | ୬ | ୦ |
| ୧୯୬୬ | ୩ | ୦ |
| ମୋଟ | ୪୫ | ୧୪ |

### ଅନ୍ତର୍ଜାତୀୟ ଗୋଲ (ଫିଫା ‘ଏ’ ଅନ୍ତର୍ଜାତୀୟ ମ୍ୟାଚ)

| ତାରିଖ | ଭେନ୍ୟୁ | ବିପକ୍ଷ | ଫଳାଫଳ | ପ୍ରତିଯୋଗିତା | ଗୋଲ |
|---|---|---|---|---|---|
| ୧୯୫୫ ଡିସେମ୍ବର ୧୮ | ଡାକ୍କା, ଇଷ୍ଟ ପାକିସ୍ତାନ | ସିଲନ | ୪-୩ | ୧୯୫୫ କଲମ୍ବୋ କପ୍ | ୨ |
| ୧୯୫୫ ଡିସେମ୍ବର ୨୨ | ଡାକ୍କା, ଇଷ୍ଟ ପାକିସ୍ତାନ | ବର୍ମା | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୫ ଡିସେମ୍ବର ୨୬ | ଡାକ୍କା, ଇଷ୍ଟ ପାକିସ୍ତାନ | ପାକିସ୍ତାନ | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୬ ଡିସେମ୍ବର ୧୨ | ସିଡ୍‌ନୀ ସ୍ପୋର୍ଟ୍ସ ଗ୍ରାଉଣ୍ଡ | ଅଷ୍ଟ୍ରେଲିଆ | ୭-୧ | ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଲୀ | ୨ |
| ୧୯୫୯ ସେପ୍ଟେମ୍ବର ୮ | ସିଟି ଷ୍ଟାଡିୟମ, ପେନାଙ୍ଗ | ଦ.କୋରିଆ | ୧-୧ | | ୧ |
| ୧୯୬୦ ଅଗଷ୍ଟ ୨୯ | ଷ୍ଟାଡିଓ ଅଲିମ୍ପିଓ, ଗ୍ରସେଟୋ | ଫ୍ରାନ୍ସ | ୧-୧ | ୧୯୬୦ ଅଲିମ୍ପିକ୍ସ | ୧ |
| ୧୯୬୧ ଅଗଷ୍ଟ ୯ | କୁଆଲାଲମ୍ପୁର, ମାଲେସିଆ | ମାଲେସିଆ | ୨-୧ | ୧୯୬୧ ମେର୍ଡେକା | ୧ |
| ୧୯୬୨ ଅଗଷ୍ଟ ୨୬ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଜାପାନ | ୨-୦ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୨ ଅଗଷ୍ଟ ୩୦ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଥାଇଲାଣ୍ଡ | ୪-୧ | ୧୯୬୨ ଏସିଆନ ଗେମ୍ସ | ୨ |
| ୧୯୬୨ ସେପ୍ଟେମ୍ବର ୪ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଦ.କୋରିଆ | ୨-୧ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୪ ସେପ୍ଟେମ୍ବର ୧ | କୁଆଲାଲମ୍ପୁର | ଦ.କୋରିଆ | ୨-୧ | ୧୯୬୪ ମେର୍ଡେକା | ୧ |

## ସେଲ୍‌ଫ ଆଇସୋଲେଶନ ନିୟମ ଭଙ୍ଗ ଲାଗି କ୍ଷମା ପ୍ରାର୍ଥନା କଲେ ଜୋଭିକ୍

**ମାଡ୍ରିଡ୍, ୨୦।୩(ଏଏଫ୍‌ପି)**

ରିୟଲ ମାଡ୍ରିଡ୍ ଷ୍ଟ୍ରାଇକର ଲୁକା ଜୋଭିକ୍ ସେଲଫ ଆଇସୋଲେଶନ ନିୟମ ଭଙ୍ଗ କରି ସର୍ବିୟା ଯାତ୍ରା କରିଛନ୍ତି। ତାଙ୍କୁ ସ୍ୱଦେଶ ଫେରିବା ଲାଗି ଅନୁମତି ମିଳିଥିଲା ବୋଲି ସେ ଦାବି କରିଛନ୍ତି। କ୍ଲବର ଜଣେ ବାସ୍କେଟବଲ ଖେଳାଳିଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ରିୟଲ ମାଡ୍ରିଡ୍ ଦଳର ସମସ୍ତ ଖେଳାଳିଙ୍କୁ ଗତ ସପ୍ତାହରେ କ୍ୱାରାଣ୍ଟାଇନ କରାଯାଇଥିଲା। କିନ୍ତୁ ଏକ ସ୍ଥାନିଶ ଖବରକାଗଜ ଅନୁଯାୟୀ, ବେଲଗ୍ରେଡଠାରେ ପହଞ୍ଚିବା ପରେ ୨୨ ବର୍ଷୀୟ ଫରୱାର୍ଡ ରାଜଧାନୀ ରାସ୍ତାରେ ନିଜ ମହିଳା ବାନ୍ଧବୀଙ୍କ ଜନ୍ମଦିନ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସ ତାଙ୍କ ବିରୋଧରେ କୌଣସି ମାମଲା ରୁଜୁ କରିଛି କି ନାହିଁ ସ୍ପଷ୍ଟ ହୋଇନାହିଁ। ମୁଁ ନିଜ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛି। ମାଡ୍ରିଡ୍‌ରେ ଥିବାବେଳେ ମୋର ଟେଷ୍ଟ ହୋଇଥିଲା ଓ ଏହା ନେଗେଟିଭ୍ ଆସିଥିଲା। ଏଣୁ ମୁଁ ଆମ ଲୋକଙ୍କୁ ସାହାଯ୍ୟ ଓ ସମର୍ଥନ କରିବା ପାଇଁ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲି। ଏଥିନେଇ କ୍ଲବ ମୋତେ ଅନୁମତି ଦେଇଥିଲା। ମୁଁ ସର୍ବିୟାରେ ପହଞ୍ଚିବା ପରେ ମୋର ଟେଷ୍ଟ ହୋଇଥିଲା। ଆଉ ଏହା ମଧ୍ୟ ନେଗେଟିଭ୍ ଆସିଥିଲା। ଯାତ୍ରା କରିବା ଉପରେ କୌଣସି କଟକଣା ଲଗାଯାଇ ନ ଥିଲା, ମୋତେ କେହି ଏ ସମ୍ପର୍କରେ ଜଣାଇ ନ ଥିଲେ। ମୋ କାର୍ଯ୍ୟ କାହାକୁ କଷ୍ଟ ଦେଇଥିଲେ, ସେଥିନେଇ ମୁଁ କ୍ଷମା ପ୍ରାର୍ଥନା କରୁଛି।

## ମା’ଙ୍କ ପାଇଁ କ୍ୱାରାଣ୍ଟାଇନ ନିୟମ ଭାଙ୍ଗିଲେ ହିଗୁଏନ୍

ଜୁଭେଣ୍ଟସ, ୨୦।୩– ଜୁଭେଣ୍ଟସ ଆଟାକର ହିଗୁଏନ୍ ଇଟାଲୀରେ କ୍ୱାରାଣ୍ଟାଇନ ନିୟମ ଭଙ୍ଗ କରିଛନ୍ତି। ତାଙ୍କ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ ଆର୍ଜେଣ୍ଟିନା ଗସ୍ତ କରିଛନ୍ତି। ତେବେ ତାଙ୍କ କୋଭିଡ୍–୧୯ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ନର୍ଦ୍ଦର୍ନ ଇଟାଲୀରେ କରୋନା ଯୋଗୁ ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଛି। ଇଟାଲୀରେ କରୋନା ଜନିତ ମୃତ୍ୟୁସଂଖ୍ୟା ଚାଇନାକୁ ଅତିକ୍ରମ କରିଯାଇଛି। ଏପର୍ଯ୍ୟନ୍ତ ଦେଶରେ ୩ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି କରୋନା। ଏଥିଯୋଗୁ ଇଟାଲି ସମେତ ବହୁ ଦେଶ ବିଦେଶୀ ଯାତ୍ରୀଙ୍କ ଯାତ୍ରା ଉପରେ କଟକଣା ଜାରି କରିଛନ୍ତି। ଏଭଳି ସ୍ଥିତିରେ ହିଗୁଏନ୍ ଆର୍ଜେଣ୍ଟିନା ଫେରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଘରୁ ନ ବାହାରିବାକୁ ବିରୁଷ୍କାଙ୍କ ନିବେଦନ

**ନୂଆଦିଲ୍ଲୀ, ୨୦।୩**

ପୂରା ବିଶ୍ୱକୁ କରୋନା ଭାଇରସ ଧୀରେ ଧୀରେ ଗ୍ରାସ କରିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ଲାଗି କୌଣସି ଔଷଧ ନାହିଁ। ଏଥିରୁ ବଞ୍ଚିବା ପାଇଁ ଏକମାତ୍ର ବାଟ ସେଲ୍‌ଫ ଆଇସୋଲେଶନ ଅର୍ଥାତ ଘରୁ ନ ବାହାରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆସନ୍ତା ରବିବାର ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଏହାର ଗୋଟିଏ ଦିନ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବିରୁଷ୍କା) ସୋସିଆଲ ମିଡିଆ ଜରିଆରେ ଏକ ଭିଡିଓ ଶେୟାର କରି ନିବେଦନ କରିଛନ୍ତି। ଆମ ସଭିଙ୍କୁ ଜଣାଅଛି କେଉଁ ପରିସ୍ଥିତି ଦେଇ ଗତି କରୁଛୁ। ଆଉ ମାରାତ୍ମକ କରୋନା ଭାଇରସକୁ ରୋକିବା ଲାଗି କେବଳ ଗୋଟିଏ ଉପାୟ ରହିଛି। ନିଜ ସୁରକ୍ଷା ପାଇଁ ଆମେ ଘରେ ରହୁଛୁ। ତୁମେମାନେ ମଧ୍ୟ ଏଭଳି କରିବା ଦରକାର। ଘରେ ରୁହନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ବିରୁଷ୍କା ଉକ୍ତ ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ମାର୍ଚ୍ଚ ୨୨ ତାରିଖରେ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଜନତା କର୍ଫ୍ୟୁ ଲଗାଇବାକୁ କହିଛନ୍ତି।



## ସଂକ୍ଷେପରେ

### ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଷ୍ଟ୍ରେଲିଆରେ ରହିବ ନ୍ୟୁଜିଲାଣ୍ଡ ରଗ୍‌ବୀ ଟିମ୍

ୱେଲିଂଟନ, ୨୦।୩ (ଏପି)- କରୋନାଭାଇରସ ସଙ୍କଟ ଜାରି ରହିଥିବାରୁ ନ୍ୟୁଜିଲାଣ୍ଡ ୱାରିୟର୍ସ ରଗ୍‌ବୀ ଲିଗ୍ ଟିମ୍ ଅଷ୍ଟ୍ରେଲିଆରେ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକି ରହିବେ। ସେମାନେ ଅଷ୍ଟ୍ରେଲିଆର ନ୍ୟାଶନାଲ ରଗ୍‌ବୀ ଲିଗ୍ (ଏନଆର୍‌ଏଲ୍) ରେ ଖେଳ ଜାରି ରଖିବେ। କୋଭିଡ୍-୧୯ ଯୋଗୁ ଉଭୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସେମାନଙ୍କ ସୀମାକୁ ସିଲ୍ କରିଦେଇଛନ୍ତି। ନାଗରିକ ଏବଂ ସ୍ଥାୟୀ ବାସିନ୍ଦାଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଦେଶରେ ପ୍ରବେଶ ମନା। ଅଷ୍ଟ୍ରେଲିଆରେ ଗତ ସପ୍ତାହନ୍ତରେ ଲିଗ୍‌ର ଓପନିଂ ରାଉଣ୍ଡରେ ୱାରିୟର୍ସ ନ୍ୟୁକ୍ୟାସେଲ ବିପକ୍ଷରେ ଖେଳିଥିଲା। ଶନିବାର ଅକ୍‌ଲାଣ୍ଡଠାରେ କାନ୍‌ବେରା ବିପକ୍ଷ ମ୍ୟାଚ ଖେଳିବାକୁ ହୋଇଥାନ୍ତା। ଏହି ମ୍ୟାଚ ବର୍ତ୍ତମାନ ୱାରିୟର୍ସ ଦଳର ସାମୟିକ ହୋମ୍ ଗ୍ରାଉଣ୍ଡ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

### ଅଷ୍ଟ୍ରେଲିଆ ଟି୨୦ ଦଳର ଜର୍ସି ଚୟନ କରିବେ ଫ୍ୟାନ୍

ମେଲବୋର୍ନ, ୨୦।୩- ଅଷ୍ଟ୍ରେଲିଆନ ପ୍ରଶଂସକ ଏବେ ଜାତୀୟ ଦଳର ଟି୨୦ ଜର୍ସି ଚୟନ କରିପାରିବେ। 'ଡିଜାଇନ ଦି କିଟ୍' ଅନ୍‌ଲାଇନ ପ୍ରୋଗ୍ରାମରେ ଫ୍ୟାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ୧୨୦ ଷ୍ଟାଇଲର ଜର୍ସି ସ୍ଥାନ ପାଇଥିଲା। ଏଥିରୁ ୫ଟି ଜର୍ସିକୁ ଶର୍ଟଲିଷ୍ଟ କରାଯାଇଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ମଙ୍ଗଳବାର ମଧରାତି ପର୍ଯ୍ୟନ୍ତ ପ୍ରଶଂସକ ଭୋଟ କରିପାରିବେ। ବିଜୟୀ କିଟ୍‌କୁ ଏଏସ୍‌ଆଇସିଏସ୍ ପ୍ରସ୍ତୁତ କରିବ। ଏହି ଜର୍ସିକୁ ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳ ୨୦୨୧-୨୨ରେ ପରିଧାନ କରିବ। ପ୍ରଶଂସକ ବାଛିଥିବା ଜର୍ସିରେ କେବଳ ପ୍ରାୟୋଜକଙ୍କ ଲୋଗୋ ରହିବ। ଗତବର୍ଷ ମଧ 'ପିକ୍ ଦ କିଟ୍' ଅନ୍‌ଲାଇନ ପ୍ରତିଯୋଗିତା ମାଧମରେ ପ୍ରଶଂସକ ୧୯୯୦ ବେଳର ଅଷ୍ଟ୍ରେଲିଆ ଜର୍ସି ବାଛିଥିଲେ, ଯାହାକୁ ପରିଧାନକରି ଅଷ୍ଟ୍ରେଲିଆ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ପ୍ରଥମ ମ୍ୟାଚ୍ ଖାଲି ଷ୍ଟାଡିୟମରେ ଖେଳାଯିବା ପରେ ବଳକା ଦୁଇ ମ୍ୟାଚ୍ ବାତିଲ କରାଯାଇଥିଲା।

# ଅଲିମ୍ପିକ୍ ଜ୍ୟୋତିକୁ ନୀରବ ସ୍ୱାଗତ

ହିଗାଶିମାସୁଶିମା, ୨୦।୩ (ଏଏଫ୍‌ପି)

କରୋନା ଭାଇରସ ସାରା ବିଶ୍ୱ କ୍ରୀଡ଼ାକୁ ପ୍ରଭାବିତ କରିଥିବା ବେଳେ ଏବେ ଟୋକିଓରେ ଅଲିମ୍ପିକ୍ସ ଆୟୋଜନ ନେଇ ଆଶଙ୍କ ବୃଦ୍ଧିପାଇଛି। ତେବେ ଇତିମଧ୍ୟରେ ଶୁକ୍ରବାର ଜାପାନରେ ଅଲିମ୍ପିକ୍ ଜ୍ୟୋତିକୁ ସ୍ୱାଗତ କରାଯାଇଛି। ଏହି ସ୍ୱାଗତ ଉତ୍ସବ ସମ୍ପୂର୍ଣ୍ଣ ରୂପେ ଫିକା ପଡିଥିଲା। ନୀରବରେ ମଶାଲକୁ ସ୍ୱାଗତ କରାଯାଇଥିଲା। ଫଳରେ ନିର୍ଦ୍ଧାରିତ ସମୟରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ଜ୍ୟୋତିର ସ୍ୱାଗତ ପାଇଁ ୨୦୦ ସ୍କୁଲ ପିଲାଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲେ ମଧ୍ୟ ଶେଷରେ ଏହାକୁ ବାଧହୋଇ ବାତିଲ କରିବାକୁ ପଡିଥିଲା।

ଏକ ସ୍ୱତନ୍ତ୍ର ଲଣ୍ଡନରେ ଏହି ଜ୍ୟୋତି ଏକ ଚାର୍ଟାର୍ଡ ବିମାନରେ ଏଠାରେ ଆସି ପହଞ୍ଚିଥିଲା। ଜଣେ ଜାପାନ ଅଲିମ୍ପିକ୍ କମିଟି ସଦସ୍ୟ ଏହି କ୍ରୀଡ଼ା ମହାକୁମ୍ଭକୁ ସ୍ଥଗିତ ରଖିବାକୁ ମତ ଦେଇଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ ମଧ ବିଭିନ୍ନ ପରିସ୍ଥିତି ନେଇ ଅନୁଧ୍ୟାନ କରାଯାଉଥିବା କହିଛନ୍ତି। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆହୁରି ୪ ମାସ ବାକିଥିବାରୁ ସବୁ ପ୍ରକାର ପରିସ୍ଥିତି ଉପରେ ଆମେ ନଜର ରଖିଛୁ ବୋଲି ବାକ କହିଛନ୍ତି। ଏବେ କିଛି ଅନୁମାନ କରିବା କିମ୍ବା ଅନ୍ତିମ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।


ଜାପାନ ଏୟାର ସେଲ୍ଫ-ଡିଫେନ୍ସ ଫୋର୍ସ ମାତ୍ସୁଶୀମା ବେସ୍‌ରେ ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋସିଡା ଓ ତାଡାହିରୋ ନୋମୁରା ଅଲିମ୍ପିକ୍ ଜ୍ୟୋତି ପ୍ରଜ୍ୱଳନ କରୁଛନ୍ତି।

ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋଶିଡା ଓ ତାଡାହିରୋ ନୋମୁରା ହାତ ଗଣତି କେତେଜଣ ଅଧିକାରୀ ଓ ଅତିଥିଙ୍କ ସମ୍ମୁଖରେ ଆନୁଷ୍ଠାନିକ ଭାବେ କଲଡ୍ରୋନ ବା ହଣ୍ଡ ପ୍ରଜ୍ୱଳନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଓ ନିରାପତ୍ତା ଦୃଷ୍ଟିକୋଣରୁ ସ୍କୁଲ ପିଲାମାନଙ୍କୁ ନିମନ୍ତ୍ରଣ କରିବାର ଯୋଜାନକୁ ବାତିଲ କରାଗଲା ବୋଲି ଟୋକିଓ ଅଲିମ୍ପିକ୍ସ ମୁଖ୍ୟ ୟୋଶିରେ ମୋରି କହିଛନ୍ତି। ମାର୍ଚ୍ଚ ୨୬ରେ ଦେଶବ୍ୟାପୀ ମଶାଲ ରିଲେ ଆରମ୍ଭ ହୋଇଛି। ଏହା ଫୁକୁଶିମାର ଜେ-ଭିଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆରମ୍ଭ ହୋଇଛି। କରୋନା ଭାଇରସ କାରଣରୁ ଏହି ମଶାଲ ରିଲେ ଫିକା ପଡିଛି।

ବିନା ଦର୍ଶକରେ ଗ୍ରୀସ୍‌ରେ ମଶାଲ ରିଲେ ପ୍ରାରମ୍ଭିକ ପର୍ଯ୍ୟାୟକୁ ମଧ କାଣ୍ଟଛାଣ୍ଟ କରାଯାଇଥିଲା। ବର୍ତ୍ତମାନ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି ଅଲିମ୍ପିକ୍ସକୁ ସ୍ଥଗିତ ରଖିବାକୁ ଜାପାନିଜ ଅଲିମ୍ପିକ କମିଟି କାର୍ଯ୍ୟକାରୀ ନିର୍ଦ୍ଦେଶକ କାଓରି ୟାମାଗୁଚି କହିଛନ୍ତି। ଅନ୍ୟପଟେ ଆଇଓସି ନିଜ ଟାସ୍କ ଫୋର୍ସ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପରାମର୍ଶ ନେଇ କାର୍ଯ୍ୟ କରିବ। ଅଲିମ୍ପିକ୍ସ ଠିକ୍ ସମୟରେ ଆୟୋଜନ କରିବ ଓ ଏହାକୁ ବାତିଲ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଆଇଓସି ମୁଖ୍ୟ ଥୋମାସ ବାକ କହିଛନ୍ତି।

୬ତମ ଜନ୍ମଦିନ ଶୁଭେଚ୍ଛା

ନାମ- ଜିତ ସାହୁ
ବାପା- ଅନନ୍ତ ସାହୁ, ମାତା- ସରୋଜିନୀ ସାହୁ, ଗ୍ରାମ- ବନ୍ଧପଡା, ଦେଓଗାଁ ବ୍ଲକ, ବଲାଙ୍ଗିର ଜିଲ୍ଲା। ତୋର ଷଷ୍ଠତମ ଜନ୍ମଦିବସରେ ଜଗତନାଥ ଜଗନ୍ନାଥ, ମା' ପାଟଖଣ୍ଡା, କାନ୍ଦୁଲବୁଡ଼ା ତୋର ଚଲାପଥ କୁସୁମିତ କରନ୍ତୁ।
-: ଶୁଭେଚ୍ଛା ସହ :-
ଅଜା- ରାଜ କୁମାର ସାହୁ, ଆଈ- ବିନୋଦିନୀ ସାହୁ ତଥା ସାହୁ ପରିବାରବର୍ଗ।

Birthday Wish

DEEPA
Wishing you Health, Love, Wealth, Happiness and just everything your heart desires.
Happy Birthday!
-:With Best Compliments From:-
Tom, Jerry & Dipty
D-17222

୯ମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା

ସୌମ୍ୟା ଶୁପ୍ରଭା (ଶିୟା)
ଗାଡ଼କଣ, ଭୁବନେଶ୍ୱର
ତୁମକୁ ପ୍ରଭୁ ଶ୍ରୀଜଗନ୍ନାଥ ଦୀର୍ଘାୟୁ କରିବା ସହିତ ଜଣେ ସୁନାଗରିକ କରନ୍ତୁ ଏତିକି କାମନା।
-:ଶୁଭେଚ୍ଛା ସହ:-
କେକେ, ବାପା, ମାମା, ଅଜା, ଆଈ, ମାମୁ ଓ ମାଉସୀମାନେ।
ଧ-୧୭୨୨୬

# ମହିଳା ରେସ୍‌ଲିଂ କୋଚ୍ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୦।୩ (ପି.ଟି.)



କୋଭିଡ୍-୧୯ ଆଶଙ୍କା ଯୋଗୁ ଲକ୍ଷ୍ନୌ ଓ ସୋନେପତ୍‌ଠାରେ ଚାଲିଥିବା ଜାତୀୟ କ୍ୟାମ୍ପକୁ ବର୍ତ୍ତମାନ ପାଇଁ ବନ୍ଦ କରିଦେବା ଲାଗି ଜାତୀୟ ମହାସଂଘ ନିଷ୍ପତ୍ତି ନେଇଛି। ଫଳସ୍ୱରୂପ ଭାରତୀୟ ମହିଳା ରେସ୍‌ଲିଂ ଟିମ୍‌ର ବିଦେଶୀ କୋଚ୍ ଆଣ୍ଡ୍ର୍ୟୁ କୁକ୍ ନିଜ ଦେଶ ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୁକ୍ ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟର ସହିତ ଜଡ଼ିତ ଥିଲେ। ହୋଲି ପରେ ଅଧିକାଂଶ ରେସ୍‌ଲର ରିପୋର୍ଟ କରି ନ ଥିଲେ। ୪ରୁ ୫ ରେସ୍‌ଲର ସେଠାରେ ତାଲିମ ନେଉଥିଲେ। ଜ୍ୱରରେ ପୀଡ଼ିତ ଥିବାରୁ ସେଠାରେ ନିଯୁକ୍ତ ଭାରତୀୟ କୋଚ୍ କୁଲଦୀପ ମଲିକ ହରିୟାଣାସ୍ଥିତ ନିଜ ବାସସ୍ଥାନକୁ ଫେରି ଯାଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣରୁ ଇରାନର ହୋସେନ କରିମି ତାଙ୍କ କାର୍ଯ୍ୟକାଳ ଅଧାରୁ ପଦତ୍ୟାଗ କରି ଚାଲିଯିବା ପରଠାରୁ ଭାରତୀୟ ପୁରୁଷ ଦଳ ପାଇଁ ଜଣେ ହେଲେ ବିଦେଶୀ କୋଚ୍ ନିଯୁକ୍ତ ହୋଇ ପାରିନାହିଁ। କରୋନା ଭାଇରସ୍ ଆତଙ୍କ ଯୋଗୁ କ୍ୟାମ୍ପକୁ ବନ୍ଦ କରି ଦିଆଯାଇଥିବାରୁ ମୁଁ ବର୍ତ୍ତମାନ ନିଜକୁ ଏକା ଅନୁଭବ କରୁଛି। ତେଣୁ ନିଜ ଦେଶକୁ ଫେରିଯାଉଛି ବୋଲି କୁକ୍ କହିଛନ୍ତି।

# ସେଲ୍‌ଫ ଆଇସୋଲେଶନରେ ରହିବେ ନୀରଜ ଚୋପ୍ରା

ନୂଆଦିଲ୍ଲୀ, ୨୦।୩

ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଏନ୍‌ଆଇଏସ୍ ପଟିଆଲାଠାରେ ୧୪ ଦିନ ପାଇଁ ସେଲ୍‌ଫ ଆଇସୋଲେଶନରେ ରହିବାକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ନିର୍ଦ୍ଦେଶ ଦେଇଛି। ସେ ତୁର୍କୀରେ ଟ୍ରେନିଂ ସାରି ଫେରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଥିବା ଚୋପ୍ରା ଓ ରୋହିତ ଯାଦବଙ୍କୁ ସମସ୍ତ ପ୍ରକାର ସୁବିଧା ଥିବା ହଷ୍ଟେଲରେ ରହିବାକୁ ହେଲେ ଅନ୍ୟ କୌଣସି ଆଥ୍‌ଲେଟଙ୍କ ସହ ୧୪ ଦିନ ପର୍ଯ୍ୟନ୍ତ ମିଶିପାରିବେ ନାହିଁ। ସେମାନଙ୍କୁ ରୁମ୍ ଆଲର୍ଟ ହୋଇସାରିଛି। ସେମାନେ ହଷ୍ଟେଲ ନିକଟରେ ଥିବା ପୁରୁଣା ଜିମ୍ ବ୍ୟବହାର କରିପାରିବେ ବୋଲି ସୂତ୍ରରୁ କୁହାଯାଇଛି। ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଶିବମାଲ ଓ ବିପିନ ଛୁଟି ନେଇ ଘରକୁ ଫେରିଛନ୍ତି। ବିଦେଶରୁ ଫେରିଥିବା ପ୍ରତ୍ୟେକ ଆଥ୍‌ଲେଟଙ୍କ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍କ୍ରିନଡ କରାଯାଇଥିଲା। ସେଠାରେ କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ମାତ୍ର ଏନ୍‌ଆଇଏସ୍‌ରେ ପହଞ୍ଚିବା ପରେ ସାଇ ୧୪ ଦିନ ସେଲ୍‌ଫ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦେଇଥିଲା।



## ଦୁଇ ଏଲ୍‌ଏ ଲେକର୍ସ ଖେଳାଳି କୋଭିଡ୍-୧୯ରେ ପୀଡ଼ିତ

ଲସ ଏଞ୍ଜେଲ୍ସ, ୨୦।୩

ବହୁବାର ଏନ୍‌ବିଏ ଚାମ୍ପିୟନ ଲସ ଏଞ୍ଜେଲ୍ସ ଲେକର୍ସ ଦଳର ଦୁଇ ଜଣ ଖେଳାଳି ମାରାତ୍ମକ କୋଭିଡ୍-୧୯ରେ ପୀଡ଼ିତ। ସେମାନଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ କ୍ୱାରାଣ୍ଟାଇନରେ ରଖାଯାଇଥିବା ବାସ୍କେଟବଲ ଦଳ ପକ୍ଷରୁ କୁହାଯାଇଛି। କିନ୍ତୁ ଫ୍ରାଞ୍ଚାଇଜ ପକ୍ଷରୁ ଦୁଇ ଖେଳାଳିଙ୍କ ପରିଚୟ ଦିଆଯାଇ ନାହିଁ। ମାତ୍ର ସେମାନଙ୍କ ଟେଷ୍ଟ ଦଳର ଅନ୍ୟ ଖେଳାଳିଙ୍କ ସହ କରାଯାଇଥିଲା। ମାର୍ଚ୍ଚ ୧୦ ତାରିଖରେ ବ୍ରୁକଲିନ ନେଟ୍ସ ଦଳ ବିପକ୍ଷ ମ୍ୟାଚ୍ ପରେ ଟେଷ୍ଟ କରାଯାଇଥିଲା। ନେଟ୍ସ ଦଳର ୪ ଖେଳାଳିଙ୍କ ରିପୋର୍ଟ ପଜିଟିଭ ଆସିଛି। ଲେକର୍ସ ଦଳର ଦୁଇ ଖେଳାଳିଙ୍କ ରିପୋର୍ଟ ପଜଟିଭ ଆସିଛି। ସେମାନଙ୍କ ନିକଟରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। ଏଣୁ ଅନ୍ୟଙ୍କଠାରୁ ସେମାନଙ୍କୁ ଏହି ମାରାତ୍ମକ ଭାଇରସ ବ୍ୟାପିଛି। ଦଳୀୟ ଡାକ୍ତରଙ୍କ ପରାମର୍ଶରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି ବୋଲି ଲେକର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ଅନ୍ୟ ଖେଳାଳି ଓ ଷ୍ଟାଫଙ୍କୁ ସେଲ୍‌ଫ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ଅଛୁ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ନୁକର ବିଶ୍ୱକପ୍ ଘୁଞ୍ଚିଲା

ଲଣ୍ଡନ, ୨୦।୩ (ଏଏଫ୍‌ପି)

କରୋନାଭାଇରସ ଜନିତ ସଂକଟ ଯୋଗୁ ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ସ୍ନୁକର ଟୁର୍ (ଡବ୍ଲ୍ୟୁଏସ୍‌ଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟ ଏପ୍ରିଲ ୧୮ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଶିଫିଲ୍ଡସ୍ଥିତ କ୍ରୁସିବଲ ଥିଏଟର ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଡବ୍ଲ୍ୟୁଏସ୍‌ଟି ଚେୟାରମ୍ୟାନ ବ୍ୟାରି ହିଅର୍ନ୍ସ ବର୍ତ୍ତମାନ ଆମେ ସମସ୍ତେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛେ। ଏଥିରୁ ଯଥାଶୀଘ୍ର ମୁକୁଳିବା ଲାଗି ସମସ୍ତଙ୍କ ଉଦ୍ୟମ ଆବଶ୍ୟକ। ଟୁର୍ନାମେଣ୍ଟ ପୁଣି କେବେ ହେବ ସେ ସମ୍ପର୍କରେ ବ୍ରଡକାଷ୍ଟର, ଅନ୍ୟ ପାର୍ଟନର ଏବଂ ଏଥି ସହିତ ସଂଶ୍ଳିଷ୍ଟ ଭେନ୍ୟୁକୁ ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

# ବ୍ରିଟିଶ ଅଲିମ୍ପିକ୍ ଆସୋସିଏଶନ ଚିନ୍ତିତ

ଲଣ୍ଡନ,୨୦।୩ (ଏଏଫ୍‌ପି)

**କରୋନା ଭାଇରସ ସଂକ୍ରମଣ**

BRITISH OLYMPIC ASSOCIATION

କରୋନା ଭାଇରସ ସଂକ୍ରମଣ ନେଇ ବ୍ରିଟିଶ୍ ଅଲିମ୍ପିକ୍ସ ମୁଖ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯଦି ଏହି ଭାଇରସ ସଂକ୍ରମଣକୁ ଠିକ୍ ସମୟରେ ନିୟନ୍ତ୍ରଣ ନ କରାଯାଏ ତା'ହେଲେ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଆଥଲେଟମାନଙ୍କୁ ଉତ୍ସାହିତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଅପେକ୍ଷା ଆଥଲେଟଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୨୪ରୁ ଟୋକିଓ ଅଲିମ୍ପିକ୍ସ ଆରମ୍ଭ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଚାହୁଁଛି। କିନ୍ତୁ ବହୁ ସଂଖ୍ୟାରେ ଆଥଲେଟ କରୋନା ଭାଇରସ କାରଣରୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିରେ ସମସ୍ୟାର ସମ୍ମୁଖୀନ ହେବା କଥା କହିଛନ୍ତି। ଭାଇରସ୍‌କୁ ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆଥଲେଟମାନେ କହିଛନ୍ତି।

୮୦୦ମିଟର ଦୌଡ଼ରେ ଅଲିମ୍ପିକ୍ସରେ ସାମିଲ ହେବାକୁ ଲକ୍ଷ୍ୟ ରଖିଥିବା ଗେ ଲିୟରମନ୍ଥ ପ୍ରଥମ ବ୍ରିଟିଶ ଆଥଲେଟ ଭାବେ ଅଲିମ୍ପିକ୍ସ ଅଂଶଗ୍ରହଣ ନେଇ ସତର୍କ କରାଇ ଦେଇଛନ୍ତି। ପୂର୍ବରୁ ମଧ୍ୟ ଅଲିମ୍ପିକ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଏ ନେଇ ଆଇଓସିକୁ କଡ଼ା ସମାଲୋଚନା କରିଛନ୍ତି। କରୋନା ଭାଇରସ ଆତଙ୍କ କାରଣରୁ ୟୁରୋ ୨୦୨୦ ଓ କୋପା ଆମେରିକାକୁ ସ୍ଥଗିତ ରଖାଯାଇଛି। ସେହିପରି ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦାବି ହୋଇଛି। ଆଥଲେଟମାନଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଇବାକୁ ଆମେ ଚାହୁଁନାହୁଁ। ଯେତେବେଳେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ ଓ ସରକାର ଓ ପବ୍ଲିକ ହେଲ୍‌ଥ ଗାଇଡ ଲାଇନ୍ ଅନୁସାରେ ଆଥଲେଟମାନେ ଅଲିମ୍ପିକ ପ୍ରସ୍ତୁତି ନେଇ ପ୍ରୟାସ କରିବେ ବୋଲି ବ୍ରିଟିଶ ଅଲିମ୍ପିକ୍ସ ଆସୋସିଏସନ (ବିଓଏ) ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଓଏ ଓ ବ୍ରିଟିଶ୍ ସ୍ପୋର୍ଟ୍ସ ଫେଡେରେଶନର କେତେଜଣ ଅଧିକାରୀ ଟୋକିଓରୁ କେତେଗୁଡିଏ ଭେନ୍ୟୁ, ଆଥ୍‌ଲେଟ ଭିଲେଜ ବା କ୍ରୀଡ଼ା ଗ୍ରାମ ପରିଦର୍ଶନ କରି ସ୍ୱଦେଶ ଫେରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଠିକ୍ ବାଟରେ ଚାଲିଛି ବୋଲି ଏମାନେ କହିଛନ୍ତି।

# ଅସୁସ୍ଥ ଥାଇ ଯୁବି ଖେଳିଥିଲେ ବିଶ୍ୱକପ୍ ବିଜୟୀ ଶତକୀୟ ଇନିଂସ



ନୂଆଦିଲ୍ଲୀ, ୨୦।୩- ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ଯୁବି) ଠିକ୍ ୯ ବର୍ଷ ତଳେ ୨୦୧୧ ବିଶ୍ୱକପ୍‌ରେ ଶତକୀୟ ଇନିଂସ ଖେଳିଥିଲେ। ସେତେବେଳେ କର୍କଟରେ ପୀଡ଼ିତ ଯୁବି ୱେଷ୍ଟଇଣ୍ଡିଜ ବିପକ୍ଷରେ ଶତକ ହାସଲ କରିଥିଲେ। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୧ ରନ୍ ମଧ୍ୟରେ ୨ ଉଇକେଟ ହରାଇ ସାରିଥିଲା। ଯୁବି ଓ ବିରାଟ କୋହଲି ତୃତୀୟ ଉଇକେଟ ଲାଗି ୧୨୨ ରନ୍ ଯୋଡ଼ିଥିଲେ। କୋହଲି ୫୯ ରନ୍‌ର ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏହାପରେ ଯୁବି ଖେଳିଥିଲେ ୧୧୩ ରନ୍‌ର ଇନିଂସ। ତାଙ୍କ ଇନିଂସରେ ଥିଲା ୧୦ ଚୌକା ଓ ୩ ଛକା। ଯୁବିଙ୍କ ଇନିଂସ ଏବେ ବି ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଭାରତୀୟ ଦଳ ଧାର୍ଯ୍ୟ ୫୦ ଓଭରରେ ୨୬୮ ରନ୍ କରିଥିଲା। ପରେ ଯୁବି ବୋଲିଂ କରି ଡେଭନ ଥୋମାସ ଓ ଆଣ୍ଡ୍ରେ ରସେଲଙ୍କ ଉଇକେଟ ନେଇ ଟିମ୍ ଇଣ୍ଡିଆକୁ ୮୦ ରନ୍‌ରେ ଜିତାଇଥିଲେ। କିମ୍ବଦନ୍ତୀ ଅଲରାଉଣ୍ଡରଙ୍କ ଲାଗି ୨୦୧୧ ବିଶ୍ୱକପ୍ ସ୍ମରଣୀୟ ଥିଲା। ଏହି ଇଭେଣ୍ଟରେ ତାଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଘୋଷିତ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ସେ ୩୬୨ ରନ୍ କରିବା ସହ ୧୫ ଉଇକେଟ ନେଇଥିଲେ। ଯୁବରାଜଙ୍କ କ୍ୟାରିୟରରେ ୩୦୪ ଦିନିକିଆ, ୫୮ ଟି୨୦ ଓ ୪୦ ଟେଷ୍ଟ ଖେଳିଥିଲେ। ତାଙ୍କ କ୍ୟାରିୟରର ବହୁ ଉଲ୍ଲେଖନୀୟ ଘଟଣା ରହିଛି। ଓଡ଼ିଶାର କଟକ ସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ୧୫୦ ରନ୍‌ର ଇନିଂସ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର।

# ବାଲା ଦେବୀଙ୍କ ସ୍କଟ୍‌ଲାଣ୍ଡ ରହଣି ବଢ଼ିଲା

ନୂଆଦିଲ୍ଲୀ, ୨୦।୩ (ପି.ଟି.)

**କୋଭିଡ-୧୯ ପ୍ରତିବନ୍ଧ**

କାରାନା ଭାଇରସ ବା କୋଭିଡ-୧୯ ପ୍ରତିବନ୍ଧ ପାଇଁ ଭାରତୀୟ ମହିଳା ଫୁଟବଲ ତାରକା ଏନ୍ ବାଲା ଦେବୀଙ୍କ ସ୍କଟଲାଣ୍ଡ ରହଣୀରେ ବୃଦ୍ଧି ଘଟିଛି। ପ୍ରଥମ ଭାରତୀୟ ଭାବେ ସେ ସ୍କଟିଶ ମହିଳା ପ୍ରିମିୟର ଲିଗ୍ କ୍ଲବ ରେଞ୍ଜର୍ସ ସହ ଚୁକ୍ତି କରିଥିଲେ। କରୋନା ଭାଇରସ ପାଇଁ ଲାଗୁ ହୋଇଥିବା ପ୍ରତିବନ୍ଧ ପାଇଁ ସେ ନିଜ କ୍ଲବ ସହ ଅଧିକ ଦିନ ରହିବାକୁ ବାଧ ହୋଇଛନ୍ତି। ଇତିମଧ୍ୟରେ ଭାରତ ସରକାର ମଧ୍ୟ ମାର୍ଚ୍ଚ ୨୨ରୁ ୩୧ ତାରିଖ ମଧ୍ୟରେ ବିଦେଶରୁ ସବୁ ପ୍ରକାର ଫ୍ଲାଇଟ୍‌କୁ ବାସନ୍ଦ କରିଛନ୍ତି। ଫଳରେ ସ୍ୱଦେଶ ଫେରିବାରେ ତାଙ୍କର ବିଳମ୍ବ ହେବା ନିଶ୍ଚିତ ହୋଇଛି। ଲିଗ୍‌କୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଫଳରେ ଏବେ କୌଣସି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ନାହିଁ। ସେ ଏବେ ଚାହିଁଲେ ବି ଘରକୁ ଆସିପାରିବେ ନାହିଁ। ଏବେ ସେ ସେଠାରେ ରହି ଟ୍ରେନିଂ ଜାରି ରଖିବେ। ଲିଗ ଆରମ୍ଭ ହେଲେ ସେ ସେଠାରେ ରହି ଖେଳିବେ। ଉଲ୍ଲେଖଥାଉ କି, ବାଲା ଦେବୀଙ୍କ ନେତୃତ୍ୱରେ ଭାରତ ସାଉଥ ଏସିଆନ ଗେମ୍ସରେ ଗତବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୬ଟି ଗୋଲ ସ୍କୋର କରିଥିଲେ।



# ପାରାଅଲିମ୍ପିକ୍ସ ପାଇଁ ଜୟନ୍ତୀଙ୍କୁ ଯୋଗ୍ୟତା

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି)

କରୋନା ଭାଇରସ ସଂକ୍ରମଣ ଯୋଗୁ କ୍ରୀଡାଜଗତ ଆତଙ୍କିତ ଅବସ୍ଥାରେ ଥିବାବେଳେ ଗୁରୁବାର ଓଡ଼ିଶା କ୍ରୀଡ଼ାକୁ ମିଳିଛି ଏକ ଖୁସି ଖବର। ରାଜ୍ୟର ପାରା ଆଥଲେଟ୍ ଜୟନ୍ତୀ ବେହେରା ଟୋକିଓ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ସ କମିଟି ପକ୍ଷରୁ ଇ-ମେଲ ଯୋଗେ ଜୟନ୍ତୀଙ୍କୁ ଜଣାଇ ଦିଆଯାଇଛି। କରୋନା ଭାଇରସ ଆତଙ୍କ ଯୋଗୁ ଏବେ ବିଶ୍ୱବ୍ୟାପୀ ଟୁର୍ନାମେଣ୍ଟଗୁଡ଼ିକ ବନ୍ଦ ରହିଛି। ତେଣୁ ର୍‍ୟାଙ୍କିଂ ଭିତ୍ତିରେ ଜୟନ୍ତୀଙ୍କୁ ପାରା ଅଲିମ୍ପିକ୍ସ ଯୋଗ୍ୟତା ମିଳିଥିବା ଜଣାଯାଇଛି। ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଟୋକିଓରେ ହେବାକୁଥିବା ପାରାଅଲିମ୍ପିକ୍ସର ମହିଳା ୪୦୦ ମିଟର ଇଭେଣ୍ଟରେ ଭାଗନେବେ ପୁରୀ ସତ୍ୟବାଦୀ ଅଞ୍ଚଳର ଜୟନ୍ତୀ। ଓଡ଼ିଶାର ପ୍ରଥମ ଦିବ୍ୟାଙ୍ଗ ମହିଳା ଆଥଲେଟ୍‌ଭାବେ ଜୟନ୍ତୀ ପାରାଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ପୂର୍ବରୁ ୨୦୦୮ରେ ଓଡ଼ିଶାର ମାର୍କଣ୍ଡ ରେଡ୍ଡୀ ପାରା ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଟି୪୬ ପୁରୁଷ ୧୦୦ ମିଟର ରେସ୍‌ରେ ୧୧.୯୨ ସେକେଣ୍ଡ ସମୟ ନେବାରୁ ସେ ୫ମ ସ୍ଥାନରେ ରହିଥିଲେ। ଫଳରେ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଏଥର ପାରା ବ୍ୟାଡ୍‌ମିଣ୍ଟନରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିବା ଶତ ପ୍ରତିଶତ ସମ୍ଭାବନା ରହିଛି। ପ୍ରମୋଦ ୨୦୧୯ରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିବା ସହ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଂରେ ନମ୍ବର ୱାନ ସ୍ଥାନରେ ରହିଛନ୍ତି।



ଜୟନ୍ତୀ ବେହେରା

**ମହିଳା ୪୦୦ ମିଟର ଇଭେଣ୍ଟରେ ଭାଗନେବେ**

ପ୍ରକାଶଯୋଗ୍ୟ ଯେ, ୨୦୧୭ରେ ବେଜିଂରେ ଅନୁଷ୍ଠିତ ୫ମ ଚାଇନା ଓପନ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଜୟନ୍ତୀ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ। ସେହିବର୍ଷ ସୁଇଜରଲାଣ୍ଡରେ ଆୟୋଜିତ ବିଶ୍ୱ ଜୁନିୟର ପାରା ଆଥଲେଟିକ୍ସର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ। ୨୦୧୭ରେ ଦୁବାଇରେ ଅନୁଷ୍ଠିତ ୟୁଥ୍ ଏସିଆନ ପାରା ଗେମ୍ସର ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସର ୨୦୦ ମିଟରରେ ସେ ବ୍ରୋଞ୍ଜ ଏବଂ ୪୦୦ ମିଟରରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ପ୍ରକାଶଯୋଗ୍ୟ ଯେ, କରୋନା ଭାଇରସ୍ ସଂକ୍ରମଣ ପ୍ରଭାବରେ ଟୋକିଓ ଅଲିମ୍ପିକ୍ସ ଘୁଞ୍ଚିବା ସମ୍ଭାବନା ଅଛି। ସେହି ଅନୁସାରେ ପାରାଅଲିମ୍ପିକ୍ସ ମଧ ଘୁଞ୍ଚିବା ଆଶଙ୍କା ରହିଛି।




# ଏକତ୍ର ହେବେ ନାହିଁ ୭ରୁ ଅଧିକ ଲୋକ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

କରୋନା ଭୂତାଣୁ (କୋଭିଡ୍-୧୯) ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ପ୍ରତିଦିନ ବିଭିନ୍ନ ଆଡ଼ଭାଇଜରି ଜାରି ସହ ସଚେତନତା ଓ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବାବେଳେ ଶୁକ୍ରବାର ଆଉଏକ ଆଡ୍‌ଭାଇଜରି ଜାରି ହୋଇଛି। କୌଣସି ପରିସ୍ଥିତିରେ ମଧ୍ୟ ୭ଜଣରୁ ଅଧିକ ଲୋକ ସର୍ବସାଧାରଣ ସ୍ଥାନରେ ଏକତ୍ର ହେବେ ନାହିଁ। ସ୍ଥିତିରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାରୀ କାର୍ଯ୍ୟାଳୟରେ କେବଳ କରୋନା ସଂକ୍ରାନ୍ତ ବୈଠକ ହେବ। କୋଭିଡ୍-୧୯ ଓ ମୌଳିକ ସେବା ପରିଚାଳନା ସଂକ୍ରାନ୍ତୀୟ ଛାଡ଼ିଦେଲେ ଅନ୍ୟ କୌଣସି ବୈଠକ ବା ସଭା ହୋଇପାରିବ ନାହିଁ। ଜରୁରୀ ବୈଠକ ବସିଲେ ପରସ୍ପରଠାରୁ

**କରୋନା ସତର୍କତା**

- ସରକାରୀ ବୈଠକରେ କେବଳ କରୋନା ସମ୍ବନ୍ଧୀୟ ଆଲୋଚନା
- ଜରୁରୀ ବୈଠକରେ ପରସ୍ପର ମଧ୍ୟରେ ରହିବ ୨ ମିଟର ଦୂରତା
- ୪୬ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ଦ୍ୱିତୀୟ ଆକ୍ରାନ୍ତ
- କରୋନା ଆଳରେ ସମସ୍ୟା ସୃଷ୍ଟିକଲେ କାର୍ଯ୍ୟାନୁଷ୍ଠାନ

୨ ମିଟର ଦୂରତା ଅନୁପାଳନକୁ କଡ଼ାକଡ଼ି କରାଯିବ। ସମ୍ଭବ ହେଲେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରାଯିବ। ସମସ୍ତ ସରକାରୀ ଉତ୍ସବ, ସ୍ମୃତି ଦିବସ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଆଦିକୁ ସ୍ଥଗିତ ରଖାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଦ୍ୱିତୀୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ୧୯ ବର୍ଷୀୟ ଯୁବକ ଜଣକ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ବିଟ୍ରେନ୍‌ରୁ ଫେରି ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ୧୯ ତାରିଖରେ ତାଙ୍କୁ ଆଇସୋଲୋଶନରେ ରଖାଯାଇଛି। ତାଙ୍କ ପରିବାର ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀ ଜଣକ ବର୍ତ୍ତମାନ ସୁଦ୍ଧା ୪୬ଜଣଙ୍କ ସଂସ୍ପର୍ଶରେ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୪୩ ଜଣଙ୍କ ସହ ଯୋଗାଯୋଗ ହୋଇସାରିଛି। ଅନ୍ୟ ୩ ଜଣଙ୍କ ସହ ଯୋଗାଯୋଗ ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିପାଇଁ ୮ ମନିଟରିଂ ଟିମ୍ କାର୍ଯ୍ୟ କରୁଛନ୍ତି। ଯୁଦ୍ଧକାଳୀନ ଭିତରେ ଏହି ଟିମ୍ ସେହି ୩ଜଣଙ୍କୁ ଟ୍ରେସ୍ କରୁଛନ୍ତି। ସେହିଭଳି ପ୍ରଥମ କରୋନା ଆକ୍ରାନ୍ତ ବର୍ତ୍ତମାନ ଭଲ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ବୋଲି ବାଗ୍‌ଚୀ କହିଛନ୍ତି।

ତେବେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦୁଇଟି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସିଥିବା ବାଗ୍‌ଚୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପରାମର୍ଶରେ ଆଇସୋଲେଶନରେ ଥିବା ବ୍ୟକ୍ତିମାନେ ସମସ୍ୟା ନ ଥିଲେ ଘରକୁ ଫେରିପାରିବେ। କିନ୍ତୁ ଏ ପରିସ୍ଥିତିରେ ସ୍ଥାନୀୟ ଗ୍ରାମବାସୀ, ପଡ଼ୋଶୀ, ଗୋଷ୍ଠୀ ସେମାନଙ୍କ ଫେରିବାକୁ ବିରୋଧ କରିବା ସାମାଜିକ ଦୃଷ୍ଟିକୋଣରୁ ଅନୁଚିତ। ଏଭଳି ବିରୋଧ ନଜରକୁ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିଭଳି କୌଣସି ବିଦେଶାଗତ ପର୍ଯ୍ୟଟକ, ଅତିଥିଙ୍କୁ ଯଦି କରୋନା ଆଳରେ କେହି ବି ଅସଦାଚରଣ କରିବା ନଜରକୁ ଆସେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

ଓଡ଼ିଶାରେ ଅଦ୍ୟାବଧି ୬୬ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୬୨ଟିର ରିପୋର୍ଟ ଆସିଛି ଓ ୪ଟି ରିପୋର୍ଟ ହସ୍ତଗତ ହୋଇନାହିଁ। ତେବେ ମିଳିଥିବା ରିପୋର୍ଟ ମଧ୍ୟରୁ ୬୦ ନେଗେଟିଭ୍ ହୋଇଥିବାବେଳେ ୨ ପଜିଟିଭ୍ ରହିଛି। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ଆସିଥିବା ୯ ରିପୋର୍ଟ ନେଗେଟିଭ୍ ଆସିଛି। ବର୍ତ୍ତମାନ ସୁଦ୍ଧା ଜାରି ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲ ଜରିଆରେ ୨୯୩୫ଜଣ ବିଦେଶ ଫେରନ୍ତା ପଞ୍ଜୀକରଣ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଶୃଙ୍ଖଳାର ସହ ଅନୁପାଳନ କରିଥିବାରୁ ଧର୍ମାନୁଷ୍ଠାନମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃତଜ୍ଞତା ଜଣାଇଛନ୍ତି। ସେହିଭଳି ଏ ପରିସ୍ଥିତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିବା ବାଗ୍‌ଚୀ କହିଛନ୍ତି।




## ବନ୍ଦ ଘରେ ପୂରାଇ ଅଳଙ୍କାର, ଗାଡ଼ି ଲୁଟ୍

**ଖଇରା, ୨୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସୋର-କୁପାରୀ ରାଜ୍ୟ ରାଜପଥର ବାଙ୍କିତିରା ଛକର ରାସ୍ତା ପାର୍ଶ୍ୱରେ ଥିବା ମଧୁସୂଦନ ନାୟକଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଘର ଗ୍ରୀଲ ଓ କବାଟ ତାଡି ଘର ଭିତରକୁ ପଶିଥିଲେ। ପ୍ରଥମେ ମୁଖିଆ ମଧୁସୂଦନଙ୍କୁ ଆକ୍ରମଣ କରିବା ପରେ ଅନ୍ୟ ସଦସ୍ୟଙ୍କ ସହ ଏକ ଘରେ ପୂରାଇ ନଗଦ ୫୦ହଜାର, ଏକ ସ୍କୁଟି, ୧୦ଭରିରୁ ଊର୍ଦ୍ଧ୍ୱ ଗହଣା ଲୁଟି ପଳାଇଥିଲେ। ଶୁକ୍ରବାର ସକାଳେ ଘର ଲୋକ ପାଟି କରିବା ପରେ ପାଖ ପଡୋଶୀ କବାଟ ଖୋଲି ତାଙ୍କୁ ଉଦ୍ଧାର କରି ଖଇରା ଥାନାକୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା(ନଂ. ୬୨/୨୦) ରୁଜୁ କରାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୧ ମାର୍ଚ୍ଚ, ୨୦୨୦



ଅଧବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ...

### ହତ୍ୟା ଅଭିଯୁକ୍ତ ଜେଲ୍ ଗଲେ

ବରଗଡ଼ ଅଫିସ୍,୨୦।୩: ବରଗଡ଼ ସହର ଉପକଣ୍ଠ ବରଡ଼ୋଲ (ଡାଙ୍ଗ) ଗ୍ରାମର ଜଣେ ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗରେ ସ୍ଥାନୀୟ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆକାଶ କୁମ୍ଭାର। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ମାସ ୨୩ତାରିଖରେ ଉକ୍ତ ଗ୍ରାମର ଜଣେ ବୃଦ୍ଧା ଯାଜ୍ଞସେନୀ କୁମ୍ଭାର(୫୦)ଙ୍କୁ ଗିରଫ ଅଭିଯୁକ୍ତ ପ୍ରବଳ ମାଡ଼ ମାରିଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତା ବୃଦ୍ଧାଙ୍କ ସମ୍ପର୍କୀୟ ଜିତ କୁମ୍ଭାର ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୦୫/୨୦) ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି ।

### ବନଦୁର୍ଗା ମନ୍ଦିରରେ କେବଳ ପୂଜାର୍ଚ୍ଚନା

ପଦ୍ମପୁର, ୨୦।୩ (ଡି.ଏନ.ଏ) ପଦ୍ମପୁର ବନଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଜାକଜମକରେ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । କିନ୍ତୁ କରୋନା ଭାଇରସ ପାଇଁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରାକୁ ବାତିଲ କରାଯାଇଛି । ମନ୍ଦିରରେ କେବଳ ପୂଜାର୍ଚ୍ଚନା ହେବ ବୋଲି ପରିଚାଳନା କମିଟି ସଭାପତି ଡା. ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, କମିଟି ସଦସ୍ୟ ଅନୀଲ ବେହେରା କହିଛନ୍ତି ।

# ରାସ୍ତା ଅବରୋଧ କଲେ ଚାଷୀ

ଭଟଲି,୨୦।୩(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ଚାଷୀ ନୀତି ପ୍ରତିବାଦରେ ବରଗଡ଼ ଜିଲା ଭଟଲି ବ୍ଲକ ଦଧିବାମନ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ରାସ୍ତା ଅବରୋଧ କରାଯାଇଥିଲା। ଚାଷୀମାନେ ନିଜର ସମସ୍ୟାକୁ ନେଇ ବରଗଡ଼-ଅମ୍ବାଭୋନା ମୁଖ୍ୟରାସ୍ତାକୁ ଭଟଲି ସାପ୍ତାହିକ ବଜାର ପ୍ରାଙ୍ଗଣ ନିକଟରେ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବରଗଡ଼ ଜିଲା ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଏସଡିପିଓ ସୁଧାକର ସାହୁ, ବରଗଡ଼ ଟାଉନ ଥାନାଧିକାରୀ ସଦାନନ୍ଦ ପୂଝାରୀ, ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ବେହେରା, ସୋହେଲା ଥାନାଧିକାରୀ ନିର୍ମଳ ଚନ୍ଦ୍ର ମହାପାତ୍ର, ଭଟଲି ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର ଏବଂ ଭଟଲି ଥାନାଧିକାରୀ ରଞ୍ଜିତ କୁମାର ନାଏକ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ। ବର୍ତ୍ତମାନ ସମଗ୍ର ଦେଶରେ କରୋନା ପାଇଁ ଲୋକମାନଙ୍କୁ ବିଶେଷମାତ୍ରାରେ ରୁଣ୍ଡ ହେବାକୁ ସରକାରୀ ଭାବେ ବାରଣ ରହିଥିବାରୁ ତହସିଲ କାର୍ଯ୍ୟାଳୟକୁ ୫ରୁ ୭ ଜଣ ଚାଷୀନେତା ଆସି ଆଲୋଚନା କରିବା ପାଇଁ ତହସିଲଦାର ମହାପାତ୍ର ପରାମର୍ଶ ଦେଇଥିଲେ। ତଥାପି ଚାଷୀମାନେ ରାସ୍ତା ଅବରୋଧ ଜାରି ରଖିବାରୁ ପୋଲିସ ୧୮ଜଣ ଚାଷୀଙ୍କୁ ଥାନାକୁ ଉଠାଇ ନେଇଥିଲା ଏବଂ ସେମାନଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୪୮/୨୦) ରୁଜୁ କରିଥିଲା। ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିବା ସୂଚନା ମିଳିଛି ।

### ଦାବି ପୂରଣ ହେଲାନି



ଚାଷୀମାନେ ବରଗଡ଼-ଅମ୍ବାଭୋନା ମୁଖ୍ୟରାସ୍ତା ଅବରୋଧ କରିଛନ୍ତି ।

ସରକାର ଚାଷୀଙ୍କୁ ଗଭୀର ନଳକୂପ ଯୋଗାଇ ଦେଉଛନ୍ତି । ମାତ୍ର ଚାଷୀମାନଙ୍କ ଗୋଟିଏ ଗଭୀର ନଳକୂପ ହିସାବରେ ନିୟମ ଅନୁଯାୟୀ ଅଢ଼େଇ ଏକର ଚାଷ ଜମିରୁ ଉତ୍ପାଦିତ ଧାନକୁ ସରକାର କିଣୁଛନ୍ତି । କିନ୍ତୁ ଚାଷୀମାନଙ୍କ ଦାବି ଅନୁସାରେ, ସେହି ଗୋଟିଏ ନଳକୂପରେ ଅଢ଼େଇ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ କରୁଥିବାରୁ ସମସ୍ତ ଉତ୍ପାଦିତ ଧାନକୁ ସରକାର କିଣନ୍ତୁ । ଗଭୀର ନଳକୂପରେ ଚାଷ ହୋଇଥିବା ସମସ୍ତ ଚାଷ ଜମିକୁ ପଞ୍ଜୀକୃତ କରାଯାଉ। ଏହାସହିତ ଚାଷୀମାନଙ୍କ ଉପରେ ବିଦ୍ୟୁତ ବିଲ୍ ବୋଝ ବଢିଯାଉଥିବାରୁ ଏହାକୁ ସମ୍ପୂର୍ଣ୍ଣ ଛାଡ଼ କରିବା ଆଦି ଦାବି କରି ଗତ ୧୭ ତାରିଖରେ ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ସେମାନେ ଗତ ଗୁରୁବାର ଭଟଲି ତହସିଲଦାରଙ୍କୁ ମଧ୍ୟ ବିଚାର ପାଇଁ ଜଣାଇଥିଲେ ଏବଂ ଦାବି ପୂରଣ ନ ହେଲେ ରାସ୍ତା ଅବରୋଧ ଭଳି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେଣୁ ସେମାନଙ୍କ ଦାବି ପ୍ରତି ଅଣଦେଖା କରାଯିବାରୁ ସେମାନେ ଶୁକ୍ରବାର ବିନା ସୂଚନାରେ ରାସ୍ତାରୋକୋ କରିଥିଲେ । ଦେବେନ୍ଦ୍ର ସାହୁ, ଶତ୍ରୁଘ୍ନ ଭୁଏ, ଅନନ୍ତ ପଧାନ, ନିତ୍ୟାନନ୍ଦ ବେହେରା, ନିମାଇଁ ଭୋଇ, ରମେଶ ଭୋଇ, ବଳରାମ ଠାକୁର, ସ୍ୱାଧୀନ ପ୍ରଧାନ, ହାରାଧନ ମେହେର, ହମିଦ ପ୍ରଧାନ, ଚିତ୍ତରଞ୍ଜନ ଛନ୍ଦ, ଅଶୋକ ସାହୁ, କ୍ଷୀରୋଦ୍ର ଚନ୍ଦ୍ର ବୁଧିଆ, ରମେଶ ମହାପାତ୍ର ପ୍ରମୁଖ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।

### ଚାଷୀନେତା କୁହନ୍ତି..



"ଗଭୀର ନଳକୂପ ଜଳସେଚନରେ ଉତ୍ପାଦିତ ଧାନ ବିକ୍ରି ପାଇଁ ଓଡିଶା ସରକାରଙ୍କ କୌଣସି ସ୍ପଷ୍ଟ ନୀତି ନାହିଁ। ବିଗତ ବର୍ଷ ମାନଙ୍କରେ ସମସ୍ତ ଉତ୍ପାଦିତ ଧାନ ସଂଗ୍ରହ ହେଉଥିଲା ଏବଂ ଚଳିତବର୍ଷ କାହିଁକି ଗଭୀର ନଳକୂପ ଜଳସେଚନରୁ ଉତ୍ପାଦିତ ଧାନରୁ ମାତ୍ର ୧ ହେକ୍ଟରର ଧାନ କିଣାଯିବ। ଅବଶିଷ୍ଟ ଧାନକୁ ନେଇ ଚାଷୀ କ'ଣ କରିବ। ସମସ୍ତ ଉତ୍ପାଦିତ ଧାନକୁ ସଂଗ୍ରହ କରା ନ ଗଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ।

-**ରମେଶ ମହାପାତ୍ର**, ଚାଷୀନେତା



"ଆମେ ପୂର୍ବରୁ ଠିକ୍ ଭାବେ ବିଦ୍ୟୁତ୍ ପାଉ ନ ଥିଲୁ । ଦୁଇବର୍ଷ ହେଲା ଠିକ୍ ଭାବେ ବିଦ୍ୟୁତ୍ ମିଳୁଛି। ତେଣୁ ଆମେ ପୁରୁଣା ବିଲ୍ ପଇଠ କରିବାକୁ ଚାହୁଁନାହୁଁ । ବର୍ତ୍ତମାନ ଯେତିକି ବିଲ୍ ଆସୁଛି ସେତିକି ଦେବୁ। ବକେୟା ବିଲ୍ ଛାଡ କରାଯାଉ ।

-**ଦେବେନ୍ଦ୍ର ପ୍ରଧାନ**, ସଭାପତି, ଦଧିବାମନ କୃଷକ ସଙ୍ଗଠନ



ପାଇକମାଳ ବ୍ଲକ ସଭାଗୃହରେ ପଦ୍ମପୁର ବିଧାୟକ ବକ୍ତବ୍ୟ ରଖୁଛନ୍ତି ।

# ବିଧାୟକ କଲେ କରୋନା ସଚେତନତା

ପାଇକମାଳ, ୨୦।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ସଭାଗୃହରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ କରୋନା ଭାଇରସ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ସୁରେନ୍ଦ୍ର ମେହେର, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ବ୍ଲକ ଉପାଧକ୍ଷ ନୁରାବତୀ କେସରାଲ, ପିଏ ଅନୀଲ କୁମାର ପାଣିଗ୍ରାହୀ, ଜିପିଓ ଭୀଷ୍ମଦେବ ମାଝୀ, ଝିଟିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌମ୍ୟରଞ୍ଜନ ଦାସ, ବିଜୟ କୁମାର ସରାଫ, ତୁଷ କୁମାର ଚନ୍ଦ୍ରକାର, ସରପଞ୍ଚ ଧବଳେଶ୍ୱର ସାହୁଙ୍କ ସହ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ। ବିଧାୟକ ବରିହା ଉପସ୍ଥିତ ସମସ୍ତଙ୍କୁ କରୋନା ସମ୍ପର୍କରେ ସଚେତନତା କରାଇଥିଲେ । ଜିପିଓ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଦିର ରତ୍ନମୁଦ ଉତ୍ସବ ସ୍ଥଗିତ

ପଦ୍ମପୁର, ୨୦।୩ (ଡି.ଏନ.ଏ)

ପଦ୍ମପୁର ବୋଡାସମ୍ବର ଅଞ୍ଚଳର ଦ୍ୱିତୀୟ ତୀର୍ଥକ୍ଷେତ୍ର ଦେବଦର୍ହା ସ୍ୱଧର୍ମ ଚେତନା ଆଶ୍ରମରେ ନବନିର୍ମିତ ଶ୍ରୀରାମ ମନ୍ଦିରର ରତ୍ନମୁଦ ମହୋତ୍ସବ ଆଗାମୀ ୨୭ ତାରିଖରୁ ଆରମ୍ଭ ହେବାକୁ ଥିଲା। କିନ୍ତୁ ସାମ୍ପ୍ରତିକ କରୋନା ଭାଇରସର ପ୍ରାଦୁର୍ଭାବ ଯୋଗୁ ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଛି । ପ୍ରଶାସନ ମଧ୍ୟ ସଜାଗ ରହି ମେଳା, ମହୋତ୍ସବକୁ ବନ୍ଦ ରଖିଛନ୍ତି। ତେଣୁ ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ରତ୍ନମୁଦ ମହୋତ୍ସବକୁ ସ୍ଥଗିତ ରଖାଯାଇଛି ବୋଲି ମହୋତ୍ସବ କମିଟି ସଭାପତି ସୁରେଶ ପ୍ରଧାନ, ସମ୍ପାଦକ ଧନଞ୍ଜୟ ସୁନା, ପଦ୍ମଲୋଚନ ବେରିଆ, ନୀଳମଣି ଭୋଏ, ମଣି ମହାନନ୍ଦ ଓ ପ୍ରତିଷ୍ଠାତା ବାବା ଅନନ୍ତ ଚରଣ ଜଣାଇଛନ୍ତି ।

# କରୋନା ମୁକାବିଲା ପାଇଁ ସାମୂହିକ ଉଦ୍ୟମ

ଭେଡ଼େନ,୨୦।୩ (ଡି.ଏନ.ଏ)

କରୋନା ଭାଇରସର ଭୟାବହତା ସାମନାକୁ ଆସିବା ପରେ ବିଭିନ୍ନ ସ୍ତରରେ ତାର ମୁକାବିଲା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସରକାରୀ ଭାବେ ଏ ନେଇ ବ୍ୟାପକ ପଦକ୍ଷେପ ନିଆଯାଉଥିବା ବେଳେ ବେସରକାରୀ ସ୍ତରରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଦା ଗ୍ରାମରେ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ପରିଚାଳନାରେ ଲୋକମାନଙ୍କୁ ହାତଧୁଆ ସଚେତନ କରାଯିବା ସହ ସାବୁନ ବଣ୍ଟନ କରାଯାଇଛି। ଏଥିରେ ଆଶାକର୍ମୀ ମଞ୍ଜୁଲା ଜାମୁଡ଼ାଲିଆ, କନକ ବର୍ଗେଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଭେଡ଼େନ ବ୍ଲକ ଅଞ୍ଚଳର ବହୁ ଯୁବକ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳରେ କାମ କରୁଛନ୍ତି। ଏବେ ସେହି ଯୁବକମାନେ କରୋନା ଭାଇରସ ଭୟ ଯୋଗୁ ଗାଁକୁ ଫେରିଆସୁଛନ୍ତି । ସେମାନଙ୍କୁ ନେଇ ଏବେ ଗାଁ ଗାଁରେ ଚିନ୍ତା ବଢ଼ି ଯାଇଛି। ବାହାରୁ ଆସୁଥିବା ସମସ୍ତଙ୍କୁ କରୋନା ଆକ୍ରାନ୍ତ ଭାବି ନାନାଦି ଗୁଜବ ପ୍ରଚାର ହେଉଥିବାରୁ ସବୁଠି ନାନା ଆଲୋଚନା ହେଉଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆସନ୍ତା ୨୨ ତାରିଖରେ ଜନତା କର୍ଫ୍ୟୁ ଘୋଷଣାକୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳର ବହୁ ସଙ୍ଗଠନ ସ୍ୱାଗତ କରିଛନ୍ତି। ଏହି ବିପଦକୁ ପ୍ରତିହତ କରିବା ପାଇଁ ରବିବାର ଦିନ ସାରା ବାହାରକୁ ନ ବାହାରି ଘରେ ରହିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଦିନ ଏକ ବିବାହ ଲଗ୍ନ ଥିବାରୁ ବିବାହ ଆୟୋଜକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅନ୍ୟପକ୍ଷରେ ଗାଁ ଗାଁରେ ହେବାକୁ ଥିବା ନାମଯଜ୍ଞ ସବୁ ବନ୍ଦ ହୋଇଯାଇଛି।



ବିଜେପୁରରେ ଜନତା କର୍ଫ୍ୟୁ ପ୍ରସ୍ତୁତି ପାଇଁ ସର୍ବଦଳୀୟ ବୈଠକ ଚାଲିଛି ।

### ଜନତା କର୍ଫ୍ୟୁ ପାଇଁ ସର୍ବଦଳୀୟ ପ୍ରସ୍ତୁତି

ବିଜେପୁର,୨୦।୩(ଡି.ଏନ.ଏ): ବରଗଡ ଜିଲା ବିଜେପୁର ଦୁର୍ଗା ମଣ୍ଡପ ସମ୍ମୁଖରେ ଜନତା କର୍ଫ୍ୟୁର ସଫଳତା ପାଇଁ ଶୁକ୍ରବାର ସନ୍ଧ୍ୟାରେ ଏକ ସର୍ବଦଳୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସନତ କୁମାର ଗଡତିଆଙ୍କ ଆବାହକତ୍ୱ ଓ ବିଜେଡି ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କରୋନା ଉପରେ ଆଲୋଚନା କରାଯାଇଥିଲା। ସମଗ୍ର ବିଶ୍ୱକୁ ଆତଙ୍କିତ କରିଦେଇଥିବା କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଥିବା ଏହି ପଦକ୍ଷେପକୁ ସଫଳ କରିବା ନିମିତ୍ତ ସମସ୍ତ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ହାଟ, ବଜାର, ଦୋକାନକୁ ଆଗାମୀ ରବିବାର ବନ୍ଦ ରଖିବା ସହ ଅତି ଜରୁରୀ କାମ ନ ଥିଲେ ଘରୁ ପଦାକୁ ନ ବାହାରିବା ପାଇଁ ସଭିଏଁ ଚେଷ୍ଟା କରିବା ବୋଲି ଆଲେଚନା ହୋଇଥିଲା । ମହେଶ ଦେବତା, ନୀଳମଣି ମେହେର, ଯୋଗୀନ୍ଦ୍ର ପଧାନ, ଡାକ୍ତର ଗଡତିଆ, ସଦାନନ୍ଦ ପୂଜାରୀ, ଶକୁନ୍ତଳା ମହାପାତ୍ର, ସୁବ୍ରତ ରଥ, ସୁରେଶ ମେହେର, ପାଣ୍ଡବ ପଧାନ ପ୍ରମୁଖ ତିନି ଦଳର ନେତା ଆଲୋଚନାରେ ଭାଗ ନେଇଥିଲେ। ଜନସାଧରଣଙ୍କୁ ସଚେତନ କରିବା ପାଇଁ ଶନିବାର ଏକ ପ୍ରଚାର ଗାଡି ବିଭିନ୍ନ ଅଞ୍ଚଳରେ ବୁଲିବା ପାଇଁ ସ୍ଥିର ହୋଇଛି ।

### ସଚେତନ ରହିବାକୁ ପରାମର୍ଶ

ପାଇକମାଳ, ୨୦।୩ (ଡି.ଏନ.ଏ): ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତରେ ସରପଞ୍ଚ ରମ୍ଭା ତାଣ୍ଡିଙ୍କ ସଭାପତିତ୍ୱରେ କରୋନା ଭାଇରସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ସୁରେନ୍ଦ୍ର ମେହେର, ପିଏ ଅନୀଲ କୁମାର ପାଣିଗ୍ରାହୀ, ଜିପିଓ ଭୀଷ୍ମଦେବ ମାଝୀ, ପିଇଓ ସଦାଶିବ ମାଝୀ, ଜିଆରଏସ ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କରୋନା ଭାଇରସ ଠାରୁ ଦୂରେଇ ରହିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡର ସଭ୍ୟାସଭ୍ୟ, ଏସଏଚଜି ତଥା ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଶେଷରେ ଅନୀଲ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସେହିପରି ଝିଟିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ତୁଷ କୁମାର ଚନ୍ଦ୍ରକାର, ଡା. ସୌମ୍ୟରଞ୍ଜନ ଦାସ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇଥିଲେ। ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଉପକେନ୍ଦ୍ର ଜରିଆରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ କରୋନା ଭାଇରସ ସଚେତନତା ଅଭିଯାନ ପାଇଁ ବୈଠକମାନ ଅନୁଷ୍ଠିତ ହୋଇଯାଇଛି । ବୁକୁରାମୁଣ୍ଡା ସଦର ମହକୁମା ପଞ୍ଚାୟତ ଅଫିସ୍ ସଭାଗୃହରେ ମହିଳା ସ୍ୱାସ୍ଥ୍ୟକର୍ମୀ କବିତାଞ୍ଜଳି ଦାଶଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା। ଏଥିରେ ବୁକୁରାମୁଣ୍ଡା ସରପଞ୍ଚ ଅଭିମନ୍ୟୁ ବରିହା ସଭାପତିତ୍ୱ କରିଥିଲେ। ସିଏଚସିର ଡା. ସିଦ୍ଧାର୍ଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଆଶାକର୍ମୀ, ସମସ୍ତ ଅଙ୍ଗନୱାଡି କର୍ମୀ, ଏସଏଚଜିର ସଦସ୍ୟାଙ୍କୁ କରୋନା ଭାଇରସ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମ ରୋଜଗାର ସେବକ ମହାନନ୍ଦ ପଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ବିର୍ଥରାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସରେଇକେଲା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ହୋଇଛି।

### କରୋନା ସଚେତନତା କାର୍ଯ୍ୟକ୍ରମ

ସୋହେଲା,୨୦।୩(ଡି.ଏନ.ଏ): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ପଞ୍ଚାୟତର ବେହେରାପାଲି ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମୀ ଜୟନ୍ତୀ ସାହୁ, ସତୀ ଭୁଏ, ଆଶା ଓ ସନ୍ଧ୍ୟା ଭୁଏ ଗାଁର ଘର ଘର ବୁଲି କରୋନା ଭାଇରସ ଉପରେ ଲିଫଲେଟ ଦେଇ ଲୋକଙ୍କୁ ସଚେତନ କରିଥିଲେ । କିପରି ହାତ ଧୋଇବେ, କାଶ ଓ ଛିଙ୍କ ହେଲେ ରୁମାଲ ବ୍ୟବହାର କରିବା ଆଦି ବିଷୟରେ ସେମାନେ ବୁଝାଇଥିଲେ। ଗ୍ରାମର ରାମଚଣ୍ଡୀ ଯୁବ ସଙ୍ଗଠନର ଯୁବକମାନେ ସହଯୋଗ କରିଥିଲେ । କେଦାର ନାଥ ସାହୁ, ସୌରଭ ସାହୁ, ସାର୍ଥକ ସାହୁ, କାହ୍ନା ସାହୁ, ନୂତନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ସୋହେଲାରେ ହାତଧୁଆ ଉପରେ ସଚେତନ କରାଯାଉଛି।

# ଥଇଥାନ ଲାଗି ଦାବି କଲେ ଗାଁବାସୀ



ଅଁଧ୍ ବୁଢ଼ାଧ୍ ସୁରୁବାବୁ ପତି।

### ଲାଲାଗୁଲା ହେଇ ଜୀବନ୍ ବିତଉଛନ୍ ଅଁଧ୍ ବୁଢ଼ାଧ୍

ଅତାବିରା, ୨୦।୩ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ସଂକିର୍ଡ଼ା ପଁଚେତ୍ ସଦର ଗାଁରେ ବାସ କରୁଛନ୍ ସୁରୁବାବୁ ପତି(୬୬)। ଅନେକ ବଛର ତଲେ ସେ ଝନେ ଟ୍ରାକ୍ଟର ଡ୍ରାଇଭର ହିସାବେ ନିଜର ପେଟ୍ ପାଲୁଥିଲେ। ହେଲେ ଗୁଟେ ସଡ଼କ ଦୁରଘଟନାର ଶିକାର ହେଇ ଅଁଧ୍ ପାଲଟିଗଲେ। ତାହାକୁ ଢୁଂଗି ଦେଖିବାକେ କେହି ନାଇଁ। ଏନ୍ତାଥି ଗାଁର ଗୁଟେ ପରିବାର ତାହାକୁ ଆଶ୍ରେ ଦେଇଛନ୍। ଯେ ଯାହା ଦେଲା ଖାଇ ନିଜର ଜୀବନ୍ ବଁଚେଇଛନ୍।

ସୂଚନା ଅନ୍‌ସାରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗାଁର ସ୍ୱର୍ଗତ ଦଶରଥ ପତିକଁର ୪ ପୁଓ ଜଗନ୍ନାଥ, ସୁରୁବାବୁ, ତ୍ରିବିକ୍ରମ, ତିଲୋଚନ। ଭାଇମାନକର ଭିତରେ ସୁରୁବାବୁ ପତି(୬୬) ଦୁଇନ ନମର। ଆଏଜ୍‌କେ ଅନେକ ବଛର ତଲେ କେହେନ୍‌ସି କାରନ୍‌ରୁ ସେ ଗାଁ, ପରିବାର ଛାଡ଼ି ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ପଁଚେତ୍ ଖୁଣ୍ଟୁଲିପାଲି ଗାଁକେ ପଲେଇ ଆସିଥିଲେ। ଗାଁର ଝନ୍‌କର ଟ୍ରାକ୍ଟର ଚଲେଇ ନିଜର ପେଟ୍ ପାଲୁଥିଲେ। ୨୦୦୪ ସାଲେ ସେ କେହେନ୍‌ସି କାମ୍‌ରେ ଗୋଡ଼ଭଗା ଗଲାବେଲେ ଗୁଟେ ସଡ଼କ ଦୁରଘଟନାର ଶିକାର ହେଇଥିଲେ। ସେଠାନୁ ବୁର୍ଲା ଡାକ୍ତରଖାନାରେ ଅନେକ ଦିନ ଧରି ଚିକିଛିତ ହେଇଥିଲେ ବି ସବୁଦିନର ଲାଗି ଦୁଇ ଆଏଁଖ୍ ହରେଇଥିଲେ। ସେ ଦିନ୍‌ଠାନୁ ସୁରୁବାବୁ ଗୁଟେ ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍। ଆସର ପାସର ଗାଁ ବୁଲି ଭିଖ୍ ମାଗି ପେଟ୍ ପାଲୁଛନ୍। ଇ ହିସାବେ ସେ ବୁଲି ବୁଲି ଦିନେ ସଂକିର୍ଡା ଗାଁରେ ପୁହୁଁଚିଥିଲେ। ଅନେକ ବଛର ହେଲା ସେ ଇଠାନେ ରହିଆସୁଛନ୍। ଥାନୀଅ ପଁଚେତ୍‌ରୁ ମାସିକ ୫ଶହ ଟଁକା ଭତା ଆର ୧୦ କେ.ଜି. ଚାଉଲ ପାଉଛନ୍। ଚାଉଲ ଆର ଭତା ପଏସା କାଁ କରସ ବଲି ପଚ୍‌ରାଲାରୁ ଅସବିଧା ସମିଆରେ ମୁଢ଼ି, ମିକ୍ଚର, ବିସ୍କୁଟ ଘିନି ଖାଏସେଁ ବଲି ସେ କହିଥିଲେ। ସେନ୍ତା ଗାଁରେ ଗୁଟେ ପରିବାର ମୋତେ ମୁଡ଼ ଗୁଁଜିବାକେ ଜାଗା ଟିକେ ଆର ସୁବିଧା ଅସ୍‌ବିଧାରେ ଥିର ପାଏନ୍ ଟିକେ ଦେଉଛନ୍। ନାଇଁହେଲେ ମୁଇଁ କେଭ୍‌ଠାନୁ ଆରପାରେ ଥାଏତି ବଲି ସେ କହିଥିଲେ। ସେନ୍ତା ତାକର ମୂଳ ଗାଁ ଆର ଘରର ଲୁକ୍‌କର ବାବ୍‌ଦେ ପଚ୍‌ରାଲାରୁ ଆମେ ୪ ଭାଇ। ଗାଁରେ ୧୦ ଏକର ଜମି ଥିଲା। ବଡ଼ ଆର ସାନ ଭାଇ ମରିଗଲେନ, ତିନ୍ ନମର ଭାଇ ଲାପତା ଅଛେ। ଏହେଦେ ଗାଁରେ ଆର ଜମିବାଡ଼ି କିଛି ନାଁଇଁନ, ଖାଲି ସାନଭାଏ ବହୁ ତାକର ଛୁଆପିଲାକୁ ଧରି ଗାଁରେ ରହୁଛନ୍। ମୁଇଁ ଇଠାନେ ମୋର ଭାଏଗ୍‌କେ ଆଦ୍‌ରି ମାଗିଯାଚି ଖାଉଛେଁ ବଲି ସୁରୁବାବୁ କହିଥିଲେ। ଜିଲା ଆର ଥାନୀଅ ପରଶାସନ ଇ ଅସାହା ଅଁଧ୍ ବୁଢ଼ାଧ୍‌କଁର ଉପରେ ଦୃରୁଷ୍ଟି ଦେଇ କେହେନ୍‌ସି ବୃଦ୍ଧାଶ୍ରମରେ ଥଇଥାନ କରବାକେ ଗାଁବାସୀ ଦାବି କରିଛନ୍।

# କରାମାଡ଼ ପରେ ବଢ଼ିଲା ଚାଷୀଙ୍କ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୩

ସର୍ବାଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଜିଲାରେ ଚାଷୀଙ୍କ ସମସ୍ୟା ମଧ୍ୟ ପଛରେ ପଡ଼ିନାହିଁ । କେତେବେଳେ ସ୍ୱଳ୍ପ ବୃଷ୍ଟିପାତ, ଅନାବୃଷ୍ଟି ଯୋଗୁ ଏଠାରେ ମରୁଡ଼ି ପରିସ୍ଥିତି ଉପୁଜୁଥିବା ବେଳେ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଫସଲ ଧୂଳିସାତ୍ ହୋଇ ଯାଉଛି। ଅନ୍ୟପଟେ ଧାନର ଅଭାବୀ ବିକ୍ରି ଜିଲାର ଚାଷୀଙ୍କ ପାଇଁ ସାଧାରଣରେ ପରିଣତ ହୋଇଛି । ଗୁରୁବାର ଏଠାରେ ହୋଇଥିବା କରାମାଡ଼ (କୁଆପଥର ବୃଷ୍ଟି) ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଏହାର ପ୍ରଭାବରେ ଉଭୟ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି । ଟମାଟୋ, ବାଇଗଣ, କୋବି, କଖାରୁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଳୁ, ପିଆଜ ଫସଲ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଏଭଳି ଫସଲକ୍ଷତିକୁ ଜିଲା କୃଷି ବିଭାଗ ମଧ୍ୟ ଗୁରୁତ୍ୱର ସହିତ ନେଇ କ୍ଷୟକ୍ଷତି ଆକଳନ ଆରମ୍ଭ କରିଛି ।

ଶୁକ୍ରବାର ସୁଦ୍ଧା ଜିଲାର ବରଗଡ଼ ଏବଂ ଭେଡ଼େନ ବ୍ଲକର ପ୍ରାରମ୍ଭିକ ଫସଲକ୍ଷତି ଆକଳନ କୃଷିବିଭାଗର ହସ୍ତଗତ ହୋଇଛି। ଏହି ଆକଳନ ଅନୁସାରେ ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାରେ ସର୍ବାଧିକ ୨୪୪.୨୧୨ ହେକ୍ଟର ଧାନ ଫସଲ ୩୩ ପ୍ରତିଶତ ମଧ୍ୟରେ ଏବଂ ୫୧.୩୭୬ ହେକ୍ଟର ଧାନ ଫସଲ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରଭାବିତ ହୋଇଛି। ସେହିପରି ବରଗଡ଼ ବ୍ଲକର କଲାପାଣି ଅଞ୍ଚଳରେ ୨ହେକ୍ଟର ଧାନ ଫସଲ ୩୩ ପ୍ରତିଶତ ମଧ୍ୟରେ ପ୍ରଭାବିତ ହୋଇଥିବା ବେଳେ ଏହି ବ୍ଲକର କଟାପାଲିରେ ୨ହେକ୍ଟର ଓ କଲାପାଣିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଧାନ ଫସଲ ପ୍ରଭାବିତ ହୋଇଛି। ଅନୁରୂପ ଭାବେ ବରଗଡ଼ ବ୍ଲକର କଲାପାଣିରେ ୪, ତାଳଶ୍ରୀଗିଡ଼ାରେ ୪, ବିରମାଳରେ ୧୦, ନିଳେଶ୍ୱରରେ ୫, ଜମୁର୍ଡ଼ାରେ ୫, ପଥର୍ଲାରେ ୨, କଟାପାଲିରେ ୧, ବରଗାଁରେ ୪ ହେକ୍ଟର ଅର୍ଥାତ୍ ଏଭଳି ସମୁଦାୟ ୩୫ହେକ୍ଟର ଅଣଧାନ ଅର୍ଥାତ୍ ପରିବା ଫସଲ କରାମାଡ଼ରେ ପ୍ରଭାବିତ ହୋଇଥିବା କୃଷି ବିଭାଗ ପକ୍ଷରୁ ପ୍ରାରମ୍ଭିକ ଆକଳନ କରାଯାଇଛି। ତେବେ ଜିଲାର ପ୍ରାୟ ସବୁ ବ୍ଲକରେ କରାମାଡ଼ର ପ୍ରଭାବ ପଡ଼ିଥିବା ଯୋଗୁ ସର୍ଭେକ୍ଷଣ ସରିବା ପରେ କ୍ଷୟକ୍ଷତି ଆକଳନ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଇଛି । ଏଭଳି ଅଦିନିଆଁ କରାମାଡ଼ ଚାଷୀକୁଳକୁ ଚିନ୍ତାରେ ପକାଇ ଦେଇଛି ।



କରାମାଡ଼ରେ ନଷ୍ଟ ହୋଇଥିବା ଟମାଟୋ କିଆରିକୁ ଜଣେ ଚାଷୀ ଦେଖୁଛନ୍ତି ।

### ଏମାନେ କୁହନ୍ତି...



"ପ୍ରାୟ ସବୁ ପରିବା ଫସଲ ନଷ୍ଟ ହୋଇଛି। ବାଇଗଣ, ଟମାଟର୍, କୋବି, ଆଳୁ, ପିଆଜ ଆଦି କରାମାଡ଼ରେ ପ୍ରଭାବିତ ହେଇଛି। ସେହିପରି ଧାନ ଫସଲ ମଧ୍ୟ ୨୫ରୁ ୩୦ ପ୍ରତିଶତ ନଷ୍ଟ ହୋଇଛି। ସରକାର ଠିକ୍ ଭାବେ ଏହି କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଦରକାର । ନଚେତ୍ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବ ।

-**ଲକ୍ଷ୍ମଣ ପ୍ରଧାନ**, ଚାଷୀନେତା



"ଜିଲାର ପ୍ରାୟ ସବୁଆଡ଼େ କରାମାଡ଼ ହୋଇଛି। ଯେଉଁ ଅଞ୍ଚଳରେ ଅଧିକ କରାମାଡ଼ ହୋଇଛି, ସେଠାରେ ଅଧିକ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି। ଏହା ସହିତ ଏଭଳି ପାଗ ଜାରି ରହିଲେ ଆଗକୁ ରୋଗପୋକ ଉପଦ୍ରବ ବଢ଼ିବା ଆଶଙ୍କା ମଧ୍ୟ ରହିଛି । ଫଳରେ କୃଷି ବିଭାଗ ଏବେଠାରୁ ବିହିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

- **ଏକାଦଶିଆ ସାହୁ**, ଚାଷୀନେତା



"କରାମାଡ଼ ପରେ ଫସଲ କ୍ଷୟକ୍ଷତି ଆକଳନ ପାଇଁ ଜିଲା କୃଷି ବିଭାଗ ତ୍ୱରିତ ପଦକ୍ଷେପ ନେଇଛି। ଶୁକ୍ରବାର ସୁଦ୍ଧା ବରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଏବଂ ଭେଡ଼େନ ବ୍ଲକର ରେମଣ୍ଡା ଗ୍ରାମର ରିପୋର୍ଟ ମିଳିଛି । ବୀମା କମ୍ପାନୀ, କୃଷି ଓ ରାଜସ୍ୱ ବିଭାଗର ଯୁଗ୍ମ ସର୍ଭେ ଚାଲିବ ଏବଂ ବ୍ଲକ ଲେଭଲ କମିଟି (ବିଏଲସି), ଡିଷ୍ଟ୍ରିକ୍ଟ ଲେଭଲ କମିଟି (ଡିଏଲସି)ର ନିଷ୍ପତ୍ତିକ୍ରମେ ଆବଶ୍ୟକସ୍ଥଳେ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ।

-**ଦୀନବନ୍ଧୁ ଗାନ୍ଧୀ**, ଜିଲା ମୁଖ୍ୟ କୃଷି ଅଧିକାରୀ



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟପ୍ରତି ନ କରିବା ଉଚିତ୍।

-କନ୍‌ଫୁସିୟସ

# କରୋନା ମୁକାବିଲା ପାଇଁ ପ୍ରସ୍ତୁତି

ସୋହେଲା,୨୦।୩(ଡି.ଏନ.ଏ)

ବରଗଡ ଜିଲା ସୋହେଲା ପଞ୍ଚାୟତ ସମିତିର ଏକ ଜରୁରୀ ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ସଭାପତିତ୍ୱ କରିଥିଲେ। ବିଡିଓ ବିଶ୍ୱରଞ୍ଜନ କର ସମସ୍ତଙ୍କୁ ସ୍ୱାଗତ କରିବା ପରେ କରୋନା ଭାଇରସ ଉପରେ ଆଲୋଚନା କରିବା ସହିତ ସରକାର ଜାରି କରିଥିବା ନିର୍ଦ୍ଦେଶନାମା ପାଠ କରିଥିଲେ। ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଦାମ ପାଣିଗ୍ରାହୀ କରୋନା ଭାଇରସର ଉତ୍ପତ୍ତି, ସଂକ୍ରମଣ, ରୋଗର ଲକ୍ଷଣ ଓ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ରାଶେଶ୍ୱରୀ ସାହୁ, ତହସିଲଦାର ଅଶୋକ କୁମାର ଗଡତିଆ, ସୋହେଲା ଥାନା ଆଇଆଇସି ନିର୍ମଳ ମହାପାତ୍ର ପ୍ରମୁଖ ବକ୍ତବ୍ୟ ଦେଇ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ସାମାଜିକ ଦୂରତ୍ୱ ଅବଲମ୍ବନ ଉପରେ ଆଲୋଚନା କରିଥିଲେ । ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ମାରାତ୍ମକ କରୋନା ଭାଇରସ ସଂକ୍ରମଣରୁ କିପରି ରକ୍ଷା ପାଇପାରିବା ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତି ସଭ୍ୟ ସୁବ୍ରତ ସିଂହ, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ, ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପ୍ରତିନିଧି ପ୍ରଫୁଲ୍ଲ ପଧାନ, ସୋହେଲା ସେବା ସମବାୟ ସମିତି ସଭାପତି ମାର୍କଣ୍ଡ ସା, ବ୍ଲକ ଉପାଧ୍ୟକ୍ଷା ହିମାଳୟା ସାହୁ, ସହକାରୀ ଯନ୍ତ୍ରୀ ନରେଶ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ସମସ୍ତ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ବିଦ୍ୟୁତ୍ ବିଭାଗ (ୱେସକୋ)ର ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଡବ୍ଲ୍ୟୁଇଓ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।




ବ୍ଲକସ୍ତରୀୟ ସଚେତନତା ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ।

ବିଜେପୁର,୨୦।୩ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ସଭାକକ୍ଷରେ କରୋନା ସଚେତନତା ପାଇଁ ଶୁକ୍ରବାର ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ମାନିନୀ ଭୋଇଙ୍କ ଅଧକ୍ଷତାରେ ବିଡିଓ ପଦ୍ମନାଭ ସାମନ୍ତରାୟ, ଏନଏସି ଇଓ ରକ୍ମଣ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଶାନ୍ତନୁ ସାହୁ, ଏବିଇଓ ଶୁଶାନ୍ତ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ । ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଗାଁ ଗହଳିରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା । ପ୍ରତି ପଞ୍ଚାୟତରେ ଖୋଲାଯାଇଥିବା ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକାରିତା ତଥା ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉପରେ ବିଶଦ ଆଲୋଚନା ହୋଇଥିଲା । ମୁଖ୍ୟତଃ ବାହାର ଅଂଚଳରୁ ଆସୁଥିବା ନାଗରିକ ପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ପରାମର୍ଶ ନେବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏଥିରେ ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ତହସିଲଦାର କୁଳମଣି ରଣବିଡା ଏବଂ ଆଇଆଇସି ରାଜେନ୍ଦ୍ର ସିଆଲ ଏହି ବ୍ଲକର ଜାରିଂ ସମଲେଇ ମନ୍ଦିର, ପି.ଗଣ୍ଡପାଲିର ଷଣ୍ଢେଶ୍ୱର ମନ୍ଦିର, ବୁଡାପାଲିର ଶିବମନ୍ଦିର, ବରମୁଣ୍ଡା ଶିବ ମନ୍ଦିର ପରିଦର୍ଶନ କରି ପୂଜକ ତଥା କର୍ମକର୍ତ୍ତାଙ୍କ ସହିତ କରୋନା ସଂକ୍ରମଣ ଉପରେ ବିଭିନ୍ନ ସଚେତନାମୂଳକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ମନ୍ଦିରରେ ଦେବାଦେବୀଙ୍କ ନୀତିକାନ୍ତି ବ୍ୟତୀତ ଭକ୍ତଙ୍କ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ପାଇଁ ପ୍ରସାଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ସଂକ୍ଷେପରେ...

### ବ୍ଲକସ୍ତରୀୟ କରୋନା ଭାଇରସ ସଚେତନତା ସଭା

ଜାମଟିକ୍ରା, ୨୦।୩ (ଡି.ଏନ.ଏ) କରୋନା ଭାଇରସର ବ୍ଲକସ୍ତରୀୟ ସଚେତନତା ସଭା ଅତାବିରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶୁକ୍ରବାର ବିଡିଓ ପ୍ରଣବ କୁମାର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଆର. ଏନ. ମିଶ୍ର ଯୋଗ ଦେଇଥିଲେ। ଏହି ସଭାରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ସହ ଜନପ୍ରତିନିଧିମାନେ ଯୋଗ ଦେଇ କରୋନା ଭାଇରସ ମୁକାବିଲା ଉପରେ ଆଲୋଚନା କରିଥିଲେ । ସେହିପରି କରୋନା ସଚେତନତା ସୃଷ୍ଟି ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବିନାରାୟଣ ମିଶ୍ର ଗୁରୁତ୍ୱାରୋପ କରିଥିଲେ ।

### ୩୧ ପର୍ଯ୍ୟନ୍ତ ରୁପ୍ରାରୋଡ ସାପ୍ତାହିକ ବଜାର ବନ୍ଦ ରହିବ

ଭବାନୀପାଟଣା,୨୦।୩ (ଡି.ଏନ.ଏ.) କରୋନା ଭାଇରସକୁ ଆଖି ଆଗରେ ରଖି ରୁପ୍ରାରୋଡ ସାପ୍ତାହିକ ବଜାରକୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଦ୍ଧାନ୍ତ ନେଇଛନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ। ଏ ନେଇ ରୁପ୍ରାରୋଡ ସରପଞ୍ଚ ଚିତ୍ତ ରଞ୍ଜନ ରଣା ସୂଚନା ଦେଇଛନ୍ତି । ପ୍ରତି ବୁଧବାର ରୁପ୍ରାରୋଡରେ ବସୁଥିବା ସାପ୍ତାହିକ ବଜାର ବିଭିନ୍ନ ସାମଗ୍ରୀ କିଣା ବିକା କରିବାକୁ ଅନେକ ଲୋକଙ୍କ ସମାଗମ ଲାଗି ରହିଥାଏ। ବର୍ତ୍ତମାନ କରୋନା ଭାଇରସଠାରୁ ଦୂରେଇ ରହିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

# କରୋନା ନେଇ ସଚେତନତା ଶିବିର

ଜୁନାଗଡ,୨୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ଶୁକ୍ରବାର ବ୍ଲକସ୍ତରୀୟ କରୋନା ଭୂତାଣୁ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧକ୍ଷତାରେ ଅତିଥି ଭାବେ ଜିଲା ଗ୍ରାମ୍ୟଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଦ୍ୟାଧର ସାହୁ, ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡା, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ସଚେତନତା ମାଧ୍ୟମରେ କରୋନା ଭୁତାଣୁକୁ ଆୟତ୍ତ କରିହେବ ହେବ ବୋଲି ଅତିଥିମାନେ ଉପସ୍ଥିତ ବ୍ୟକ୍ତିଙ୍କୁ ବିଝାଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଓ) ସିଦ୍ଧେଶ୍ୱର ମେହେର ପରିଚାଳନା କରିଥିଲେ। ଜୁନାଗଡ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ପିଇଓ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମ ଅବସରରେ ଯୁବକେନ୍ଦ୍ରର ସଭ୍ୟମାନେ।

ଜହ୍ନାପଙ୍କ,୨୦।୩ (ଡି.ଏନ.ଏ.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ର ବୌଦ୍ଧର ସହଯୋଗରେ ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ କମଳପୁର ବୀଣାପାଣି ଯୁଥ କ୍ଲବଠାରେ ମହାମାରୀ କରୋନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆସମାନ୍ ମହାକୁଳ ପରିଚାଳନା କରିଥିଲେ । କ୍ଲବର ସଭାପତି ରଞ୍ଜନ, ସମ୍ପାଦକ ପରିକ୍ଷିତଙ୍କ ସମେତ ୪୦ ଜଣ ସଭ୍ୟ ଯୋଗ ଦେଇଥିଲେ ।

# ଝଡ଼ ତୋଫାନରେ ଘର ଭାଙ୍ଗିଲା, ପରିବାର ବେସାହାରା

ଲାଞ୍ଜିଗଡ଼,୨୦।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଗୁରୁବାର ସନ୍ଧ୍ୟାରେ ଝଡତୋଫାନ ସହ ପ୍ରବଳ କୁଆପଥର ବର୍ଷା ମାଡରେ ଧନଜୀବନ ନଷ୍ଟ ହୋଇଥିବା ବେଳେ ବିଭିନ୍ନ ଗାଁରେ ଅନେକ କ୍ଷୟକ୍ଷତି ହୋଇଛି । ଝଡ ତୋଫାନରେ ଜଣକ ଘର ଭାଙ୍ଗି ଯାଇଥିବା ବେଳେ ପରିବାର ଲୋକ ବର୍ତ୍ତମାନ ବେସାହାରା ଅବସ୍ଥାରେ ରହିଛନ୍ତି । ଚମ୍ପାଦେଇପୁର ଗାଁର ସୁଦର୍ଶନ ଦୋରା ତାଙ୍କ ପରିବାର ସନ୍ଧ୍ୟାରେ ଘରେ ଥିବା ବେଳେ ଝଡତୋଫାନ ସହ ଜୋରରେ ବର୍ଷା ହୋଇଥିଲା । ଏହି ଝଡ ତୋଫାନରେ ସୁଦର୍ଶନ ଘର ଆଜବେଷ୍ଟ ଛାତ ଉଡାଇ ନେଇ ଚୁରମାର ହୋଇଯାଇଥିଲା। ଫଳରେ ବର୍ଷା ପାଣି ଯୋଗୁ ଘରେ ଥିବା ଧାନ, ଚାଉଳ ଆଦି ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ୩୦ ମିନିଟର ଝଡ ତୋଫାନ ଏହି ପରିବାରକୁ ସମ୍ପୂର୍ଣ୍ଣ ବରବାଦ କରିଦେଇଛି। ବର୍ତ୍ତମାନ ପରିବାରର ୮ପ୍ରାଣୀ କୁଟୁମ୍ବ ବେସାହାରା ହୋଇ ପଡ଼ିଛନ୍ତି । ସେମାନଙ୍କ ରହିବା ପାଇଁ ଘର ମଧ୍ୟ ନାହିଁ । ପ୍ରଶାସନ ପକ୍ଷରୁ ଏହି ପରିବାରକୁ ତଦନ୍ତ ସହାୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୪ ଦିନ୍ ଲାଗି ଏକ୍‌ବଖରି ହେଲେ ପରିବାର

## ଗାଁବାସୀଙ୍କୁ ଘାରୁଛେ କରୋନା ଭଏ

ଗଣ୍ଡତୁରୁମ, ୨୦।୩ (ଡି.ଏନ୍.ଏ.)

ଏହେଦେ ସାରା ବିଶ୍ୱବାସୀଙ୍କୁ ଘାରିଛେ କରୋନା ଭାଇରସ ଭଏ। କେନ୍ଦ୍ର ଆର ରାଏଜ୍ ସରକାର ବି ଲୁକ୍‌କୁ ରୋଗ୍‌ରୁ ବଁଚ୍‌ବାକେ ସଚେତନ କରୁଛନ୍। ସ୍କୁଲ, କଲେଜ, ସିନେମା ହଲ, ଦେଦେବ୍‌ତା ଗୁଡ଼ିକେ ବି ନାଇଁ ଯିବାକେ ପରଶାସନ ଲୁକ୍‌କୁ ସଚେତନ କରଉଛେ। ଏନ୍‌ତା ଘଡ଼ି ସଁଧି ସମିଆରେ ଗାଁଗଁଲିନୁ ସହର ତକ୍ ଲୁକ୍‌କର ଭିତରେ ଗୁଟେ ଭଏର ବାତାବରନ୍ ଦେଖ୍‌ବାକେ ମିଲୁଛେ। ଇତାର ପରଭାବ ବରଗଡ଼ ଜିଲା ଭେଡ଼େନ ବ୍ଲକର ଗାଁଗଁଲିରେ ବି ଫଟିକ ବାରି ହେଉଛେ। ବିଦେଶ ତ ଦୂରର କଥା ବାହାର ରାଏଜୁ ବି ଲୋକ୍ ଆସିଥିଲେ ତାକର ସଂଗେ ଲୋକ୍ କଥାବାରତା ନାଇଁ ହେବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଲିଛେ ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଗଣ୍ଡତୁରୁମ ଗାଁରେ।

ସୂଚନା ଅନ୍‌ସାରେ ଗଣ୍ଡତୁରୁମ ଗାଁର ରଘୁନାଥ ଧର (୫୦)। ପରିବାର କହେଲେ ମାଏକିନା ସୁସ୍ମିତା (୩୫), ପୁଓ ଚନ୍ଦନ (୨୦)କୁଁ ନେଇ ସଁସାର। ଆଏଜ୍‌କେ ୫ ବଛର ହେଲା ପରିବାରଟା ତାମିଲନାଡୁ ରାଏଜେ ଗୁଟେ ପକଡ଼ା କାରଖାନାରେ କାମ୍ କରୁଥିଲେ। ସେମାନେ ଗୁରୁବାର ଗାଁକେ ଫିରଲା ଉତାରୁ ଗାଁରେ ଗୁଟେ ଭଏର ବାତାବରନ୍ ଦେଖ୍‌ବାକେ ମିଲିଛେ। ଗାଁବାସୀ ସଂଗେ ସଂଗେ ଗାଁ ସଭା ଡକେଇ ଥାନୀଅ ସରପଁଚ୍ ଆର ସୁଆସ୍‌ତିଅ ବିଭାଗକେ ଜନେଇଥିଲେ। ଖବର ପାଇ ସରପଁଚ୍ ଆର ଗୁଟେ ଡାକ୍‌ତରୀଦଲ ଗାଁରେ ପହୁଁଚି ଗାଁବାସୀକର ସଂଗେ ଆଲୋଚନା କରିଥିଲେ। ପଛେ ଡାକ୍‌ତରୀଦଲ ପରିବାର ଲୁକ୍‌କର ଦିହିପା କଥା ପଚାରି ବୁଝିଥିଲେ। ଇ ପରିବାର ଲୁକ୍‌କୁ ଡାକ୍‌ତରୀଦଲ ଗାଁବାସୀକର ସଂଗେ ୧୪ ଦିନ୍ ତକ ମିଲାମିଶା ନାଇଁ କରବାକେ ପରାମଶ ଦେଇଛନ୍। ପଛେ କିଛି ଅସବିଧାର ସୂଚନା ମିଲ୍‌ଲେ ସୁଆସ୍‌ତିଅ ବିଭାଗ ତରଫୁ ପଦକ୍ଷେପ ନିଆଯିବା ବଲି ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁଶାନ୍ତ କର କହିଛନ୍। ସେନ୍‌ତା କେହେନ୍‌ସି ପରକାର ଗୁଜବ କଥା ନାଇଁ ଶୁନବାକେ ସାମାଜିକ କରମୀ ଆର୍ତ୍ତତ୍ରାଣ ତ୍ରିପାଠୀ ଅନୁରୋଧ କରିଛନ୍।

# ଅଡୁଆରେ ଆଶ୍ରମ ପରିଚାଳକ

## ମାମଲା ପ୍ରତ୍ୟାହାର ପାଇଁ ଅର୍ଥ ଯାଚିବା ଅଭିଯୋଗ

ବରଗଡ଼ ଅଫିସ୍,୨୦।୩

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଦୋଷୀ ସାବ୍ୟସ୍ତ ଶୁକ୍ରବାର ଫାଶୀଖୁଣ୍ଟରେ ଝୁଲିଛନ୍ତି । ଅନ୍ୟପଟେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଏକ ଆଶ୍ରମରେ ବଳାତ୍କାର ଘଟଣାର ପୀଡ଼ିତା ନାବାଳିକାଙ୍କ ମା'ଙ୍କୁ ପୀଡ଼ିତା ରହୁଥିବା ଆଶ୍ରମ ପରିଚାଳକ ମାମଲା ପ୍ରତ୍ୟାହାର ପାଇଁ ଅର୍ଥ ଯାଚିବା ଘଟଣା ଜିଲାବ୍ୟାପୀ ହଇଚଇ ସୃଷ୍ଟି କରିଛି । ଏହି ଘଟଣା ପଦାକୁ ଆସିବା ପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଶୁକ୍ରବାର ପୀଡ଼ିତାଙ୍କ ମା' ଏବଂ ସମ୍ପୃକ୍ତ ଆଶ୍ରମ ପରିଚାଳକଙ୍କୁ ସିଡବ୍ଲ୍ୟୁସିରେ ହାଜର ହେବା ପାଇଁ ନୋଟିସ ଦେଇଥିଲେ । ନୋଟିସ ପାଇବା ପରେ ପୀଡ଼ିତାଙ୍କ ମା' ନିଜ ନାବାଳିକା ଝିଅଙ୍କ ସହିତ ସିଡବ୍ଲ୍ୟୁସିକୁ ଆସି ଘଟଣା ସମ୍ପର୍କରେ କହିଥିଲେ । ଅନ୍ୟପଟେ ସମ୍ପୃକ୍ତ ଆଶ୍ରମ ପରିଚାଳକ ମଧ୍ୟ ସିଡବ୍ଲ୍ୟୁସିରେ ହାଜର ହୋଇ ନିଜ ବୟାନ ଦେଇଥିବା ଜଣାପଡ଼ିଛି । ତେବେ ପୀଡ଼ିତାଙ୍କ ମା' ମାମଲା ପ୍ରତ୍ୟାହାର ପାଇଁ ଆଶ୍ରମ ପରିଚାଳକ ତାଙ୍କ ଫୋନରୁ ଦେଢ଼ଲକ୍ଷ ଟଙ୍କା ଯାଚିଥିବା ବୟାନ ଦେଇଥିବାବେଳେ ଆଶ୍ରମ ପରିଚାଳକ ତାକୁ ଖଣ୍ଡନ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଜଣକ ଗିରଫ ହୋଇ ଜେଲରେ ଥିବାବେଳେ ଉକ୍ତ ମାମଲାର ବିଚାର ପ୍ରକ୍ରିୟା ଚାଲିଛି । ଅନ୍ୟପଟେ ପୀଡ଼ିତାଙ୍କୁ ଜିଲାର ଏକ ଆଶ୍ରମରେ ଆଶ୍ରୟ ଦିଆଯାଇଛି। ଏଭଳିସ୍ଥଳେ ପୀଡ଼ିତାଙ୍କ ମା'ଙ୍କୁ ସମ୍ପୃକ୍ତ ଆଶ୍ରମ ପରିଚାଳକ ଅର୍ଥ ଯାଚି ମାମଲା ପ୍ରତ୍ୟାହାର କରିବାକୁ କହି ବଳାତ୍କାର ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ଉଦ୍ୟମ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ୧୬୮ ଗ୍ରାମରେ ୩୧୦ ଜଣଙ୍କୁ ସ୍ୱତନ୍ତ୍ର ସ୍କ୍ରିନିଂ ଟିମ୍ ଦ୍ୱାରା ଯାଞ୍ଚ

## କରୋନା ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର

ଭବାନୀପାଟଣା,୨୦।୩ (ଡି.ଏନ.ଏ.)

ଓଡ଼ିଶା କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ଏହାକୁ ରୋକିବା ପାଇଁ କଳାହଣ୍ଡି ଜିଲା ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗର ୪୫ଟି ସ୍ୱତନ୍ତ୍ର ସ୍କାନିଂ ଦଳ ୧୯ ତାରିଖ ସୁଦ୍ଧା ୧୬୮ଟି ଗ୍ରାମ ବା ସ୍ଥାନରେ ୩୧୦ ଜଣଙ୍କୁ ସ୍କାନିଂ କରାଯାଇଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପ୍ରେସ ବିବୃତିରେ ପ୍ରକାଶ କରାଯାଇଛି। କଳାହାଣ୍ଡି ଜିଲାରେ କରୋନା ରୋଗର ପ୍ରତିଷେଧକ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଲୋକମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲାରେ ଭବାନୀପାଟଣାସ୍ଥିତ ମୁଖ୍ୟ ଡାକ୍ତରଖାନାରେ ୧୨ ଶଯ୍ୟା ବିଶିଷ୍ଟ ଆଇସୋଲେଶନ୍ ବେଡ୍ ଏବଂ ଏଥିନିମନ୍ତେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ବ୍ୟବସ୍ଥା କରାଯାଇଛି। ଏଥିସହ ଜିଲାର ବିଭିନ୍ନ ଘରୋଇ ଡାକ୍ତରଖାନା, ନର୍ସିଂହୋମରେ ମଧ୍ୟ ସ୍ୱତନ୍ତ୍ର ଆଇସୋଲେଶନ୍ ବେଡ୍ ବ୍ୟବସ୍ଥା କରାଯାଇଛି। କରୋନା ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତର, ପାରାମେଡିକାଲ କର୍ମୀ, ନର୍ସମାନଙ୍କୁ ଷ୍ଟାଣ୍ଡାର୍ଡ ଅପ୍ରେସନ୍ ପ୍ରୋସିଜର ସମ୍ବନ୍ଧରେ ତାଲିମ ଦେଇ ପ୍ରସ୍ତୁତ ରଖାଯାଇଛି। ଜିଲାର ଭବାନୀପାଟଣା, ଜୁନାଗଡ, ନର୍ଲା କେସିଙ୍ଗା ଏବଂ ଲାଞ୍ଜିଗଡ ରୋଡ ରେଳ ଷ୍ଟେଶନରେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। ଜିଲାରେ ୪୫ଟି ସ୍କିନିଂ ଦଳ ଗଠନ କରାଯାଇଛି। ଏହି ସ୍କିନିଂ ଦଳ ଜିଲାର ୧୬୮ ଗ୍ରାମ ପରିଦର୍ଶନ କରି ବାହାରୁ ଅନ୍ୟ ରାଜ୍ୟରୁ କଳାହାଣ୍ଡିକୁ ଆସିଥିବା ୩୧୦ ଜଣ ଯାତ୍ରୀଙ୍କୁ ଯାଞ୍ଚ କରିଛି। ସେହିପରି ଜିଲାର ୨୨୪୭ଟି ପରିବାର ପାଖରେ ଏହି ସ୍କିନିଂ ଦଳ ପହଞ୍ଚି କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ଭବାନୀପାଟଣା ଓ କେସିଙ୍ଗାରେ ଥିବା ଘରୋଇ ହସ୍ପିଟାଲ ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସାରା ଜିଲାରେ କରୋନା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ, ବ୍ୟାନର, ପୋଷ୍ଟର ଓ ହୋର୍ଡିଂ ଆଦି ସର୍ବସାଧାରଣସ୍ଥାନରେ ଲଗାଯାଇ ଲୋକମାନଙ୍କୁ ସଚେତନତା କରାଯାଇଛି। ଜିଲାର ସମସ୍ତ ଘରୋଇ ହସ୍ପିଟାଲ, ଘରୋଇ କମ୍ପାନୀ, ବିଭିନ୍ନ ଧର୍ମସ୍ଥାନର ଧର୍ମଗୁରୁ, ମହିଳା ସ୍ୱୟଂସାହାୟକ ଗୋଷ୍ଠୀମାନଙ୍କୁ ସଚେତନତା କରାଯିବା ସହିତ ପ୍ରତିଦିନ ଜିଲାପାଳ ସନ୍ଧ୍ୟା ୭ଟାରେ ବ୍ଲକ ଟିମ୍ ସହିତ ଭିସି ଦ୍ୱାରା କରୋନା ସମ୍ପର୍କରେ ସିଧାସଳଖ କଥା ହେବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ କରୋନା ସମ୍ପର୍କରେ ଆସୁଥିବା ନିର୍ଦ୍ଦେଶାନାମକୁ ଜଣାଉଛନ୍ତି।

## ଫଟୋରେ ଖବର





ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ପ୍ରବଳ ଝଡ଼ବର୍ଷାରେ ବସେକେଲା ନାଳ ପାଖରେ ବଡ଼ ବରଗଛ ଉପୁଡ଼ି ପଡ଼ିଛି (ବାମ)। ଭେଡ଼େନ ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ବିଭିନ୍ନ ଫୁଲଗଛ ବିକ୍ରି ହେଉଛି ।

# ଚେକ୍‌ଡ୍ୟାମ୍ ପରିଦର୍ଶନ କଲେ ଅଧିକାରୀ

ଜୁନାଗଡ,୨୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲସ୍ଥିତ ହାଲେରଜୋର (ନାଳ) ଉପରେ ନିର୍ମାଣ ହୋଇଥିବା ଚ୍ୟାକ୍‌ଡ୍ୟାମର ପାଣି ସ୍ଥାନୀୟ ଚାଷୀଙ୍କ ଜମିରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ କେତେକ ଚାଷୀ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇ ହୁଡ କାଟି ପାଣି ନେଉଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖବର ପ୍ରକାଶିତର ଦିନକ ପରେ ଅର୍ଥାତ୍ ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ, କର୍ମଚାରୀମାନେ ଉକ୍ତ ଚେକ୍‌ଡ୍ୟାମ ପରିଦର୍ଶନ କରିଥିଲେ। ଏହି ସମୟରେ ଅଧିକାରୀଙ୍କ କହିବାନୁଯାୟୀ, ଏହି ନାଳର ଜଳ ଧାରଣା କ୍ଷମତା ଅନୁଯାୟୀ ଚେକ୍‌ଡ୍ୟାମକୁ ଦେଢ ମିଟର ଉଚ୍ଚତା କରାଯାଇଥିଲା। ଯଦି ଏହାର ଉଚ୍ଚତା ଅଧିକ କରାଯାଇଥିଲେ ବର୍ଷା ଦିନରେ ବଢି ପାଣି ନାଳରେ ନିଷ୍କାସିତ ହୋଇ ନ ପାରି କୂଳ ଲଂଘି ସ୍ଥାନୀୟ ଚାଷ ଜମିରେ ପଶି ଫସଲ ନଷ୍ଟ ହେବା ସମ୍ଭାବନା ରହିଥିଲା। ଫଳରେ ଆଡିବନ୍ଧକୁ ଦେଢ ମିଟର ହିଁ ଉଚ୍ଚତା କରାଯାଇଥିଲା। ତେବେ ରବି (ଡାଲୁଅ) ଚାଷ ସମୟରେ ଚାଷୀଙ୍କୁ ଅଧିକ ପରିମାଣରେ ପାଣି ଆବଶ୍ୟକ ହୋଇଥାଏ। ଫଳରେ ସେହି ସମୟରେ ଚାଷୀମାନେ ନାଳରେ ପାଣି ଗଚ୍ଛିତ ରଖିବାକୁ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇଥାନ୍ତି। ବର୍ଷାଦିନେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଚାଷୀମାନେ ବାଲିବସ୍ତାଗୁଡିକୁ କାଢି ସୁରୁଖୁରୁରେ ପାଣି ନେଇଥାନ୍ତି ବୋଲି କହିଥିଲେ। ସେହିପରି ଚାଷୀଙ୍କ ସୁବିଧାକୁ ଦୃଷ୍ଟିକୁ ରଖି ଚେକ୍‌ଡ୍ୟାମର ଉପରି ଭାଗରେ ବିଭାଗ ପକ୍ଷରୁ ଶୀଘ୍ର ଗୋଟିଏ ହ୍ୟୁମ ପାଇପ୍ ବସାଯିବ । ଯଦ୍ୱାରା ଚାଷୀମାନେ ସିଧାସଳଖ ନିଜ ଚାଷ ଜମିକୁ ପାଣି ନେଇପାରିବେ। ଏହାଦ୍ୱାରା ଚାଷୀଙ୍କୁ ଆଉ ପୂର୍ବ ପରି ପାଣି ନେବା ପାଇଁ ହୁଡ କାଟିବାକୁ ପଡିବ ନାହିଁ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୧ ମାର୍ଚ୍ଚ, ୨୦୨୦



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### ଯୁବକଙ୍କୁ ମାଡ, ଜାତିଆଣ ଆକ୍ଷେପ ଅଭିଯୋଗ

**ଲାଠୋର,୨୦।୩(ଡି.ଏନ.ଏ.):** ଲାଠୋର ଥାନା ଅଧୀନ ଝାକ୍ରିପାଲି ଗ୍ରାମର ଜାଦବ ତାଣ୍ଡିଙ୍କୁ ଘୁନସର ଗ୍ରାମର କେତେଜଣ ବ୍ୟକ୍ତି ମାଡ ମାରିବା ସହ ଜାତିଆଣ ଆକ୍ଷେପ ଗାଳି ଗୁଲଜ କରିଥିବା ନେଇ ଲାଠୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଜାଦବ ଏବଂ ତାଙ୍କ ପୁତରା ମାର୍ଚ୍ଚ ୧୭ ତାରିଖରେ ଅପରାହ୍ନ ସାଢେ ୧ଟାରେ ଘୁନସର ପଞ୍ଚାୟତ କାର୍ଯ୍ୟାଳୟକୁ ମାଟି ଉନ୍ନତୀକରଣର କାର୍ଯ୍ୟାଦେଶ ଆଣିବାକୁ ଯାଇଥିଲେ। ସେଠାରେ ପୂର୍ବରୁ ରହିଥିବା ୧୫ ରୁ ୨୦ ଜଣ ବ୍ୟକ୍ତି ତାଙ୍କୁ ଦେଖିବା ମାତ୍ରେ କାହିଁକି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଛ କହି ପ୍ରଶ୍ନ କରିଥିଲେ। ଏପରି କି ସମ୍ପୃକ୍ତ ବ୍ୟକ୍ତି ବିଶେଷ ଜାଦବ ଏବଂ ତାଙ୍କ ପୁତୁରାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଲାଠୋର ଥାନା ପୋଲିସ ଦଫା ୩୪୧, ୨୯୪, ୩୨୩, ୩୪ ଆଇପିସି ଏବଂ ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିବାରଣ ଆଇନରେ ଏକ ମାମଲା(ନଂ.୦୨୬/୨୦୨୦) ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ପାଟଣାଗଡ଼ ପୋଲିସ ତଦନ୍ତ ଚଳାଇଛି। ହେଲେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସବୁଠି କରୋନା ସଚେତନତା କାର୍ଯ୍ୟକ୍ରମ

- ୨୨ ତାରିଖ ଜନତା କର୍ଫ୍ୟୁ ପାଇଁ ଅପିଲ
- ରେଡକ୍ରସ ସୋସାଇଟି, ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍, ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସଚେତନତା ଅଭିଯାନ
- ଯାତ୍ରୀବାହୀ ବସ୍‌କୁ କରାଗଲା ସାନିଟାଇଜ୍
- ହାତ ଧୋଇବା ଶିଖାଇଲେ




ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ଏବଂ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସ ସାନିଟାଇଜ ପରେ ଯାତ୍ରୀ ସଚେତନତା କରାଯାଉଛି।

**ବଲାଙ୍ଗୀର ଅଫିସ, ୨୦।୩**

ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଥିବା ମହାମାରୀ କରୋନା ଭୁତାଣୁକୁ ନେଇ ବଲାଙ୍ଗୀର ଜିଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୨ ତାରିଖ ରବିବାର ଜନତା କର୍ଫ୍ୟୁ ଦେଶବାସୀଙ୍କୁ ଅପିଲ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଜୋର ଦିଆଯାଉଛି । ଶୁକ୍ରବାର ସକାଳେ ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍ ଓ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସଚେତନତା ସହ ଯାତ୍ରୀବାହୀ ବସ୍‌ଗୁଡିକୁ ସାନିଟାଇଜ୍ କରାଯାଇଥିଲା । ବିଙ୍ଗ୍ ହ୍ୟୁମାନ୍ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପ୍ରଥମେ ସରକାରୀ ବସଷ୍ଟାଣ୍ଡକୁ ଯାଇ ସେଠାରେ ଥିବା ବସ୍ ଭିତରେ ସାନିଟାଇଜର ସ୍ପ୍ରେର କରିଥିଲେ । ଯାତ୍ରୀମାନଙ୍କୁ ହାତ ଧୋଇ ବସ୍ ଭିତରକୁ ଚଢ଼ିବା ଓ ଘରକୁ ଯିବା ପରେ ହାତ ଧୋଇବାକୁ ପରାମର୍ଶ ଦେଇଥିଲେ । କୌଣସି ପ୍ରକାର କାଶ, ସର୍ଦ୍ଦି ଓ ଜ୍ୱର ଲକ୍ଷଣ ଥିଲେ ସାବଧାନତା ଅବଲମ୍ବନ କରି ହୋମ ଆଇସୋଲେସନ୍‌ରେ ରହିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଘରୋଇ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ । ସେଠାରେ ଘରୋଇ ବସଗୁଡିକୁ ମଧ୍ୟ ସାନିଟାଇଜ୍ କରାଯାଇଥିଲା । ଘରୋଇ ମାଲିକ ସଂଘ ସଦସ୍ୟଙ୍କ ସହ ମିଶି ଲୋକଙ୍କୁ ହାତ ଧୋଇ ବସ୍‌କୁ ଯିବା ଓ ସରକାରୀ ନିର୍ଦ୍ଦେଶାବଳୀ ମାନିବାକୁ ପରାମର୍ଶ ଦେଇଥିଲେ । ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ସଭାପତି ସୋମନାଥ ମିଶ୍ର ଓ ତାଙ୍କ ସାଥୀ ତଥା ଘରୋଇ ବସ୍‌ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ରେଡକ୍ରସ ସୋସାଇଟି ବଲାଙ୍ଗୀର ଶାଖା ପକ୍ଷରୁ ସଚେତନ ରୁହନ୍ତୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଏହାର ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସହରର ମୁଖ୍ୟ ସ୍ଥାନଗୁଡିକରେ ପୋଷ୍ଟର ମାଧ୍ୟମରେ ସଚେତନତା, ଲିଫ୍‌ଲେଟ ପ୍ରଦାନ, ହାତଧୁଆର ୬ଟି ସୋପାନକୁ ପ୍ରଦର୍ଶନ କରିବା ସହ ଲୋକମାନଙ୍କୁ ଭୟଭୀତ ନ ହୋଇ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରେଡକ୍ରସ ସୋସାଇଟି ଉପସଭାପତି ବିଷ୍ଣୁ ପ୍ରସାଦ କେଡିଆ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ପ୍ରଶାନ୍ତ ମହାକୁର ଯୋଗ ଦେଇଥିଲେ । କରୋନା ଭୁତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଜିଲା ଜରୁରୀକାଳୀନ ଅଧିକାରୀ ସଙ୍କର୍ଷଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲାର ମ୍ୟୁନିସିପାଲିଟି, ଏନ୍‌ଏସି, ବ୍ଲକ ତଥା ଗ୍ରାମ ପଞ୍ଚାୟତଗୁଡିକୁ ଏହି ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ରେଡକ୍ରସର ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଭାବେ ରାମନାରାୟଣ ଦାଶ, ମୀନକେତନ ଡାଙ୍ଗ, ରବିନ୍ଦ୍ର ପଶାୟତ, ଗୋପେଶ ପଣ୍ଡା, ଜୟଦେବ ଜାଲ, ରଞ୍ଜିତ ମିଶ୍ର, ଦ୍ୱିତିରଞ୍ଜନ ମହାଲିଙ୍ଗ ଦାୟିତ୍ୱ ନିର୍ବାହ କରୁଛନ୍ତି।

### ଚେକ ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡାଦେଶ

**ଟିଟିଲାଗଡ଼, ୨୦।୩ (ଡି.ଏନ.ଏ)**

ଏକ ଚେକ ବାଉନ୍ସ ମାମଲାର ବିଚାର କରି ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ ରାଜେଶ ନାୟାର ଅଭିଯୁକ୍ତ ଆନନ୍ଦ ଜୈନଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ରାୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟିଟିଲାଗଡ଼ ରଘୁନାଥପଡ଼ା ନିବାସୀ ବାବୁଲାଲ ସୋନି କଳାହାଣ୍ଡି ଜିଲା କେସିଙ୍ଗାର ଆନନ୍ଦ ଜୈନଙ୍କୁ କୌଣସି ଏକ କାମ ସକାଶେ ୫ ଲକ୍ଷ ୩୦ ହଜାର ଟଙ୍କା ଧାର ଦେଇଥିଲେ। ଧାର ଟଙ୍କା ପରିଶୋଧ ନେଇ ଆନନ୍ଦ ଏକ ଚେକ ବାବୁଲାଲଙ୍କୁ ପ୍ରଦାନ ପରି ଏକ ନିର୍ଦ୍ଦିଷ୍ଟ ତାରିଖରେ ଉଠାଇ ନେବାକୁ କହିଥିଲେ। ଏନେଇ ବାବୁଲାଲ ବ୍ୟାଙ୍କରେ ଚେକ୍ ଡିପୋଜିଟ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଚେକ୍‌ଟି ବାଉଣ୍ସ ହୋଇଯାଇଥିଲା। ଏନେଇ ବାବୁଲାଲ ଟିଟିଲାଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର ଏସ୍‌ଡିଜେଏମ୍ ବାସୁଦେବ ଆଚାର୍ଯ୍ୟ ୧୬।୮।୨୦୧୪ରେ ଅଭିଯୁକ୍ତ ଆନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ରାୟକୁ ଆନନ୍ଦ ଚ୍ୟାଲେଞ୍ଜ କରି ଟିଟିଲାଗଡ଼ ଏଡିଜେଙ୍କ କୋର୍ଟରେ ଆବେଦନ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ୨୦୨୦ ମାର୍ଚ୍ଚ ୧୭ ତାରିଖରେ ଅଭିଯୁକ୍ତ ଆନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରି ୬ମାସ ଜେଲେ ଦଣ୍ଡାଦେଶ ରାୟ ପ୍ରକାଶ କରିବା ସହ ସମସ୍ତ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାବୁଲାଲଙ୍କ ପକ୍ଷରୁ କିଶୋର ଚନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ନିଃସ୍ୱାର୍ଥପର ସେବା: ଯୁବକଙ୍କୁ ସମ୍ମାନିତ

**ପାଟଣାଗଡ଼୨୦।୩,(ଡି.ଏନ.ଏ.)**



ପୋଲିସ ଅଧିକାରୀମାନେ ସୁଦୀପ୍ତ ରଞ୍ଜନ ସୁଆରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ମାନିତ କରୁଛନ୍ତି।

ପାଟଣାଗଡ଼ ପୋଲିସ ପକ୍ଷରୁ ନିଃସ୍ୱାର୍ଥପର ସେବା ପାଇଁ ଶୁକ୍ରବାର ବାଙ୍କିବାହାଲ ଗ୍ରାମର ସୁଦିପ୍ତ ରଞ୍ଜନ ସୁଆରଙ୍କୁ ସମ୍ମାନିତ କରାଯାଇଛି। ଜାନୁୟାରୀ ୨୯ରେ ପାଟଣାଗଡ ଥାନା ଅନ୍ତର୍ଗତ ବାଙ୍କିବାହାଲ ଗ୍ରାମ ଦେଦର୍ହ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ନେହେନାବନ୍ଧ ଗ୍ରାମର ପିତ ଛତ୍ରିଆ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ଅନେକ ଲୋକ ଥିଲେ ମଧ୍ୟ ପୋଲିସ ମାମଲା ଭୟରେ କେହି ତାଙ୍କୁ ସାହାଯ୍ୟ କରିବାକୁ ଆସି ନ ଥିଲେ। ହେଲେ ସୁଦୀପ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଛତ୍ରିଆଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ସୁସ୍ଥହୋଇ ଘରକୁ ଫେରିଥିଲେ। ନିଃସ୍ୱାର୍ଥପର ସେବା ପାଇଁ ପାଟଣାଗଡ଼ ଏସଡିପିଓ ସୁରେଶ ଚନ୍ଦ୍ର ନାଏକ, ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତରାୟ ରାଜ୍ୟ ସରକାରଙ୍କ ଦ୍ୱାରା ଭଲ ମଣିଷ କାର୍ଯ୍ୟକ୍ରମ ମାଧ୍ୟମରେ ସୁଦୀପ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ଅନୁସାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଲୋକଙ୍କୁ ସାହାଯ୍ୟ କଲେ ତାଙ୍କ ନାମ ଗୋପନ ରଖିବା ସହିତ ତାଙ୍କୁ ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯିବ ଏବଂ ତାଙ୍କୁ କୌଣସି ପ୍ରକାର ମାମଲାରେ ସାକ୍ଷ୍ୟ ହିସାବରେ ପୋଲିସ ରଖି ପାରିବ ନାହିଁ । ଏନେଇ ପାଟଣାଗଡ଼ ପୋଲିସ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ନିବେଦନ କରାଯାଇଛି।

### ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ଟଙ୍କା ଚୋରି

**ଗୁଡଭେଲା,୨୦।୩(ଡି.ଏନ୍.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଜଣେ ବ୍ଲକ କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ଶୁକ୍ରବାର ୨ଲକ୍ଷ ୧୦ ହଜାର ୨ ଶହ ଟଙ୍କା ଚୋରି ହୋଇଯାଇଥିବା ଶୁକ୍ରବାର ତୁଷୁରା ଥାନାରେ ଅଭିଯୋଗ ହୋଇଛି। ବ୍ଲକରେ କାର୍ଯ୍ୟରତ ରମେଶ କୁମାର ପାଣିଗ୍ରାହୀ ଗୁଡଭେଲା ଷ୍ଟେଟ ବ୍ୟାଙ୍କକୁ ଯାଇଥିଲେ। ସେ ବ୍ୟାଙ୍କରୁ ୨ଲକ୍ଷ ୧୦ ହଜାର ୨ ଶହ ଟଙ୍କା ଉଠାଇ ଥିଲେ। ପରେ ସେ ବାଇକ୍ ଡିକିରେ ଟଙ୍କା ରଖି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। କିଛି ସମୟ ପରେ ସେ ଟଙ୍କା ନେବାକୁ ଆସିଥିବା ବେଳେ ବାଇକ୍ ଡିକି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ତୁଷୁରା ଥାନା ପୋଲିସ ଏକ ମାମଲା(୨୭/୨୦୨୦) ରୁଜୁ କରିଛି।

# ଟିଟିଲାଗଡ଼ରେ ୩ ଇରାନ ନାଗରିକ

**ଟିଟିଲାଗଡ଼,୨୦।୩(ଡି.ଏନ.ଏ.)**

**ହୋଟେଲ ସମ୍ମୁଖରେ ପଡାବାସୀଙ୍କ ବିକ୍ଷୋଭ**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ନେଇ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିଛି। ଏପରିପ୍ରେକ୍ଷୀରେ ଟିଟିଲାଗଡ଼ରେ ଶୁକ୍ରବାର ଉପଜିଲାପାଳ ସୁଧାକର ନାୟକଙ୍କ ଉପସ୍ଥିତିରେ ଉପଖଣ୍ଡ ଅଞ୍ଚଳର ଅଧିକାରୀ, ଡାକ୍ତର ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା। ଅପରପକ୍ଷରେ ଟିଟିଲାଗଡ଼ରେ କାନାଡ଼ା, ଜର୍ମାନୀ, ଆମେରିକା ଆଦି ଦେଶରୁ ୬ ବିଦେଶ ଫେରନ୍ତାଙ୍କ ଉପସ୍ଥିତି ନେଇ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି। ଏଭଳିସ୍ଥିତିରେ ଇରାନର ୩ ନାଗରିକ ଟିଟିଲାଗଡ଼ରେ ପହଞ୍ଚି ଏକ ହୋଟେଲରେ ରହି ସହରରେ ବୁଲାବୁଲି କରିବା ସହ ଶୁକ୍ରବାର ପ୍ରଶାସନକୁ ଚକମା ଦେଇ ଫେରାର ହୋଇଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସ୍ଥାନୀୟ ପଡ଼ାବାସୀ ହୋଟେଲ ସମ୍ମୁଖରେ ପହଞ୍ଚି ଘଟଣାକୁ ତୀବ୍ର ବିରୋଧ କରିଥିଲେ। ପ୍ରଶାସନକୁ ଇରାନ ନାଗରିକଙ୍କ ଆଗମନ ନେଇ ହୋଟେଲ ମାଲିକ ପ୍ରଶାସନକୁ କୌଣସି ଖବର ନ ଦେବା ଘଟଣାକୁ ମାଲିକଙ୍କ ଉପରେ ବର୍ଷିଥିଲେ। ଇରାନ ନାଗରିକ ଟିଟିଲାଗଡ଼ ଆସିଥିବା ଖବର ଶୁକ୍ରବାର ସକାଳେ ପାଇଥିବା ଉପଜିଲାପାଳ ନାୟକ କହିଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତରୀ ଦଳ ହୋଟେଲରେ ଇରାନ ଦମ୍ପତି ଏବଂ ତାଙ୍କର ୩ ବର୍ଷର ଶିଶୁଙ୍କୁ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ଡାକ୍ତରୀ ଦଳ ଫେରି ଆସିବା ପରେ ସେମାନେ ଫେରାର ମାରିଥିବା ପ୍ରଶାସନ ପକ୍ଷରୁ ସନ୍ଦେହ କରାଯାଉଛି। ହେଲେ ଦମ୍ପତି ତାଙ୍କ ଭିଜା ଦେଖାଇବାକୁ ଅସମର୍ଥ ହୋଇଥିବା ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଜାତାରାଣୀ ମିଶ୍ର କହିଛନ୍ତି। ଏପରିପ୍ରେକ୍ଷୀରେ ସେମାନେ କେବେ ଇରାନରୁ ଆସିଥିଲେ। ଦେଶରେ କେଉଁ ସ୍ଥାନ ଗସ୍ତ କରିଛନ୍ତି ତାହା ଜଣାପଡିନାହିଁ। ଏପରି କି ବିଦେଶୀ ନାଗରିକ ଦେଶର କୌଣସି ଅଞ୍ଚଳ ଗସ୍ତ କଲେ ସ୍ଥାନୀୟ ପୋଲିସକୁ ଜଣାଇବାର ନିୟମ ରହିଛି। ହେଲେ ଏହାକୁ ବେଖାତିର କରାଯାଇଛି। ଅନ୍ୟପକ୍ଷେ ସେମାନେ ଯଦି କରୋନା ଭୂତାଣୁ ସଂକ୍ରମଣ ହୋଇଥାନ୍ତି ତେବେ ଚିନ୍ତାର ବିଷୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଲଣ୍ଡନ ଫେରନ୍ତା ଯୁବକଙ୍କୁ ହୋମ ଆଇସୋଲେଶନ୍ ପରାମର୍ଶ

**ବଲାଙ୍ଗୀର ଅଫିସ,୨୦।୩**

**କରୋନା ସଂକ୍ରମଣ ଲକ୍ଷଣ ନ ଥିବା କହିଲେ ଡାକ୍ତରଖାନା କର୍ତ୍ତୃପକ୍ଷ**

ଲଣ୍ଡନରୁ ବଲାଙ୍ଗୀର ସହରକୁ ଫେରିଥିବା ଜଣେ ଯୁବକଙ୍କ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ତାଙ୍କର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ହେଲେ ଯୁବକ ଜଣକ ଲଣ୍ଡନରେ ଅଧ୍ୟୟନ କରୁଥିବା କୁହାଯାଇଛି। ଗତ ୧୮ ତାରିଖରୁ ସେ ବଲାଙ୍ଗୀର ଆସିଛନ୍ତି । ଶୁକ୍ରବାର ଏ ସମ୍ପର୍କରେ ପ୍ରଶାସନକୁ ଖବର ମିଳିବା ପରେ ଟାଉନ୍ ଥାନା ଆଇଆଇସି ଯୁବକଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଥିଲେ। ପରେ ତାଙ୍କୁ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ଏପରି କି ଯୁବକଙ୍କୁ ହସ୍ପିଟାଲ ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମିଳିଥିବା ସୂଚନା ମୁତାବକ, ଯୁବକଙ୍କ କରୋନା ସଂକ୍ରମଣ କୌଣସି ଲକ୍ଷଣ ନାହିଁ । ସେ ସୁସ୍ଥ ଥିବା କୁହାଯାଇଛି । ତେବେ ଲଣ୍ଡନରୁ ଫେରିଥିବାରୁ ତାଙ୍କୁ ୧୪ ଦିନ ହୋମ ଆଇସୋଲେସନ୍‌ରେ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି । ପରେ ଯୁବକ ଜଣକ ଘରକୁ ଫେରି ଆସିଥିବା ଜଣାପଡିଛି । ୧୮ ତାରିଖରୁ ଆସିବା ପରେ ମଧ୍ୟ ଯୁବକଙ୍କୁ ଗତିବିଧି ଉପରେ ନଜର ରଖାଯାଇ ନ ଥିବା ନେଇ ପ୍ରଚାର ହେବା ପରେ ସହରରେ ବିଶେଷ କରି ପଡାରେ ଆଲୋଚନା ଆରମ୍ଭ ହୋଇଛି। ତାଙ୍କ ପିତା ଜଣେ ବ୍ୟବସାୟୀ ହୋଇଥିବାରୁ ତାଙ୍କ ଦୋକାନ ଓ ଘରକୁ ବହୁ ଲୋକ ଯିବା ଆସିବା କରୁଥିବାରୁ ସେ ଯେଭଳି ଠିକ୍ ଭାବେ ହୋମ ଆଇସୋଲେଶନ୍‌ରେ ରହିବେ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସତର୍କତା ହିଁ ସୁରକ୍ଷା ଏନେଇ ସମସ୍ତେ ସହଯୋଗ କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷେ କୌଣସି ଅପପ୍ରଚାର ନ କରି ସାମାଜିକ ଦୂରତା ବଜାୟ ରଖିବାକୁ ସାଧାରଣରେ କୁହାଯାଇଛି।

# ଚାଷୀଙ୍କୁ ମିଳୁନି ବିକ୍ରି ଧାନ ଟଙ୍କା: ଥାନାର ଦ୍ୱାରସ୍ଥ

**ଦେଓଗାଁ,୨୦।୩(ଡି.ଏନ.ଏ.)**




ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ଉପରଝର ପେକ୍ସରେ ଚଳିତ ଖରିଫ ଧାନକିଣାରେ ୮ ଜଣ ଚାଷୀ ଟୋକନ ଅବ୍ୟବସ୍ଥାରେ ଛନ୍ଦି ହୋଇ ଅଦ୍ୟାବଧି ପାଇପାରୁନାହାନ୍ତି ଧାନର ସହାୟକ ମୂଲ୍ୟ । ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେବାପରେ ଶୁକ୍ରବାର ୮ ଜଣ ଚାଷୀ ଦେଓଗାଁ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନା ଯୋଗ୍ୟ, ଚାଷୀ ଚିତ୍ତରଞ୍ଜନ ଗଡତ୍ୟା, କର୍ଣ୍ଣ ଭୋଇ, ମନୋଜ ପଧାନ, ସତ୍ୟବାନ ଦୋରା, ନିରଞ୍ଜନ ମାଝି, ଧନଞ୍ଜୟ ବିଶ୍ୱାଳ, ମୁରଲୀ ପଧାନ ଓ କୁଳମଣି ପଧାନ ପେକ୍ସରେ ବିକ୍ରି ପାଇଁ ଫେବୃୟାରୀ ୫ ଓ ୭ ତାରିଖରେ ଧାନ ଆଣି ଥିଲେ । ଉକ୍ତ ଚାଷୀଙ୍କ ଟୋକନ ଆସି ନ ଥିବାରୁ ପେକ୍ସ ସମ୍ପାଦକ ନିଶାମଣି ସାହୁ ଲିଖିତ ପ୍ରମାଣ ଭାବେ ଧାନ ରଖି ଗୁଡଭେଲା ସରସ୍ୱତୀ ରାଇସମିଲକୁ ପଠାଇଥିଲେ । ଦେଢ଼ମାସ ପରେ ସମ୍ପୃକ୍ତ ଚାଷୀମାନେ ପେକ୍ସ ସମ୍ପାଦକଙ୍କୁ ଧାନର ପାଉଣା ବିଷୟରେ ବୁଝିବାକୁ ଆସିବା ବେଳେ ସମ୍ପାଦକ ସାହୁ ସମ୍ପୃକ୍ତ ମିଲ୍ ମାଲିକଙ୍କୁ ଯୋଗାଯୋଗ କରିଥିଲେ । ହେଲେ ମିଲମାଲିକ କୌଣସୀ ଧାନ ଆସି ନାହିଁ ବୋଲି କହିବା ପରେ ସମ୍ପାଦକ ସାହୁଙ୍କ ସହ ଚାଷୀମାନେ ହତାସ ହୋଇପଡିଥିଲେ। ଏନେଇ ଚାଷୀମାନେ ବଲାଙ୍ଗୀର ଏଆର୍‌ସିଏସ୍ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି । ହେଲେ ଚାଷୀଙ୍କ କହିବାନୁସାରେ ଏପର୍ଯ୍ୟନ୍ତ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି । ତେବେ ଗୁରୁବାର ଉପଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିବା ବେଳେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ପେକ୍ସର ସମ୍ପାଦକ ନିଶାମଣି ସାହୁଙ୍କୁ ପଚାରିବାରୁ ଟୋକନ ନ ଆସିବାରୁ ୧୬ଜଣ ଚାଷୀଙ୍କ ଧାନ ବିନା ଟୋକନରେ କ୍ରୟ କରିଥିଲୁ। ସେଥିମଧ୍ୟରୁ ୮ ଜଣ ଚାଷୀଙ୍କ ଧାନର ପାଉଣା ପ୍ରଦାନ ସରିଛି। ଅନ୍ୟ ୮ ଜଣ ଚାଷୀଙ୍କ ୪୭୪.୩୨କୁଇଣ୍ଟାଲ ଧାନ ଗୁଡଭେଲା ସରସ୍ୱତୀ ରାଇସମିଲକୁ ପଠାଇଛୁ। ହେଲେ ଦୁଃଖର ବିଷୟ ରାଇସମିଲ ମାଲିକ ଧାନ ଆସି ନ ଥିବା କହିବା ପରିତାପର ବିଷୟ ବୋଲି କହିଥିଲେ। ସେହପରି ସମ୍ପୃକ୍ତ ମିଲର ମାଲିକ ଲାଲ ବିହାରୀ ଗୁପ୍ତାଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଚାଷୀଙ୍କ ଧାନ ଆସି ନ ଥିବା କହିଥିଲେ। ଏନେଇ ଉପଜଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଉକ୍ତ ଚାଷୀଙ୍କ ଟୋକନ ଜେନେରେଟ ଓ ଧାନର ପାଉଣା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଫଟୋରେ ଖବର







କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ କଟକଣା ପରେ ବଲାଙ୍ଗୀର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବଲାଙ୍ଗୀରର ସୁନ୍ନି ସଦର ମସଜିଦ୍, ସେଣ୍ଟ୍ରାଲ ଚର୍ଚ୍ଚ ଏବଂ ସମଲେଶ୍ୱରୀ ମନ୍ଦିର ବନ୍ଦ ରହିଛି। (ଫଟୋ-ସୁନୀଲ)



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ନିୟନ୍ତ୍ରଣ ହେଉନାହିଁ ମହିଷା ରୋଗ, ଚାଷୀ କ୍ଷତିଗ୍ରସ୍ତ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳର ଚାଷ ଜମିରେ ଏବେ ମହିଷା ରୋଗ ସମେତ ଗଣ୍ଡି ପୋକର ପ୍ରଭାବ ଦେଖିବାକୁ ମିଳିଛି। ଚଳିତ ରବି ଫସଲରେ ଇନ୍ଦ୍ରାବତୀ ଜଳସେଚନ ମାଧମରେ ୯ ହଜାର ୫୦୦ ହେକ୍ଟର ଓ ଗଭିର ନଳକୂଅ ଏବଂ ହାତୀ ନଦୀର ଉଠା ଜଳ ସେଚନ ଦ୍ୱାରା ୮୨୫ ସର୍ବମୋଟ ୧୦ ହଜାର ୩୨୫ ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯାଇଛି। ଏଥି ମଧରୁ ପ୍ରାୟ ଏକ ହଜାରରୁ ଅଧିକ ଚାଷ ଜମିରେ ମହିଷା ରୋଗ ଓ ଗଣ୍ଡି ପୋକର ପ୍ରଭାବ ରହିଥିବା କୃଷି ବିଭାଗ ଅଧିକାରୀ ସ୍ୱୀକାର କରିଛନ୍ତି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ଉନ୍ନତି କରୁଥିବା ଘୋଷଣା କରିଥିଲେ ମଧ ଅଦ୍ୟାବଧି ରିହାତି ମୂଲ୍ୟର କୀଟନାଶକ ଯୋଗାଇ ନାହାନ୍ତି। ଫଳରେ ଚାଷୀ ଖୋଲା ବଜାରରୁ ଅଧିକ ମୂଲ୍ୟ ଦେଇ କୀଟନାଶକ କିଣି ଶୋଷଣର ଶିକାର ହେଉଛନ୍ତି। ଏହାସହ କୃଷକମାନଙ୍କ ଅସମୟରେ କୌଣସି କୃଷି କର୍ମଚାରୀଙ୍କ ଦେଖାମିଳୁନାହିଁ। ଯେଉଁଥିପାଇଁ ଚାଷୀ ଅନଭିଜ୍ଞ ଦୋକାନୀ ଅଥବା କମ୍ପାନୀ ଲୋକଙ୍କ ପରାମର୍ଶ ନେଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

# ଶୂନଶାନ ସହର, ଘରୁ ବାହାରୁ ନାହାନ୍ତି ଲୋକେ



କରୋନା ଭୂତାଣୁ ଭୟରେ ସହର ଖାଁ ଖାଁ ଲାଗୁଛି ।

**କୋମନା,୨୦।୩ (ଡି.ଏନ.ଏ.)**

**କରୋନା ଭୟ**

ସବୁଠି ଏବେ କରୋନା ଭୂତାଣୁର ଭୟ। ଏଥିରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସତର୍କତାର ସହ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। କରୋନା ଭୁତାଣୁର ମୁକାବିଲା କରିବା ପାଇଁ ପ୍ରଶାସନ ଦ୍ୱାରା ଜାରି ହୋଇଥିବା ବିଭିନ୍ନ ସଚେତନ ବାର୍ତ୍ତା ସବୁଠି ପହଞ୍ଚି ଯାଇଛି। ପଞ୍ଚାୟତଠୁ ଆରମ୍ଭ କରି ସହରଯାଏ ସମସ୍ତେ କରୋନା ଭୁତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସଚେତନ ହୋଇ ବିନା କାମରେ ଘରୁ ବାହାରୁ ନ ଥିବା ବେଳେ ବିଭିନ୍ନ ସ୍ଥାନରେ ପୂର୍ବ ଭଳି ଜନଗହଳି ସ୍ଥାନ ସୃଷ୍ଟି ହେଉନି। ଲୋକେ ମୁହଁରେ ମାସ୍କ କିମ୍ବା ରୁମାଲ ପିନ୍ଧି ପଦାକୁ ବାହାରୁଛନ୍ତି। ବାହାର ଖାଦ୍ୟ ଖାଉଥିବା ଲୋକେ ମଧ୍ୟ କରୋନା ଭୁତାଣୁ ଭୟରେ ଅତି ସତର୍କତା ଅବଲମ୍ବନ କରି ଖାଦ୍ୟପେୟ ଗ୍ରହଣ କରୁଛନ୍ତି । ଜନସାଧାରଣ ସଚେତନ ହୋଇ ଗାଁରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ମଧ୍ୟ ସ୍ଥଗିତ ରଖୁଛନ୍ତି। ଗାଁ ଗହଳି ଲୋକମାନେ ପୋଖରୀରେ ନ ଗାଧୋଇ ନଳକୂପ ବ୍ୟବହାର କରିବା ସହ ଭୁତାଣୁ ମୁକାବିଲା ପାଇଁ ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ତଥା ନିୟମାବଳିଗୁଡିକୁ ଠିକ ଭାବେ ପାଳନ କରୁଛନ୍ତି ।

### ସେମାନେ ଯାହା କୁହନ୍ତି....



ଓଡିଶା ସରକାର କରୋନା ସଂକ୍ରାନ୍ତରେ ଠିକ ସମୟରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସ୍କୁଲ, କଲେଜ, ମଲ୍, ପାର୍କ, ସଭା ସମିତି ବନ୍ଦ କରିବା ସହ ସରକାର ଦେଇଥିବା ବିଭିନ୍ନ ପରାମର୍ଶ ମାନି ଚଳିଲେ କରୋନା ଭୁତାଣୁ ଆମର କିଛି କ୍ଷତି କରିପାରିବ ନାହିଁ।

**-ଅଶୋକ କୁମାର ପାଢୀ, ଅବସରପ୍ରାପ୍ତ ଶିକ୍ଷକ, କୋମନା**



ସବୁବେଳେ ସଫା ସୁତୁରା ରହିବା ପାଇଁ ଲୋକଙ୍କୁ ସଚେତନ କରୁଛୁ। ସମସ୍ତଙ୍କୁ ବାରମ୍ବାର ସାବୁନରେ ହାତ ଧୋଇବା, କାଶ ଓ ଛିଙ୍କ ବେଳେ ରୁମାଲ ବ୍ୟବହାର କରିବା, ଜନଗହଳିସ୍ଥାନରୁ ଦୂରରେ ରହିବା ସହ ଭୁତାଣୁକୁ ଭୟ ନ କରିବାକୁ ଲୋକଙ୍କୁ ସଚେତନତା କରାଯାଉଛି ।

**-ଜୟଦେବ ପ୍ରଧାନ, ସ୍ଥାନୀୟ ସାମାଜିକ କର୍ମୀ**



ପ୍ରଶାସନ ପକ୍ଷରୁ ଯାହା ବି ପଦକ୍ଷେପ ନିଆଯାଇଛି ତାହା ଯଥେଷ୍ଟ ନୁହେଁ, କାରଣ ଗାଁ ଗହଳି ଓ ଦୁର୍ଗମ ଅଞ୍ଚଳକୁ ସଚେତନତା ଠିକ ଭାବେ ପହଞ୍ଚି ପାରିନି । ଏଣୁ ସେହି ସ୍ଥାନରେ ଅଧିକ ସଚେତନତାର ଆବଶ୍ୟକତା ରହିଛି ।

**-ବିମଳ ଯୋଶୀ, ସମାଜିକ କର୍ମୀ, ଭେଲା**

### କରୋନା ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

**କୋମନା,୨୦।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ କରୋନା ଭୁତାଣୁ ସଂକ୍ରମଣ ଉପରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଶ୍ୟାମଳ କୁମାର ରୟ, କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଅଧିକାରୀ ଦିବାକର ଓଝା, ଏବିଡିଓ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ସଚେତନତା କରିଥିଲେ। ଭୁତାଣୁରୁ ରକ୍ଷା ପାଇବା ପାଇଁ ଜନସାଧାରଣଙ୍କୁ ସଫା ସୁତୁରା ରହିବା, ଜନଗହଳି ସ୍ଥାନରୁ ଦୁରେଇ ରହିବା, ହାତ ନ ମିଳାଇ ନମସ୍କାର କରିବା, ସବୁବେଳେ ସାବୁନରେ ହାତ ଧୋଇବା, କାଶ ଓ ଛିଙ୍କ ହେଉଥିବା ଲୋକଙ୍କୁ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଜନସମାଗମ ହେଉଥିବା ସାମାଜିକ କାର୍ଯ୍ୟଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ କୋମନା ବ୍ଲକର ସମସ୍ତ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# କରୋନା ସଚେତନତା କାମ ଦେଉନାହିଁ

**ନୂଆପଡା ଅଫିସ,୨୦।୩**

- **ଲୋକଙ୍କ ଭିତରେ ସଚେତନତା ଦରକାର**
- **ଜିଲା ସ୍କ୍ୱାଡ ଗଠନ, ରାଜ୍ୟ ସୀମାନ୍ତ ସିଲ୍ କରିବା ଆବଶ୍ୟକ**

ନୂଆପଡା ଜିଲା ପଡୋଶୀ ରାଜ୍ୟ ଛତିଶଗଡ ସୀମାକୁ ଲାଗି ରହିଛି। ଏଠାରୁ ଛତିଶଗଡର ରାଜଧାନୀ ରାୟପୁରର ଦୂରତା ମାତ୍ର ୧୨୦ କି.ମି. । ଏଠିକାର ଅର୍ଦ୍ଧାଧିକ ଶ୍ରମିକ ପରିବାର ବର୍ତ୍ତମାନର କରୋନା ସଂକ୍ରମିତ ରାୟପୁର, ମହାରାଷ୍ଟ୍ରର ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଆଦି ଜାଗାରେ କାମଧନ୍ଦା କରୁଥିବାବେଳେ ଛାତ୍ରୀଛାତ୍ର ମଧ୍ୟ ପାଠ ପଢୁଛନ୍ତି। ଏଭଳିସ୍ଥିତିରେ ବର୍ତ୍ତମାନ ଜିଲାରେ ସଂକ୍ରମଣର ସମ୍ଭାବନାକୁ ଏଡାଇଦିଆଯାଇ ନ ପାରେ ବୋଲି ମତ ପ୍ରକାଶ ପାଇଛି । ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଉପଦେଷ୍ଟାବଳି (ଆଡଭାଇଜରୀ) ଜାରି କରାଯାଇଛି। ହେଲେ ଗ୍ରାମାଞ୍ଚଳରେ ଏହା ଉପରେ ସଚେତନତାର ପ୍ରଭାବ ସେତେଟା ଆସିପାରି ନ ଥିବା ପରିଲକ୍ଷିତ ହେଉଛି। ଗାଁରେ ଦିନ ଦ୍ୱିପ୍ରହରେ ବିବାହ ଭୋଜି କରୁଛନ୍ତି । ସାପ୍ତାହିକ ବଜାରରେ ଭିଡ ହେଉଛି । ବିଭିନ୍ନ ବୈଠକ, ସଭାସମିତି, ଭିଡ ଜମାଇବାକୁ ବାରଣା କରାଯାଇଥିବା ବେଳେ କାର୍ଯ୍ୟାଳୟଗୁଡିକରେ ଭିଡ ଜମୁଥିବା ଦେଖାଯାଉଛି। ରାଜ୍ୟ ବାହାରୁ ଛାତ୍ରୀଛାତ୍ର, ଶ୍ରମିକମାନେ ବେଧଡକ ଜିଲାରେ ପ୍ରବେଶ କରି ଆସୁଛନ୍ତି। ସେ ମଧ୍ୟରୁ କାଭାଁ ଜିଲା ପ୍ରଶାସନର ନଜରକୁ ଆସୁଛି। ଶ୍ରମିକ, ଛାତ୍ରୀଛାତ୍ରମାନେ କ'ଣ କରିବେ କାହିଁକି କରିବେ ସେ ବିଷୟରେ ଅଜ୍ଞଥିବା ଦେଖାଯାଉଛ। ଅନେକେ ଏହାକୁ ହାଲୁକା ଭାବେ ନେଉଥିବା କୁହାଯାଉଛି । ତେବେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି ଯେ ସହରରେ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱଂୟ ସହାୟକ ଦଳ ପ୍ରଚାର କରୁଥିବା ଦେଖାଯାଉଛି। ହେଲେ ବିଭିନ୍ନ ରାଜ୍ୟରୁ ଆସୁଥିବା ଛାତ୍ରୀଛାତ୍ର, ଶ୍ରମିକମାନଙ୍କ ଉପରେ ପ୍ରଶାସନ ବିଶେଷ ଦୃଷ୍ଟି ଦେବା ଜରୁରୀ ରହିଛି ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ କଦମର ସମ୍ପାଦକ ଯାଜ୍ଞସେନୀ ମହାପାତ୍ର କହିଛନ୍ତି । ଏହିଭଳି ବର୍ତ୍ତମାନ ରାଜ୍ୟର ସୀମାକୁ ସିଲ କରିବା ସହ ପ୍ରତିଦିନ ରାଜ୍ୟ ବାହାରୁ ଆସୁଥିବା ଗାଡି ମୋଟର ଉପରେ ଦୃଷ୍ଟି ଦେବାକୁ ଲୋକେ ଦାବି ରଖିଛନ୍ତି । ଏ ସମ୍ପର୍କରେ ସିଡିଏମଓ କାଳୀପ୍ରସାଦ ବେହେରା କରୋନା ଉପରେ ପ୍ରଶାସନ ସଜାଗ ରହିଛି। ଏହାକୁ ନେଇ ଏକ କଣ୍ଟ୍ରୋଲ ରୁମ ରହିଛି। ତାର ନମ୍ବର ୯୪୩୯୯୮୯୫୩୦ରେ ଯେକୌଣସି ସମୟରେ ଲୋକ କଲ କରି ଜଣାଇ ପାରିବେ । ବାହାରୁ ଆସୁଥିଲେ ନିଜ ଘରେ ମଧ୍ୟ ସ୍ୱତନ୍ତ୍ର କୋଠରିରେ ରହି ପ୍ରଶାସନକୁ ଏହି ନମ୍ବରରେ ସୂଚନା ଦେଲେ ଆମେ ତାଙ୍କ ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେଇ ପାରିବୁ ବୋଲି କହିଛନ୍ତି ।



ଜିଲା ରେଜିଷ୍ଟ୍ରେଶନ ଅଫିସ ସମ୍ମୁଖରେ ଲୋକଙ୍କ ଭିଡ଼ ଜମିଛି ।

# କରୋନା ସତର୍କତା ଆଦେଶନାମାର ଉଲ୍ଲଂଘନ

**ଖଡିଆଳ,୨୦।୩ (ଡି.ଏନ.ଏ.)**



ଖଡ଼ିଆଳ ଏନଏସି ସାପ୍ତାହିକ ହାଟରେ ଜନଗହଳି ହୋଇଛି।

**ଖଡିଆଳ ସହର**

କରୋନା ଭାଇରସ ନେଇ ରାଜ୍ୟ ସରକାର ସତର୍କତା ପାଇଁ ଜନଗହଳି ନ କରିବାକୁ ଆଡଭାଇଜରି ଜାରି କରିଛନ୍ତି। ଗାଁରୁ ସହର ଯାଏଁ ଦୋକାନ ବଜାର ସ୍ଥାନ ସମେତ ବିହାର, ଜାନୀଯାତ୍ରା, ବିଭିନ୍ନ ଧର୍ମାନୁଷ୍ଠାନରେ ଜନଗହଳି ନ କରିବାକୁ ସରକାର କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶନାମା ନୂଆପଡା ଜିଲା ଖଡିଆଳ ସହରରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସାପ୍ତାହିକ ବଜାରରେ ପ୍ରବଳ ଜନଗହଳି ଲାଗି ରହିଥିଲା । ଏଥିରେ ଶହ ଶହ ଗୃହ ପାଳିତ ପଶୁ ସମେତ ହଜାର ହଜାର କ୍ରେତା ଓ ବିକ୍ରେତାଙ୍କ ଗହଳି ଲାଗି ରହିଥିଲା । ପୂର୍ବରୁ ହାଟ ବଜାରରେ ଜନଗହଳି ନ କରିବାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇ ନ ଥିଲା । ଶୁକ୍ରବାର ସାପ୍ତାହିକ ହାଟରେ ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥିବା ବେଳେ ଭିଡକୁ ନିୟନ୍ତ୍ରଣ କରିବାକୁ କୌଣସି ପୋଲିସ କର୍ମଚାରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦେଖା ନ ଥିଲା । ଅପରପକ୍ଷେ ହାଟରେ ଉପସ୍ଥିତ କ୍ରେତା ଓ ବିକ୍ରେତାଙ୍କ ମୁହଁରେ ମାକ୍ସ ଲାଗି ନ ଥିଲା । ଏପରିକି ସ୍ୱାସ୍ଥ୍ୟ ବିଭାଗର କୌଣସି କର୍ମଚାରୀ ହାଟରେ ସେନିଟାଇଜର ବ୍ୟବସ୍ଥା କରାଯାଇ ନ ଥିବା ବେଳେ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ ମଧ କରାଯାଇ ନାହିଁ । ଫଳରେ ମହାମାରି କରୋନା ବ୍ୟାପିକା ଆଶଙ୍କା ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଜିଲା ପ୍ରଶାସନ ସତର୍କତା ମୂଳକ ପଦକ୍ଷେପ ଉପରେ ସ୍ଥାନୀୟ ବୃଦ୍ଧିଜୀବୀ ସନାତନ ଦଣ୍ଡସେନା, ଚନ୍ଦନ ସାହୁ, ସୁନୀଲ କୁମାର ନାଗ, ସଚିନ୍ଦ୍ର ମୋହନ ଯୋଶୀ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

# ସିନାପାଲିରେ କରୋନାକୁ ନେଇ ସଚେତନତା ସଭା

**ସିନାପାଲି,୨୦।୩ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହଠାରେ କରୋନାକୁ ନେଇ ଶୁକ୍ରବାର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସିନାପାଲି ବିଡିଓ ସଦାଶିବ ନାଏକଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି, ଡାକ୍ତର ତାରାକାନ୍ତ ଦାସ, ଜିପିଇଓ ସନାତନ ପଣ୍ଡା, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର କୁମାର, ବିଏସ୍ଏସ୍ଓ ଦୁର୍ଯ୍ୟୋଧନ ବିଶି, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ସିନାପାଲି ଆଇଆଇସି ଜ୍ୟୋତିନ ଗୌଡ ପ୍ରମୁଖଙ୍କ ସହ ଏପିଡି ଜିଲା ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। କରୋନାକୁ ନେଇ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଉଥିବା ବେଳେ ଏହାଠୁ କିଭଳି ସୁରକ୍ଷିତ ରହିପାରିବା ସେ ନେଇ ଅତିଥିବୃନ୍ଦ ବିଶେଷ ମତପ୍ରକାଶ କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀମାନଙ୍କୁ ଘର ଘର ବୁଲି ଲିଫ୍‌ଲେଟ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାସହ ସିନାପାଲି ପଞ୍ଚାୟତ ସମିତି ସମସ୍ତ ୨୭ଟି ଗ୍ରାମପଞ୍ଚାୟତ ବିଭିନ୍ନ ହାଇସ୍କୁଲ ଓ ୟୁପି ସ୍କୁଲରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲାଯିବା ପାଇଁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନସମାଗମ ହେଉଥିବା ସାମାଜିକ କାର୍ଯ୍ୟଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କୌଣସି ଜରୁରୀ କାର୍ଯ୍ୟକ୍ରମ ଥାଏ, ତାହେଲେ ଉପଜିଲାପାଳଙ୍କୁ ଏ ବିଷୟରେ ଅବଗତ କରି ଅନୁମତି ନେବା ପାଇଁ କୁହାଯାଇଛି। ବୈଠକରେ ସିନାପାଲି ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟସଭ୍ୟା ତଥା ବ୍ଲକ୍, ସ୍ୱାସ୍ଥ୍ୟ ବିଭାଗ, ଶିଶୁ ବିକାଶ, ପୋଲିସ ବିଭାଗ କର୍ମଚାରୀ ସାମିଲ ଥିଲେ।

# ସାଧାରଣ ଜୀବନଜୀବିକା ବିପନ୍ନ

**ନୂଆପଡ଼ା ଅଫିସ,୨୦।୩**

- **କାମ କରିଛନ୍ତି, ପ୍ରାପ୍ୟ ମିଳୁନି**
- **ରୋଜଗାର ମିଳୁନି, ଗାଁ ଖାଁ ଖାଁ**
- **ସହରଠୁ ଦୂରର ଗାଁ ଭାଓସିଲ**

ସରକାର ବଣ ଜଙ୍ଗଲରେ ରହୁଥିବା ଲୋକଙ୍କୁ ସବୁବେଳେ ମୌଳିକ ସୁବିଧା ଯୋଗାଇ ଦେବାକୁ ବଦ୍ଧପରିକର ଥିବାବେଳେ ଅଧିକାରୀମାନଙ୍କ ଅବହେଳା ଯୋଗୁ ଯୋଜନା ସବୁ ଅପହଞ୍ଚ ହେଉଛି। କାମ ଧନ୍ଦା କିଛି ନାହିଁ । ଯାହା ବି କାମ କରୁଛନ୍ତି ତାରି ପେମେଣ୍ଟ ମିଳୁନାହିଁ। ବର୍ତ୍ତମାନ ସ୍ଥିତିରେ ଲୋକେ ଗାଁରୁ ବାହାରକୁ ଯାଉ ନ ଥିବାବେଳେ ଲୋକଙ୍କ ଜୀବନ ଜିବିକା ବିପନ୍ନ ହୋଇପଡିଛି। ଜିଲା ସଦର ମହକୁମାଠାରୁ ୩୦ କି.ମି. ଦୂର ସୋସେଙ୍ଗ ଗ୍ରାମପଞ୍ଚାୟତର ଭାଓସିଲ ଗାଁର ସ୍ଥିତିକୁ ଦେଖିଲେ ସବୁ ଜଳ ଜଳ ହୋଇ ଦେଖାଯାଉଛି ।

ସମୁଦ୍ର ପତନରୁ ୨ ହଜାର ଫୁଟ ଉଚ୍ଚରେ ଥିବା ଭାଓସିଲ ଗାଁରେ ମୋଟ ୫୨ଟି ପରିବାର ରହୁଛନ୍ତି । ଏଥିରେ ଶତପ୍ରତିଶତ ଚକୋଟିଆ ଭୁଞ୍ଜିଆ ଭଳି ଆଦିମ ଆଦିବାସୀବର୍ଗର ଲୋକ ବସତି କରି ରହୁଛନ୍ତି । ଏମାନଙ୍କ ମଧ୍ୟରୁ ସମସ୍ତ ପରିବାର ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି । ଏଠାରେ ପାନୀୟ ଜଳ, ବିଜୁଳି, ଖାଦ୍ୟ, ବସ୍ତ୍ର ଭଳି ମୌଳିକ ସୁବିଧା ଲୋକଙ୍କୁ ମିଳିପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି ।

ଏଠାରେ ପାନୀୟ ଜଳର ସୁବିଧା ନ ଥିବାରୁ ବାଧ୍ୟ ହୋଇ ଝରଣା ପାଣି ବ୍ୟବହାର କରଥାନ୍ତି । ସେହିଭଳି ଆଜକୁ ବହୁ ଦିନ ଧରି ବିଜୁଳି ତାର, ଖୁଣ୍ଟ ପୋତା ଯାଇଛି। ହେଲେ ବିଜୁଳି ସଂଯୋଗ ଦେଉନାହିଁ । ଫଳରେ ଲୋକେ ବାଧ୍ୟ ହୋଇ ଡବିରି ଜଳାଇ ଅନ୍ଧାରୀ ମୂଳକରେ ରାତି କାଟୁଛନ୍ତି । ରୋଜଗାର କହିଲେ ଏଠାରେ ସରକାରଙ୍କ ପକ୍ଷରୁ ସିବିଡିଏ ଭଳି ସରକାରୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି । ହେଲେ ବର୍ଷ ବର୍ଷ ଧରି ଗ୍ରାମବାସୀ ସିବିଡିଏ ଅଧିକାରୀଙ୍କୁ ଦେଖି ନ ଥିବା ପ୍ରକାଶ କରିଛନ୍ତି । ଏହି ସଂସ୍ଥାକୁ ଲୋକଙ୍କ ସବୁ ପ୍ରକାର ସୁବିଧା ଯୋଗାଇବା ସହ ଉନ୍ନତି ସକାଶେ ଯୋଜନା କାର୍ଯ୍ୟକାରୀ କରିବା କଥା। ହେଲେ ଯୋଜନାରେ ଆସୁଥିବା ଟଙ୍କାକୁ ବାଟମାରଣା କରୁଥିବା ଗ୍ରାମର ୱାର୍ଡ ସଭ୍ୟ ଅଞ୍ଜର ସିଂ ଭୁଞ୍ଜିଆ କହିଛନ୍ତି । ଏଭଳି ସ୍ଥିତିରେ ଲୋକେ କିପରି ସୁବିଧା ପାଉଥିବେ ତାହା ସହଜେ ଅନୁମେୟ। ଅନ୍ୟପକ୍ଷେ ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ଯୋଜନାରେ ରାସ୍ତାକାମ, ଜମି ମରାମତି ଭଳି କାମ କରି ଚାରି ପାଞ୍ଚ ହେବ ମଜୁରି ଟଙ୍କା ପାଇପାରୁନାହାନ୍ତି। ଘର ତିଆରି କରି ଲୋକେ ଟଙ୍କା ପାଉନାହାନ୍ତି । ଲୋକଙ୍କ ଜୀବନ ଜିବିକା ଦୁର୍ବିସହ ହୋଇପଡିଛି । ଆଗକୁ କରୋନା ଭୟ ସମସ୍ତଙ୍କୁ ସ୍ତବ୍ଧ କରୁଛି । ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଖାଁ ଖାଁ ଲାଗୁଥିବା ଭାଓସିଲ ଗାଁର ଚିତ୍ର।

# ପୁରୁଣା ଘର ଦେଖାଇ ଟଙ୍କା ଆତ୍ମସାତ

**ନୂଆପଡା ଅଫିସ/ଖଡିଆଳ, ୨୦।୩ (ଡି.ଏନ.ଏ.)**



ଜିଲାପାଳଙ୍କୁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଦୁର୍ନୀତି ଅଭିଯୋଗ

- **ଘର ନ କରି ଟଙ୍କା ଉଠାଣ**
- **ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ସରକାର ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ହେଲେ କେତେକ ଲାଭ ଖୋର ଅଧିକାରୀ ସ୍ଥାନୀୟ ଲୋକଙ୍କୁ ସଲାସୁତୁରା କରି ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ଏହା ଉପରେ ସବିଶେଷ ତଦନ୍ତ କରି ବ୍ଲକ ଏବଂ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଦଳିତ ଅଧିକାର ମଞ୍ଚ କର୍ମକର୍ତ୍ତା ଶୁକ୍ରବାର ନୂଆପଡା ଆସି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଦେଖାକରି ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ କଲେ ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବଡଦୋହେଲ ଗ୍ରାମପଞ୍ଚାୟତର ଲଛିପୁର ଗାଁରେ କେତୋଟି ଘର ନିର୍ମାଣ ନ କରି ହିତାଧିକାରୀଙ୍କ ନାଁରେ ଟଙ୍କା ଉଠାଣ କରାଯାଇଥିବାବେଳେ କେତେକ ହିତାଧିକାରୀଙ୍କ ପୁରୁଣା ଘରକୁ ମିଥ୍ୟା କାଗଜାତ ଦେଖାଇ ଲକ୍ଷାଧିକ ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି । ଏହି ପଞ୍ଚାୟତରେ ଶତାଧିକ ହିତାଧିକାରୀଙ୍କ ନାଁରେ ଏହିଭଳି ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଛି । ଉଦାହରଣ ଭାବେ ଗାଁର ଯାଦବ ତାଣ୍ଡି ଏବଂ ସୁକମନୀ ତାଣ୍ଡିଙ୍କ ନାଁରେ ବିନା ଘର ତିଆରି କରି ଟଙ୍କା ଉଠାଣ କରାଯାଇଥିବାବେଳେ ଜଗତ ରାମ ତାଣ୍ଡି ଏବଂ ବିଦେଶୀ ସତନାମୀଙ୍କ ପୁରୁଣା ଘରକୁ ଦର୍ଶାଇ ଟଙ୍କା ଉଠାଣ କରାଯାଇଛି। ଏଥିରେ ହିତାଧିକାରୀମାନେ କିପରି ଜାଣିପାରିଲେ ନାହିଁ କି ହିତାଧିକାରୀଙ୍କ ସହ ସଲସୁତୁରା କରାଯାଇଛି । ତାହା ଏକ ପ୍ରଶ୍ନବାଚୀ ହୋଇପଡିଛି ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ



### ଓଲଟିଲା ବ୍ୟାଣ୍ଡପାର୍ଟି ଗାଡ଼ି, ୯ ଗୁରୁତର

**କୋକସରା,୨୦।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁରୁ ସୁପାଡ ମଝି ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୪ଟାରେ ବ୍ୟାଣ୍ଡପାର୍ଟି ପିକ୍‌ଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କ ମଧ୍ୟରେ ନବରଙ୍ଗପୁର ଜିଲା କାନ୍ଦୋଗଡ଼ା ପାପାଡାହାଣ୍ଡିର ସୁବାସ ଜାନି, ଆମପାଣି ପଞ୍ଚାୟତ ଆନ୍ଦିଝରନ ଥବିର ମାଝି, କୁମର ମାଝି, ରଘୁନାଥ ମାଝି, ରାଇସଂ ମାଝି, ଦଶରୁ ରାଉତ, ଖଗେଶ୍ୱର ମାଝି, ଘଣ୍ଟିଗୁଡା ଧେବେନପଡାର ଦୁଲ ମୁଲକିଆ ଓ ଭାଲିଆଯୋର ଗାଁର ଜନ୍ମେଜୟ ପୂଝାରି। ଗୁରୁତରଙ୍କୁ ପ୍ରଥମେ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଲଡୁଗାଁରୁ ସୁପାଡ ମଝି ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୪ଟାରେ ସୁପାଡରୁ ଭାଲିଆଯୋରକୁ ବାହାଘରୁ ଫେରିବା ବେଳେ ପିକ୍‌ଅପ୍ ଗାଡ଼ି (ନଂ.ଓଡି୨୪-୩୩୨୬) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



### ଝଡ଼ ତୋଫାନରେ ଘର ଭାଙ୍ଗିଲା, ପରିବାର ବେସାହାରା

**ଲାଞ୍ଜିଗଡ଼,୨୦।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଗୁରୁବାର ସନ୍ଧ୍ୟାରେ ଝଡତୋଫାନ ସହ ପ୍ରବଳ କୁଆପଥର ବର୍ଷା ମାଡରେ ଧନଜୀବନ ନଷ୍ଟ ହୋଇଥିବା ବେଳେ ବିଭିନ୍ନ ଗାଁରେ ଅନେକ କ୍ଷୟକ୍ଷତି ହୋଇଛି। ଝଡ ତୋଫାନରେ ଜଣକ ଘର ଭାଙ୍ଗି ଯାଇଥିବା ବେଳେ ପରିବାର ଲୋକ ବର୍ତ୍ତମାନ ବେସାହାରା ଅବସ୍ଥାରେ ରହିଛନ୍ତି। ଚମ୍ପାଦେଇପୁର ଗାଁର ସୁଦର୍ଶନ ଦୋରା ତାଙ୍କ ପରିବାର ସନ୍ଧ୍ୟାରେ ଘରେ ଥିବା ବେଳେ ଝଡତୋଫାନ ସହ ଜୋରରେ ବର୍ଷା ହୋଇଥିଲା। ଏହି ଝଡ ତୋଫାନରେ ସୁଦର୍ଶନ ଘର ଆଜବେଷ୍ଟ ଛାତ ଉଡାଇ ନେଇ ଚୁରମାର ହୋଇଯାଇଥିଲା। ଫଳରେ ବର୍ଷା ପାଣି ଯୋଗୁ ଘରେ ଥିବା ଧାନ, ଚାଉଳ ଆଦି ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ୩୦ ମିନିଟର ଝଡ ତୋଫାନ ଏହି ପରିବାରକୁ ସମ୍ପୂର୍ଣ୍ଣ ବରବାଦ କରିଦେଇଛି। ବର୍ତ୍ତମାନ ପରିବାରର ୮ପ୍ରାଣୀ କୁଟୁମ୍ବ ବେସାହାରା ହୋଇ ପଡ଼ିଛନ୍ତି। ସେମାନଙ୍କ ରହିବା ପାଇଁ ଘର ମଧ ନାହିଁ। ପ୍ରଶାସନ ପକ୍ଷରୁ ଏହି ପରିବାରକୁ ତଦନ୍ତ ସହାୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାଁକୁ ନାହିଁ ରାସ୍ତା, ପାଦଚଲା ହିଁ ଭରସା





ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁବାସୀ (ବାମ)। ରାସ୍ତା ନ ଥିବାରୁ ପାଦ ଚଲା ରାସ୍ତା ଦେଇ ଲୋକେ ଆସୁଛନ୍ତି ।



ରାସ୍ତା ନ ଥିବାରୁ ଜଣେ ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।

**ଲାଞ୍ଜିଗଡ଼,୨୦।୩ (ଡି.ଏନ.ଏ.)**

ଗ୍ରାମାଞ୍ଚଳର ବିକାଶ ହେଲେ ଦେଶ ବିକାଶ ହେବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରି ଗ୍ରାମାଞ୍ଚଳର ଗରିବ ଆଦିବାସୀଙ୍କ ଜୀବନ ଧାରାରେ ପରିବର୍ତ୍ତନ ଆଣିଥିବା କହୁଛନ୍ତି । ହେଲେ ଆଜି ବି ଅନେକ ଅପହଞ୍ଚ ଇଲାକାର ଲୋକେ ସରକାରୀ ଯୋଜନା କ'ଣ ଜାଣିନାହାନ୍ତି । ଏଭଳି ଏକ ଦୁର୍ଗମ ପାହାଡ ପର୍ବତ ଘେରା ଗାଁ ହେଉଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତର ତୁର୍କା ଗାଁ । ବ୍ଲକ ମହକୁମାଠାରୁ ୩୫ କି.ମି. ଦୂର ଏବଂ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୮ କି.ମି. ଦୂରରେ ଏହି ଗାଁ ଅବସ୍ଥିତ। ଗାଁରେ ୩୫ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ସମସ୍ତେ ଆଦିବାସୀ ଶ୍ରେଣୀର। ଏହି ଗାଁରେ ଅନେକଗୁଡିଏ ସମସ୍ୟା ଥିବା ବେଳେ ମୁଖ୍ୟ ସମସ୍ୟା ହେଉଛି ଗମନାଗମନ। ରାସ୍ତା ନ ଥିବାରୁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କୌଣସି ରୋଗ ହେଲେ କିମ୍ବା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୮ କି.ମି. ପାଦରେ ଚାଲି ଚାଲି ମୁଖ୍ୟ ରାସ୍ତାକୁ ଅଣା ଯାଇଥାଏ । ଗାଁରେ ରାସ୍ତା ଅଭାବରୁ ଲୋକେ ଇଟା, ବାଲି ସିମେଣ୍ଟ ଆଣି ନ ପାରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ନିର୍ମାଣ କରି ପାରୁନାହାନ୍ତି। ରାସ୍ତା ନ ଥିବାରୁ ପାଦରେ ୧୫ କି.ମି. ଚାଲି ପିଡିଏସ ସାମଗ୍ରୀ ପାଇଁ ପଞ୍ଚାୟତକୁ ଯିବାକୁ ପଡେ। ସ୍କୁଲ ନ ଥିବାରୁ ଗାଁ ପିଲା ପାଠ ପଢି ନ ପାରି ବେକାର ହୋଇ ଗାଈ ଚରାଉଛନ୍ତି। କିଛିପିଲା ଜଙ୍ଗଲ ରାସ୍ତାରେ ଚାଲି ଯୁବାଗାଁ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଆଉ ଏକ ସମସ୍ୟା ହେଉଛି ପିଇବା ପାଣି। ଗାଁରେ ନଳକୂଅ ନ ଥିବାରୁ ନାଳପାଣି ଉପରେ ଭରସା କରୁଛନ୍ତି ଏଠାକାର ଅଧିବାସୀ । ରାସ୍ତା ନ ଥିବାରୁ ସରକାରୀ କର୍ମଚାରୀମାନେ ଉକ୍ତ ଅଞ୍ଚଳକୁ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଗାଁରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଫେଲ୍ । ଗାଁରେ ଗୋଟିଏ ହେଲେ ପାଇଖନା ନାହିଁ । ଗାଁର ଲୋକେ ବାହାରେ ମଳତ୍ୟାଗ କରି ଅନେକ ସଂକ୍ରାମକ ରୋଗରେ ପୀଡିତ ହେଉଛନ୍ତି । ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଅନେକ ଶିଶୁ ଅପପୃଷ୍ଟିର ଶିକାର ହେଉଛନ୍ତି । ବିଜୁଳି ଆଲୁଅ ଗାଁ ପାଇଁ ସାତସପନ । ଡିବିରି ଆଲୁଅ ହିଁ ସେମାନଙ୍କ ଭରସା । ଏମିତି ବିଭିନ୍ନ ସମସ୍ୟା ଦେଇ ଘାଣ୍ଟି ହେଉଛନ୍ତି ତୁର୍କା ଗ୍ରାମବାସୀ। ଚଳିତବର୍ଷ ମୁଖ୍ୟରାସ୍ତାଠାରୁ ଯୁବାଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ହୋଇଛି। ଆଉ ୮ କି.ମି. ରାସ୍ତା ହୋଇଥିଲେ ଏହି ଗାଁର ଭାଗ୍ୟ ବଦଳି ଯାଇଥାନ୍ତା। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କୁ ଅନେକ ନେହୁରା ହୋଇଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ଗ୍ରାମର ଲୋଚନ ମାଝି ଓ କୁଳମଣି ମାଝି ପ୍ରକାଶ କରିଛନ୍ତି। ବିଭିନ୍ନ ସମସ୍ୟାକୁ ନେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଛନ୍ତି । ହେଲେ କୌଣସି ଅଧିକାରୀ ସେମାନଙ୍କ ଦୁଃଖ ବୁଝୁନାହାନ୍ତି । ଗତ କିଛିଦିନ ତଳେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ସମସ୍ତେ ଏକ ପ୍ରକାର ନିଦାବିଷ୍ଟୁ । ଗାଁର ସମସ୍ୟା ନେଇ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଚଳିତବର୍ଷ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ଯୋଜନାରେ ସେହି ଗାଁକୁ ଯେମିତି ହେଲେ ରାସ୍ତା ନିର୍ମାଣ କରାଯିବ, ରାସ୍ତା ହେଲା ପରେ ସବୁ ଯୋଜନା ସେ ଗାଁକୁ ପହଞ୍ଚିବ ବୋଲି ପ୍ରକାଶ କରିଛନ୍ତି ।

**ଦୁର୍ଗମ ତୁର୍କା ଗାଁ**

- ରାସ୍ତା ନ ଥିବାରୁ ଆବାସ ଯୋଜନା ପ୍ରହସନ
- ପିଡିଏସ୍ ସାମଗ୍ରୀ ପାଇଁ ୧୫ କି.ମି. ଯିବାକୁ ପଡ଼େ
- ବିଜୁଳି ଆଲୁଅ ଗାଁ ପାଇଁ ସାତସପନ

# ଚେକ୍‌ଡ୍ୟାମ୍ ପରିଦର୍ଶନ କଲେ ଅଧିକାରୀ

**ନାଳ ଉପର ଭାଗରେ ହ୍ୟୁମପାଇପ୍ ବସାଇବାକୁ ପ୍ରତିଶ୍ରୁତି**

**ଜୁନାଗଡ,୨୦।୩ (ଡି.ଏନ.ଏ.)**



କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଚେକ୍‌ଡ୍ୟାମ ପରିଦର୍ଶନ କରୁଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲସ୍ଥିତ ହାଲେରଜୋର (ନାଳ) ଉପରେ ନିର୍ମାଣ ହୋଇଥିବା ଚ୍ୟାକ୍‌ଡ୍ୟାମର ପାଣି ସ୍ଥାନୀୟ ଚାଷୀଙ୍କ ଜମିରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ କେତେକ ଚାଷୀ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇ ହୁଡ କାଟି ପାଣି ନେଉଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖବର ପ୍ରକାଶିତର ଦିନକ ପରେ ଅର୍ଥାତ୍ ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ, କର୍ମଚାରୀମାନେ ଉକ୍ତ ଚେକ୍‌ଡ୍ୟାମ ପରିଦର୍ଶନ କରିଥିଲେ। ଏହି ସମୟରେ ଅଧିକାରୀଙ୍କ କହିବାନୁଯାୟୀ, ଏହି ନାଳର ଜଳ ଧାରଣା କ୍ଷମତା ଅନୁଯାୟୀ ଚେକ୍‌ଡ୍ୟାମକୁ ଦେଢ ମିଟର ଉଚ୍ଚତା କରାଯାଇଥିଲା। ଯଦି ଏହାର ଉଚ୍ଚତା ଅଧିକ କରାଯାଇଥିଲେ ବର୍ଷା ଦିନରେ ବଢି ପାଣି ନାଳରେ ନିଷ୍କାସିତ ହୋଇ ନ ପାରି କୂଳ ଲଂଘି ସ୍ଥାନୀୟ ଚାଷ ଜମିରେ ପଶି ଫସଲ ନଷ୍ଟ ହେବା ସମ୍ଭାବନା ରହିଥିଲା। ଫଳରେ ଆଡିବନ୍ଧକୁ ଦେଢ ମିଟର ହିଁ ଉଚ୍ଚତା କରାଯାଇଥିଲା। ତେବେ ରବି (ଡାଲୁଅ) ଚାଷ ସମୟରେ ଚାଷୀଙ୍କୁ ଅଧିକ ପରିମାଣରେ ପାଣି ଆବଶ୍ୟକ ହୋଇଥାଏ। ଫଳରେ ସେହି ସମୟରେ ଚାଷୀମାନେ ନାଳରେ ପାଣି ଗଚ୍ଛିତ ରଖିବାକୁ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇଥାନ୍ତି। ବର୍ଷାଦିନେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଚାଷୀମାନେ ବାଲିବସ୍ତାଗୁଡିକୁ କାଢି ସୁରୁଖୁରୁରେ ପାଣି ନେଇଥାନ୍ତି ବୋଲି କହିଥିଲେ। ସେହିପରି ଚାଷୀଙ୍କ ସୁବିଧାକୁ ଦୃଷ୍ଟିକୁ ରଖି ଚେକ୍‌ଡ୍ୟାମର ଉପରି ଭାଗରେ ବିଭାଗ ପକ୍ଷରୁ ଶୀଘ୍ର ଗୋଟିଏ ହ୍ୟୁମ ପାଇପ୍ ବସାଯିବ । ଯଦ୍ୱାରା ଚାଷୀମାନେ ସିଧାସଳଖ ନିଜ ଚାଷ ଜମିକୁ ପାଣି ନେଇପାରିବେ। ଏହାଦ୍ୱାରା ଚାଷୀଙ୍କୁ ଆଉ ପୂର୍ବ ପରି ପାଣି ନେବା ପାଇଁ ହୁଡ କାଟିବାକୁ ପଡିବ ନାହିଁ ବୋଲି କହିଥିଲେ। ପରିଦର୍ଶନ ସମୟରେ କ୍ଷୁଦ୍ର ଜଳସେଚନ ବିଭାଗର ଏସ୍‌ଡିଓ ଧିରେନ୍ଦ୍ର କୁମାର ନାଏକ, କନିଷ୍ଠଯନ୍ତ୍ରୀ ଶୈଳେଶ ଧନୱାରା, କର୍ମଚାରୀ ଉଜ୍ଜଳ ନାଏକଙ୍କ ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏଠାରେ ଚେକ୍‌ଡ୍ୟାମ ନିର୍ମାଣ କରାଯିବା ପରେ ଅଞ୍ଚଳର ୨ ଶହରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଉଭୟ ଖରିଫ୍ ଓ ରବିରେ ଜଳସେଚନ ହୋଇପାରୁଥିବା ବେଳେ ଏହାଦ୍ୱାରା ଶହେରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେଉଛନ୍ତି।

## କରୋନା ନେଇ ସଚେତନତା ଶିବିର

**ଜୁନାଗଡ,୨୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ଶୁକ୍ରବାର ବ୍ଲକସ୍ତରୀୟ କରୋନା ଭୂତାଣୁ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲା ଗ୍ରାମ୍ୟଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିମ୍ବାଧର ସାହୁ, ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡା, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ସଚେତନତା ମାଧ୍ୟମରେ କରୋନା ଭୂତାଣୁକୁ ଆୟତ୍ତ କରିହେବ ହେବ ବୋଲି ଅତିଥିମାନେ ଉପସ୍ଥିତ ବ୍ୟକ୍ତିଙ୍କୁ ବିଝାଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଓ) ସିଦ୍ଧେଶ୍ୱର ମେହେର ପରିଚାଳନା କରିଥିଲେ। ଜୁନାଗଡ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ପିଇଓ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ।

# ୧୬୮ ଗ୍ରାମରେ ୩୧୦ ଜଣଙ୍କୁ ସ୍ୱତନ୍ତ୍ର ସ୍କ୍ରିନିଂ ଟିମ୍ ଦ୍ୱାରା ଯାଞ୍ଚ

**କରୋନା ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର**

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

ଓଡ଼ିଶା କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ଏହାକୁ ରୋକିବା ପାଇଁ କଳାହଣ୍ଡି ଜିଲା ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗର ୪୫ଟି ସ୍ୱତନ୍ତ୍ର ସ୍କାନିଂ ଦଳ ୧୯ ତାରିଖ ସୁଦ୍ଧା ୧୬୮ଟି ଗ୍ରାମ ବା ସ୍ଥାନରେ ୩୧୦ ଜଣଙ୍କୁ ସ୍କାନିଂ କରାଯାଇଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପ୍ରେସ ବିବୃତିରେ ପ୍ରକାଶ କରାଯାଇଛି। କଳାହାଣ୍ଡି ଜିଲାରେ କରୋନା ରୋଗର ପ୍ରତିଷେଧକ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଲୋକମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲାରେ ଭବାନୀପାଟଣାସ୍ଥିତ ମୁଖ୍ୟ ଡାକ୍ତରଖାନାରେ ୧୨ ଶଯ୍ୟା ବିଶିଷ୍ଟ ଆଇସୋଲେଶନ୍ ବେଡ୍ ଏବଂ ଏଥିନିମନ୍ତେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ବ୍ୟବସ୍ଥା କରାଯାଇଛି। ଏଥିସହ ଜିଲାର ବିଭିନ୍ନ ଘରୋଇ ଡାକ୍ତରଖାନା, ନର୍ସିଂହୋମରେ ମଧ୍ୟ ସ୍ୱତନ୍ତ୍ର ଆଇସୋଲେଶନ୍ ବେଡ୍ ବ୍ୟବସ୍ଥା କରାଯାଇଛି। କରୋନା ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତର, ପାରାମେଡିକାଲ କର୍ମୀ, ନର୍ସମାନଙ୍କୁ ଷ୍ଟାଣ୍ଡାର୍ଡ ଅପ୍ରେସନ୍ ପ୍ରୋସିଜର ସମ୍ବନ୍ଧରେ ତାଲିମ ଦେଇ ପ୍ରସ୍ତୁତ ରଖାଯାଇଛି। ଜିଲାର ଭବାନୀପାଟଣା, ଜୁନାଗଡ, ନର୍ଲା କେସିଙ୍ଗା ଏବଂ ଲାଞ୍ଜିଗଡ ରୋଡ ରେଳ ଷ୍ଟେଶନରେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। ଜିଲାରେ ୪୫ଟି ସ୍କିନିଂ ଦଳ ଗଠନ କରାଯାଇଛି। ଏହି ସ୍କିନିଂ ଦଳ ଜିଲାର ୧୬୮ ଗ୍ରାମ ପରିଦର୍ଶନ କରି ବାହାରୁ ଅନ୍ୟ ରାଜ୍ୟରୁ କଳାହାଣ୍ଡିକୁ ଆସିଥିବା ୩୧୦ ଜଣ ଯାତ୍ରୀଙ୍କୁ ଯାଞ୍ଚ କରିଛି। ସେହିପରି ଜିଲାର ୨୨୪୭ଟି ପରିବାର ପାଖରେ ଏହି ସ୍କିନିଂ ଦଳ ପହଞ୍ଚି କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ଭବାନୀପାଟଣା ଓ କେସିଙ୍ଗାରେ ଥିବା ଘରୋଇ ହସ୍ପିଟାଲ ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସାରା ଜିଲାରେ କରୋନା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ, ବ୍ୟାନର, ପୋଷ୍ଟର ଓ ହୋର୍ଡିଂ ଆଦି ସର୍ବସାଧାରଣସ୍ଥାନରେ ଲଗାଯାଇ ଲୋକମାନଙ୍କୁ ସଚେତନତା କରାଯାଇଛି। ଜିଲାର ସମସ୍ତ ଘରୋଇ ହସ୍ପିଟାଲ, ଘରୋଇ କମ୍ପାନୀ, ବିଭିନ୍ନ ଧର୍ମସ୍ଥାନର ଧର୍ମଗୁରୁ, ମହିଳା ସ୍ୱୟଂସାହାୟକ ଗୋଷ୍ଠୀମାନଙ୍କୁ ସଚେତନତା କରାଯିବା ସହିତ ପ୍ରତିଦିନ ଜିଲାପାଳ ସନ୍ଧ୍ୟା ୭ଟାରେ ବ୍ଲକ ଟିମ୍ ସହିତ ଭିସି ଦ୍ୱାରା କରୋନା ସମ୍ପର୍କରେ ସିଧାସଳଖ କଥା ହେବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ କରୋନା ସମ୍ପର୍କରେ ଆସୁଥିବା ନିର୍ଦ୍ଦେଶାନାମକୁ ଜଣାଉଛନ୍ତି।

# କରୋନା ସତର୍କତା : ୩୧ ପର୍ଯ୍ୟନ୍ତ ରୁପ୍ରାରୋଡ ସାପ୍ତାହିକ ବଜାର ବନ୍ଦ ରହିବ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

କରୋନା ଭାଇରସକୁ ଆଖି ଆଗରେ ରଖି ରୁପ୍ରାରୋଡ ସାପ୍ତାହିକ ବଜାରକୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଦ୍ଧାନ୍ତ ନେଇଛନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ। ଏ ନେଇ ରୁପ୍ରାରୋଡ ସରପଞ୍ଚ ଚିତ୍ତ ରଞ୍ଜନ ରଣା ସୂଚନା ଦେଇଛନ୍ତି । ପ୍ରତି ବୁଧବାର ରୁପ୍ରାରୋଡରେ ବସୁଥିବା ସାପ୍ତାହିକ ବଜାର ବିଭିନ୍ନ ସାମଗ୍ରୀ କିଣା ବିକା କରିବାକୁ ଅନେକ ଲୋକଙ୍କ ସମାଗମ ଲାଗି ରହିଥାଏ। ବର୍ତ୍ତମାନ କରୋନା ଭାଇରସଠାରୁ ଦୂରେଇ ରହିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜନଗହଳି ସ୍ଥାନଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। କଳାହଣ୍ଡି ଜିଲା ନର୍ଲା ବ୍ଲକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ରୁପ୍ରାରୋଡର ସାପ୍ତାହିକ ବଜାରରେ ପ୍ରବଳ ଗହଳି ହୋଇଥାଏ। ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ରୁପ୍ରାରୋଡର ସାପ୍ତାହିକ ବଜାରକୁ ବନ୍ଦ ଘୋଷଣା କରାଯାଇଛି।

# ୩୧୦ ପଞ୍ଚାୟତରେ ସ୍ୱତନ୍ତ୍ର ସଭା

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

**କରୋନା ମୁକାବିଲା**

କରୋନା ମୁକାବିଲା ପାଇଁ କଳାହାଣ୍ଡି ଜିଲାର ୩୧୦ଟି ପଞ୍ଚାୟତରେ ସ୍ୱତନ୍ତ୍ର ସଚେତନତା ସଭା ହୋଇଛି। ସଦର ବ୍ଲକର ୩୬ଟି ପଞ୍ଚାୟତରେ ଜିଲା ରାଜ୍ୟ ଉନ୍ନୟନ ସଂସ୍ଥାର ଉମସି ପାର୍ବତୀ ପଟ୍ଟନାୟକ ନୋଡାଲ ଅଫିସର ଭାବେ ସ୍ୱତନ୍ତ୍ର ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏଥିରେ ୩୬ଟି ପଞ୍ଚାୟତରେ ୫୬୯ ଜଣ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ସେହିପରି ଧର୍ମଗଡ ବ୍ଲକ ୨୪ଟି ପଞ୍ଚାୟତରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ନୋଡାଲ ଅଫିସର ଭାବେ ସଭା ତଦାରଖ କରିଥିବା ବେଳେ ବ୍ଲକର ୨୪ଟି ପଞ୍ଚାୟତରେ ଅନୁଷ୍ଠିତ ସଭାରେ ୫୩୨ ଜଣ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଗୋଲାମୁଣ୍ଡା ବ୍ଲକରେ ୨୮ ପଞ୍ଚାୟତରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ନୋଡାଲ ଅଫିସର ଥାଇ ହୋଇଥିବା ସଚେତନତା ସଭାରେ ୧୦୨୭ ଜଣ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଜୁନାଗଡ ବ୍ଲକରେ ୩୪ଟି ପଞ୍ଚାୟତରେ ହୋଇଥିବା ସଭାରେ ପିଡି ଡିଆରଡିଏ ପ୍ରଭାତ ମହାପାତ୍ର ନୋଡାଲ ଅଫିସର ଥିବା ବେଳେ ସ୍ୱତନ୍ତ୍ର ସଭାରେ ୧୦୫୦ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିଭଳି ଜିଲାର ଅନ୍ୟ ସମସ୍ତ ବ୍ଲକରେ ଥିବା ପଞ୍ଚାୟତରେ କରୋନା ସମ୍ପର୍କିତ ସ୍ୱତନ୍ତ୍ର ସଚେତନତା ସଭା ଆୟୋଜିତ ହୋଇଛି। ଜିଲାର ୩୧୦ଟି ପଞ୍ଚାୟତରେ ସଚେତନତା ସଭାରେ ସମୁଦାୟ ୮ ହଜାର ୪୫୧ ଜଣ ଗ୍ରାମବାସୀ ଯୋଗଦେଇଥିଲେ। ରାଜ୍ୟ ବାହାରୁ କଳାହାଣ୍ଡିକୁ ଆସୁଥିବା ଯାତ୍ରୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ଜିଲାର ସମସ୍ତ ରେଳ ଷ୍ଟେଶନରେ ସ୍ୱତନ୍ତ୍ର ସ୍କ୍ରିନିଂ ବ୍ୟବସ୍ଥା କରାଯାଇ ସେମାନଙ୍କ ସମସ୍ତ ତଥ୍ୟ ସଂଗ୍ରହ କରାଯାଉଛି।

# ନୋଡାଲ ଅଫିସରଙ୍କ ଆଇସୋଲେଶନ୍ ୱାର୍ଡ ପରିଦର୍ଶନ

**ଲାଞ୍ଜିଗଡ଼,୨୦।୩ (ଡି.ଏନ.ଏ.)**



ନୋଡାଲ ଅଫିସର ବିଶ୍ୱନାଥପୁର ମେଡିକାଲ ପରିଦର୍ଶନ କରୁଛନ୍ତି।

**କରୋନା ମୁକାବିଲା**

- ସାପ୍ତାହିକ ବଜାର, ସେଲୁନ ବନ୍ଦ

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡଲାଇନ ଅନୁସାରେ ମହାମାରୀ କରୋନା ପାଇଁ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି। ବିୟୁଟିପାରଲର, ସେଲୁନ୍ ସେବା ପ୍ରଦାନକାରୀ ମଧ୍ୟରେ ଦୂରତ୍ୱ ଗୋଟିଏ ମିଟର ମଧ୍ୟରେ ନ ରହିଲେ ସମ୍ଭବପର ହେଉ ନ ଥିବାରୁ ଏ ସବୁକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦୋକାନଗୁଡିକ ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଓ ବିଶ୍ୱନାଥପୁର ପୋଲିସ ଶୁକ୍ରବାର ହେବାକୁ ଥିବା ବିଶ୍ୱନାଥପୁର ସାପ୍ତାହିକ (ହାଟ) ବଜାରକୁ ବନ୍ଦ କରିଦେଇଥିଲେ। ବଜାରକୁ ଆସିଥିବା ବେପାରୀମାନଙ୍କୁ ଦୂରତ୍ୱ ରଖିବା ପାଇଁ ଅନୁରୋଧ କରିଥିଲେ। ସେହିପରି ବିଶ୍ୱନାଥପୁରରେ ଥିବା ସମସ୍ତ ସେଲୁନ୍‌ଗୁଡିକୁ ବନ୍ଦ କରି ଦିଆଯାଇଛି। ପୋଖରୀ ଓ ଜଳଭଣ୍ଡାରରେ ପରିଚ୍ଛନ୍ନତା ରହୁ ନ ଥିବାରୁ ତଥା ସଂକ୍ରମଣ ଆଶଙ୍କା ଥିବାରୁ ଗାଧୋଇବା, ସଫା କରିବା ଓ ଅନ୍ୟାନ୍ୟ କାର୍ଯ୍ୟ ନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଲାଞ୍ଜିଗଡ ବ୍ଲକ ପ୍ରତିନିଧିମାନେ ଏହାକୁ ନେଇ ଗାଁ ଗାଁରେ ଜନ ସଚେତନତା ସୃଷ୍ଟି କରାଉଛନ୍ତି। ଲାଞ୍ଜିଗଡ ବ୍ଲକରେ ବିଭିନ୍ନ ଏସଏସଜି ମହିଳା, ବ୍ଲକ କର୍ମଚାରୀ, ଶିଶୁ ବିକାଶ କର୍ମଚାରୀ, ଆଶା କର୍ମୀ ସମସ୍ତେ ମିଶି କରୋନା ମୁକାବିଲା ପାଇଁ ଗାଁ ଗାଁରେ ସଚେତନତା ସୃଷ୍ଟି କରୁଛନ୍ତି। ବାହାର ରାଜ୍ୟରୁ ଆସୁଥିବା ଶ୍ରମିକମାନଙ୍କୁ ନିଜ ଘରେ ୧୪ ଦିନ ପର୍ଯ୍ୟନ୍ତ ରହିବା ପାଇଁ ପରାମର୍ଶ ଦେଉଛନ୍ତି। ଶୁକ୍ରବାର ଲାଞ୍ଜିଗଡ ବ୍ଲକର ବିଭିନ୍ନ ମେଡିକାଲକୁ ଲାଞ୍ଜିଗଡ ବ୍ଲକ ଦାୟିତ୍ୱରେ ଥିବା କରୋନାର ନୋଡାଲ ଅଫିସର ଭବାନୀ ଶଙ୍କର ସାହୁ ବିଭିନ୍ନ ମେଡିକାଲରେ ଥିବା ଆଇସୋଲେଶନ୍ ୱାର୍ଡକୁ ଯାଇ ତଦାରଖ କରିଥିଲେ। ସେଠାରେ ଥିବା ଡାକ୍ତର ଓ କର୍ମଚାରୀମାନଙ୍କ ସହ କରୋନା ମୁକାବିଲାକୁ ନେଇ ଆଲୋଚନା କରିଛନ୍ତି। ଗାଁରେ ଥିବା ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ରାଜ୍ୟ ବାହାରରୁ ଆସୁଥିବା ଶ୍ରମିକମାନଙ୍କ ଉପରେ ନଜର ରଖି ସଜାଗ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କ ସହିତ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ରେଣୁକା ଠାକୁର ଓ ବିଶ୍ୱନାଥପୁର ଚିକିତ୍ସାଧିକାରୀ ଇନ୍ଦ୍ର କୁମାର ନାଥାନି ବିଶ୍ୱନାଥପୁର ଓ ଲାଞ୍ଜିଗଡ ଡାକ୍ତରଖାନା ପରିଦର୍ଶନ କରିଥିଲେ। କରୋନା ମମୁକାବିଲାକୁ ନେଇ ଲାଞ୍ଜିଗଡ ବିଡିଓ ପଞ୍ଚାୟତ ସମିତି ବୈଠକ ଡକାଇ ସମିତିସଭ୍ୟ, ସରପଞ୍ଚ ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ସେହିପରି ଶନିବାର ଓ ରବିବାର ଲାଞ୍ଜିଗଡଠାରେ ହେବାକୁ ଥିବା ସାପ୍ତାହିକ(ହାଟ)ବଜାର ମଧ ବନ୍ଦ କରାଯିବ ବୋଲି ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### କୁରେଇବଗା ଗାଁରେ ମାଙ୍କଡ ଉପଦ୍ରବ: ବାଳିକାଙ୍କୁ ରାମ୍ପୁଡ଼ିଲା

**ବଡଗାଁ, ୨୦।୩ (ଡି.ଏନ.ଏ,):** ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ମାଙ୍କଡ ଉପଦ୍ରବ ଗ୍ରାମବାସୀଙ୍କୁ ଅତିଷ୍ଠ କଲାଣି । ମହାବୀର ପର୍ବତ ତଳି ଏହି ଗ୍ରାମକୁ ମାଙ୍କଡ ପଲ ପଶି ପନିପରିବା ଚାଷ ନଷ୍ଟ କରୁଛନ୍ତି। ଖପର ଘର ଉପରେ ଡେଇଁବା ଯୋଗୁ ତାହା ଭାଙ୍ଗି ଯାଉଛି। ଏପରିକି ଲୋକଙ୍କ ଘର ଭିତରେ ପଶି ହାଣ୍ଡିରୁ ଭାତ ଖାଇ ଦେଉଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ କାର୍ତ୍ତିକ ମାଝୀଙ୍କ ଝିଅ ପ୍ରତିକା (୮) ଘର ଅଗଣାରେ ଛିଡା ହୋଇଥିଲା ବେଳେ ଗୋଟିଏ ମାଙ୍କଡ ତାଙ୍କ ଗୋଡକୁ ଭିଡି ଧରି ପେଟ ଓ ପିଠିକୁ ଆମ୍ପୁଡି ଦେଇଛି । ଏ ନେଇ ବଡଗାଁ ବନ ବିଭାଗ ଅଧିକାରୀଙ୍କୁ ପରିବାର ଲୋକେ ଜଣାଇଛନ୍ତି।

### ଭିନ୍ନକ୍ଷମ ଚିହ୍ନଟ ଶିବିର ସ୍ଥଗିତ

ସୁନ୍ଦରଗଡ,୨୦।୩ (ଡି.ଏନ୍.ଏ.) କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ମାସର ପ୍ରଥମ ଓ ୧୬ତମ କାର୍ଯ୍ୟ ଦିବସରେ ଅନୁଷ୍ଠିତ ହେଉଥିବା ଭିନ୍ନକ୍ଷମ ଚିହ୍ନଟ ଶିବିରକୁ ସ୍ଥଗିତ ରଖାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସୁନ୍ଦରଗଡ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଚିହ୍ନଟ ଶିବିର ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

### କରୋନାରୁ ରକ୍ଷା ପାଇଁ ଜଂଘା ବଡଦେଓଙ୍କ ପୂଜା

**ବଡଗାଁ, ୨୦।୩ (ଡି.ଏନ.ଏ):** ଦେଶର ବିଭିନ୍ନ ପ୍ରାନ୍ତରେ କରୋନା ଆତଙ୍କ ଦେଖା ଦେଇଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ଲୋକେ କେଉଁଠି ପୂଜାର୍ଚ୍ଚନା, ଯଜ୍ଞ କରୁଛନ୍ତି ତ କେଉଁଠି ଠକମାନେ ତାବିଜ ବିକ୍ରି କରୁଛନ୍ତି । ଏଭଳି ଏକ ଘଟଣା ସୁନ୍ଦରଗଡ ଜିଲା ବଡଗାଁରେ ଦେଖା ଯାଇଛି । ବଡଗାଁ ବନ୍ଧଡ଼ିପା ପଡାର ଅବସରପ୍ରାପ୍ତ ସାମରିକ କର୍ମଚାରୀ ସୁବେଦାର ସ୍ୱର୍ଗତ ହରିହର ନାଏକଙ୍କ ସ୍ତ୍ରୀ ରାଧା (୬୫) ଦେଶରେ କରୋନା ରୋଗ ଦେଖା ଦେଇଥିବାରୁ ଏହାକୁ ପ୍ରତିହତ କରିବା ବା ହଟାଇବା ପାଇଁ ଜଂଘା ବଡଦେଓଙ୍କୁ ଆଣି ଶୁକ୍ରବାର ତାଙ୍କ ଘରେ ପୂଜାପାଠ କରାଇଛନ୍ତି। ଏ ସମ୍ପର୍କରେ ରାଧାଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ୱାମୀ ଦେଶ ପାଇଁ ଲଢ଼େଇ କରିଥିଲେ । ତାଙ୍କ ସ୍ତ୍ରୀ ହୋଇଥିବାରୁ ଦେଶ ପାଇଁ କିଛି କରିବା ଦାୟିତ୍ୱ ଅଛି । ଏଭଳି ସଂକଟ ପରିସ୍ଥିତିରେ କରୋନା ରାକ୍ଷସକୁ ହଟାଇବା ପାଇଁ ଜଂଘା ଦେବତାଙ୍କୁ ଆଣି ପୂଜା କରାଇଛନ୍ତି। ତେବେ ଦେଶ ପାଇଁ କିଛି କରିବାର ମାନସିକତା, ଆବେଗ ବ୍ୟକ୍ତିଗତ ପ୍ରଶଂସନୀୟ ହୋଇଥିଲେ ମଧ ଏହା ସଂପୂର୍ଣ୍ଣ ରୂପେ ଅନ୍ଧବିଶ୍ୱାସ ଉପରେ ପର୍ଯ୍ୟବେକ୍ଷିତ। କରୋନା ଏକ ଭାଇରସ ହୋଇଥିବାରୁ ଏହାକୁ ସତର୍କତା, ସଚେତନ ଦ୍ୱାରା ହଟାଯାଇପାରେ । ପୂଜାର୍ଚ୍ଚନା, ଯଜ୍ଞ କଲେ ବା ତାବିଜ ପିନ୍ଧିଲେ କରୋନାକୁ ହଟାଇବା କଦାପି ସମ୍ଭବ ନୁହେଁ । ତେଣୁ ଲୋକେ ଅନ୍ଧବିଶ୍ୱାସରେ ନ ପଡି ସତର୍କ, ସାବଧାନ ଓ

# ବାସ ସହ ଚାଷ ଉଜାଡ଼ିଲା ଝଡ଼ବର୍ଷା

**ସୁନ୍ଦରଗଡ଼/ଲେଫ୍ରିପଡା/ହେମଗିର/ ଲହୁଣୀପଡ଼ା,୨୦।୩ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲାରେ ଗୁରୁବାର ଅଦିନିଆ ବର୍ଷା ହୋଇଛି। ପବନ ସହ କୁଆପଥର ମାଡ ହୋଇଛି। ଏଥିଯୋଗୁ ଲୋକେ ପ୍ରଭାବିତ ହୋଇଛନ୍ତି। ଗଛ ପଡି ଲୋକଙ୍କ ଘର ଭାଙ୍ଗିଛି। ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ଯାଇଛି। ଡାଳ ପଡି ତାର ଛିଣ୍ଡିଛି। ଏଣୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ବ୍ୟାପକ ରବି ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଛି। ଲୋକଙ୍କ ଚାଷ ସହ ବାସ ଉଜୁଡି ଯାଇଛି। ଟାଙ୍ଗରପାଲି ବ୍ଲକରେ ସର୍ବାଧିକ ବର୍ଷା ସହ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ସୁନ୍ଦରଗଡ ଜିଲାରେ ଶୁକ୍ରବାର ସକାଳେ ରେକର୍ଡ ହୋଇଥିବା ବୃଷ୍ଟିପାତ ରିପୋର୍ଟ ଅନୁସାରେ ଟାଙ୍ଗରପାଲି ବ୍ଲକରେ ସର୍ବାଧିକ ୨୫.୪ ମିଲିମିଟର ବର୍ଷା ହୋଇଛି । ଗୁରୁଣ୍ଡିଆ ବ୍ଲକରେ ୨୪.୬, ରାଜଗାଙ୍ଗପୁର ବ୍ଲକରେ ୧୯.୬, କୋଇଡାରେ ୧୯, ବଣାଇଁରେ ୧ମି.ମି., ସୁନ୍ଦରଗଡ ସଦର ବ୍ଲକରେ ୧୬.୪, ବାଲିଶଙ୍କରାରେ ୧୦.୪, ଲହୁଣୀପଡାରେ ୯, ଲେଫ୍ରିପଡାରେ ୬, ଲାଠିକଟାରେ ୬, ବିଶ୍ରାରେ ୫.୩, କୁଆଁରମୁଣ୍ଡାରେ ୩.୪ ଓ ହେମଗିରରରେ ୩ ମି.ମି. ବର୍ଷା ରେକର୍ଡ କରାଯାଇଛି।

ବଣେଇଁ ଓ ଲେଫ୍ରିପଡା ବ୍ଲକରେ ଏହି କ୍ଷୟକ୍ଷତି ଅଧିକ ହୋଇଛି। ଏଣୁ ଚାଷୀ କ୍ଷତିର ସମ୍ମୁଖୀନ ହୋଇଛି । ଲେଫ୍ରିପଡା ବ୍ଲକର ଗିରିଙ୍ଗକେଲା ପଞ୍ଚାୟତର ତେଲେନଡିହି ଓ ଗିରିଙ୍ଗକେଲା ଗ୍ରାମରେ ଶହ ଶହ ଏକରର ଚିନାବାଦାମ, ମୁଗ, ସୂର୍ଯ୍ୟମୁଖୀ ଓ ପନିପରିବା ଚାଷ କ୍ଷତି ହୋଇଛି । ଅଧିକାଂଶ ଚାଷୀ ଧାରକରଜ ଓ ବ୍ୟାଙ୍କରୁ ଋଣ କରି ଏହି ଚାଷ କରିଥିଲେ। ହେଲେ ଅଦିନିଆ ବର୍ଷା ଓ କୁଆପଥର ମାଡରେ ଚାଷ ନଷ୍ଟ ହୋଇଥିବାରୁ ଭାଙ୍ଗି ପଡିଛନ୍ତି। ତଲେନଡିହି ଗ୍ରାମର ସୁକାନ୍ତ ବରିହାଙ୍କ ୩ଏକର, ମୁକୁନ୍ଦ ସାଙ୍କ ୫ ଏକର, ଶିବଶଙ୍କର ସାଙ୍କ ୩ଏକର, ଫୁଲମତୀ ସାଙ୍କ ୪ଏକର, ପଦ୍ମଲୋଚନ ସାଙ୍କ ୩ ଏକର, ସକିଲ ସାଙ୍କ ୫ଏକର, ମଦନ କାଲୋଙ୍କ ୩ ଏକର, ସନାତନ ଛତ୍ରିଆଙ୍କ ୨ ଏକରର ବାଦାମ, ମୁଗ, ସୋରିଷ ଓ ସୂର୍ଯ୍ୟମୁଖୀ ଚାଷ କ୍ଷତି ହୋଇଛି। ସେହିପରି ଗିରିଙ୍ଗକେଲା ଗ୍ରାମର ସୁଜିତ ସା, ସୁନିଲ ପୃଷେଠ, ମଙ୍ଗଲୁ ପଟେଲ, ରାଜୁ ଟପ୍ପୋ, କିଶୋର ପଟେଲ, ମଙ୍ଗଲ ରୋହିଦାସ, ନକୁଲ ଭୋଇ, ଜଳନ୍ଧର ରାଉତ ଆଦି ଚାଷୀଙ୍କ ଫସଲ ନଷ୍ଟ ହୋଇଛି।

ଲେଫ୍ରିପଡା ବ୍ଲକ୍ ପ୍ରତିନିଧିଙ୍କ ସୁଚା ଅନୁସାରେ ସେ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ ହେବାରୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଞ୍ଚଳର ଅନେକ ସ୍ଥାନରେ ବଡ ବଡ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିଲା। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପିଡିଛି । ବିରାଟ ଗଛ ସବୁ ଉପୁଡିଯିବାରୁ ବିଦ୍ୟୁତ ତାର ଛିଣ୍ଡିବା ସହିତ ଖୁଣ୍ଟ ସବୁ ତଳେ ପଡି ରହିଥିଛି। ଲେଫ୍ରିପଡା ସେକ୍ସନ କାର୍ଯ୍ୟାଳୟ କନିଷ୍ଠଯନ୍ତ୍ରୀ ଜିତେନ୍ଦ୍ର ପ୍ରସାଦ ପଣ୍ଡା କହିଛନ୍ତି ଯେ, ଯେଉଁ ଭଳି ଭାବେ କ୍ଷୟକ୍ଷତି ହୋଇଛି ବିଦ୍ୟୁତ୍ ସଂଯୋଗ ଦେବାକୁ ଅତି କମ୍‌ରେ ୩ ଦିନ ଲାଗିବ । ଶୀଘ୍ର ସେବା ଯୋଗାଇବା ସକାଶେ ଚେଷ୍ଟା କରାଯାଉଛି। ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ଦିଗରେ ଅଞ୍ଚଳର ଜନସାଧାରଣ ମଧ୍ୟ ବିଦ୍ୟୁତ୍ ବିଭାଗକୁ ସହଯୋଗ କରିବା ପାଇଁ ସେ ନିବେଦନ କରିଛନ୍ତି। ସେହିପରି କୁଆପଥର ମାଡ ହେବାରୁ ଅଞ୍ଚଳର ପନିପରିବା ଚାଷ ଉଜୁଡ଼ି ଯାଇଛି। ସରପଗଡ ଡ୍ୟାମ୍ ଅଧୀନ ସାଲେଟିକ୍ରା, ବୈରାଗୀବାହାଲ, ଚକରଧରପୁର, ପଟୁଆଡିହି, ଗିରିଙ୍ଗକେଲା, କରାଡେଗା, କଦୋମାଲ, ସୁଆରିଯୋର ଗ୍ରାମ ସହିତ ବଡଗାଁ ମାଲ ଡ୍ୟାମ ଅଓୀନ ବିଭିନ୍ନ ଗ୍ରାମରେ ଡାଲୁଅଧାନ ଚାଷ, ଶହ ଶହ ଏକରର ବାଦାମ ଚାଷ, ମୁଗ ଚାଷ ନଷ୍ଟ ହୋଇଛି । ଗଛ ପଡ଼ି କୁଲାବିରା ପଞ୍ଚାୟତର କୁରୁମକେଲା ଗ୍ରାମରେ ନନ୍ଦଲାଲ ଧାନଗୁଣ୍ଡ (୫୨) ଘର ଭାଙ୍ଗି ଯାଇଛି। ଗ୍ରାମବାସୀ ଗଛ କାଟି ପରିବାର ସଦସ୍ୟଙ୍କୁ ଶୁକ୍ରବାର ଉଦ୍ଧାର କରିଛନ୍ତି। ସମସ୍ତେ ସୁସ୍ଥ ଅଛନ୍ତି। ଅନ୍ୟପକ୍ଷେ ହେମଗିର ସହର ସହ ବ୍ଲକର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଲୋକଙ୍କ ଘରଦ୍ୱାର ଛିନଛତର ହୋଇ ଯାଇଛି। ବିଦ୍ୟୁତ ଖୁମ୍ବ ଉପୁଡି ପଡିଛି। ଫସଲ ନଷ୍ଟ ହୋଇଛି। ମହୁଲ ଫୁଲ ମଧ ସଂପୂର୍ଣ୍ଣ ନଷ୍ଟ ହୋଇଛି। ତେବେ କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାର ଭିକ୍ଟୋରିଆ ଏକ୍କା ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମ ଲହୁଣୀପଡା ପ୍ରତିନିଧି ଜଣାଇଛନ୍ତି ଯେ, ଉକ୍ତ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ହଠାତ ଅଦିନିଆ ଝଡବର୍ଷା ହୋଇଛି। କରକାପାତ ସହ ପ୍ରବଳ ବେଗରେ ପବନ ବୋହିବାରୁ ପରିବା ଚାଷ ନଷ୍ଟ ହୋଇଛି। ଗଛ ପଡି ହଳଦୀକୁଦର ପଞ୍ଚାୟତର ସାନଯୋଲ ଗ୍ରାମର ଅଭିରାମ ମୁଣ୍ଡାଙ୍କ ଘର ଭାଙ୍ଗି ଯାଇଛି। ଅନ୍ୟପକ୍ଷେ ସେହି ଗ୍ରାମର ସିଡୁମ ମୁଣ୍ଡାଙ୍କ ଘରକୁ ଗତ ଫେବୃୟାରୀ ମାସରେ ହାତୀ ଭାଙ୍ଗି ଦେଇଥିଲା । ସରକାରଙ୍କ ତରଫରୁ କୌଣସି ସହାୟତା ମିଳି ନ ଥିବା ବେଳେ ଭଙ୍ଗା ଘର ଉପରେ ପାଲ ଟାଣି ପରିବାର ରହୁଥିଲେ। ବର୍ଷାରେ ପୁଣି ଘର ନଷ୍ଟ ହୋଇଛି । ବିଭିନ୍ନ ଗ୍ରାମରେ ବହୁ ଲୋକଙ୍କ ଘରର ଛପର ଉଡେଇ ନେଇଛି। ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଛି।



ଲହୁଣୀପଡ଼ା ଅଞ୍ଚଳରେ ଗୁରୁବାର ହୋଇଥିବା ଭୟଙ୍କର ଝଡ଼ବର୍ଷା ଯୋଗୁ ଜଣେ ବ୍ୟକ୍ତିଙ୍କ ଘର ଉପରେ ଗଛ ଉପୁଡ଼ି ପଡିଛି।



ଲେଫ୍ରିପଡ଼ା ଅଞ୍ଚଳରେ ଗଛ ଭାଙ୍ଗିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ଘରର ଚିହ୍ନବର୍ଣ୍ଣ ନାହିଁ।



ଲହୁଣୀପଡ଼ା ଅଞ୍ଚଳରେ ଜଣେ ଚାଷୀ ତାଙ୍କ କ୍ଷେତରେ କରିଥିବା ସୂର୍ଯ୍ୟମୁଖୀ ଫୁଲ ଚାଷ ପବନ ଓ କରା ମାଡ଼ରେ ଭାଙ୍ଗି ଶୋଇଯାଇଛି।

## ଭିମ୍‌ସାରରେ କରୋନା ପରୀକ୍ଷା କେନ୍ଦ୍ର ହେଉ

**ସମ୍ବଲପୁର,୨୦।୩(ବ୍ୟୁରୋ)**

ବୁର୍ଲାସ୍ଥିତ ଭୀମସାର ଜୁନିୟର ଡାକ୍ତର ସଂଘ ପକ୍ଷରୁ ସ୍ୱାସ୍ଥ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ,ରାଜ୍ୟରେ କରୋନାକୁ ନେଇ ସରକାର ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରୁଛନ୍ତି। ଲୋକମାନଙ୍କ ସଚେତନ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ବ୍ୟକ୍ତି ମାକ୍ସ,ସାନିଟାଇଜର ବଣ୍ଟନ କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ମେଡିକାଲରେ ପର୍ଯ୍ୟାପ୍ତ ପରିମାଣ ମାକ୍ସ ଯୋଗାଇ ଦିଆଯାଉ ପାରୁନାହିଁ। ଡିଲର ଓ ଷ୍ଟକିସମାନଙ୍କଠାରୁ ଲୋକମାନେ ଚଢା ଦରରେ ମାକ୍ସ କିଣି ନେଉଛନ୍ତି । ତେଣୁ ଡିଲରମାନେ ସରକାରୀ ଦରରେ ଯୋଗାଣ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ପ୍ରତିଦିନ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ପାଇଁ ସମସ୍ୟା ହୋଇ ପଡୁଛି । ତେଣୁ କଳାବଜାର ରୋକା ଯିବା ସହ ପର୍ଯ୍ୟାପ୍ତ ପରିମାଣ ମାକ୍ସ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଭୀମସାର ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜଗୁଡିକୁ ମାକ୍ସ ଯୋଗାଇ ଦିଆଯାଉ । ଏହା ସହ ଭୀମସାରରେ କରେନା ସଂକ୍ରମଣ ପରୀକ୍ଷା କରିବା ପାଇଁ କେନ୍ଦ୍ର ଖୋଲାଯାଉ । ଫଳରେ ପଶ୍ଚିମ ଓଡିଶାର ସନ୍ଦିଗ୍ଧମାନଙ୍କ ରକ୍ତ ନମୁନା ପରୀକ୍ଷା ହୋଇ ପାରିବ। ଫଳରେ ରିପୋର୍ଟ ଶୀଘ୍ର ଜଣା ପଡିବ ଓ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇ ପାରିବ ବୋଲି କୁହାଯାଇଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେଲା

**ଲହୁଣୀପଡା, ୨୦।୩ (ଡି.ଏନ.ଏ.)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ ସମରଦରି ଗାଁରେ ଶୁକ୍ରବାର ତହସିଲ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଖାତା ନମ୍ବର ୫୮, ପ୍ଲଟ ନମ୍ବର ୩୨୩ର ୪୨ ଡିସିମିଲ ସରକାରୀ ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଥିଲେ। ତହସିଲ ପକ୍ଷରୁ ୨୦୧୮ରେ ଏ ନେଇ ମାମଲା ରୁଜୁ ହୋଇଥିଲା। ଗ୍ରାମବାସୀ ମଧ ବିରୋଧ କରୁଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି ଖାତିର ନ କରି ସେଠାରେ ଘର ତିଆରି କରିଥିଲେ। ଏହାଦ୍ୱାରା ଗାଁ ଭିତରକୁ ଯିବା ପାଇଁ ରାସ୍ତା ଅବରୋଧ ହୋଇ ପଡିଥିଲା। ଏଣୁ ଗ୍ରାମବାସୀ ଲହୁଣୀପଡା ଥାନା ଓ ତହସିଲରେ ଲିଖିତ ଅଭିଯୋଗ କରିଥିଲେ। ଘର ତିଆରି ନ କରିବା ପାଇଁ ଲହୁଣୀପଡା ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ହେଲେ ସେ ଶୁଣି ନ ଥିଲେ।

ଶେଷରେ ଅଦାଲତରେ ମାମଲା ପହଞ୍ଚି ଥିଲା। କୋର୍ଟ ନିର୍ଦ୍ଦେଶ ମତେ ଉକ୍ତ ଘରକୁ ଭାଙ୍ଗିବା ପାଇଁ ୬ମାସ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ଶେଷରେ ତହସିଲ ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ କରିବାକୁ ବାଧ୍ୟ ହୋଇଛି। ଏହି ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ରବିନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିଲେ। ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଲହୁଣୀପଡା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି, ଦର୍ଜ୍ଜ ରାଜସ୍ୱ ନିରୀକ୍ଷକ ଓ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି।



ସମରଦରି ଗାଁରେ ଶୁକ୍ରବାର ତହସିଲ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# କରୋନାକୁ ନ ଡରି ସତର୍କ, ସଚେତନ ହୁଅ

**ସୁନ୍ଦରଗଡ, ୨୦।୩ (ଡି.ଏନ୍.ଏ.)**

ଲୁଆବାହାଲସ୍ଥିତ ବିଲେଇମୁଣ୍ଡା ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରଠାରେ ଶୁକ୍ରବାର କରୋନା ଭାଇରସ ପାଇଁ ସଚେତନତା ଓ ସୁରକ୍ଷା ଅଭିଯାନର ଆରମ୍ଭ ହୋଇଛି । ପତଞ୍ଜଳି ଯୋଗସମିତି ଓ ଭାରତ ସ୍ୱାଭିମାନ ସଂଗଠନ ତରଫରୁ ଏହା ଆୟୋଜିତ ହୋଇଛି। ସମିତି ପ୍ରଭାରୀ ରଫିକ ଖାନ୍ ଯୋଗଦେଇ କରୋନା ଭାଇରସରୁ ରକ୍ଷା ପାଇବାକୁ ହେଲେ ସ୍ୱଚ୍ଛତା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପଟେଲ ଯୋଗଦେଇ କରୋନା ଭାଇରସ ପ୍ରତି ଭୟଭୀତ ନ ହୋଇ ନିରାକରଣ ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ନିୟମିତ ଯୋଗାଭ୍ୟାସ ସହ ପରିଷ୍କାର, ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେଇ ଆବଶ୍ୟକ ସ୍ଥଳେ ଡାକ୍ତରଖାନା ଯିବାକୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟକର୍ମୀ ଗୌତମକୁମାର ପଟେଲ, ଚକ୍ରଧର ପେରୁଆ, ମହିଳାସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ମେରୀ ବାରା, ଯୋଗ ଶିକ୍ଷକ ଇନ୍ଦ୍ରମଣି ଫରିକାର, ସେବକ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଲେଫ୍ରିପଡ଼ା, (ଡି.ଏନ.ଏ.):** ଲେଫ୍ରିପଡା ବ୍ଲକ୍ କାର୍ଯ୍ୟାଳୟର ବୈଠକ ଗୃହରେ ମହାମାରୀ କରୋନା ସଚତେନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀଉନ୍ନୟନ ଅଧିକାରୀ ରମେଶ ହାଁସଦା, ସର୍ଗୀପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜଗଦୀଶ ଦେହୁରୀ, ପିଏ ଧରଣୀଧର ପ୍ରଧାନ, ଜିପିଇଓ ପୁର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକର ପ୍ରାରମ୍ଭରେ ସରକାରଙ୍କ ପକ୍ଷରୁ କରୋନା ସଚେତନତା ଦିଗରେ ମଞ୍ଚାସୀନ ଅଧିକାରୀ ଗଣ ବିଭିନ୍ନ ଦିଗରେ ଉଦ୍‌ବୋଧନ ପ୍ରଦାନ କରିଥିଲେ। କରୋନା ଭଳି ମହାମାରୀ ରୋଗରୁ ନିଜକୁ ନିଜେ କିପରି ସୁରକ୍ଷିତ ରହିବେ ସେ ଦିଗରେ ଆଲୋଚନା କରାଯାଇଥିଲା। ନିଜ ନିଜ ଅଞ୍ଚଳରେ ବିଭିନ୍ନ ଲୋକମାନେ ବାହାର ରାଜ୍ୟରେ ରହି କାମ କରୁଥିବା ବେଳେ ସେମାନେ ଯଦି ଗାଁକୁ ଫେରୁଛନ୍ତି ତାହା ହେଲେ ସମସ୍ତଙ୍କ ହିତ ସକାଶେ ସମସ୍ତେ ସଚେତନ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଉଚିତ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ୧୭ଟି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳି ବ୍ୟବସ୍ଥା କରାଯାଇଛି। ଏହାସହ ଆଗୁଆ ପିଡିଏସ୍ ସାମଗ୍ରୀ ଏବଂ ଭତ୍ତା ପ୍ରଦାନ କରାଯିବା ସକାଶେ ସରକାରଙ୍କ ନିର୍ଦ୍ଦେଶ ରହିଥିବା ସୂଚନା ଦିଆଯାଇଥିଲା। ଏ ସବୁ ବଣ୍ଟନ ଦିଗରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଂପୃକ୍ତ ଅଧିକାରୀ ଗଣ ଯତ୍ନବାନ ହେବା ଦିଗରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଁସଦା ପରାମର୍ଶ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କରୋନାର ଲକ୍ଷଣ ଏବଂ ଏହାର ସଚେତନତା ଦିଗରେ ମତାମତ ପ୍ରଦାନ କରିଥିଲେ। ଏହି ସଚେତନତା ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।




ହେମଗିରିରେ କରୋନା ସଚେତନତା ଓ ସୁରକ୍ଷା ଅଭିଯାନ ନେଇ ବୈଠକରେ ଆଲୋଚନା ଚାଲିଛି।

## ଫର୍ଟିଲାଇଜର ଟାଉନଶିପକୁ ସପ୍ତାହେ ହେଲା ପାଣି ଆସୁନି

**ରାଉରକେଲା ଅଫିସ,୨୦।୩**

ଫର୍ଟିଲାଇଜର ଟାଉନଶିପ, (ସେକ୍ଟର-୨୨)କୁ ଗତ ସପ୍ତାହ ଧରି ଆଉ ପାଣି ଆସୁନି। ଟ୍ୟାଙ୍କର ଯୋଗାଉଛି ପାଣି। ଏହି ଟାଉନଶିପର ୫ଟି ବ୍ଲକ ଓ ହାରାହାରି ୧୫ ଶହ କ୍ୱାଟର୍ସ ରହିଛି। ଏମାନଙ୍କ ମଧ୍ୟରୁ ଦୁଇ ମହଲାରେ ରହୁଥିବା କର୍ମଚାରୀ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟ୍ୟାଙ୍କରରୁ ପାଣି ନେବା ପାଇଁ କଷ୍ଟସାଧ ହୋଇ ପଡିଛି। କେହି ପମ୍ପ ଅଚଳ ଥିବା କହୁଥିବା ବେଳେ ଆଉ କେହି ପାଖରେ ନିର୍ମାଣାଧୀନ ଏକ କାରଖାନାକୁ ଅଯାଚିତ ପାଣି ଯୋଗାଣ କାରଣରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ କରୁଛନ୍ତି। ବାସ୍ତବ ସତ୍ୟ କାହା ପାଖରେ ନାହିଁ। ତେବେ ଏହି ଟାଉନଶିପକୁ ପାଣି ନ ଆସିବା ଅନେକଙ୍କୁ ବ୍ୟଥିତ କରିଛି। ଏବେ ଏ ନେଇ ଗତ ୨ ଦିନ ହେବ କିଛି କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ନେହୁରା ହେବା ସତ୍ତ୍ୱେ ପରିସସ୍ଥିତିରେ ପରିବର୍ତ୍ତନ ଆସି ନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି। ଖରା ଆସିବା ପୂର୍ବରୁ ଯଦି ଅବସ୍ଥା ଏଭଳି ହେଲାଣି ତେବେ ଆଗାମି ଦିନରେ ଏହା ଅସମ୍ଭାଳ ଅବସ୍ଥା ସୃଷ୍ଟି କରିବା ଆଶଙ୍କା ରହିଛି।



ରାଉରକେଲା ଫର୍ଟିଲାଇଜର ଟାଉନଶିପରେ ଟ୍ୟାଙ୍କରରୁ ଲୋକେ ପାଣି ସଂଗ୍ରହ କରୁଛନ୍ତି।



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟପ୍ରତି ନ କରିବା ଉଚିତ।

-କନ୍‌ଫୁସିୟସ



## ସଂକ୍ଷେପରେ...

### ରେଳ ଷ୍ଟେଶନରେ ଡିଜେଲ ଲିକ୍

ଝାରସୁଗୁଡା ଅଫିସ, ୨୦।୩: ଝାରସୁଗୁଡା ଜିଲା ବ୍ରଜରାଜନଗର ରେଳ ଷ୍ଟେଶନ ସ୍ଥିତ ଡିଜେଲ ଇଞ୍ଜିନ ଫିଲିଂ ଷ୍ଟେଶନରୁ ଗୁରୁବାର ବିଳମ୍ବିତ ରାତିରେ ପାଇପ ଫାଟି ଶହ ଶହ ଲିଟର ଡିଜେଲ ନଷ୍ଟ ହୋଇଛି । ଶୁକ୍ରବାର ସକାଳେ ଡିଜେଲ ସବୁ ରାସ୍ତାରେ ଭାସୁଥିଲା। ସ୍ଥାନୀୟ ଲୋକେ ଡିଜେଲ ନେବାକୁ ଭିଡ ଲଗାଇଥିଲେ । ପରେ ରେଳବାଇ ଅଧିକାରୀ ଓ ଟିମ୍ ଘଟଣାସ୍ଥଳକୁ ଯାଇ ରାସ୍ତା ଉପରେ ଡିଜେଲରେ ଯେପରି ନିଆଁ ନ ଲାଗିବ ସେଥିପାଇଁ କାର୍ବନ ଡାଇଅକ୍ସାଇଡ ଗ୍ୟାସ ପ୍ରୟୋଗ କରିବା ପରେ ପାଇପ୍ ମରାମତି କରିଥିଲେ ।

### ୩୧ ପର୍ଯ୍ୟନ୍ତ ଗୁପ୍ତାରୋଡ ସାପ୍ତାହିକ ବଜାର ବନ୍ଦ ରହିବ

ଭବାନୀପାଟଣା,୨୦।୩ (ଡି.ଏନ.ଏ.): କରୋନା ଭାଇରସକୁ ଆଖି ଆଗରେ ରଖି ଗୁପ୍ତାରୋଡ ସାପ୍ତାହିକ ବଜାରକୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସିଦ୍ଧାନ୍ତ ନେଇଛନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ। ଏ ନେଇ ଗୁପ୍ତାରୋଡ ସରପଞ୍ଚ ଚିତ୍ତ ରଞ୍ଜନ ରଣା ସୂଚନା ଦେଇଛନ୍ତି ।

# ପାନୀୟ ଜଳ ପ୍ରକଳ୍ପ, ବିଦ୍ୟୁତ୍ ଯୋଗାଣ

**ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କଲେ ସମୀକ୍ଷା**

ଝାରସୁଗୁଡା ଅଫିସ, ୨୦।୩

ଝାରସୁଗୁଡା ଜିଲାରେ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ନେଇ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଡିଏମଏଫ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଆୟୁକ୍ତ ଜିଲାରେ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ଓ ପ୍ରକଳ୍ପ ସକାଶେ ବିଦ୍ୟୁତ ଯୋଗାଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାବାସୀଙ୍କୁ ପାନୀୟ ଜଳ ଯୋଗାଣର ପ୍ରାଥମିକତାକୁ ଉପଲବ୍ଧି ପୂର୍ବକ ଏ ଦିଗରେ ପ୍ରକଳ୍ପ ଗୁଡିକୁ ବିଦ୍ୟୁତ ସଂଯୋଗର ଆବଶ୍ୟକତା ଦୃଷ୍ଟିରୁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଉପଲବ୍ଧ ସମ୍ବଳର ବିନିଯୋଗ କରି



ସମୀକ୍ଷା ବୈଠକରେ ଉପସ୍ଥିତ ସରକାରୀ ପଦାଧିକାରୀ ।

ଜିଲାରେ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା କରାଇବା ସକାଶେ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ଜିଲାରେ ପାନୀୟ ଜଳ ଯୋଗାଣ ସକାଶେ ଚାଲୁ ରହିଥିବା ମେଗା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜଳଯୋଗାଣ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ନଳକୂପ ଗୁଡିକର ରକ୍ଷଣାବେକ୍ଷଣ ତଥା ମରାମତି ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ଆୟୁକ୍ତ କହିଥିଲେ । ଜିଲାରେ ପାନୀୟ ଜଳ ଓ ବିଦ୍ୟୁତ ପ୍ରକଳ୍ପ ନେଇ ଅଗ୍ରଗତି ସମ୍ପର୍କରେ ଜିଲାପାଳ ସରୋଜ କୁମାର ବିବରଣୀ ରଖିଥିଲେ। କରୋନା ସମ୍ପର୍କିତ ସମସ୍ତ ସଚେତନତା ବାର୍ତ୍ତା ବିଭାଗୀୟ କର୍ମଚାରୀଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଆୟୁକ୍ତ ସାହୁ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀଙ୍କ ସମେତ ଡେପୁଟି କଲେକ୍ଟର ଗୀତିକା ନାଏକ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

# ଇଣ୍ଡ୍ ବରାତ ପ୍ରକଳ୍ପରୁ ଯନ୍ତ୍ରାଂଶ ଚୋରି

**ପୋଲିସ ଅଧିକାରୀଙ୍କ ପୁଅ ସମେତ ୨ ଗିରଫ**

ଲଖନପୁର,୨୦।୩ (ଡି.ଏନ୍.ଏ)

ଝାରସୁଗୁଡା ଜିଲା ସାହାଜବାହାଲ ସ୍ଥିତ ଇଣ୍ଡ୍ ବରାତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଇଲୋକ୍‌ଟ୍ରୋନିକ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ପୋଲିସ ଜଣେ ପୋଲିସ ଅଧିକାରୀଙ୍କ ନୁଅ ସମେତ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତିଲିଆ ଗ୍ରାମର ସାଇ ସିକ୍ୟୁରିଟି ସଂସ୍ଥାର ସୁପରଭାଇଜର ଯାମିନ ପ୍ରଧାନ ଓ ଆଇବିଏଲ କମ୍ପାନୀର ଇଞ୍ଜିନିୟର ଦୟାଶଙ୍କର ପ୍ରଧାନ । ସେମାନଙ୍କ ନିକଟରୁ ପୋଲିସ କେତେକ ଚୋରି ଯନ୍ତ୍ରାଂଶ ଉଦ୍ଧାର କରିଛି। ହେଲେ ସମସ୍ତ ଚୋରି ଯନ୍ତ୍ରାଂଶ ଉଦ୍ଧାର ହୋଇପାରିନାହିଁ। ଏଥିରେ ପ୍ରକଳ୍ପର ଓ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥାର ଆଉ କେତେକ କର୍ମଚାରୀ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ସେମାନଙ୍କୁ ଶୀଘ୍ର ଗିରଫ କରି ଘଟଣାର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ କରାଯିବ ବୋଲି ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି । ପ୍ରକାଶ ଯେ, ଗତ ୪ ମାସ ତଳେ ଇଣ୍ଡ୍ ବରାତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଇଲୋକ୍‌ଟ୍ରୋନିକ ଯନ୍ତ୍ରାଂଶ ଚୋରି ହୋଇଥିଲା। ଏ ନେଇ ପ୍ରକଳ୍ପ ସୁରକ୍ଷା ଦାୟିତ୍ୱରେ ଥିବା ସାଇ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ପ୍ରଭାସ ରାଉତ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୬୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ମାମଲାରେ ପୋଲିସ ଗତ ବୁଧବାର ସନ୍ଦେହରେ ୬ଜଣଙ୍କୁ ଥାନାକୁ ଆଣି ଜେରା କରିଥିଲା ଏବଂ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଛାଡି ଦେଇଛି ।



ମୋବାଇଲ ଦୋକାନରେ ପୋଲିସ ତଦନ୍ତ କରୁଛି।

# ମୋବାଇଲ ଦୋକାନରୁ ଚୋରି

ରାଉରକେଲା ଅଫିସ,୨୦।୩

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଫର୍ଟିଲାଇଜର ଚିପ୍ ଟାଇପ ମାର୍କେଟରେ ଥିବା ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ମୂଲ୍ୟର ମୋବାଇଲ ଚୋରି ଯାଇଥିବା ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଦୋକାନ ଭିତରେ ପଶି ମୋବାଇଲ ସହ ଅନ୍ୟ କେତକ ସାମଗ୍ରୀ କେହି ଚୋରାଇ ନେଇଥିବା ଅଭିଯୋଗ କରିଛନ୍ତି ଦୋକାନ ମାଲିକ। ତେବେ ଏହି ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିଥିବା ସୂଚନା ମିଳିଛି।

# ୧୪ ଦିନ୍ ଲାଗି ଏକ୍‌ବଖରି ହେଲେ ପରିବାର

**ଗାଁବାସୀଙ୍କୁ ଘାରୁଛେ କରୋନା ଭଏ**

ଗଣ୍ଡତୁରୁମ୍, ୨୦।୩ (ଡି.ଏନ୍.ଏ.)

ଏହେଦେ ସାରା ବିଶ୍ୱବାସୀଙ୍କୁଁ ଘାରିଛେ କରୋନା ଭାଇରସ ଭଏ। କେନ୍ଦ୍ର ଆର ରାଏଜ୍ ସରକାର ବି ଲୁକ୍‌କୁ ରୋଗ୍‌ରୁ ବଁଚ୍‌ବାକେ ସଚେତନ କରୁଛନ୍। ସ୍କୁଲ, କଲେଜ, ସିନେମା ହଲ, ଦେଦେବ୍‌ତା ଗୁଡ଼ିକେ ବି ନାଇଁ ଯିବାକେ ପରଶାସନ ଲୁକ୍‌କୁ ସଚେତନ କରଉଛେ। ଏନ୍‌ତା ଘଡ଼ି ସଁଧି ସମିଆରେ ଗାଁଗଁଲିନୁ ସହର ତକ୍ ଲୁକ୍‌କର ଭିତରେ ଗୁଟେ ଭଏର ବାତାବରନ୍ ଦେଖ୍‌ବାକେ ମିଳୁଛେ। ଇତାର ପରଭାବ ବରଗଡ଼ ଜିଲା ଭେଡ଼େନ ବ୍ଲକର ଗାଁଗଁଲିରେ ବି ଫଟିକ ବାରି ହେଉଛେ। ବିଦେଶ ତ ଦୂରର କଥା ବାହାର ରାଏଜୁ ବି ଲୋକ୍ ଆସିଥିଲେ ତାକର ସଂଗେ ଲୋକ୍ କଥାବାରତା ନାଇଁ ହେବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଗଣ୍ଡତୁରୁମ ଗାଁରେ।

ସୂଚନା ଅନ୍‌ସାରେ ଗଣ୍ଡତୁରୁମ ଗାଁର ରଘୁନାଥ ଧର (୫୦)। ପରିବାର କହେଲେ ମାଏକିନା ସୁସ୍ମିତା (୩୫), ପୁଓ ଚନ୍ଦନ (୨୦)କୁଁ ନେଇ ସଁସାର। ଆଏଜ୍‌କେ ୫ ବଛର ହେଲା ପରିବାରଟା ତାମିଲନାଡୁ ରାଏଜେ ଗୁଟେ ପକଡ଼ା କାରଖାନାରେ କାମ୍ କରୁଥିଲେ। ସେମାନେ ଗୁରୁବାର ଗାଁକେ ଫିରଲା ଉତାରୁ ଗାଁରେ ଗୁଟେ ଭଏର ବାତାବରନ୍ ଦେଖ୍‌ବାକେ ମିଳିଛେ। ଗାଁବାସୀ ସଂଗେ ସଂଗେ ଗାଁ ସଭା ଡକେଇ ଥାନୀଅ ସରପଁଚ୍ ଆର ସୁଆସ୍‌ତିଅ ବିଭାଗକେ ଜନେଇଥିଲେ। ଖବର ପାଇ ସରପଁଚ୍ ଆର ଗୁଟେ ଡାକ୍‌ତରୀଦଲ ଗାଁରେ ପହୁଁଚି ଗାଁବାସୀକର ସଂଗେ ଆଲୋଚନା କରିଥିଲେ। ପଛେ ଡାକ୍‌ତରୀଦଲ ପରିବାର ଲୁକ୍‌କର ଦିହିପା କଥା ପଚାରି ବୁଝିଥିଲେ। ଇ ପରିବାର ଲୁକ୍‌କୁ ଡାକ୍‌ତରୀଦଲ ଗାଁବାସୀକର ସଂଗେ ୧୪ ଦିନ୍ ତକ ମିଲାମିଶା ନାଇଁ କରବାକେ ପରାମଶ ଦେଇଛନ୍। ପଛେ କିଛି ଅସବିଧାର ସୂଚନା ମିଲ୍‌ଲେ ସୁଆସ୍‌ତିଅ ବିଭାଗ ତରଫୁ ପଦକ୍ଷେପ ନିଆଯିବା ବଲି ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁଶାନ୍ତ କର କହିଛନ୍। ସେନ୍‌ତା କେହେନ୍‌ସି ପରକାର ଗୁଜବ କଥା ନାଇଁ ଶୁନବାକେ ସାମାଜିକ କରମୀ ଆର୍ତ୍ତତ୍ରାଣ ତ୍ରିପାଠୀ ଅନୁରୋଧ କରିଛନ୍।

# ଘରକୁ ରନ୍ଧନ ଗ୍ୟାସ୍ ଯୋଗାଣ ପ୍ରସ୍ତାବ କାର୍ଯ୍ୟକାରିତାରେ ବିଳମ୍ବ

ରାଉରକେଲା ଅଫିସ, ୨୦।୩

ଗ୍ୟାସ ଅଥରିଟି ଅଫ ଇଣ୍ଡିଆ (ଗେଲ୍) ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ପାଇପ ଯୋଗେ ଘରକୁ ଘର ରନ୍ଧନ ଗ୍ୟାସ୍ ଯୋଗାଣ ପ୍ରକଳ୍ପରେ ଅହେତୁକ ବିଳମ୍ବ ନେଇ କୋଶଳ ଜନତା ଦଳ(କେଜେଡି) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ପର୍ଯ୍ୟନ୍ତ ଭୂତଳ ପାଇପ ବିଛା କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। କାରଣ ଉଭୟ ଇସ୍ପାତ କାରଖାନା(ଆରଏସପି) କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଏଥିପାଇଁ ଉଦ୍ଦିଷ୍ଟ ଜମି ଦେବା ପାଇଁ ୨୫ କୋଟି ଟଙ୍କା ଜମା କରିବାକୁ କହୁଛନ୍ତି। ଏହା ଗେଲ କର୍ତ୍ତୃପକ୍ଷଙ୍କ ପାଇଁ ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା ଅବସ୍ଥା ସୃଷ୍ଟି କରିଛି। ଜନ ମଙ୍ଗଳକାରୀ ପ୍ରକଳ୍ପ ପାଇଁ ସରକାରୀ ଜମି କିଣା ବିକା କାହିଁକି ବୋଲି କେଜେଡି ପ୍ରଶ୍ନ କରିଛି। ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଏ ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସେହିଭଳି ରାଉରକେଲାରେ ୨ୟ ବ୍ରାହ୍ମଣୀ ସେତୁ, ମଲ୍ଟି ସ୍ପେଶାଲିଟି ହସ୍ପିଟାଲ, ନିୟମିତ ବିମାନ ସେବା କ୍ଷେତ୍ରରେ ଲାଗି ରହିଥିବା ଅଚଳାବସ୍ଥା ବରଦାସ୍ତ ବାହାରେ ହେଲାଣି। ଏଭଳି ଅବହେଳାର ଦ୍ୱାହି ଦେଇ ସେ କହିଛନ୍ତି ଯେ ରନ୍ଧନ ଗ୍ୟାସ୍ ଯୋଗାଣ ପ୍ରକଳ୍ପ ମଧ୍ୟ ସମାନ ଦଶା ଭୋଗିବାକୁ ଯାଉଛି। ତେବେ ରାଉରକେଲାକୁ ଏକ ଅଭିଶପ୍ତ ସହର ଭାବି ଚୁପଚାପ ବସି ରହିବା ଠିକ୍ କି ବୋଲି ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ରାଉରକେଲାର ଗୃହିଣୀ ସମାଜକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା ପ୍ରକାଶ ବ୍ୟକ୍ତ କରି ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ଡା. ସୁରମା ମିଶ୍ରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ପୁରୁଣା ଆଇନର ଗଳା ବାଟ ବନ୍ଦ କରାଯାଉ

ରାଉରକେଲା ଅଫିସ,୨୦।୩

ଦୀର୍ଘ ୭ବର୍ଷ ୪ମାସ ପରେ ନିର୍ଭୟା ବଳାତ୍କାର ଘଟଣାର ପରିସମାପ୍ତି ଘଟିଛି। ଯେଉଁ ୪ଜଣ ନିର୍ଭୟାକୁ ଅମାନୁଷିକ ଭାବେ ବଳାତ୍କାର କରି କରିଥିଲେ ସେମାନଙ୍କର ଅନ୍ତ ଘଟିଛି। ଭାରତୀୟ ଦଣ୍ଡବିଧି ଆଇନ ଓ ଦୀର୍ଘ ଶୁଣାଣି ପରେ ଏମାନଙ୍କୁ ଶୁକ୍ରବାର ସକାଳ ସାଢେ ୫ଟାରେ ମୃତ୍ୟୁ ଦଣ୍ଡ ମିଳିଛି। ହେଲେ ବିଳମ୍ବ ନେଇ କେତକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାଜପା ନେତ୍ରୀ ପ୍ରମିଳା ଦାସ କହିଛନ୍ତିଯେ, ଅପରାଧୀଙ୍କୁ ବଞ୍ଚାଇବାକୁ ଯେଉଁମାନେ ଉଦ୍ୟମ କରୁଥିଲେ ସେମାନଙ୍କ ପରାଜୟ ହୋଇଛି। ଅନ୍ୟପକ୍ଷେ ମହିଳା ଆଇନଜୀବୀ ବବିତା ମହାପାତ୍ର କହନ୍ତି ଯେ, ପୁରୁଣା ଆଇନରେ ଅନେକ ଗଳା ବାଟ ରହିଛି। ଏହା ସଂଶୋଧନ ହେବା ଆବଶ୍ୟକ। ରାଉରକେଲା ମ୍ୟୁନିସପାଲିଟିର ପୂର୍ବତନ ଅଧ୍ୟକ୍ଷା ରଶ୍ମିବାଳା ମିଶ୍ର କହିଛନ୍ତି ଯେ, ଆଇନରେ ସଂଶୋଧନ ଅଣାଯାଉ। ତେବେ ରାଉରକେଲା ଜେଲର ନିରାକାର ପାଢୀ କହିଛନ୍ତି ଯେ, ନ୍ୟାୟ ବିଳମ୍ବ ହେବା ପଛରେ ଅନେକ ଅସୁବିଧା ଥିଲେ ବି ଶିଘ୍ର ନ୍ୟାୟ ଦେବାକୁ ବ୍ୟବସ୍ଥା ଜାରି ରହିଥିଲା। ଆଇନ ପାଖରୁ କେହି ଖସି ପାରିବେନି। ତେବେ ସାକ୍ଷୀଙ୍କ ପଛଘୁଞ୍ଚା ଏଥିରେ ଅନେକ ସମୟରେ ବାଧା ସୃଷ୍ଟି କରିଛି। ଅନ୍ୟାୟକୁ ପ୍ରତିରୋଧ କରିବା ଓ ନ୍ୟାୟ ପାଇବା ନେଇ କେହି ଭୟଭୀତ ହେବା ଅନୁଚିତ ବୋଲି ପାଢୀ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ସଂସ୍କାର ହେଲା ସବୁଠୁ ବଡ କଥା। ଫାଶି ପାଇବା ବେଳକୁ ଜଣେ କିପରି ଅବସ୍ଥାରେ ଥାଏ ବୋଲି ପାଢୀଙ୍କୁ ପଚାରାଯିବାରୁ ସେ କହିଥିଲେ ଯେ, ୧୯୯୪ ଜୁଲାଇ ୧୪ରେ ଜଣଙ୍କୁ ଯେତେବେଳେ ଫାସି ଦିଆଗଲା ସେତେବେଳେ ସେ ବ୍ରହ୍ମପୁର କାରଗାରରେ ରାତି ଡ୍ୟୁଟିରେ ଥିଲେ। ଏହି ସମୟରେ ଫାଶୀ ପାଇବାକୁ ଥିବା ଲୋକର ମାନସିକ ଅବସ୍ଥା ଅନୁଧ୍ୟାନ କରିବାକୁ ପଡେ। କେମିତି ରାତି ପାହିଲେ ଏଭଳି ଏକ ଭୟଭୀତ ଅବସ୍ଥାର ସମ୍ମୁଖୀନ ନ ହେବେ ସେନେଇ ସଜାଗ ରହିବାକୁ ପଡେ। ଅନେକ ସମୟରେ ଫାସି ପାଉଥିବା ବ୍ୟକ୍ତିର ପରିବାର ନିଜ ପରିଚୟ ଦେବାକୁ ଆସନ୍ତିନି କିମ୍ବା ଏ ଦୃଶ୍ୟ ସହିବାକୁ ଆଗ୍ରହ ପ୍ରକାଶ କରନ୍ତିନି।

# ବ୍ଲକସ୍ତରୀୟ କରୋନା ଭାଇରସ ସଚେତନତା ସଭା

ଜାମଟିକ୍ରା, ୨୦।୩ (ଡି.ଏନ.ଏ)

କରୋନା ଭାଇରସର ବ୍ଲକସ୍ତରୀୟ ସଚେତନତା ସଭା ଅତାବିରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶୁକ୍ରବାର ବିଡିଓ ପ୍ରଣବ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଆର. ଏନ. ମିଶ୍ର ଯୋଗ ଦେଇଥିଲେ। ଏହି ସଭାରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ସହ ଜନପ୍ରତିନିଧିମାନେ ଯୋଗ ଦେଇ କରୋନା ଭାଇରସ ମୁକାବିଲା ଉପରେ ଆଲୋଚନା କରିଥିଲେ । ସେହିପରି କରୋନା ସଚେତନତା ସୃଷ୍ଟି ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବିନାରାୟଣ ମିଶ୍ର ଗୁରୁତ୍ୱାରୋପ କରିଥିଲେ ।

# ଅଡୁଆରେ ଆଶ୍ରମ ପରିଚାଳକ

**ମାମଲା ପ୍ରତ୍ୟାହାର ପାଇଁ ଅର୍ଥ ଯାଚିବା ଅଭିଯୋଗ**

ବରଗଡ଼ ଅଫିସ୍,୨୦।୩

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଦୋଷୀ ସାବ୍ୟସ୍ତ ଶୁକ୍ରବାର ଫାଶୀଖୁଣ୍ଟରେ ଝୁଲିଛନ୍ତି । ଅନ୍ୟପଟେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଏକ ଆଶ୍ରମରେ ବଳାତ୍କାର ଘଟଣାର ପୀଡ଼ିତା ନାବାଳିକାଙ୍କ ମା'ଙ୍କୁ ପୀଡ଼ିତା ରହୁଥିବା ଆଶ୍ରମ ପରିଚାଳକ ମାମଲା ପ୍ରତ୍ୟାହାର ପାଇଁ ଅର୍ଥ ଯାଚିବା ଘଟଣା ଜିଲାବ୍ୟାପୀ ହଇଚଇ ସୃଷ୍ଟି କରିଛି । ଏହି ଘଟଣା ପଦାକୁ ଆସିବା ପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଶୁକ୍ରବାର ପୀଡ଼ିତାଙ୍କ ମା' ଏବଂ ସମ୍ପୃକ୍ତ ଆଶ୍ରମ ପରିଚାଳକଙ୍କୁ ସିଡବ୍ଲ୍ୟୁସିରେ ହାଜର ହେବା ପାଇଁ ନୋଟିସ ଦେଇଥିଲେ । ନୋଟିସ ପାଇବା ପରେ ପୀଡ଼ିତାଙ୍କ ମା' ନିଜ ନାବାଳିକା ଝିଅଙ୍କ ସହିତ ସିଡବ୍ଲ୍ୟୁସିକୁ ଆସି ଘଟଣା ସମ୍ପର୍କରେ କହିଥିଲେ । ଅନ୍ୟପଟେ ସମ୍ପୃକ୍ତ ଆଶ୍ରମ ପରିଚାଳକ ମଧ୍ୟ ସିଡବ୍ଲ୍ୟୁସିରେ ହାଜର ହୋଇ ନିଜ ବୟାନ ଦେଇଥିବା ଜଣାପଡ଼ିଛି । ତେବେ ପୀଡ଼ିତାଙ୍କ ମା' ମାମଲା ପ୍ରତ୍ୟାହାର ପାଇଁ ଆଶ୍ରମ ପରିଚାଳକ ତାଙ୍କ ଫୋନରୁ ଦେଢ଼ଲକ୍ଷ ଟଙ୍କା ଯାଚିଥିବା ବୟାନ ଦେଇଥିବାବେଳେ ଆଶ୍ରମ ପରିଚାଳକ ତାକୁ ଖଣ୍ଡନ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଜଣକ ଗିରଫ ହୋଇ ଜେଲରେ ଥିବାବେଳେ ଉକ୍ତ ମାମଲାର ବିଚାର ପ୍ରକ୍ରିୟା ଚାଲିଛି । ଅନ୍ୟପଟେ ପୀଡ଼ିତାଙ୍କୁ ଜିଲାର ଏକ ଆଶ୍ରମରେ ଆଶ୍ରୟ ଦିଆଯାଇଛି। ଏଭଳିସ୍ଥଳେ ପୀଡ଼ିତାଙ୍କ ମା'ଙ୍କୁ ସମ୍ପୃକ୍ତ ଆଶ୍ରମ ପରିଚାଳକ ଅର୍ଥ ଯାଚି ମାମଲା ପ୍ରତ୍ୟାହାର କରିବାକୁ କହି ବଳାତ୍କାର ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ଉଦ୍ୟମ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ଦକ୍ଷିଣ କାଳୀଙ୍କ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା

କୋଲାବିରା,୨୦।୩(ଡି.ଏନ.ଏ)

କୋଲାବିରାର ମାଁ ଦକ୍ଷିଣ କାଳୀଙ୍କ ମନ୍ଦିର ପରିସରରେ ଦେବୀଙ୍କ ବାସନ୍ତିକ ପୂଜନୋତ୍ସବ ଆସନ୍ତା ୨୪ ତାରିଖରୁ ବିଧିମତେ ଆରମ୍ଭ ହେବ। ଏହି ଅବସରରେ ପ୍ରଥମ ଦିବସରେ କଳସାଧିବାସ ହେବ। ୨୫ତାରିଖରେ ଅଖଣ୍ଡ ଦୀପ ସ୍ଥାପନ, ବିହିତ ପୂଜାରମ୍ଭ, ରୁଦ୍ରାଭିଷେକ, ହନୁମାନଙ୍କ ପୂଜା, ଚଣ୍ଡୀପାଠ ହବନ କରାଯିବ। ମାଁଙ୍କୁ ବିଭିନ୍ନ ବେଶରେ ପୂଜା କରାଯିବ । ଏପ୍ରିଲ ୨ ତାରିଖରେ ମହାନବମୀ ବିହିତ ପୂଜା, ନବକୁମାରୀ ପୂଜା ଏବଂ ସନ୍ଧ୍ୟା ସମୟରେ ଚଣ୍ଡୀହବନ ତଥା ରାତ୍ରି ୯ଟା ମଧ୍ୟେ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ ବୋଲି ମନ୍ଦିର ସୂତ୍ରରୁ ପ୍ରକାଶ। ମନ୍ଦିର ପରିଚାଳନା କମିଟି ତରଫରୁ ପଣ୍ଡିତ ଈଶ୍ୱରୀ ପୁରୋହିତ, ପ୍ରଦ୍ୟୁମ୍ନ ପୁରୋହିତ, ଯୋଗୀ ଯୋଗେନ୍ଦ୍ର ରାୟ ପୂଜାକାର୍ଯ୍ୟ ପରିଚାଳନା କରିବେ। ଏଥରେ ମୁଖ୍ୟକର୍ତ୍ତା ଭାବେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂଙ୍କୁ ବରଣ କରାଯିବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ସଭାପତି ରୁଦ୍ରପ୍ରତାପ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମାଁଙ୍କ ବାସନ୍ତିକ ପୂଜାର ସମସ୍ତ କାର୍ଯ୍ୟ ନିର୍ଘଣ୍ଟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଶକ୍ତି ଉପାସନା ପର୍ବ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନବଧା ଭକ୍ତି ସହ ନବକୁମାରୀ ପୂଜା ଅନୁଷ୍ଠିତ ହୋଇ ଏହି ରୂପରେ ନାରୀ ଶକ୍ତିକୁ ବିଭିନ୍ନ ରୂପରେ ପୂଜା କରାଯିବ। ତେବେ ନବରାତ୍ରିର ଅନ୍ତିମ ତିନି ଦିନ ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ମନ୍ଦିର କମିଟି ପକ୍ଷରୁ ବ୍ୟପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଫଟୋରେ ଖବର





ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ପ୍ରବଳ ଝଡ଼ବର୍ଷାରେ ବସେକେଲା ନାଳ ପାଖରେ ବଡ଼ ବରଗଛ ଉପୁଡ଼ି ପଡ଼ିଛି (ବାମ)। ଭେଡ଼େନ ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ବିଭିନ୍ନ ଫୁଲଗଛ ବିକ୍ରି ହେଉଛି ।

# ଚେକ୍‌ଡ୍ୟାମ୍ ପରିଦର୍ଶନ କଲେ ଅଧିକାରୀ

ଜୁନାଗଡ,୨୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲସ୍ଥିତ ହାଲେରଜୋର (ନାଳ) ଉପରେ ନିର୍ମାଣ ହୋଇଥିବା ଚ୍ୟାକ୍‌ଡ୍ୟାମର ପାଣି ସ୍ଥାନୀୟ ଚାଷୀଙ୍କ ଜମିରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ କେତେକ ଚାଷୀ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇ ହୁଡ କାଟି ପାଣି ନେଉଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖବର ପ୍ରକାଶିତର ଦିନକ ପରେ ଅର୍ଥାତ୍ ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ, କର୍ମଚାରୀମାନେ ଉକ୍ତ ଚେକ୍‌ଡ୍ୟାମ ପରିଦର୍ଶନ କରିଥିଲେ। ଏହି ସମୟରେ ଅଧିକାରୀଙ୍କ କହିବାନୁଯାୟୀ, ଏହି ନାଳର ଜଳ ଧାରଣା କ୍ଷମତା ଅନୁଯାୟୀ ଚେକ୍‌ଡ୍ୟାମକୁ ଦେଢ ମିଟର ଉଚ୍ଚତା କରାଯାଇଥିଲା। ଯଦି ଏହାର ଉଚ୍ଚତା ଅଧିକ କରାଯାଇଥିଲେ ବର୍ଷା ଦିନରେ ବଢି ପାଣି ନାଳରେ ନିଷ୍କାସିତ ହୋଇ ନ ପାରି କୂଳ ଲଂଘି ସ୍ଥାନୀୟ ଚାଷ ଜମିରେ ପଶି ଫସଲ ନଷ୍ଟ ହେବା ସମ୍ଭାବନା ରହିଥିଲା। ଫଳରେ ଆଡିବନ୍ଧକୁ ଦେଢ ମିଟର ହିଁ ଉଚ୍ଚତା କରାଯାଇଥିଲା। ତେବେ ରବି (ଡାଲୁଅ) ଚାଷ ସମୟରେ ଚାଷୀଙ୍କୁ ଅଧିକ ପରିମାଣରେ ପାଣି ଆବଶ୍ୟକ ହୋଇଥାଏ। ଫଳରେ ସେହି ସମୟରେ ଚାଷୀମାନେ ନାଳରେ ପାଣି ଗଚ୍ଛିତ ରଖିବାକୁ ଚେକ୍‌ଡ୍ୟାମରେ ବାଲିବସ୍ତା ପକାଇଥାନ୍ତି। ବର୍ଷାଦିନେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଚାଷୀମାନେ ବାଲିବସ୍ତାଗୁଡିକୁ କାଢି ସୁରୁଖୁରୁରେ ପାଣି ନେଇଥାନ୍ତି ବୋଲି କହିଥିଲେ। ସେହିପରି ଚାଷୀଙ୍କ ସୁବିଧାକୁ ଦୃଷ୍ଟିକୁ ରଖି ଚେକ୍‌ଡ୍ୟାମର ଉପରି ଭାଗରେ ବିଭାଗ ପକ୍ଷରୁ ଶୀଘ୍ର ଗୋଟିଏ ହ୍ୟୁମ ପାଇପ୍ ବସାଯିବ । ଯଦ୍ୱାରା ଚାଷୀମାନେ ସିଧାସଳଖ ନିଜ ଚାଷ ଜମିକୁ ପାଣି ନେଇପାରିବେ। ଏହାଦ୍ୱାରା ଚାଷୀଙ୍କୁ ଆଉ ପୂର୍ବ ପରି ପାଣି ନେବା ପାଇଁ ହୁଡ କାଟିବାକୁ ପଡିବ ନାହିଁ ବୋଲି କହିଥିଲେ।